# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୮/୨୦୨୪ (୨୦+୪=୨୪ ପୃଷ୍ଠା) | Bhubaneswar, Friday, March 8/2024 | Page 24 | ₹ 7.00 | SAMBALPUR

୫୦ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 105 | ମୂଲ୍ୟ ₹୭/-





# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୮/୨୦୨୪ | Bhubaneswar, Friday, March 8/2024





Government of India

cbc 22201/13/0333/2324

ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଷ୍ଟାର୍ଟଅପ୍‌ରୁ ସମୃଦ୍ଧି

ଭାରତ ବିଶ୍ୱର ତୃତୀୟ ସବୁଠାରୁ ବଡ଼ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

ଆମ ସଂକଳ୍ପ ବିକଶିତ ଭାରତ


**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## କେନ୍ଦ୍ରୀୟ କର୍ମଚାରୀଙ୍କ ଡିଏ ୪% ବଢ଼ିଲା

**ନୂଆଦିଲ୍ଲୀ,୭।୩(ପି.ଟି.)**

ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଗୁରୁବାର କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ୪ ପ୍ରତିଶତ ବଢ଼ାଇଛନ୍ତି। ସେମାନଙ୍କୁ ମୂଳ ବେତନର ୪୬ ପ୍ରତିଶତ ଡିଏ ମିଳୁଥିବାବେଳେ ଏହାକୁ ୫୦%କୁ ବଢ଼ାଯାଇଛି। ଗତ ଜାନୁଆରୀରୁ ଏହି ବର୍ଦ୍ଧିତ ଡିଏ ପିଛିଲା ଭାବେ ଲାଗୁ ହେବ। ଫଳରେ ୧ କୋଟିରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନ୍‌ସନଭୋଗୀ ଉପକୃତ ହେବେ। କର୍ମଚାରୀଙ୍କ ବର୍ଦ୍ଧିତ ମହଙ୍ଗା ଭତ୍ତା ଏବଂ ପେନ୍‌ସନଭୋଗୀଙ୍କ ବର୍ଦ୍ଧିତ ମହଙ୍ଗା ସହାୟତା ପାଇଁ ଅତିରିକ୍ତ କିସ୍ତିକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଥିବା ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଚଳିତ ବର୍ଷ ପାଇଁ ଏଥିପାଇଁ ୧୨,୮୬୯ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ୨୦୨୪-୨୫ ବର୍ଷରେ ୧୫,୦୧୪ କୋଟି ଟଙ୍କାର ବୋଝ ରାଜକୋଷ ଉପରେ ପଡ଼ିବ।

# ଆଜି ହୋଇପାରେ ମେଣ୍ଟ ଘୋଷଣା

## ଦିଲ୍ଲୀ ଗଲେ ପାଣ୍ଡିଆନ, ଦବି

**ଭୁବନେଶ୍ୱର, ୭।୩ (ଅନିଲ ଦାସ)**

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ଗଠନକୁ ନେଇ ଗତ ଦୁଇଦିନ ହେବ ଚର୍ଚ୍ଚା ଲାଗିରହିଛି। ବୁଧବାର ନବୀନ ନିବାସରେ ବିଜେଡି ନେତାଙ୍କ ବୈଠକ ଓ ସନ୍ଧ୍ୟାରେ ଦିଲ୍ଲୀରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଭାଜପା ନେତାଙ୍କ କୋର୍ କମିଟି ବୈଠକ ହୋଇଥିଲା। ତେବେ ବୈଠକରେ କ'ଣ ନିଷ୍ପତ୍ତି ହୋଇଛି ସେ ନେଇ ଉଭୟ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ଗୁରୁବାର ସନ୍ଧ୍ୟାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନୂଆଦିଲ୍ଲୀ ଗସ୍ତ କରିଥିବା ସୂଚନା ମିଳିଛି। ଆସନ ବୁଝାମଣା ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ଭାଜପାର ରାଷ୍ଟ୍ରୀୟ ନେତାଙ୍କ ସହ ଆଲୋଚନା କରିବା ନେଇ ଉଭୟେ ଦିଲ୍ଲୀ ଗସ୍ତ କରିଥିବା କୁହାଯାଉଛି।

ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟହେବା ଏକପ୍ରକାର ନିଶ୍ଚିତ ହୋଇଛି। କେବଳ ଔପଚାରିକ ଘୋଷଣା ବାକି ରହିଛି। ଆସନ ବୁଝାମଣା ଚୂଡ଼ାନ୍ତ ହେବା ପରେ ଉଭୟ ଦଳ ପକ୍ଷରୁ ମେଣ୍ଟ ନେଇ ଶୁକ୍ରବାର ଘୋଷଣା କରାଯିବା ସମ୍ଭାବନା ରହିଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୪ ଓ ୨୦୦୯ରେ ହୋଇଥିବା ମେଣ୍ଟଠାରୁ ନୂଆ ମେଣ୍ଟ ଭିନ୍ନ ହେବ। ଉଭୟ ଦଳ ମଧ୍ୟରେ ଆସନ ବୁଝାମଣା ହେଲେ ମଧ୍ୟ କେହି ସରକାରରେ ସାମିଲ ହେବେ ନାହିଁ। ଅର୍ଥାତ୍ ବିଜେଡି କେନ୍ଦ୍ରରେ ଏନ୍‌ଡିଏର ଅଂଶୀଦାର ଦଳ ହେଲେ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହେବ ନାହିଁ। ସେହିପରି ରାଜ୍ୟରେ ଭାଜପା ବିଜେଡି ସହିତ ବିଧାନସଭା ଆସନ ବୁଝାମଣା କଲେ ମଧ୍ୟ ସରକାରରେ ସାମିଲ ହେବ ନାହିଁ। ବାହାରେ ରହି ଉଭୟ ଉଭୟଙ୍କୁ ସମର୍ଥନ କରିବେ। ତେବେ ଆସନ ବୁଝାମଣାକୁ ନେଇ ଅଙ୍କ ଛିଣ୍ଡୁ ନ ଥିବା ଜଣାପଡ଼ିଛି। ବିଜେଡି ୧୪୭ ବିଧାନସଭା ଆସନ ମଧ୍ୟରୁ ୧୧୨ ଆସନରେ ନିଜ ପ୍ରାର୍ଥୀଙ୍କୁ ଛିଡ଼ା କରିବା ଚାହୁଁଥିବା ବେଳେ ୩୫ ସିଟ୍ ଭାଜପାକୁ ଦେବାକୁ ପ୍ରସ୍ତୁତ ଅଛି। ଅନ୍ୟପକ୍ଷରେ ଭାଜପା ୧୪ ଲୋକ ସଭା ଆସନ ଚାହୁଁଥିବା ବେଳେ ବିଜେଡି ୧୦ ଆସନ ଛାଡ଼ିବାକୁ ଚାହୁଛି। ତେବେ ବିଜେଡିର ଦୁଇ ବରିଷ୍ଠ ନେତାଙ୍କ ଦିଲ୍ଲୀ ଗସ୍ତ ପରେ ଆସନ ବୁଝାମଣାକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହେବ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଶୁଣିବାକୁ ମିଳୁଛି ଯେ ଆସନ୍ତା ୧୨ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଉଭୟ ଦଳ ପକ୍ଷରୁ ମିଳିତ ଭାବେ ମେଣ୍ଟ ନେଇ ଘୋଷଣା ହୋଇପାରେ।

## ଝିଅକୁ ହତ୍ୟା ପରେ ଗର୍ଭବତୀ ମା'ଙ୍କ ଆତ୍ମହତ୍ୟା

**ପୋଲସରା, ୭।୩ (ସୁବ୍ରତ ବେହେରା)**

ଗଞ୍ଜାମ ଜିଲା ପୋଲସରା ଥାନା ନିମିନା ପଞ୍ଚାୟତ ସାନବରଗାଁ ଗ୍ରାମ ବାଲିହତାରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଘରର ଗୋଟିଏ କୋଠରୀରୁ ମା' ଝିଅଙ୍କ ମୃତଦେହ ଜବତ କରାଯାଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକମାନେ ହେଲେ ମା' ମାଣିକ ଗୌଡ଼ ଓ ୨ବର୍ଷର ଝିଅ ଗେଲି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ମାଣିକଙ୍କ ମା' ଭାସି ଗୌଡ଼ ତାଙ୍କ ଝିଅ ଓ ନାତୁଣୀକୁ ଶ୍ୱଶୁର ଘର ଲୋକ ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସାନବରଗାଁରେ ରହୁଥିବା ଭିକାରୀ ଗୌଡ଼ ଗତ ପ୍ରାୟ ୩ ବର୍ଷ ତଳେ ମାଣିକଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ବର୍ଷର ଝିଅଟିଏ ଥିଲା ବେଳେ ମାଣିକ ପୁଣି ୬ ମାସର ଗର୍ଭବତୀ ଥିଲେ। ସବୁଦିନେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିଲା। ଗୁରୁବାର କୌଣସି କାରଣରୁ ଏହା ଉଗ୍ରରୂପ ନେଇଥିଲା। ଫଳରେ ଝିଅ ଗେଲିକୁ ମା' ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିଲେ। ଖବର ପାଇ ମାଣିକଙ୍କ ବାପା ଘର ଲୋକେ ପହଞ୍ଚିଥିଲେ। ଘର ଭିତରେ ଉଭୟ ମା' ଝିଅଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପରେ ମାଣିକଙ୍କ ମା' ଏ ନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ କୌଶିକ ମାଝୀ ଓ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।


DSPL - 804

ସଶକ୍ତ ପଞ୍ଚାୟତିରାଜ | ସଶକ୍ତ ଓଡ଼ିଶା

ଆମ ଓଡ଼ିଶା ନବୀନ ଓଡ଼ିଶା

୮ ମାର୍ଚ୍ଚ ୨୦୨୪

"ଆନ୍ତର୍ଜାତିକ ମହିଳା ଦିବସ" ପାଳନ ଅବସରରେ ରାଜ୍ୟର ଅଗଣିତ ମହିଳାଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ

ମହିଳା ଓ ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ

"ମହିଳା ସଭା"



୨୦୩୦ ମସିହା ସୁଦ୍ଧା ୧୭ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଓଡ଼ିଶା ସରକାର ପ୍ରତିବଦ୍ଧ । ରାଜ୍ୟର ଗ୍ରାମାଞ୍ଚଳରେ ଏହି ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ୯ ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଚିହ୍ନଟ କରାଯାଇ ଏହାର ସଫଳ କାର୍ଯ୍ୟକାରିତା ନିମନ୍ତେ ପଞ୍ଚାୟତିରାଜ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି । ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନ ଏହି ୯ଟି କ୍ଷେତ୍ର ମଧ୍ୟରୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ।

**ମହିଳା ସଭାର ପୃଷ୍ଠଭୂମି**

- ମହିଳାମାନଙ୍କର ସର୍ବାଙ୍ଗୀନ ବିକାଶ ଓ ସଶକ୍ତିକରଣକୁ ଅଗ୍ରାଧିକାର ଦେଇ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିଛନ୍ତି ।
- "ଗାଁକୁ କାମ - ମା'କୁ ସମ୍ମାନ" ଆଭିମୁଖ୍ୟକୁ ପ୍ରାଥମିକତା ଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ତଥା ଆୟ ବୃଦ୍ଧି ଓ ଜୀବିକା ଉପାର୍ଜନ ନିମନ୍ତେ ରାଜ୍ୟ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ।
- ଗ୍ରାମଶାସନ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ପ୍ରଭାବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଗ୍ରାମପଞ୍ଚାୟତ ସ୍ତରରେ "**ମହିଳା ସଭା**" ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।




**ମହିଳା ସଭାର ରୂପରେଖ**

- ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାମାନଙ୍କୁ ନେଇ ଗ୍ରାମପଞ୍ଚାୟତ ସ୍ତରରେ ମହିଳା ସଭା ବୈଠକର ଆୟୋଜନ କରାଯିବ ।
- ଏହି ବୈଠକରେ ମହିଳାମାନଙ୍କର ବିଭିନ୍ନ ସମସ୍ୟା ଚିହ୍ନଟ, ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ତଥା ଏହାର ପ୍ରାଥମିକତା ନିର୍ଦ୍ଧାରଣ କରାଯାଇ ଗ୍ରାମପଞ୍ଚାୟତ ବିକାଶ ଯୋଜନା (ଜିପିଡିପି)ରେ ଅନ୍ତର୍ଭୁକ୍ତ କରାଯିବ ।
- ଗ୍ରାମପଞ୍ଚାୟତର ମୋଟ ମହିଳା ଭୋଟରଙ୍କ ମଧ୍ୟରୁ ଅନ୍ତତଃ ୨୦ ପ୍ରତିଶତ ମହିଳା ଏହି ସଭାରେ ଅଂଶ ଗ୍ରହଣ କରିବେ ।
- ଗ୍ରାମପଞ୍ଚାୟତର ମହିଳା ସରପଞ୍ଚ କିମ୍ବା ମହିଳା ନାଏବ ସରପଞ୍ଚ ଏହି ମହିଳା ସଭାର ଆବାହକ ଭାବରେ କାର୍ଯ୍ୟ ତୁଲାଇବେ ।
- ମହିଳା ସଭା ବୈଠକ ସଂପର୍କରେ ଆଶା, ଅଙ୍ଗନୱାଡ଼ି କର୍ମୀ, ଏସ୍.ଏଚ୍.ଜି ସଦସ୍ୟା, ମହିଳା ୱାର୍ଡ଼ ସଭ୍ୟାମାନଙ୍କ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇ ୧୫ ଦିନ ପୂର୍ବରୁ ନୋଟିସ୍ ଦିଆଯିବ । ପ୍ରତିବର୍ଷ ଗ୍ରାମସଭା ବୈଠକର ଯଥେଷ୍ଟ ପୂର୍ବରୁ ଅତିକମ୍‌ରେ ୪ ଥର ମହିଳା ସଭା ଆୟୋଜନ କରାଯିବ ।
- ମହିଳା ସଭା ବୈଠକରେ ମହିଳାମାନଙ୍କ ସ୍ୱାସ୍ଥ୍ୟ, ପରିମଳ, ପୁଷ୍ଟି, ଶିକ୍ଷା, ଟୀକାକରଣ, ଜୀବିକା, ଲିଙ୍ଗଗତ ସମାନତା, କୌଶଳ ବିକାଶ ତଥା ବିଭିନ୍ନ ସାମାଜିକ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।
- ବିଭାଗର ପତ୍ର ସଂଖ୍ୟା ୫୨୭୨ ତା:୪.୩.୨୦୨୪ରିଖରେ ମହିଳା ସଭାର ଗଠନ ଓ ଏହାର କାର୍ଯ୍ୟକାରୀତା ସମ୍ବନ୍ଧରେ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି ।







ମହିଳା ନିର୍ଦ୍ଧାରଣ କରିବେ ନୀତି, ନେବେ ନିଷ୍ପତ୍ତି
ଆମ ଗାଁ ଗହଳରେ ଆଣିବେ ପ୍ରଗତି

ସଶକ୍ତ ମହିଳା : ସଶକ୍ତ ଓଡ଼ିଶା

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

OIPR-19214/13/0015/2324

ଧରିତ୍ରୀ 50 Years
DHARITRI



# ୩୦୦ ଟଙ୍କା ଉଜ୍ଜ୍ୱଳା ସବ୍‌ସିଡି ଆଉ ବର୍ଷେ ବଢ଼ିଲା

ନୂଆଦିଲ୍ଲୀ,୭।୩

ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ମିଳୁଥିବା ରନ୍ଧନ ଗ୍ୟାସ (ଏଲ୍‌ପିଜି) ସିଲିଣ୍ଡର ପିଛା ସବ୍‌ସିଡିକୁ କେନ୍ଦ୍ର ସରକାର ଗୁରୁବାର ୩୦୦ ଟଙ୍କା ବଢ଼ାଇଛନ୍ତି। ଏପ୍ରିଲ ୧ରୁ ଆରମ୍ଭ ହେଉଥିବା ନୂତନ ଆର୍ଥିକ ବର୍ଷରେ ଏହି ସବ୍‌ସିଡି ସୁବିଧା ମିଳିବ। ଗତ ଅକ୍ଟୋବରରେ ସରକାର ୧୪.୨ କିଲୋଗ୍ରାମ ସିଲିଣ୍ଡର ଉପରେ ସବ୍‌ସିଡି ପରିମାଣ ୨୦୦ରୁ ୩୦୦ ଟଙ୍କାକୁ ବଢ଼ାଇଥିଲେ। ଏହା ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ମାର୍ଚ୍ଚ ୩୧ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଥିଲା। ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଏହାକୁ ଆଉ ଗୋଟିଏ ବର୍ଷ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଗଣମାଧ୍ୟମକୁ କହିଛନ୍ତି। ଫଳରେ ପ୍ରାୟ ୧୦ କୋଟି ଉଜ୍ଜ୍ୱଳା ହିତାଧିକାରୀ ପରିବାର ଏହାଦ୍ୱାରା ଉପକୃତ ହେବେ ଏବଂ ସରକାରଙ୍କୁ ଏ ବାବଦରେ ଅତିରିକ୍ତ ୧୨,୦୦୦ କୋଟି ଟଙ୍କାର ବ୍ୟୟଭାର ବହନ କରିବାକୁ ପଡ଼ିବ।

**ଆଜିର ସମ୍ପାଦକୀୟ**

**ଟ୍ରମ୍ପଙ୍କ ପରାଜୟ ସମ୍ଭାବନା**

**ଆଜିର ମନ୍ତବ୍ୟ**

"ଆମେ କେବେ କାହାର ଭୂମି ଅକ୍ତିଆର କରିନାହୁଁ। ଯଦି କେହି ଭାରତକୁ ଆକ୍ରମଣ କରେ, ତେବେ ତାହାର ଠିକଣା ଜବାବ ଦେବା ପାଇଁ ସେନା ପ୍ରସ୍ତୁତ।

-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

# ଏସ୍‌ବିଆଇ ବିରୋଧରେ ଅଦାଲତ ଅବମାନନା

## ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦେବାରେ ବିଫଳତାକୁ ନେଇ ପିଟିଶନ



ନୂଆଦିଲ୍ଲୀ,୭।୩(ପି.ଟି.)

ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବସ୍ଥାକୁ ଅସାମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ ଦର୍ଶାଇ ଏହାକୁ ରଦ୍ଦ କରିବା ସହ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଏହାର ସବିଶେଷ ତଥ୍ୟ ଦାଖଲ କରିବାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ଦେଶର ସର୍ବବୃହତ୍ ବ୍ୟାଙ୍କ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଅବଜ୍ଞା କରି ରାଜନୈତିକ ଦଳଗୁଡ଼ିକୁ ଇଲେକ୍ଟୋରାଲ ବଣ୍ଡରେ ମିଳିଥିବା ଚାନ୍ଦାର ତଥ୍ୟ ଜାଣିଶୁଣି ଇସିଙ୍କ ନିକଟରେ ଦାଖଲ କରି ନାହିଁ। ତେଣୁ ଅଦାଲତ ଅବମାନନା ନେଇ ଏସ୍‌ବିଆଇ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦୁଇଟି ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ଦାତା ଏବଂ ଚାନ୍ଦାର ପରିମାଣ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଜନସାଧାରଣ ଯେପରି ଲୋକ ସଭା ନିର୍ବାଚନ ପୂର୍ବରୁ ନ ଜାଣିବେ, ସେଥିପାଇଁ ଏସ୍‌ବିଆଇ ଜାଣିଶୁଣି ଶେଷ ମୁହୂର୍ତ୍ତରେ ସର୍ବୋଚ୍ଚ ଅଦାଲତଙ୍କୁ ସମୟ ମାଗିଥିବା ଏନ୍‌ଜିଓ ପକ୍ଷରୁ ପିଟିଶନରେ ଦର୍ଶାଯାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ କମନ୍ କଜ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଗୁରୁବାର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିକଟରେ ପିଟିଶନ ଉପସ୍ଥାପନ କରି ଏସ୍‌ବିଆଇ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କହିଥିଲେ। ସମୟ ବଢ଼ାଇବା ପାଇଁ ଏସ୍‌ବିଆଇ କରିଥିବା ଆବେଦନର ଶୁଣାଣି ମାର୍ଚ୍ଚ ୧୧ରେ ହେବାକୁ ଥିବାବେଳେ ଅଦାଲତ ଅବମାନନା ପିଟିଶନର ଶୁଣାଣି ମଧ୍ୟ ସେହିଦିନ ଏକସଙ୍ଗେ କରାଯିବାକୁ ଭୂଷଣ ଅନୁରୋଧ କରିଥିଲେ। ☞ପୃଷ୍ଠା-୧୧

## ଜାତୀୟ ଦଳଙ୍କ ଅଜଣା ଆୟର ୮୨.୪୨% ଇଲେକ୍ଟୋରାଲ ବଣ୍ଡ୍‌ରୁ: ଏଡିଆର୍

ନୂଆଦିଲ୍ଲୀ,୭।୩(ପି.ଟି.)

୨୦୨୨-୨୩ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ଘୋଷଣା କରିଥିବା ଅଜଣା ସୂତ୍ର ଆୟର ୮୨.୪୨% ଇଲେକ୍ଟୋରାଲ ବଣ୍ଡ୍‌ରୁ ଆସିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କୁହାଯାଇଛି। ଜାତୀୟ ଦଳଗୁଡ଼ିକର ଅଡିଟ୍ ରିପୋର୍ଟ ଏବଂ ନିର୍ବାଚନ କମିଶନଙ୍କ ନିକଟରେ ସେମାନେ ଦାଖଲ କରିଥିବା ଚାନ୍ଦା ବିବରଣୀକୁ ବିଶ୍ଳେଷଣ କରାଯିବା ପରେ ଉପରୋକ୍ତ ତଥ୍ୟ ମିଳିଛି। ଉକ୍ତ ବର୍ଷ ଅଜଣା ସୂତ୍ରରୁ ଜାତୀୟ ଦଳଗୁଡ଼ିକ ମୋଟ ୧,୮୩୨.୮୮ କୋଟି ଟଙ୍କା ପାଇଛନ୍ତି। ସେଥିରୁ ଇଲେକ୍ଟୋରାଲ ବଣ୍ଡ୍‌ରୁ ମିଳିଥିବା ଅର୍ଥ ପରିମାଣ ୧,୫୧୦ କୋଟି ଟଙ୍କା ବା ୮୨.୪୨ ପ୍ରତିଶତ ବୋଲି ଏଡିଆର୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ଅଧ୍ୟୟନ ପାଇଁ ୬ଟି ଜାତୀୟ ଦଳ ଭାଜପା, କଂଗ୍ରେସ, ସିପିଆଇ(ଏମ୍), ବିଏସ୍‌ପି, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଏବଂ ନ୍ୟାଶନାଲ ପିପୁଲ୍‌ସ ପାର୍ଟି (ଏନ୍‌ପିଇପି)କୁ ବିଚାରକୁ ନିଆଯାଇଥିଲା। ଭାଜପା ଅଜଣା ସୂତ୍ରରୁ ସର୍ବାଧିକ ୧,୪୦୦ କୋଟି ଟଙ୍କା ପାଇଛି, ଯାହା କି ଜାତୀୟ ଦଳର ମୋଟ ଆୟର ୭୬.୩୯ ପ୍ରତିଶତ। ସେହିପରି କଂଗ୍ରେସ ଏହାର ଅଜଣା ଉତ୍ସରୁ ଆୟ ପରିମାଣ ୩୧୫.୧୧କୋଟି ଟଙ୍କା (୧୭.୧୯%) ଘୋଷଣା କରିଛି। ବିଏସ୍‌ପି ସ୍ୱେଚ୍ଛାକୃତ ଦାନ କୁପନ୍ କିମ୍ବା ଇଲେକ୍ଟୋରାଲ ବଣ୍ଡ୍ ବିକ୍ରିରୁ ଅଥବା ଅଜଣା ସୂତ୍ରରୁ ପାଇ ନ ଥିବା ଜଣାଇଛି। ବିଏସ୍‌ପି ବ୍ୟାଙ୍କ ସୁଧ, ସଦସ୍ୟତା ଦେୟ, ଅସ୍ଥାବର ସମ୍ପତ୍ତି ବିକ୍ରି ଏବଂ ଆୟକର ରିଫଣ୍ଡରୁ ୨୯.୨୭ କୋଟି ଟଙ୍କା ପାଇଥିବା ଦର୍ଶାଇଛି। କୁପନ ବିକ୍ରିରୁ କଂଗ୍ରେସ ଏବଂ ସିପିଆଇ(ଏମ୍) ମୋଟ ୧୩୬.୭୯ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି, ଯାହାକି ଅଜଣା ସୂତ୍ର ଆୟର ୭.୪୬ ପ୍ରତିଶତ। ୨୦୨୨-୨୩ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକର ମୋଟ ଆୟ ୩,୦୭୬.୮୮ କୋଟି ଟଙ୍କା ଥିଲା ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି।

ରାଜ୍ୟ ଦଳଗୁଡ଼ିକ ମଧ୍ୟ ସେମାନଙ୍କ ଆୟର ଏକ ବଡ଼ ପରିମାଣ ଇଲେକ୍ଟୋରାଲ ବଣ୍ଡ୍‌ରୁ ପାଇଥିବା ଏଡିଆର୍ କହିଛି। ୨୦୦୪-୦୫ରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ଅଜଣା ସୂତ୍ରରୁ ମୋଟ ୧୯,୦୮୩ କୋଟି ଟଙ୍କା ପାଇଛନ୍ତି।

# ଆଶାକର୍ମୀଙ୍କ ପାରିଶ୍ରମିକ ୭,୦୦୦କୁ ବୃଦ୍ଧି

ଭୁବନେଶ୍ୱର,୭।୩(ଅନିଲ ଦାସ)

**ଉପକୃତ ହେବେ ୪୯,୫୨୨**

ରାଜ୍ୟ ସରକାର ଆଶାକର୍ମୀମାନଙ୍କର ମାସିକ ପାରିଶ୍ରମିକରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏଥିସହିତ ଆଶାକର୍ମୀଙ୍କର ସେବା ନିବୃତ୍ତି ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ନୂତନ ଘୋଷଣା ଅନୁଯାୟୀ, ଆଶାକର୍ମୀଙ୍କ ମାସିକ ପାରିଶ୍ରମିକ ୪,୫୦୦ରୁ ୭,୦୦୦ ଟଙ୍କାକୁ ବୃଦ୍ଧି ହୋଇଛି। ସେବା ନିବୃତ୍ତି ସମୟରେ ପୂର୍ବରୁ ସେମାନେ ୫୦ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧ ଲକ୍ଷ ଟଙ୍କା ପାଇବେ। ସେମାନଙ୍କ ମାସିକ ପାରିଶ୍ରମିକ ବାବଦରେ ପୂର୍ବରୁ ରାଜ୍ୟ ସରକାର ବାର୍ଷିକ ୫୯.୪୩ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏବେ ବାର୍ଷିକ ୨୦୮ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିଭଳି ସେବା ନିବୃତ୍ତି ସହାୟତା ବାବଦରେ ୫୫ ଲକ୍ଷ ଟଙ୍କା ରାଜ୍ୟ ସରକାର ବ୍ୟୟ ବହନ କରିବେ। ଏହାଦ୍ୱାରା ରାଜ୍ୟର ୪୯,୫୨୨ ଆଶାକର୍ମୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୪୮.୫୭ କୋଟି ଟଙ୍କା ଖର୍ଚ୍ଚ କରିବେ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ସମୟରେ ଆଶାକର୍ମୀ ତଥା ସେମାନଙ୍କ ସଙ୍ଗଠନଗୁଡ଼ିକ ତାଙ୍କୁ ଭେଟି ଏହି ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ☞ପୃଷ୍ଠା-୧୧

# ଆଉଟସୋର୍ସିଂ କର୍ମଚାରୀ ପାଇବେ ଅଧିକ ୨୫% ପାରିଶ୍ରମିକ

ଭୁବନେଶ୍ୱର,୭।୩(ଅନିଲ ଦାସ)

**ମହିଳା କର୍ମଚାରୀଙ୍କୁ ୧୨୦ ଦିନ ମାତୃତ୍ୱ ଛୁଟି**

ସର୍ଭିସ ପ୍ରୋଭାଇଡର ଏଜେନ୍ସି (ସେବା ଯୋଗାଉଥିବା ସଂସ୍ଥା) ଦ୍ୱାରା ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନଙ୍କ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏଥିସହିତ ଅଭିଜ୍ଞତାଭିତ୍ତିରେ ପାରିଶ୍ରମିକ, ଅଭିଯୋଗ ଶୁଣାଣି ବ୍ୟବସ୍ଥା ତଥା ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ପ୍ରସଙ୍ଗରେ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି।

ଆଉଟସୋର୍ସିଂ କର୍ମଚାରୀମାନେ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଜଣାଇଥିଲେ। ସେମାନେ ଯେପରି ମାସ ଶେଷକୁ ପାରିଶ୍ରମିକ ପାଇପାରିବେ, ଏହା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଉଟସୋର୍ସିଂ କର୍ମଚାରୀ ଓ ସର୍ଭିସ ☞ପୃଷ୍ଠା-୧୧

# ୨୦ ବର୍ଷରେ ବହୁ ଆଗକୁ ବଢ଼ିଛନ୍ତି ମହିଳା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୩(ଅନିଲ ଦାସ)

**ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ**



ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ମହିଳାମାନେ ବହୁତ ଆଗକୁ ବଢ଼ିଛନ୍ତି। ରାଜ୍ୟ ସରକାର ସେମାନଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ଉଦ୍ୟମ ଜାରି ରଖିଛନ୍ତି ବୋଲି ବିଶ୍ୱ ମହିଳା ଦିବସ ଉପଲକ୍ଷେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଲୋକସେବା କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁଠାରେ ମା'ମାନଙ୍କୁ ସମ୍ମାନ ମିଳେ, ସେଠାରେ ଦେବତାମାନେ ବାସ କରନ୍ତି ବୋଲି ଆମ ଶାସ୍ତ୍ରରେ ବର୍ଣ୍ଣନା ଅଛି। ରାଜ୍ୟରେ ମହିଳାମାନେ ଏବେ ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ରାଜ୍ୟର ୩୦ ଜିଲା ପରିଷଦ ମଧ୍ୟରୁ ୨୦ଟିର ନେତୃତ୍ୱ ମହିଳାମାନେ ନେତୃତ୍ୱ ନେଉଛନ୍ତି। ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକରେ ୫୦%ରୁ ଅଧିକ ମହିଳା ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ମିଶନ ଶକ୍ତିର ଉଦାହରଣ ଦେଇ ସେ କହିଛନ୍ତି, ଏହା ଦ୍ୱାରା ମା'ମାନେ ଛୋଟ ଛୋଟ ବ୍ୟବସାୟ ଜରିଆରେ ଅର୍ଥ ରୋଜଗାର କରି ନିଜ ପରିବାର ପାଇଁ ଅବଦାନ ରଖୁଛନ୍ତି। ଏହା ଏକ ବହୁତ ବଡ଼ ପରିବର୍ତ୍ତନ। ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଛି। ରାଜ୍ୟ ସରକାର ମଧ୍ୟ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ କୋଟି କୋଟି ଟଙ୍କାର ସରକାରୀ କାମ ଦେଉଛନ୍ତି। ସେମାନେ ମଧ୍ୟ ଏହି ଦାୟିତ୍ୱ ବହୁତ ଭଲ ଭାବରେ ତୁଲାଉଛନ୍ତି। ବର୍ତ୍ତମାନ ମହିଳାମାନେ ଆଉ ଏକ ପାଦ ଆଗକୁ ଯାଇ ଉଦ୍ୟୋଗୀ ହେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ଏଥିପାଇଁ ୧୦ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଦେଉଛନ୍ତି। ମା'ମାନେ ଆଗକୁ ବଢ଼ନ୍ତୁ, ମୁଁ ଆପଣମାନଙ୍କ ସହିତ ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମହିଳାମାନଙ୍କ ସାମାଜିକ ଅଧିକାରର ସୁରକ୍ଷା ଓ ପ୍ରତିଷ୍ଠା ବୃଦ୍ଧି ପାଇଁ ମଧ୍ୟ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଅଧିକ ସୁବିଧା ଦେଉଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ମିଳୁଥିବା ବେଳେ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସୁବିଧା ମିଳୁଛି। ନୂଆ-ଓ ଛାତ୍ରବୃତ୍ତିରେ ଝିଅମାନଙ୍କୁ ଅଧିକ ୧ ହଜାର ଟଙ୍କା ମିଳୁଛି। ଲକ୍ଷ୍ମୀ ବସ୍‌ରେ ମା'ମାନେ ଅଧା ଦାମରେ ମାତ୍ର ୫ ଟଙ୍କାରେ ଯିବାଆସିବା କରୁଛନ୍ତି। କେବଳ ସେତିକି ନୁହେଁ, ରାଶନ କାର୍ଡ, ବିଏସ୍‌କେୱାଇ କାର୍ଡ, ପକ୍କାଘର ଆଦି ସବୁ ମା'ମାନଙ୍କ ନାଁରେ ରହୁଛି। ମହିଳାଙ୍କ ନାଁରେ ଜମି କିଣାହେଲେ ରେଜିଷ୍ଟ୍ରେଶନରେ ବହୁତ ରିହାତି ଦିଆଯାଉଛି। ଏହିସବୁ ପଦକ୍ଷେପ ଦ୍ୱାରା ସମାଜରେ ମା'ମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଛି। ମା'ମାନଙ୍କ ପାଖରେ ବହୁତ ସମ୍ଭାବନା ରହିଛି। ସେମାନେ ଦୃଢ଼ନିଶ୍ଚୟ ହେଲେ ଜୀବନରେ ବହୁତ କିଛି ହାସଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କମ୍ ଉଚ୍ଚତା, ବଡ଼ ସଫଳତା

ଭାବନଗର, ୭।୩

**ଡାକ୍ତର ଗଣେଶ ବରୈୟା**



ଗୁଜରାଟ ଭାବନଗର ବାସିନ୍ଦା ଗଣେଶ ବରୈୟା ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତର ହୋଇପାରିଛନ୍ତି। ୨୨ ବର୍ଷୀୟ ଗଣେଶଙ୍କ ଉଚ୍ଚତା ମାତ୍ର ୩ ଫୁଟ୍। ନିକଟରେ ସେ ଭାବନଗର ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପଢ଼ା ଶେଷକରି ନିଜ ଇଣ୍ଟର୍ନଶିପ ଆରମ୍ଭ କରିଛନ୍ତି। ବିଶ୍ୱର ସବୁଠୁ ଛୋଟ ଡାକ୍ତର ହେବାପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ଯୋଗ୍ୟଥିବା ନେଇ ଭାବନଗର ମେଡିକାଲ କଲେଜର ଅଧ୍ୟକ୍ଷ ହେମନ୍ତ ମେହେଟ୍ଟା ସୂଚନା ଦେଇଛନ୍ତି। ମାତ୍ର ୩ ଫୁଟ୍‌ର ଉଚ୍ଚା ଓ ୧୮ କିଲୋଗ୍ରାମ ଓଜନର ଗଣେଶ ପୂର୍ବରୁ ବହୁ ସମସ୍ୟାର ସମ୍ମୁଖୀନ ହୋଇ ଏହି ସ୍ଥାନରେ ପହଞ୍ଚିଛନ୍ତି। ପିଲାଦିନୁ ଲୋକୋମୋଟିଭ ଅକ୍ଷମତା କାରଣରୁ ତାଙ୍କ ଶରୀରର ପ୍ରାୟ ୭୨ ପ୍ରତିଶତ ଅଂଶ ପ୍ରଭାବିତ ହୋଇଥିଲା। ଭାବନଗର ଜିଲାର ଗୋରଖୀ ଗ୍ରାମ ନିବାସୀ ଗଣେଶଙ୍କ ପିତା କୃଷି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମା ଗୃହିଣୀ ଥିଲେ। ୭ ଜଣ ଭଉଣୀ ଥିବା ଗଣେଶଙ୍କ ପରିବାରର କେହି ମଧ୍ୟ ପୂର୍ବରୁ ଉଚ୍ଚଶିକ୍ଷା ପାଇଁ କଲେଜ କିମ୍ବା ବିଶ୍ୱ ବିଦ୍ୟାଳୟ ମାଡ଼ି ନ ଥିଲେ। ପିଲାଟି ଦିନରୁ ମେଧାବୀ ଥିବା ଗଣେଶ ଦ୍ୱାଦଶ ଶ୍ରେଣୀରେ ୮୭ ପ୍ରତିଶତ ନମ୍ବର ରଖିବା ସହ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ୨୩୩ ନମ୍ବର ରଖିଥିଲେ। ଏହା ସତ୍ତ୍ୱେ ମଧ୍ୟ ୨୦୧୮ରେ ଗୁଜରାଟ ସରକାର ତାଙ୍କୁ ଭିନ୍ନକ୍ଷମ ଦର୍ଶାଇ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଇବାରୁ ବଞ୍ଚିତ କରିଥିଲେ। ଏଥିରେ ସେ ଭାଙ୍ଗି ନ ପଡ଼ି ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଲ୍‌ପତ୍ କଟାରିଆଙ୍କ ସହଯୋଗରେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬କୁ ଭିତ୍ତିକରି ଏହି ମାମଲାରେ ସର୍ବୋଚ୍ଚ ଅଦାଲତ ତାଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ଫଳରେ ଗଣେଶ ଭାବନଗର ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇପାରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆର୍‌ଏସ୍ଏସ୍ ଭୁବନେଶ୍ୱର ମହାନଗର ପକ୍ଷରୁ ବିଶାଳ ପଥ ସଂଚାଳନ ଓ ଲିଙ୍ଗରାଜ ପରିକ୍ରମା, ସ୍ଥାନ: ଭୀମଟାଙ୍ଗୀ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଗରାବଡୁ ଶ୍ମଶାନ ପଡ଼ିଆ ଗୋସାଗୋରେଶ୍ୱର, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରିକ୍ସା କଲୋନୀ କମ୍ୟୁନିଟି ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଜାତୀୟ ଦ୍ରବ୍ୟ ପ୍ରଦର୍ଶନୀ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦୃଷ୍ଟିବାଧିତ ମହିଳାଙ୍କ ପାଇଁ ଉତ୍ସବ, ସ୍ଥାନ: ବୁଲନ ଭାଇ ସେବା ଭବନ, ୟୁନିଟ୍-୨, ସମୟ: ଅପରାହ୍ନ ୨ଟା।
- ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ବେଲେଶ୍ୱର ମହାରୁଦ୍ରଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ବଇରୁଆ ପଞ୍ଚାୟତ ଭେଲୁରୀ ହାଟସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ୩୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ପ୍ରତାପରୁଦ୍ରପୁରସ୍ଥିତ ଶ୍ରୀଆଖଣ୍ଡଳେଶ୍ୱର ମହାଦେବଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ ସନ୍ଧ୍ୟା 'ୟେ ଶାମ ମସତାନି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ବିଏମ୍‌ସି ୪ନଂ. ୱାର୍ଡ ଅଧୀନ ହରିଦାସପୁର – ନହରକଣ୍ଟା ସ୍ଥିତ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ପୀଠରେ ମହାଦୀପ ଉତ୍ସର୍ଗ, ସ୍ଥାନ: ପରମହଂସ ମନ୍ଦିର ପରିସର, ସମୟ: ଭୋର ୪ଟା।
- ଜାଗର ଯାତ୍ରା ଅବସରରେ ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଅଖଣ୍ଡ ଭଜନ ସମାରୋହ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, କଟକ ସାଆନ୍ତସାହି, ସମୟ: ସକାଳ ୬ଟା।
- ଶିବରାତ୍ରି ଅବସରରେ ମନ୍ଦିର ଚୂଡାକୁ ଉଠିବ ମହାଦୀପ, ସ୍ଥାନ:ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର , ଛଅଗାଁ ସିଂହନାଥ ମନ୍ଦିର, ଖୁଣ୍ଟୁଣୀସ୍ଥିତ କୁମାରପୁରସ୍ଥିତ ଉତ୍ତରେଶ୍ୱର ଓ ଆଖଣ୍ଡଳମଣୀ ମନ୍ଦିର ପରିସର, ଗୁରୁଡିଝାଟିଆ କୋଉରସ୍ଥିତ ବଟେଶ୍ୱର ମନ୍ଦିର, ଗୁରୁଡିଝାଟିଆ ଛୋଟିଆମ୍ବସ୍ଥିତ ନାଗେଶ୍ୱର ଓ ବଟେଶ୍ୱର ମହାଦେବ ମନ୍ଦିର, ସମୟ: ରାତି ୧୦ଟା।
- ଶ୍ରୀଶ୍ରୀସର୍ପେଶ୍ୱର ମହାଦେବଙ୍କ ମନ୍ଦିର ଚୂଡାକୁ ଉଠିବ ମହାଦୀପ, ସ୍ଥାନ: ଖୁଣ୍ଟୁଣୀସ୍ଥିତ କଟକିଆ ସାହି (ବଳରାମପୁର), ସମୟ: ରାତି ୧୧ଟା।
- ସୁନାଦୁବ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଜମେଶ୍ୱର ମହାଦେବ ମନ୍ଦିର ଚୂଡାକୁ ମହାଦୀପ ଉଠାଣ, ସ୍ଥାନ: ରାଧାଦାମୋଦରପୁର, କଣ୍ଟାବନ୍ଧ,ସମୟ: ରାତି ୧୨ଟା୩୦।
- ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଚୂଡ଼ାକୁ ଉଠିବ ମହାଦୀପ, ସ୍ଥାନ:ଧବଳେଶ୍ୱର ମନ୍ଦିର ପରିସର, ସମୟ: ରାତି ୧ଟା୩୦।
- ରାମେଶ୍ୱର ମହାଦେବ ମନ୍ଦିର ଚୂଡାକୁ ଉଠିବ ମହାଦୀପ, ସ୍ଥାନ: ଖୁଣ୍ଟୁଣୀସ୍ଥିତ ରାଧାକିଶୋରପୁର, ସମୟ: ରାତି ୨ଟା।

## ପୁରୀ

- ବାବା କାଶୀନାଥ ଦେବ ଓ ମା 'କାଶୀଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ୪ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟ ପୂଜା, ଷୋଡଶ ଉପଚାରରେ ମଣ୍ଡଳ ପୂଜା, ଗୀତାଯଜ୍ଞ ଓ ରୁଦ୍ରାଭିଷେକ, ସ୍ଥାନ: ମଠସାହି, ଖେଲାର, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଉପଲକ୍ଷେ ବାବା କର୍ଣ୍ଣକୋଟଳେଶ୍ୱର ମହାଦେବ, ଜଟେଶ୍ୱର ମହାଦେବ, ସିଧେଶ୍ୱର ମହାଦେବ, ପୀର୍ଣ୍ଣେଶ୍ୱର ମହାଦେବଙ୍କ ନିକଟରେ ଜାଗର ଯାତ୍ରା, ସ୍ଥାନ, କୁଆଁସ, ଶଗଡା, ବିଷ୍ଣୁପୁର, ହାଟବଜାର ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ଶ୍ରୀଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ର ବାଲିଘାଇ, ବଳଙ୍ଗା, ସମୟ: ସକାଳ ୬ଟା।
- ଜାଗର ଯାତ୍ରା ଓ ଅଷ୍ଟ ପ୍ରହରୀ ନାମଯଜ୍ଞ, ସ୍ଥାନ: ଗୋପ ଆଖଣ୍ଡଳେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ବାଲିକପିଳେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ବାଲିକପିଳେଶ୍ୱର, କୋଣାର୍କ, ସମୟ: ସକାଳ ୬ଟା।
- 'ଆନ୍ତର୍ଜାତିକ ମହିଳା ଦିବସ' ଅବସରରେ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ରିଜିଓନାଲ ହାୟର ସେକେଣ୍ଡାରୀ ସ୍କୁଲ ନିମାପଡ଼ା, ସମୟ: ସକାଳ ୮ଟା ୩୦।
- ଆମ ପୁସ୍ତକ ମେଳା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମା'କାଳୀଜାଇ ପୀଠ,ଚିଲିକା, ସମୟ: ସକାଳ ୯ଟା।
- ଦକ୍ଷିଣେଶ୍ୱରଙ୍କ ପୀଠରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣଦେଓ, କୃଷ୍ଣପ୍ରସାଦ, ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ– ସାକ୍ଷୀଗୋପାଳ ସାଣ୍ଡରାସ୍ଥିତ ନୀଳକଣ୍ଠେଶ୍ୱର, ସାକ୍ଷୀଗୋପାଳସ୍ଥିତ ଐଶାନେଶ୍ୱର ଦେବ ଏବଂ କୋଶଳଶ୍ୱରଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ୫ ଦିନ ବ୍ୟାପି ପାଲା ଓ ଜଗରଯାତ୍ରା ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର,ବଣିଆସାହି, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।
- ୩୨ତମ ଅଷ୍ଟପ୍ରହରି ନାମଯଜ୍ଞ, ସ୍ଥାନ: ଅସ୍ତରଙ୍ଗ ବ୍ଲକ ଗୁଡୁବଣାଇ ନୀଳକଣ୍ଠେଶ୍ୱର ପୀଠ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା ଓ ଲଉଡି ଖେଳ ପ୍ରତିଯୋଗିତା, ସ୍ଥାନ: ବାଙ୍କେଶ୍ୱର ଶୈବପୀଠ, ବଣିଆସାହି, ଗୋପ, ସମୟ: ସନ୍ଧ୍ୟା ୭ଟା।
- ମଲିକେଶ୍ୱର ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ମଲେଶ୍ୱରୀ, କୃଷ୍ଣପ୍ରସାଦ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା ଅବସରରେ ଭଜନ ସମାରୋହ, ସ୍ଥାନ: ହର ପାର୍ବତୀ ମନ୍ଦିର ପରିସର, ବଡଗାଁ, ଗୋପ, ସମୟ: ରାତି ୮ଟା।
- ଯାଦବ ସମ୍ପ୍ରଦାୟ ପକ୍ଷରୁ ଜାଗର ଯାତ୍ରା ଅବସରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ଦକ୍ଷିଣେଶ୍ୱର ଶୈବପୀଠ ପରିସର, ସମୟ: ରାତି ୯ଟା।
- ବରାଳ ବାଲୁଙ୍କେଶ୍ୱର ଦେବଙ୍କ ହରିହର ଭେଟ ଓ ମହାଦୀପ ଦର୍ଶନ, ସ୍ଥାନ: ମନ୍ଦିର ପରିସର, ସାକ୍ଷୀଗୋପାଳ, ସମୟ: ରାତି ୧୦ଟା ୩୦।

## ଖୋର୍ଦ୍ଧା

- ନୀଳକଣ୍ଠେଶ୍ୱର ଦେବଙ୍କ ତ୍ରୟୋବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ବିଲ ଖଡରୁଣି, ବୋଲଗଡ଼, ସମୟ: ଭୋର ୪ଟା।
- ଜିଲା ପ୍ରେସ କ୍ଲବ ପକ୍ଷରୁ ଟଙ୍କତୋରାଣି ବଣ୍ଟନ, ସ୍ଥାନ: ଟିଏଲ୍‌ସି ରୋଡ,ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଏବିଭିପି ଖୋର୍ଦ୍ଧା ପକ୍ଷରୁ ଜନସେବା କାର୍ଯ୍ୟକ୍ରମ, ସ୍ଥାନ: ଧବଳେଶ୍ୱରଙ୍କ ପୀଠ, ଗୁରୁଜଙ୍ଗ, ସମୟ: ସକାଳ ୮ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀହଟକେଶ୍ୱରଙ୍କ ପୀଠ, ବାଘମାରୀ, ସମୟ: ସନ୍ଧ୍ୟା, ୬ଟା।
- ୨୨ତମ ବିଶ୍ୱନାଥ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ପଦନପୁର ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ବାବା ବାଲୁଙ୍କେଶ୍ୱର ଦେବଙ୍କ ଚତୁଃବିଂଶ ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଛରା ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ୨୨ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରାମଚନ୍ଦ୍ରପୁର, ବଡ଼ନୂଆଗାଁ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ବାବା ଆଖଣ୍ଡଳମଣିଙ୍କ ୩୭ତମ ଜାଗର ଉତ୍ସବ, ସ୍ଥାନ: ରାମଚନ୍ଦ୍ରପୁର ବଜାରସ୍ଥିତ ମନ୍ଦିର, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

ଜାଗର ଉତ୍ସବ

- ନୂଆବଜାରସ୍ଥିତ ଝାଡ଼େଶ୍ୱର ମନ୍ଦିର, ପୁରୁଣା ବାଲେଶ୍ୱରସ୍ଥିତ ବାଣେଶ୍ୱର ମନ୍ଦିର, ବର୍ଦ୍ଧନପୁରସ୍ଥିତ ମଣିନାଗେଶ୍ୱର ମନ୍ଦିର, ଶେରଗଡ଼ସ୍ଥିତ ଖଜୁରେଶ୍ୱର ମନ୍ଦିର, ନୀଳଗିରିସ୍ଥିତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ଭୋଗରାଇସ୍ଥିତ ଚନ୍ଦନେଶ୍ୱର ଶୈବପୀଠ, ଭୋଗରାଇସ୍ଥିତ ଭୂଷଣ୍ଡେଶ୍ୱର ଶୈବପୀଠ, ଲଙ୍ଗଳେଶ୍ୱରସ୍ଥିତ ଶୈବପୀଠ, ସମୟ: ଦିବାରାତ୍ର।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ମହାଶିବରାତ୍ରି, ସ୍ଥାନ: ବଡ଼ସାହି ବ୍ଲକ ମାଣତ୍ରୀ, ସମୟ:ସକାଳ ୫ଟା।
- ମହାଶିବରାତ୍ରି, ସ୍ଥାନ: ବାରିପଦାସ୍ଥିତ ବାବା ବୁଢ଼ାରାଉଳ ମନ୍ଦିର, ବାଙ୍ଗିରିପୋଷି ବ୍ଲକ ଶିମିଳାସ୍ଥିତ ବାବା ଶିମିଳେଶ୍ୱର ମହାଦେବଙ୍କ ପୀଠ, ରାସଗୋବିନ୍ଦପୁର ବ୍ଲକ ଦେବଶୂଳସ୍ଥିତ ବାବା ବୁଦ୍ଧେଶ୍ୱର ମହାଦେବଙ୍କ ପୀଠ, ବଡ଼ସାହି ବ୍ଲକ ସିଂହଟିଆସ୍ଥିତ ବାବା ନୀଳକଣ୍ଠେଶ୍ୱର ମହାଦେବ, ବଡ଼ସାହି ବ୍ଲକ ବେଲପାଳସ୍ଥିତ ବାବା ବିଲ୍ବେଶ୍ୱରାୟ ମହାଦେବ,ଶାମାଖୁଣ୍ଟା ବ୍ଲକ ପିଠାବଟସ୍ଥିତ ମହାଦେବଙ୍କ ପୀଠ, ସମୟ:ସକାଳ ୫ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ବଡ଼ସାହି ଶାଖା ପକ୍ଷରୁ ଶିବ ଜୟନ୍ତୀ ପାଳନ, ସ୍ଥାନ: ପ୍ରଭୁ ସ୍ମୃତି ଭବନ,ବଡ଼ସାହି, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ, କରଞ୍ଜିଆ ପାଇକବସାର ବାଉଁଶବିଲା, ସମୟ:ସକାଳ ୮ଟା।
- ଜାଗର ଉପଲକ୍ଷେ ସାମାଜିକ କର୍ମୀ ତରୁଣ ଦେଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ଦେବଶୋଳ, ଅଁଳାକୁଡା, ବାଘଡ଼ା ଓ ମୋରଡ଼ା ଶିବ ମନ୍ଦିର, ସମୟ:ସକାଳ ୯ଟା।
- ବାବା ଧନେଶ୍ୱର ଶିବ ମନ୍ଦିର କମିଟି ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଧନପୁର, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଗୌରାଙ୍ଗ ମହାପ୍ରଭୁ ଯଜ୍ଞ, ସ୍ଥାନ:ଶାମାଖୁଣ୍ଟା ବ୍ଲକ ଦରଖୁଳି ସରପଞ୍ଚ ସାହି, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ପୋଡ଼ାଅସ୍ତିଆସ୍ଥିତ ବାବା ଧବଳେଶ୍ୱର ମହାଦେବ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଉଦଳା ବ୍ଲକ ମୈଦା ଶିଖରେଶ୍ୱର ଏବଂ କପ୍ତିପଦା ବ୍ଲକ ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ମୈଦା ଓ ଝିଙ୍କପଦା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଜାଗର ମହୋତ୍ସବ, ସ୍ଥାନ: ଆରଡ଼ି ଆଖଣ୍ଡଳମଣି ପୀଠ ଏବଂ ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ଭୋର ୪ଟା।
- ଜାଗରଯାତ୍ରା: ତିହିଡ଼ି ବାଉଁଶବାଗସ୍ଥିତ ମୁକ୍ତେଶ୍ୱର ମହାଦେବ, ତିହିଡ଼ି ଶଙ୍ଖିଡ଼ାସ୍ଥିତ ଶଙ୍ଖଡ଼େଶ୍ୱର ମହାଦେବ, ସମୟ: ସକାଳ ୬ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୋହନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ପ୍ରଜାପିତା ବ୍ରହ୍ମକୁମାରୀ ଚମ୍ପୁଆ ଶାଖା ପକ୍ଷରୁ ପାଲିଙ୍କିଯାତ୍ରା, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୯ ଟା।
- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସିଲାଇ ମେସିନ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ପରିସର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ମହା ଶିବରାତ୍ରି, ସ୍ଥାନ: ନାଗେଶ୍ୱରାୟ ମନ୍ଦିର, କେନ୍ଦୁଝର ଗଡ଼ ରେଳ ଷ୍ଟେଶନ, ସମୟ: ମଧ୍ୟାହ୍ନ ୧୨ ଟା ୪୦।
- ଶିବ ବିବାହ ଉତ୍ସବ ପାଇଁ ବରଯାତ୍ରୀ, ଭକ୍ତଙ୍କ ଶୋଭାଯାତ୍ରା, ସ୍ଥାନ: ଗୁଜରାଟୀ ଶିବ ମନ୍ଦିର, ବଡ଼ବିଲ, ସମୟ: ଅପରାହ୍ନ ୩ଟା।
- ଶିବରାତ୍ରି ଅବସରରେ ରୁଦ୍ରାଭିଷେକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ଚମ୍ପକେଶ୍ୱର ମନ୍ଦିର, ମାଟକାମବେଡ଼ା ପୁଷ୍ପ ଦନ୍ତେଶ୍ୱର ମନ୍ଦିର, କଳିଙ୍ଗ ନଗର ବାବା ଜଟେଶ୍ୱର ମନ୍ଦିର, ବଲିତା, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ଭଜନ ସମାରୋହ, ସ୍ଥାନ: ହରିହର ମନ୍ଦିର,ବଡ଼ବିଲ, ସମୟ: ରାତି ୮ ଟା।
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ବିକାଶ ମହଲ,ବଡ଼ବିଲ, ସମୟ: ରାତି ୯ଟା।
- ଆନନ୍ଦେଶ୍ୱର ଶିବ ମନ୍ଦିର, ପରମେଶ୍ୱର ଶିବମନ୍ଦିର ଓ ସୋମେଶ୍ୱର ଶିବ ମନ୍ଦିରରେ ମହାଦୀପ ଉତ୍ତୋଳନ, ସ୍ଥାନ: ପାଟଣା ବ୍ଲକ୍, ପାଟଣା ମୁଖ୍ୟାଳୟ ଓ ସ୍ୱାମ ଶାସନ, ସମୟ: ରାତି ୧୦ ଟା।

## ବ୍ରହ୍ମପୁର

- ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟି ପକ୍ଷରୁ ନଟରାଜ ମହୋତ୍ସବ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରାନ୍ତି ଅନୁଷ୍ଠାନ ଓ ଆଇଟିଆଇ ପକ୍ଷରୁ ମହିଳା ଦିବସ, ସ୍ଥାନ: ଆଇଟିଆଇ, ସମୟ:ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ନାମ ଯଜ୍ଞ ଶୁଭାରମ୍ଭ, ସ୍ଥାନ: ଭଞ୍ଜନଗର ବେଲେଶ୍ୱର ପୀଠ, ସମୟ: ସକାଳ ୬ ଟା।
- ମହାଶିବ ରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ:ବୁଗୁଡ଼ା ସୋମନାଥ ମନ୍ଦିର, ସମୟ:ସକାଳ ୭ଟା।
- ସାଇ ସୁନ୍ଦର ଧାମ ପ୍ରତିଷ୍ଠା ଉତ୍ସବ, ଉଦ୍‌ଘାଟକ: ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ, ସ୍ଥାନ: ପ୍ରେମ ସାଇ ଗାର୍ଡେନ ପୋଚିଲିମା, ହିଞ୍ଜିଳିକାଟୁ,ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ଟୁଙ୍ଗୀ ଭୂମି ପୂଜନ, ସ୍ଥାନ: ପୋଚିଲିମା, ହିଞ୍ଜିଳିକାଟୁ, ସମୟ: ମଧ୍ୟାହ୍ନ ୧୨.ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ସାଢ଼େ ୧ ଟା।
- ଶିବ ସନ୍ଦେଶ ଯାତ୍ରା ଅବସରରେ ଉଦଯାପନୀ ସଭା, ସ୍ଥାନ: ଭଞ୍ଜନଗର ଓମ ଶାନ୍ତି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀମଦ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗୀମାରୀ, ସମୟ: ସନ୍ଧ୍ୟା ୭ ଟା।
- ପ୍ରବଚନ, ସ୍ଥାନ: ଭଞ୍ଜନଗର ବେଲେଶ୍ୱର ପୀଠ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ:ସାରିଙ୍ଗିଇର୍ପି ପଡିଆ,ଦାରିଙ୍ଗବାଡି, ସମୟ:ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବେଲପଦର, ଫୁଲବାଣୀ, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଳେଶ୍ୱର ମହାପ୍ରଭୁଙ୍କ ୪୯ ତମ ଜାଗର ଯାତ୍ରା, ସ୍ଥାନ:ସୋନପୁର ପଞ୍ଚାୟତ ଶୈବ ପୀଠ, ସମୟ:ସନ୍ଧ୍ୟା ୫ ଟା।

## କୋରାପୁଟ

- ଜାଗର ମହାଦୀପ, ସ୍ଥାନ ଗୁପ୍ତେଶ୍ୱର ଶୈବପୀଠ, ସମୟ: ରାତି ୧୧ଟା୪୫।

## ସମ୍ବଲପୁର

- ହୁମା ବକ୍ର ମନ୍ଦିରରେ ଶିବରାତ୍ରୀ ମେଳା, ସ୍ଥାନ: ହୁମାବକ୍ର ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିମୂର୍ତ୍ତି ଶିବ ଜୟନ୍ତୀ, ସ୍ଥାନ: ଦାନୀବନ୍ଧସ୍ଥିତ ଶିବଦର୍ଶନ ଭବନ, ସମୟ: ସକାଳ ୮ଟା।
- ନନ୍ଦୋତ୍ସବ ଓ ପୁତନା ବଧ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ମହିଳା ଦିବସ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଂକୀର୍ତ୍ତନ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ମଧ୍ୟାହ୍ନ ୧୨ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଶିବଦର୍ଶନ ଭବନ, ସମୟ: ଅପରାହ୍ନ ୪ଟା।
- ସମ୍ବଲପୁରୀ ଧନୁଯାତ୍ରାରେ କଂସଙ୍କ ନଗର ପରିକ୍ରମା, ସ୍ଥାନ: ସମ୍ବଲପୁର ସହର, ସମୟ: ସନ୍ଧ୍ୟା ୬ଟା।
- ରାଜ ଅତିଥି ସଭା, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ରଙ୍ଗସଭା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଶିବରାତ୍ରି ଅବସରରେ ମହାଦ୍ୱୀପ ଉଠିବା ସମୟ, ସ୍ଥାନ: ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର-ଝରିଆଲ ଇନ୍ଦ୍ରଲାଠ ମନ୍ଦିର, କଣ୍ଟାବାଞ୍ଜି ପିଡକ୍ଲୁଡି ରାମେଶ୍ୱର ମନ୍ଦିର, ସମୟ: ରାତି ୯ଟା୪୦।
- ମହା ଶିବରାତ୍ରି ମେଳା, ନାମଯଜ୍ଞ, ସ୍ଥାନ: କୁକୁଡାହାଡ କଣ୍ଟାବାଞ୍ଜି, ସମୟ: ରାତି ୯।୪୦(ମହାଦ୍ୱୀପ ଉଠିବା)।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ସହରରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ରାମେଶ୍ୱର ଶୈବ ପୀଠ ପରିସର, ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲିରେ ବିଏସ୍‌କେୱାଇ ନବୀନ କାର୍ଡର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ମହାଶିବରାତ୍ରି ଜାଗର ଯାତ୍ରା ମହୋତ୍ସବ, ସ୍ଥାନ: ସିମେଣ୍ଟ ନଗରସ୍ଥିତ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୬ଟା ୩୦।
- ମହାଶିବରାତ୍ରି ଅବସରରେ ପୂଜା ଓ ପୁରାଣ ପାଠ, ସ୍ଥାନ ଭୂତିବାହାଲ, ଗାଇସିଲେଟ୍, ସମୟ: ସକାଳ ୮ଟା।
- ଜନକଲ୍ୟାଣ ସେବା ଟ୍ରଷ୍ଟର ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ରେନ୍‌ବୋ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଦେଓଗାଁ ବୈଦ୍ୟନାଥ ବାବାଙ୍କ ମନ୍ଦିର, ସମୟ: ସକାଳ ୯ଟା।

## ସୁନ୍ଦରଗଡ଼

- ରାଜଗାଙ୍ଗପୁରରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ, ସ୍ଥାନ:ସରବତୀ ଦେବୀ ମହାବିଦ୍ୟାଳୟ,ସମୟ: ଅପରାହ୍ନ ୧୦ ଟା।

## ରାଉରକେଲା

- ଶିବରାତ୍ରି ପାଳନ, ସ୍ଥାନ: ରାଉରକେଲା ଶିବ ମନ୍ଦିର, ସମୟ: ସକାଳ ୭ଟା।
- ଆଦିବାସୀ ମେଳାର ୭ମ ଦିବସ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୁଷିବୋଧ ଉତ୍ସବ, ସ୍ଥାନ: ବେଦବ୍ୟାସ ଗୁରୁକୁଳ ସଂସ୍କୃତ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍‌ପିରେ ମହିଳା ଦିବସ ପାଳନ, ସ୍ଥାନ: ଆରଏସ୍‌ପି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟବଲ ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ସିଦ୍ଧେଶ୍ୱର ବାବା କମିଟି ପକ୍ଷରୁ ମହାଶିବରାତ୍ରି ଉତ୍ସବ ଉପଲକ୍ଷେ ସଂକୀର୍ତ୍ତନ ଓ ଭଜନ ସମାରୋହ, ସ୍ଥାନ: ତିଲେଇବଣି ବ୍ଲକର ନିକ୍ତିମାଲ, ସମୟ: ସନ୍ଧ୍ୟା ୭ଟା।
- ନାଉଲିପଡ଼ା ମହାଶିବରାତ୍ରି କମିଟି ପକ୍ଷରୁ ୧୦ମ ରାଜ୍ୟସ୍ତରୀୟ ଡ୍ୟାନ୍ସ ଧମାକାର ଫାଇନାଲ, ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ, ରିଆମାଳ ବ୍ଲକର ନାଉଲିପଡ଼ା ଛଡାବର, ସମୟ: ସନ୍ଧ୍ୟା ୭ଟା।
- ବାବା ଝାଡ଼େଶ୍ୱର ମନ୍ଦିରରେ ଜାଗରା ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟିକିଟିଘାଟି ନିକଟ, ଦେବଗଡ଼, ସମୟ: ରାତି ୮ଟା।
- ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ନାମ ସଂକୀର୍ତ୍ତନ, ସ୍ଥାନ: ମନ୍ଦିର ପରିସର, ପ୍ରଧାନପାଟ ଜଳପ୍ରପାତ ପାଖ, ସମୟ: ରାତି ୮ଟା।
- ଗକନେଶ୍ୱର ମନ୍ଦିରରେ ଶିବରାତ୍ରି ଉତ୍ସବ ଉପଲକ୍ଷେ ପ୍ରସାଦ ସେବନ କାର୍ଯ୍ୟକ୍ରମ: ଶାସନସାହି, ଦେବଗଡ଼, ସମୟ: ରାତି ୯ଟା।

## କଳାହାଣ୍ଡି

- ଚୁରାପାହାଡ଼ରେ ମହାଶିବରାତ୍ରି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ଭଜନ ସନ୍ଧ୍ୟା, ସ୍ଥାନ: ଗୋଲାମୁଣ୍ଡା ବ୍ଲକର କର୍ଲାଗୁଡା, ସମୟ: ପ୍ରାତଃ ୫ଟା।
- ବାବା ରାମେଶ୍ୱର ଶିବ ମନ୍ଦିରରେ ପୂଜା, ସ୍ଥାନ: ଥୁଆମୂଳ ରାମପୁର, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହରନାମ ଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଭେଜିପଦର, ସମୟ: ସକାଳ ୬ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକର କରଞ୍ଜକଟାଠାରେ ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ କରଞ୍ଜକଟା, ସମୟ: ସକାଳ ୬ଟା।
- ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିନ ଖେଳ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତର ସିଂହପାଲି ( ଭାଲୁପାବଲି)ଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ନାମଯଜ୍ଞ, ସ୍ଥାନ: ସିଂହପାଲି , ସମୟ: ସକାଳ ୯ ଟା।

## ଅନୁଗୋଳ

- ସପ୍ତେଶ୍ୱର ଶିବମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ରାଜକିଶୋରପଡା, ସମୟ: ସକାଳ ୬ଟା।
- କଶୀବୈଦନାଥ ମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ମଝିକା, ସମୟ: ସକାଳ ୬ ଟା।
- ସ୍ୱପ୍ନେଶ୍ୱର ମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ଅମଲାପଡା, ସମୟ: ସକାଳ ୭ ଟା।
- ବାବା ବାଲୁଙ୍କେଶ୍ୱରଙ୍କ ଜାଗର ଉତ୍ସବ, ସ୍ଥାନ: ବଲାସିଂହା ସମୟ: ସକାଳ ୭ ଟା।
- ରଣେଶ୍ୱର ମନ୍ଦିରେ ଜାଗର ଉତ୍ସବ, ସ୍ଥାନ: ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମ, ସମୟ: ସକାଳ ୭ଟା।
- କୁକୁଟେଶ୍ୱର ମନ୍ଦିରରେ ଜାଗର ଉତ୍ସବ, ସ୍ଥାନ: ତୁମୁଣି, ସମୟ: ସକାଳ ୭ଟା।
- ନିର୍ବାଚନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚକାଡୋଳା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବଣିଆବାହଳ, ସମୟ: ଅପରାହ୍ନ ୩ ଟା।
- ଦେବଦର୍ଶନ ଓ ମହାଶିବରାତ୍ରି ଜାଗର ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ବଡ଼ହୀରା ଶିବମନ୍ଦିର ସହିତ ଅନେକ ଶୈବ ପୀଠ, ସମୟ: ଅପରାହ୍ନ ୫ ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।

## ଜଗତ୍‌ସିଂହପୁର

- ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ପାରାଦୀପ ମଧୁବନ ନୌବାଣିଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ଓ ରାଜ୍ୟ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ପାରାଦୀପ ବଡ଼ପଡିଆ ଓମ୍ଫା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ରୁଦ୍ରାଭିଷେକ, ହରିହର ଭେଟ, ନାମା ସଂକୀର୍ତ୍ତନ, ଭଜନ ସନ୍ଧ୍ୟା, ପ୍ରବଚନ ଓ ମହାଦୀପ ପ୍ରଜ୍ଜ୍ୱଳନ, ସ୍ଥାନ: ଚାତ୍ରାସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ମହାଶିବ ରାତ୍ରି, ସ୍ଥାନ: ବିଆଁଳସ୍ଥିତ ପ୍ରସିଦ୍ଧ ଗଡେଶ୍ୱର ମହାଦେବ ମନ୍ଦିର, ପଞ୍ଚୁପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ମହାକାଳେଶ୍ୱର ମନ୍ଦିରରେ ଶୈବ ମହାଯଜ୍ଞର ପୂର୍ଣ୍ଣାହୁତି ଏବଂ ସମୂହ ଦୀପଦାନ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ରାତି ୧୦ଟା।
- ଲୋକନାଥ ମନ୍ଦିରରେ ଜାଗର ମହାଦୀପ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ଼, ସମୟ: ରାତି ୧୦ଟା।
- ଶିବରାତ୍ରି ଓ ଜାଗର ଉତ୍ସବ, ସ୍ଥାନ: ମୁକ୍ତେଶର ମନ୍ଦିର, ନୂଆବଜାର ପାରାଦୀପ, ସମୟ: ରାତି ୧୦ଟା।

## ନୟାଗଡ଼

- ଜାଗର ମେଳା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ନୀଳକଣ୍ଠେଶ୍ୱର ମନ୍ଦିର ବେଣାଗାଡ଼ିଆ ଓ ଜଗନ୍ନାଥପ୍ରସାଦ, ସମୟ: ସକାଳ ୭ଟା।
- ଶିବଧ୍ୱଜା ଉତ୍ତୋଳନ, ସ୍ଥାନ:ଖଣ୍ଡପଡା ବ୍ଲକର କଣ୍ଟିଲୋ ଈଶ୍ୱରୀୟ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବିଶ୍ୱ ମହିଳା ଦିବସ, ସ୍ଥାନ:ବ୍ଲକ୍ ସଭା ଗୃହ ନୟାଗଡ, ସମୟ:ସକାଳ ୯ଟା୩୦।
- ଜାଗର ମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନ୍ଧ ବିମଳେଶ୍ୱର ଦେବଙ୍କ ପୀଠ, ସମୟ:ମଧ୍ୟାହ୍ନ ୧୨ଟା।
- ଶ୍ରୀ ରାମେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା,ମହାଦୀପ ଉଠିବା ପାଇଁ ବେଢ଼ା ପରିକ୍ରମା,ସ୍ଥାନ:ରାମେଶ୍ୱରଙ୍କ ମନ୍ଦିର, ନୂଆଗାଁ , ସମୟ: ରାତି ୯ଟା୪୫ ।
- ମହାଶିବରାତ୍ରରେ ମହାଦୀପ ଉଠାଣ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ରାତ୍ର ୧୨ଟା।
- ଜାଗର ଯାତ୍ରାରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡ଼ା ଲଡୁବାବାଙ୍କ ପୀଠ, ସମୟ: ରାତ୍ର ୧୨ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଙ୍ଗଦାନ ସଚେତନତା ଶିବିର, ସ୍ଥାନ: ଗୋପୀନାଥପୁର ଶାସନ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଧର୍ମଶାଳା ବାଣୀପୀଠ, ସମୟ: ଅପରାହ୍ନ ୪ଟା।
- ଯାଜପୁର ରୋଡ ନହକା ଅଭୟେଶ୍ୱର ମନ୍ଦିରରେ ଶିବରାତ୍ରତ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଯାଜପୁର ରୋଡ ବୀରମରିପୁର ସପ୍ତେଶ୍ୱର ମନ୍ଦିରରେ ମହାଶିବରାତ୍ରି, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ ନଟପଡା ନିଳକଣ୍ଠେଶ୍ୱର ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଦାନଗଦି ବଗେଇ ବିଶେଶ୍ୱର ମହାଦେବ ମନ୍ଦିରରେ ଜାଗର ଯାତ୍ରା ଓ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ କହ୍ନେଇପୁର ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଯାଜପୁର ରୋଡ ଓମ୍ କାରେଶ୍ୱର ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୧୦ଟା।
- ଜାଗରଯାତ୍ରାରେ ମହାଦୀପ ପ୍ରଜ୍ଜ୍ୱଳନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଦେଉଳି ନିକଟ ଗୋକେର୍ଣ୍ଣଶ୍ୱର ଶୈବପୀଠ, ସମୟ: ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମଭାବରେ ଚନ୍ଦ୍ର ଥିବାରୁ ନୂଆ କାମଟିଏ ଆରମ୍ଭ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପରୁ ଭଲ ଫଳ ମିଳିବ। ଆନୁଷ୍ଠାନିକ କାମ କିମ୍ବା ରାଜନୈତିକ ସ୍ତରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବୃଷ**
ପରସ୍ପର ବିରୁଦ୍ଧାତ୍ମକ ଗ୍ରହଜନିତ ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ଦେଖାଇବେ ନାହିଁ। ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ ପାରିବାରିକ ସ୍ଥିତିରେ ଉନ୍ନତିର ଆଶା କ୍ଷୀଣ ହୋଇପାରେ। ସ୍ଥଗିତ କାମକୁ ଅନ୍ୟ ମାଧ୍ୟମରେ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ**
ବୁଧଙ୍କ ପ୍ରଭାବରେ ବନ୍ଧୁଙ୍କ ପରାମର୍ଶକୁ ଯଦି ଗ୍ରହଣ କରିବେ ତେବେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହେବାର ଆଶଙ୍କା ରହିଛି। ଆକସ୍ମିକ ଭାବେ ଜ୍ୱର ଓ ବମନ ଦେଖାଦେଇପାରେ, ଏଣୁ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ।

**କର୍କଟ**
ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟିଜନିତ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବ। ମିଛକୁ ସତ ମନେକରି ପରକଥାରେ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା କରି କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ଶିକ୍ଷା, ଗବେଷଣା, ପରୀକ୍ଷା, କଳା, ସାହିତ୍ୟାଦିରେ ଆଶାନୁରୂପ ସୁଫଳ ମିଳିବ।

**ସିଂହ**
ନିଜର ଚେଷ୍ଟା ଓ ସାମର୍ଥ୍ୟରୁ ଆର୍ଥିକ ଉନ୍ନତି ଏବଂ କାର୍ଯ୍ୟ ହାସଲରୁ ଖୁସି ରହିବେ। ଶୁକ୍ର ସହ ଶନିଙ୍କ ସମ୍ବନ୍ଧରୁ ମିଥ୍ୟା ଗୁଜବଜନିତ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ ମାତ୍ର ପରିବହନ ସେତେଟା ସନ୍ତୋଷଜନକ ହେବନାହିଁ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଉପୁଜିପାରେ।

**କନ୍ୟା**
ରାହୁଯୁକ୍ତ ବୁଧ କାରଣରୁ ଦୀର୍ଘଦିନର ଆଶା ପୂରଣ ହେବା କଷ୍ଟକର ହୋଇପାରେ। ଉତ୍ତରା ଫାଲ୍‌ଗୁନୀ ମନ ଖୁସିହେଲା ଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସମର୍ଥନ ପାଇବେ ନାହିଁ। ଆକସ୍ମିକ ଭାବେ ଦୂରସ୍ଥାନ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
କର୍ମାଧିପ ମଙ୍ଗଳଯୁକ୍ତ ହେତୁ କର୍ମକ୍ଷେତ୍ରରେ ନୂତନତ୍ୱ ସୃଷ୍ଟି କରିବା ସକାଶେ ଚିନ୍ତା କରିପାରନ୍ତି। ଶନିଙ୍କ ପ୍ରଭାବରୁ ଆଧ୍ୟାତ୍ମିକତା ତଥା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଅନ୍ୟମାନଙ୍କ ବାରମ୍ବାର ତାଗିଦା ଫଳରେ ନିଶ୍ଚିତ ବିପଦରୁ ରକ୍ଷା ପାଇବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ମିଳିବ।

**ବିଛା**
ରବି କେନ୍ଦ୍ରସ୍ଥ ଯୋଗୁ ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ରୋଜଗାର କମ୍ ହେବନି। ଘରଠୁ ଦୂର ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। କାମରେ ଅବହେଳା କରିବା କାରଣରୁ ସହକର୍ମୀଙ୍କ ଉପରେ ବିରକ୍ତିଭାବ ସୃଷ୍ଟି ହେବ। ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ**
ସ୍ୱଗୃହୀ ତୃତୀୟାଧିପ ହେତୁ ଶୁଭେଚ୍ଛୁଙ୍କ ଅନୁକମ୍ପା ସବୁପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟିରେ ସହାୟକ ହେବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୂରି ଭୂରି ପ୍ରଶଂସା ସହ ପୁରସ୍କୃତ ହୋଇପାରନ୍ତି।

**ମକର**
ଚନ୍ଦ୍ର ମଙ୍ଗଳ ସଂଯୋଗରୁ ବନ୍ଧୁଙ୍କ ଅନୁରୋଧରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ। ବିବାଦୀୟ ପରିସ୍ଥିତି ସୃଷ୍ଟି ସୂଚନା ରହିଛି। ଶିଳ୍ପ, ବୃତ୍ତିଗତ ଧନ୍ଦା, ପରିବହନ ଏବଂ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ**
ଶନିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ଶତ୍ରୁତା ହେତୁ ନିର୍ମାଣ କାମ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ଆର୍ଥିକ ଉନ୍ନତି, କର୍ମାରମ୍ଭ ଓ କିଛି ପ୍ରାପ୍ୟ ହାତପଇଠ ହୋଇପାରେ।

**ମୀନ**
ଆଜି ଆପଣ ଯାହାକୁ ଯାହା କହିବେ କିମ୍ବା କରିବେ ସବୁକିଛି ଆପଣଙ୍କ ବିପକ୍ଷରେ ଯାଇପାରେ। ମୁଖଭାବସ୍ଥ ଗୁରୁ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଜାଗର, ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ଫାଲ୍‌ଗୁନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର, ରାଶି ନକ୍ଷତ୍ର-ଦିବା ଘ.୧୦।୩୯ମି. ପର୍ଯ୍ୟନ୍ତ, ଶ୍ରବଣା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୪ମି. ଗତେ ଘ.୦୬।୫୧ମି. ମଧ୍ୟେ, ଘ.୦୭।୩୮ମି. ଗତେ ଘ.୦୯।୦୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୯ମି. ଗତେ ଘ.୧୧।୫୭ମି. ମଧ୍ୟେ ରାହୁକାଳ।

## ରାସ୍ତା ନ ଥିବାରୁ ଶଗଡ଼ରେ ବୁହାହେଲେ ରୋଗୀ

ଅନୁଗୋଳ,୭।୩ (ଅମିତ କୁମାର ସାମଲ)– ଗାଁକୁ ରାସ୍ତା ନ ଥିବାରୁ ରୋଗୀଙ୍କୁ ବୁହାଯାଇଛି ଶଗଡ଼ରେ। ଜଣେ ବୃଦ୍ଧାଙ୍କୁ ପ୍ରାୟ ୨ କିଲୋମିଟର ଦୂର ଏପରି ଅବସ୍ଥାରେ ଅଣାଯିବା ପରେ ସେଠାରୁ ଆମ୍ବୁଲାନ୍ସରେ ପଠାଯାଇଛି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ସକାଳେ ଗ୍ରାମର ବୃଦ୍ଧା ରତନୀ ସାହୁ (୬୮)ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଗୁରୁତର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେବାକୁ ଅମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୨ କିଲୋମିଟର ଦୂରରେ ରହିଥିଲା। ପରେ ପରିବାର ଲୋକେ ରତନୀଙ୍କୁ ଏକ ଶଗଡ଼ରେ ଆମ୍ବୁଲାନ୍ସ ଯାଏ ଆଣିବା ପରେ ସେଠାରୁ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା।

## ଯୁବତୀଙ୍କୁ ହତ୍ୟା ଅଭିଯୋଗ

କାମାକ୍ଷାନଗର,୭।୩(ଅମ୍‌ଜାଦ୍ ଖାନ୍)– ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ଗାଁରେ ଗୁରୁବାର ଏକ ବନ୍ଦକୋଠରୀ ଭିତରୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବତୀ ଜଣକ ହେଲେ ସେହି ଗ୍ରାମର ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ। ବେକରେ କଟା ଦାଗ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ମା’ ମଞ୍ଜୁଲତା ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଲକ୍ଷ୍ମୀପ୍ରିୟାଙ୍କ ମା’ ମଞ୍ଜୁଲତା ବୁଧବାର ଏକ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ବଣସିଂହ ଗାଁକୁ ଯାଇଥିଲେ। ରାତିରେ ଲକ୍ଷ୍ମୀପ୍ରିୟା ତାଙ୍କ ମାନସିକ ଅନଗ୍ରସର ଭଉଣୀ ନମିତାଙ୍କ ସହ ଘରେ ଶୋଇଥିଲେ। ହେଲେ ସକାଳେ ଲକ୍ଷ୍ମୀପ୍ରିୟା ନ ଉଠିବାରୁ ନମିତା ପଡ଼ୋଶୀ ଲୋକଙ୍କୁ ଜଣାଇଥିଲେ। ପଡ଼ୋଶୀମାନେ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ବର୍ଷେ ତଳେ ଲକ୍ଷ୍ମୀପ୍ରିୟାଙ୍କ ବାପା ଶିବପ୍ରସାଦ ଖୁଣ୍ଟିଆଙ୍କ ମୃତ୍ୟୁ ହୋଇଥିଲା।










# ଟ୍ରମ୍ପ୍‌ଙ୍କ ପରାଜୟ ସମ୍ଭାବନା



ରିଡ୍ ଗାଲେନ୍

ଆମେରିକାର ରାଷ୍ଟ୍ରପତିମାନଙ୍କ ମଧ୍ୟରେ ଡୋନାଲ୍ଡ ଟ୍ରମ୍ପ୍ ସବୁଠୁ ଅନୁପଯୁକ୍ତ ମନେହେଉଥିଲେ। ୨୦୧୬ରେ ସେ ଯେତେବେଳେ ନିଜର ଅଭିଯାନ ଆରମ୍ଭ କରିଥିଲେ, ସେତେବେଳେ ଏକ ବ୍ୟବସାୟଭିତ୍ତିକ ରିଆଲିଟି ଶୋ'ରେ ପ୍ରତିଯୋଗୀଙ୍କୁ ତଡ଼ିବାର ଅଭିନୟ ହାସ୍ୟାସ୍ପଦ ଲାଗୁଥିଲା। ବିରାଟ ନିର୍ଦ୍ଦେଶକ ମଣ୍ଡଳ କକ୍ଷର ଟେବୁଲ ପଛରେ ରହି ଟ୍ରମ୍ପଙ୍କର ଏକ ଛବି ତାଙ୍କର ଅନୁକରଣୀୟ ବହୁ ପ୍ରଚଳିତ କଥା କହୁଥିଲା - ତୁମକୁ ଚାକିରିରୁ ବରଖାସ୍ତ କରାଯାଇଛି ଓ ଏହାରି ସମାଧାନ ଉପାୟ ଟ୍ରମ୍ପ୍ ଜାଣନ୍ତି। ଏହି କଥା ଲକ୍ଷ ଲକ୍ଷ ଆମେରିକୀୟ ଭୋଟରଙ୍କୁ ଆଶ୍ୱସ୍ତ କରିପାରିଥିଲା। ସେହି ଭାବନା ସହ ଅନୁକୂଳ ସମୟ ଏବଂ ଶୁଭଫଳ ଟ୍ରମ୍ପ୍‌ଙ୍କୁ ନିର୍ବାଚନ ଦୌଡ଼ରେ ହିଲାରୀ କ୍ଲିଣ୍ଟନଙ୍କୁ ପରାସ୍ତ କରିବାରେ ସାହାଯ୍ୟ କରିଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କର ବିଜୟ ଆଶା ବହୁତ କମ୍ ଥିଲା ବୋଲି ଟ୍ରମ୍ପ୍ କହିଥିଲେ। ବାସ୍ତବରେ, ସେ ୨.୮ ନିୟୁତ ପପୁଲାର ଭୋଟ ହରାଇଥିଲେ। ଯେକୌଣସି ଆମେରିକା ରାଷ୍ଟ୍ରପତି ନିର୍ବାଚନ ଇତିହାସକୁ ଦେଖିଲେ ଏହା ଏକ ବୃହତ୍ ବ୍ୟବଧାନ।

ତା'ପରଠାରୁ ନିର୍ବାଚନରେ ଲୋକେ ଟ୍ରମ୍ପ୍‌ଙ୍କୁ ଗ୍ରହଣକରି ନ ଥିବା ପ୍ରମାଣିତ ହୋଇଛନ୍ତି। ୨୦୧୮ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟ୍ସ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିକୁ ହରାଇଥିଲେ। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ଇଲେକ୍ଟୋରାଲ କଲେଜରେ କମ୍ ବ୍ୟବଧାନରେ ହାରିଥିଲେ ଏବଂ ପପୁଲାର ଭୋଟ ହ୍ରାସ ପାଇଥିଲା। ୨୦୨୨ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ମନୋନୀତ ପ୍ରାର୍ଥୀମାନେ ସମଗ୍ର ଦେଶରେ ପରାସ୍ତ ହୋଇଥିଲେ ଏବଂ ଡେମୋକ୍ରାଟ୍ସ ପ୍ରାର୍ଥୀମାନେ ନିଜ ଆସନ ବଜାୟ ରଖିଥିଲେ କିମ୍ବା ଆରିଜୋନା, ମିଶିଗାନ, ପେନ୍‌ସିଲଭାନିଆ ଏବଂ ୱିସ୍କୋସିନ ସମେତ ପ୍ରମୁଖ ରାଜ୍ୟରେ ରିପବ୍ଲିକାନ ଆସନଗୁଡ଼ିକୁ ଅକ୍ତିଆର କରିନେଇଥିଲେ। ଏହି ବିଫଳତା କେତେଜଣ ରିପବ୍ଲିକାନ୍‌ଙ୍କୁ ନିର୍ବାଚନ ଉପରେ ଅଭିଯୋଗ ଆଣିବାକୁ ପ୍ରେରିତ କରିଥିଲା। ଟ୍ରମ୍ପ୍ ମଧ୍ୟ ପାର୍ଟି ବ୍ୟବସ୍ଥା, ଏହାର ନେତୃତ୍ୱ ଏବଂ ଏହାର ଚରମ ସଦସ୍ୟଙ୍କ ଉପରେ ନିୟନ୍ତ୍ରଣ ହରାଇବସିଲେ। ଏହି ଧାରାରେ ଥିବା ସବୁଠୁ ପୁରୁଣା ଦଳ ରିପବ୍ଲିକାନ୍ ଚଳିତ ବର୍ଷ ଶେଷରେ ଅନୁତାପ କରିବ, ଯେତେବେଳେ ଉଭୟ ଟ୍ରମ୍ପ୍ ଏବଂ ରିପବ୍ଲିକାନ୍ ପାର୍ଟି ଏକ ନିର୍ବାଚନୀ ପରାଜୟର ସମ୍ମୁଖୀନ ହେବା ସମ୍ଭାବନା ରହିଛି।

ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ତ୍ରୁଟିପୂର୍ଣ୍ଣ ଆଚରଣ, ଗଣତାନ୍ତ୍ରିକ ବିରୋଧୀ ଭାଷଣ ଏବଂ ପ୍ରତିପକ୍ଷଙ୍କୁ ଧମକ ତାଙ୍କ ପରାଜୟର କାରଣ ହେବ। ଶେଷରେ ଆମେରିକୀୟମାନେ ଟ୍ରମ୍ପ୍‌ଙ୍କୁ ସବୁଦିନ ଲାଗି ଅବସର ଦେବେ। ଫ୍ରାନ୍ସର ଦାର୍ଶନିକ ଅଗଷ୍ଟେ କୋମ୍‌ଟେଙ୍କର



ଏକ ପୁରାତନ ଉକ୍ତି ଅଛି ଯେ, 'ଜନସଂଖ୍ୟାର ଶକ୍ତି ଉପରେ ଗୋଟିଏ ଦେଶର ଭାଗ୍ୟ ନିର୍ଭରକରେ'। ଏହି ଉକ୍ତି ପୂର୍ବ ରାଷ୍ଟ୍ରପତି ନିର୍ବାଚନରେ ଯେଭଳି ପରିଣାମ ମିଳିଆସିଛି ତାହା ଆଗାମୀ ନିର୍ବାଚନ ପାଇଁ ଅଧିକ ପ୍ରାସଙ୍ଗିକ ହୋଇପାରେ। ୨୦୧୬ରୁ ୨୦୨୪ ନିର୍ବାଚନ ମଧ୍ୟରେ ପ୍ରାୟ ୨୦ ମିଲିୟନ ବୟସ୍କ ଭୋଟରଙ୍କର ମୃତ୍ୟୁ ହୋଇଥିବ ଏବଂ ପ୍ରାୟ ୩୨ ମିଲିୟନ ଯୁବକ ଆମେରିକୀୟ ଭୋଟ ଦେବା ବୟସ ବର୍ଗରେ ସାମିଲ ହୋଇଥାଇପାରନ୍ତି। ଏଥିମଧ୍ୟରୁ ଅନେକ ଯୁବ ଭୋଟର ଉଭୟ ଦଳକୁ ଘୃଣା କରନ୍ତି। ରିପବ୍ଲିକାନ୍‌ମାନେ କଲେଜ କ୍ୟାମ୍ପସରେ ସକ୍ରିୟ ଭାବରେ ଯୁବକଙ୍କୁ ପାର୍ଟିରେ ସାମିଲ କରୁଛନ୍ତି। କିନ୍ତୁ ୧୯୯୫ରୁ ୨୦୦୦ ମଧ୍ୟରେ ଜନ୍ମିତ ପିଢ଼ିଙ୍କ ହୃଦୟରେ ପ୍ରଜନନ ଅଧିକାର, ଗଣତନ୍ତ୍ର ଏବଂ ପରିବେଶ ବିଷୟ ଗଭୀର ଭାବେ ରହିଛି, ଯାହା ଅଧିକାଂଶଙ୍କୁ ଡେମୋକ୍ରାଟ୍ ସପକ୍ଷରେ ଭୋଟ ଦେବାକୁ ପ୍ରେରିତ କରିବ।

ବାସ୍ତବତା ହେଉଛି ଯେ ଟ୍ରମ୍ପ୍ ୨୦୧୬ରେ ଆମେରିକାର ରାଜନୀତିରେ ପ୍ରବେଶ କରିବା ପରଠାରୁ ରିପବ୍ଲିକାନ୍ ପାର୍ଟି ପରିପକ୍ୱ, ଅଧିକ ଶକ୍ତିଶାଳୀ ଏବଂ ଅଧିକ କଠୋର ହୋଇଯାଇଛି। ଏହା ପ୍ରତି ଉଦାରବାଦୀ ଓ ସ୍ୱାଧୀନ ସମର୍ଥକଙ୍କୁ ଆକର୍ଷିତ କରିବା କଷ୍ଟକର ହୋଇଛି। ଟ୍ରମ୍ପ୍‌ଙ୍କ ତୁଳନାରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପାଇଁ ଅଧିକ ଭୋଟର ଅଛନ୍ତି। ଏହାର ଅର୍ଥ ନୁହେଁ ଯେ ବିଜୟ ସହଜ ହେବ। କିନ୍ତୁ ଏହାର ଅର୍ଥ ହେଉଛି, ସେ ଘରେ ଥିବା ଅଧିକ ଭୋଟରଙ୍କ ବଳରେ ଜିତିପାରିବେ। ଟ୍ରମ୍ପ୍ ଯଦି ଜିତିବାକୁ ଚାହାନ୍ତି, ତେବେ ତାଙ୍କୁ ଦଳକୁ ପ୍ରତ୍ୟେକଟି ସମ୍ଭାବ୍ୟ ଭୋଟରଙ୍କ ଆବଶ୍ୟକତା ପଡ଼ିବ। ଏହା ସହ ଏ ପର୍ଯ୍ୟନ୍ତ କାହାକୁ ଭୋଟ ଦେବାକୁ ସ୍ଥିର କରି ନ ଥିବା ତଥା ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ଖରାପ ବ୍ୟବହାର ଓ ନୀତିକୁ ନେଇ ବିଗିଡ଼ିଯାଇଥିବା ଆମେରିକୀୟଙ୍କଠାରୁ ଭୋଟ ହାସଲ କରିବାକୁ ପଡ଼ିବ। ଆମେରିକୀୟମାନେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ପ୍ରମୁଖ ପ୍ରସଙ୍ଗରେ ରିପବ୍ଲିକାନ୍ ପାର୍ଟି ଭୁଲ୍ ଦିଗରେ ଅଛି। ପ୍ରଜନନ ଅଧିକାରକୁ ବିଚାର କରନ୍ତୁ। ଆମେରିକାର ସୁପ୍ରିମକୋର୍ଟ ୨୦୨୨ରେ ରୋଏ ବନାମ ୱାଡେ ମାମଲାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଅର୍ଦ୍ଧଶତାବ୍ଦୀ ପାଇଁ ଗର୍ଭପାତ ଅଧିକାର ସୁନିଶ୍ଚିତ କରିଥିଲା। କିନ୍ତୁ ରିପବ୍ଲିକାନ୍ ଏହାକୁ ବନ୍ଦ କରିଦେଲା। ଚରମ ରକ୍ଷଣଶୀଳ ରାଜ୍ୟ ବିଧାନମଣ୍ଡଳ ବଳାତ୍କାର କିମ୍ବା ଯୌନ ସମ୍ପର୍କ ଘଟଣାରେ ମଧ୍ୟ ଗର୍ଭପାତକୁ ନିଷିଦ୍ଧ କରିଛି। ଏହି ଧାରା ମହିଳା ଏବଂ ନରମପନ୍ଥୀଙ୍କୁ ଅଧିକ ଦୃଢ଼ ଭାବରେ ଡେମୋକ୍ରାଟ୍ସଙ୍କ ଆଡ଼କୁ ଢଳିବାକୁ ବାଧ୍ୟ କରୁଛି।

ଜାତୀୟ ନିରାପତ୍ତା କ୍ଷେତ୍ରରେ ଟ୍ରମ୍ପ୍ ପ୍ରାୟତଃ ଆମେରିକାର ପାରମ୍ପରିକ ଶତ୍ରୁମାନଙ୍କ ବିଚାରକୁ ସମର୍ଥନ କରିଛନ୍ତି, ଯାହାଦ୍ୱାରା ଏକ ପ୍ରମୁଖ ନିର୍ବାଚନୀ ଦଳକୁ ବିବ୍ରତ, କ୍ରୋଧିତ କିମ୍ବା ଦ୍ୱନ୍ଦ୍ୱରେ ପକାଉଛି। ବହୁ ପୁରୁଣା ରିପବ୍ଲିକାନ୍ ସମର୍ଥକମାନେ ତଥାପି ରୋନାଲ୍ଡ ରେଗାନଙ୍କ ବିଚାରଧାରାକୁ ଭଲ ପାଆନ୍ତି ଏବଂ ବିଶ୍ୱର ଲୋକମାନଙ୍କ ପାଇଁ ସ୍ୱାଧୀନତା ଏବଂ ଗଣତନ୍ତ୍ରର ଏକ ଆଲୋକବର୍ତ୍ତିକା ଭାବେ ଦେଖନ୍ତି। ଏହି ରିପବ୍ଲିକାନ୍‌ମାନେ ବହୁ ସଂଖ୍ୟାରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସ୍ୱୀକାର କରନ୍ତି ନାହିଁ। ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ୪୩% ରିପବ୍ଲିକାନ ବିଶ୍ୱାସ କରନ୍ତି ଆମେରିକା ବହୁ କମ୍ ସାହାଯ୍ୟ ୟୁକ୍ରେନ୍‌କୁ ଦେଉଛି। ନାଟୋ ପରିତ୍ୟାଗ କରିବାକୁ ଟ୍ରମ୍ପ୍‌ଙ୍କ ଧମକକୁ ସେମାନେ ପସନ୍ଦ କରନ୍ତି ନାହିଁ। ରୁଷିଆଠାରୁ ହଙ୍ଗେରି ଓ ସାଉଦି ଆରବର ଏକଛତ୍ରବାଦ ଭଳି ବ୍ୟବସ୍ଥା ପ୍ରତି ଟ୍ରମ୍ପ୍‌ଙ୍କ ଆକର୍ଷଣ ରହିଛି। ତେବେ ଚଳିତ ସପ୍ତାହ ସୁଦ୍ଧା ରିପବ୍ଲିକାନ୍‌ମାନଙ୍କ ପାଇଁ ଆଉ ଏକ ବିକଳ୍ପ ଥିଲା। ସେ ହେଉଛନ୍ତି ମିଳିତ ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ନିକ୍କି ହାଲି। ଟ୍ରମ୍ପ୍‌ଙ୍କ ପଲିସି ରେକର୍ଡ ଉପରେ ହାଲିଙ୍କ ଅତ୍ୟଧିକ ଆକ୍ରମଣ ଏକ ପ୍ରଭାବ ପକାଇଥିବା ମନେହୁଏ। ନ୍ୟୁ ହାମ୍ପଶାୟାର, ନେଭାଡା ଏବଂ ସାଉଥ କାରୋଲିନାରେ ସେ ୩୦% ପସନ୍ଦ ଭୋଟ ହାସଲ କରିଥିଲେ। କିନ୍ତୁ ୧୪ଟି ରାଜ୍ୟରେ ପ୍ରାରମ୍ଭିକ ପସନ୍ଦ ଭୋଟରେ ହାଲି ପରାଜିତ ହେବା ପରେ ଏବେ ନିର୍ବାଚନ ଅଭିଯାନ ଶେଷ କରିଦେଇଛନ୍ତି। ତେବେ ଏଯାବତ ହାଲି ଟ୍ରମ୍ପ୍‌ଙ୍କୁ ସମର୍ଥନ କରିବାକୁ ମନା କରିଦେଇଛନ୍ତି। ସେ ମଧ୍ୟ ଘୋଷଣା କରିଛନ୍ତି ଯେ, ତାଙ୍କ ସମର୍ଥକ ଭୋଟରମାନଙ୍କ ମତ ଉପରେ ସବୁକିଛି ନିର୍ଭରକରେ। ଏଣୁ ଟ୍ରମ୍ପ୍‌ଙ୍କ ସଫଳତା ଉପରେ ଅଧିକ ସନ୍ଦେହ ରହିବାର ଏହା ଏକ ବଡ଼ କାରଣ। ଅବଶ୍ୟ, ନଭେମ୍ବରରେ ଟ୍ରମ୍ପ୍‌ଙ୍କୁ ଭୋଟ ଦେବା ପରିବର୍ତ୍ତେ ନିକି ହାଲିଙ୍କର ଅନେକ ସମର୍ଥକ ଭୋଟ ଦେଇ ନ ପାରନ୍ତି କିମ୍ବା ବାଇଡେନ୍‌ଙ୍କୁ ଭୋଟ ଦେଇପାରନ୍ତି।

୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ହାରିଗଲେ ଏବଂ ପରେ ଏକ ବିଦ୍ରୋହ ସୃଷ୍ଟି କରିଥିଲେ। ସେବେଠାରୁ ସେ ତାଙ୍କର ଭାଷଣ କିମ୍ବା ଆଚରଣକୁ ନିୟନ୍ତ୍ରଣ କରିନାହାନ୍ତି; ଅପରପକ୍ଷେ ସେ ଅଧିକ କଠୋର ହୋଇଯାଇଛନ୍ତି। ଯଦି ଏହା ରିପବ୍ଲିକାନ୍ ଭୋଟରଙ୍କ ମତଦାନକୁ ସାମାନ୍ୟ ହ୍ରାସକରେ, ତେବେ ଟ୍ରମ୍ପ୍ ଏକ ବଡ଼ ପରାଜୟର ସମ୍ମୁଖୀନ ହେବେ। ଏହା ଜଣାଶୁଣା ଯେ, ଅଧିକାଂଶ ଆମେରିକୀୟ ଟ୍ରମ୍ପ୍‌ଙ୍କୁ ପୁଣି ହ୍ୱାଇଟ ହାଉସ ଫେରିବାକୁ ଚାହୁଁନାହାନ୍ତି।

**ସହ- ପ୍ରତିଷ୍ଠାତା, ଦି ଲିନ୍‌କ୍ଲୋନ୍ ପ୍ରୋଜେକ୍ଟ**
**(ଏକ ଗଣତନ୍ତ୍ର ସପକ୍ଷବାଦୀ ସଙ୍ଗଠନ)**

# ମହାଶିବରାତ୍ରି



ଡା. ଉମେଶ ଚନ୍ଦ୍ର ପାତ୍ର

ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳିତ ହୁଏ ମହାଶିବରାତ୍ରି ବା ଜାଗର। ଶିବରାତ୍ରିରେ ଉପବାସ ଓ ଶିବପୂଜା କରାଯାଏ। ଶିବ ଶବ୍ଦର ଅର୍ଥ ମଙ୍ଗଳମୟ। ଶିବ ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର। ସେ ମଧ୍ୟ ଆଶୁତୋଷ। ଶିବଙ୍କର ଦକ୍ଷିଣ ହସ୍ତରେ ଶୋଭାପାଏ ତ୍ରିଶୂଳ ଯାହାକି ସତ୍ତ୍ୱ, ରଜ, ତମ ଗୁଣର ନିଦର୍ଶନ। ବାମ ହସ୍ତରେ ଡମ୍ବରୁ ହେଉଛି ଶବ୍ଦବ୍ରହ୍ମର ପ୍ରତୀକ। ବେଦର ଆଦ୍ୟ ଅକ୍ଷର ଓଁ ହିଁ ଶବ୍ଦ ବ୍ରହ୍ମ। ଏହି ଓଁ ହେଉଛି ସମସ୍ତ ଭାଷାର ମୂଳାଧାରା ଓ ପ୍ରାଣବିନ୍ଦୁ। ଶିବଙ୍କ ମସ୍ତକରେ ରହିଛି ଚନ୍ଦ୍ରକଳା। ଏହା ତାଙ୍କୁ ସଂଯମୀ ଭାବରେ ପରିଚିତ କରାଇଥାଏ। ତାଙ୍କ ଜଟାରୁ ନିର୍ଝରିତ ପୁଣ୍ୟତୋୟା ଗଙ୍ଗା ଅମୃତଧାରାର ଅମର ସଙ୍କେତ। ପ୍ରଭୁଙ୍କର ଅନ୍ୟତମ ଅଙ୍ଗଭୂଷଣ ସର୍ପ, ଯାହାକି ପ୍ରଜ୍ଞା ଓ ଚିରନ୍ତନତାର ପ୍ରତୀକ। ପୁଣି ତୃତୀୟ ନେତ୍ରକୁ ବିଚାର କରାଯାଏ ମୋକ୍ଷର ଦ୍ୱାର। ଶିବଙ୍କର ମନ୍ତ୍ର ହେଉଛି ନମଃ ଶିବାୟ। 'ନ'ର ଅର୍ଥ ପୃଥିବୀ ଓ ବ୍ରହ୍ମ, 'ମ'ର ଅର୍ଥ ବିଷ୍ଣୁ, 'ଶି' ହେଉଛି ଅଗ୍ନି ଓ ରୁଦ୍ର, 'ବା' ହେଉଛି ବାୟୁ ଓ ମହେଶ୍ୱର, 'ୟ'ର ଅର୍ଥ ଆକାଶ, ସଦାଶିବ, ଜୀବ। ସକଳ ଗୁଣର ଆଧାର ଶିବଙ୍କୁ ରାତି ଉଜାଗର ରହି ଶିବରାତ୍ରିରେ ଉପାସନା କଲେ ମୋକ୍ଷପ୍ରାପ୍ତି ହୁଏ।

ଭଗବାନ୍ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ-ଧାତୁ (ଶୟନ) ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ, ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ।

ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି, ଯେଭଳି ସେମାନେ ସମାଜର ଅନ୍ୟମାନଙ୍କର କ୍ଷତି କରି ନ ପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ୍ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତକରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଙ୍ଗା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରି ରଖିଛନ୍ତି। ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମ ଶିବ ମଝି ମଝିରେ ପୃଥିବୀରେ ଦେଖାଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ନାରୀ ହେଉ ବା ପୁରୁଷ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

ପ୍ରତ୍ୟେକ ଧର୍ମପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି - ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା। ସମସ୍ତେ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ। ଭିନ୍ନ ଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କଲାପରି ଏ ସବୁ ପରିକଳ୍ପନା କରାଯାଇଛି। ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାର୍ଥରେ ଏକ ଓ ଅଭିନ୍ନ। 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ। ସେ ଆଦର୍ଶ ଯୋଗୀ ଓ ତେଜସ୍ୱୀ ମୁନି। ଚଣ୍ଡାଳଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରାର୍ଥନା ସେ ଶୁଣିଥାନ୍ତି। ତାଙ୍କ ନିକଟକୁ ସମସ୍ତଙ୍କର ପ୍ରବେଶାଧିକାର ରହିଛି। ଶିବ ପୁରାଣ ଅନୁଯାୟୀ, ଶିବ ହେଉଛନ୍ତି ପ୍ରକୃତି ଓ ପୁରୁଷର ଉର୍ଦ୍ଧ୍ୱରେ। ସେ ମହେଶ୍ୱର, ସେ ମଙ୍ଗଳକର୍ତ୍ତା ଏବଂ ସମସ୍ତ ପ୍ରାଣୀଙ୍କର ସର୍ବକୁଶଳର କାରଣ। ଶୈବ ଦର୍ଶନ ହେଉଛି ବେଦାନ୍ତର ଶ୍ରେଷ୍ଠ ଦର୍ଶନ।

**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ସମୁଦ୍ର ଜଳ ପ୍ରଦୂଷଣର ପ୍ରଭାବ ଜଳଜୀବ ଉପରେ ପଡୁଛି। ବିଶେଷକରି ପ୍ରବାଳ ପାଚେରିଗୁଡ଼ିକ କ୍ଷୟ ହେବାରେ ଲାଗିଛି। ଏହାର ପ୍ରତିକାର ଜରୁରୀ ହୋଇପଡ଼ିଥିବାବେଳେ ଗୃହିଣୀରୁ ସ୍କୁବା ଡାଇଭର ପାଲଟିଥିବା ୪୯ ବର୍ଷୀୟା ଉମା ମାନି ପ୍ରବାଳ ପାଚେରି ସୁରକ୍ଷାରେ ଲାଗିଛନ୍ତି। ଏକ ଦଶନ୍ଧି ହେଲା ସେ ଏହି କାର୍ଯ୍ୟ କରିଆସୁଛନ୍ତି। ଉମା ସ୍କୁବା ଡାଇଭିଂ ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରାରମ୍ଭିକ ସ୍ତରରେ ଏହା କଠିନ ଥିଲେ ବି ତାହା ସମୟକ୍ରମେ ସହଜ ହୋଇଯାଇଛି ବୋଲି କହନ୍ତି ଉମା। ସେ ଗଭୀର ସମୁଦ୍ରରେ ପ୍ରବାଳ ପାଚେରିରେ ହୋଇଥିବା କ୍ଷତି ସମ୍ବନ୍ଧରେ ତଥ୍ୟ ଓ ଫଟୋ ଆଣିବା ସହ ତାହାର ପ୍ରତିକାର ଉପରେ ପଦକ୍ଷେପ ନେଉଛନ୍ତି। କେବଳ ପ୍ରବାଳ ପାଚେରିର ସୁରକ୍ଷା ନୁହେଁ, ସେ ସ୍କୁଲ, କଲେଜ, କର୍ପୋରେଟ ସଂସ୍ଥାଗୁଡ଼ିକରେ ବେଳାଭୂମି ପ୍ରଦୂଷଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରୁଛନ୍ତି। ସାହିତ୍ୟରେ ଉମା ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି ଓ ତାଙ୍କ ସ୍ୱାମୀ ଜଣେ ଡାକ୍ତର। ଉମା ଏବେ ତାମିଲନାଡୁର ଡିଣ୍ଡିଗୁଲ୍‌ରେ ରହୁଛନ୍ତି। ପ୍ରବାଳ ପାଚେରି ଉପରେ ସଚେତନାତା ସୃଷ୍ଟି କରିବା ଲାଗି ୨୦୧୯ରେ 'କୋରାଲ ଓମେନ' ଡକ୍ୟୁମେଣ୍ଟାରି ରିଲିଜ୍ ହେବା ପରେ ଏ ସମ୍ପର୍କରେ ଲୋକେ ଅଧିକ ସଚେତନ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୭୫

- ରାଜ୍ୟ ବିଧାନସଭାର ମାର୍କ୍ସବାଦୀ କମ୍ୟୁନିଷ୍ଟଦଳ ନେତା, ନୀଳଗିରି ନିର୍ବାଚନ ମଣ୍ଡଳୀର ସଦସ୍ୟ ବନମାଳୀ ଦାସଙ୍କ ନିର୍ବାଚନକୁ ନିର୍ବାଚନ ଟ୍ରିବ୍ୟୁନାଲଙ୍କ ଅସିଦ୍ଧ ଘୋଷଣା।
- ରେଲ୍‌ୱେ ବୋର୍ଡର ଉଚ୍ଛେଦ ଦାବୀକୁ ରେଲ୍‌ୱେ ମନ୍ତ୍ରୀ କମଳାପତି ତ୍ରିପାଠୀଙ୍କ ପ୍ରତ୍ୟାଖ୍ୟାନ।
- ଆବୁଧାବିରୁ ୧ ନିୟୁତ ଟନ ତେଲ କିଣିବା ପାଇଁ ଭାରତ-ଆବୁଧାବି ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 1 | 6 | | | | |
| | 4 | | | | | 9 | | 7 |
| | | 3 | | | | 2 | | |
| | | | | 7 | | | 1 | |
| | | 6 | | | | | | |
| 4 | | | 2 | 9 | | | | 6 |
| | 1 | 9 | | | | | | |
| 6 | | | | | 5 | | 9 | |
| | 5 | 2 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 8 | 5 | 3 | 7 | 4 | 2 |
| 8 | 3 | 2 | 6 | 7 | 4 | 9 | 5 | 1 |
| 4 | 5 | 7 | 2 | 1 | 9 | 3 | 8 | 6 |
| 6 | 1 | 5 | 9 | 4 | 2 | 8 | 7 | 3 |
| 2 | 8 | 3 | 5 | 6 | 7 | 4 | 1 | 9 |
| 7 | 9 | 4 | 3 | 8 | 1 | 6 | 2 | 5 |
| 5 | 2 | 6 | 7 | 3 | 8 | 1 | 9 | 4 |
| 3 | 4 | 8 | 1 | 9 | 5 | 2 | 6 | 7 |
| 9 | 7 | 1 | 4 | 2 | 6 | 5 | 3 | 8 |

ଗତକାଲିର ଉତ୍ତର

# ମହିଳା ସଶକ୍ତୀକରଣ ଓ ସମୃଦ୍ଧି



ମୀରା ବେଉରା

ବିଖ୍ୟାତ ଔପନ୍ୟାସିକ ଭର୍ଜିନିଆ ଉଲଫ୍ କହିଛନ୍ତି- ନାରୀ ଆଇନ୍‌ଷ୍ଟାଇନ୍ ବା ସେକ୍ସପିୟର ହେବାକୁ ହେଲେ ତାଙ୍କୁ ଦୁଇଟି ବିଷୟ ଅର୍ଜନ କରିବାକୁ ପଡ଼ିବ। ଗୋଟିଏ ହେଲା ନିଜସ୍ୱ ଉପାର୍ଜନ ଏବଂ ଅନ୍ୟଟି ହେଲା ଉତ୍ତମ ସାମାଜିକ ପରିବେଶ। ନାରୀକୁ ନିଜର ଅଧିକାର ପ୍ରତି ପ୍ରଥମେ ସଚେତନ ହେବାକୁ ପଡ଼ିବ। ସମାଜରେ ଆତ୍ମମର୍ଯ୍ୟାଦା ପ୍ରତିଷ୍ଠା କରି ବଞ୍ଚିବା ତା'ର ଏକାନ୍ତ ପ୍ରୟୋଜନ। ଯେ ପର୍ଯ୍ୟନ୍ତ ନାରୀ ନିଜ ଶକ୍ତିକୁ ଚିହ୍ନି ନ ପାରିବ, ତା' ଭିତରେ ଆତ୍ମଶକ୍ତିର ଜାଗରଣ ନ ଘଟିବ ସେ ପର୍ଯ୍ୟନ୍ତ ନାରୀ ସଶକ୍ତୀକରଣ ଏକ ସ୍ୱପ୍ନ ହୋଇ ରହିଯିବ। ଆଗରୁ ଆମେ ଚିନ୍ତା କରିଥିଲୁ ଯେ କେବଳ ସ୍ୱାବଲମ୍ବନଶୀଳ ହୋଇପାରିଲେ ନାରୀ ଆତ୍ମମର୍ଯ୍ୟାଦାର ସହ ବଞ୍ଚିପାରିବ। କେବଳ ଉପଯୁକ୍ତ ଶିକ୍ଷା ହିଁ ତାକୁ ପ୍ରତିଷ୍ଠା ଦେଇପାରିବ। କିନ୍ତୁ କିଛିଦିନ ହେବ ଏହି ଧାରଣା ଆମର ଭୁଲ୍ ପ୍ରମାଣିତ ହୋଇଛି। ପ୍ରାୟତଃ ଦେଖାଯାଉଛି ଉଚ୍ଚଶିକ୍ଷିତା ନାରୀମାନେ ସମାଜରେ ବେଶି ଉପେକ୍ଷିତ ଏବଂ ନିର୍ଯ୍ୟାତିତ। ନିର୍ଯ୍ୟାତନା, ହୀନମନ୍ୟତା, ପରାଧୀନତାର ଶିକାର ହୋଇ ନାରୀମାନେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସାମାଜିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ଯଦିଓ ନାରୀ ନିଜକୁ ପୁରୁଷଙ୍କ ସହ ସମାନ କରିବା ପାଇଁ ଅନେକ ସଂଘର୍ଷ ଜାରି ରଖିଛି ତଥାପି ନିର୍ଯ୍ୟାତନାର ଅନ୍ତ ଘଟୁନି। ନୋବେଲ ବିଜେତା ସାରାମାଗୋ କହୁଥିଲେ, 'ଇଏ ଏମିତି ଏକ ବିଶ୍ୱ ଯିଏ ମଙ୍ଗଳ ଗ୍ରହକୁ ଯନ୍ତ୍ର ପଠାଏ, ଚନ୍ଦ୍ରକୁ ମଣିଷ ପଠାଏ କିନ୍ତୁ ନିଜ ଇଲାକାରେ ମଣିଷ ନିଧନ ଓ ହିଂସା ବନ୍ଦ କରିବା ଲାଗି କୌଣସି କାର୍ଯ୍ୟ କରେ ନାହିଁ। ବିସ୍ମୟର କଥା, ଶହ ଶହ ବର୍ଷ ଧରି ନାରୀ ଅତ୍ୟାଚାର, ଶୋଷଣ, ସାମାଜିକ କୁସଂସ୍କାରର ଶିକାର ହୋଇ ମଧ୍ୟ ଆଜି ଏକବିଂଶ ଶତାବ୍ଦୀରେ ନିଜକୁ ପ୍ରତିଷ୍ଠା କରିବା ପାଇଁ ସଂଘର୍ଷ ଜାରି ରଖିଛି। ସାମ୍ପ୍ରତିକ ସମାଜର ଭୋଗବାଦୀ, ଅବକ୍ଷୟୀ, ଅପସଂସ୍କୃତିର ପ୍ରଭାବ ନାରୀର ଚିନ୍ତା, ଚେତନା, ବିଚାରଧାରା, ତା'ର ଦୂରଦର୍ଶିତାକୁ ସମ୍ପୂର୍ଣ୍ଣ ପଙ୍ଗୁ କରି ତାକୁ ଭୋଗ୍ୟବସ୍ତୁ ଭାବେ ବିବେଚନା କରିବାକୁ ମଧ୍ୟ ଭୁଲୁନାହିଁ। ନାରୀ ସମାଜକୁ ଅପସଂସ୍କୃତି ଏବଂ ଅତ୍ୟାଧୁନିକ ଜୀବନଶୈଳୀ ଯେଉଁଭଳି ଭାବେ ଧସେଇ ପଶିଆସୁଛି, ଏହା ନାରୀ ନିର୍ଯ୍ୟାତନାର ପ୍ରମୁଖ କାରଣ। ନାରୀ ଭୋଗବାଦୀ ମାୟାରେ ପଡ଼ି ଛଟପଟ ହେଉଛି। ସଦ୍‌ଗୁଣ, ସଂସ୍କାର, ଶୃଙ୍ଖଳା, ସଂଯମ ଏସବୁ ଶବ୍ଦ ଧୀରେ ଧୀରେ ନାରୀର ବ୍ୟକ୍ତିତ୍ୱର ଅଭିଧାନରୁ ଲିଭିଗଲାଣି।

ପ୍ରତ୍ୟେକ ବ୍ୟକ୍ତି ସେ ନାରୀ ହେଉ ବା ପୁରୁଷ ମର୍ଯ୍ୟାଦାର ସହ ବଞ୍ଚିବା ତା'ର ପ୍ରାକୃତିକ ଅଧିକାର। ଯେଉଁ ଦେଶରେ ସଂସ୍କୃତିକୁ ଯେତିକି ପ୍ରାଧାନ୍ୟ ଦିଆଯାଏ ସେହି ଦେଶର ଲୋକମାନେ ସେତିକି ସଭ୍ୟ ଏବଂ ସଚେତନ। ଆଉ ଦେଖାଯାଏ ଆମ ସମାଜରେ ଏକ ଚତୁର୍ଥାଂଶ ପିଲା ବାଲ୍ୟ ଏବଂ କୈଶୋରରେ ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି। ସାଧାରଣ ମଣିଷଟିଏ ଆଜି ଦେବତ୍ୱ ବଦଳେ ତା' ଭିତରେ ପଶୁତ୍ୱ ବୃଦ୍ଧି ପାଉଛି। ପ୍ରତ୍ୟେକ ବ୍ୟକ୍ତି ଭାବିବା ଦରକାର ମୋ' ପ୍ରତି ଯେଉଁ ବ୍ୟବହାର ପୀଡ଼ାଦାୟକ, ମୁଁ ସେଭଳି ବ୍ୟବହାର ଅନ୍ୟପ୍ରତି ପ୍ରଦର୍ଶନ କରିପାରିବିନାହିଁ। ଏହା ହିଁ ମାନବିକ ମୂଲ୍ୟବୋଧର ମୂଳମନ୍ତ୍ର ହେବା ଆବଶ୍ୟକ।

ମିଳିତ ଜାତିସଂଘର ମାନବିକ ଅଧିକାରର



ଦଲିଲ୍‌ଟି ୧୯୪୮ ଡିସେମ୍ବର ୧୦ ତାରିଖରେ ଯେଉଁ ଆନ୍ତର୍ଜାତିକ ସ୍ୱୀକୃତି ଦେଇଛି ତା'ର ପ୍ରଥମ ଧାରାଟିରେ ହିଁ ବ୍ୟକ୍ତି ମର୍ଯ୍ୟାଦା ସହ ବଞ୍ଚିବ ଏହି ବର୍ତ୍ତାଟିକୁ ସୁନ୍ଦରଭାବରେ ବ୍ୟକ୍ତ କରାଯାଉଛି। ସେହିପରି ଇଣ୍ଟରନ୍ୟାଶନାଲ ହ୍ୟୁମାନିଷ୍ଟ ଏଣ୍ଡ ଏଥିକ୍ସ ୟୁନିଅନ୍ ସଂଗଠନ ହ୍ୟୁମାନିଷ୍ଟ ମେନିଫେଷ୍ଟୋ ବା ମାନବବାଦୀ ଘୋଷଣା ନାମାରେ ମାନବିକ ଅଧିକାର, ବ୍ୟକ୍ତି ମର୍ଯ୍ୟାଦାବୋଧ ଓ ନାଗରିକ କର୍ତ୍ତବ୍ୟର ଯେଉଁ ଚିତ୍ର ଦେଇଛି ତାହା ସଭ୍ୟ ଜୀବନ ଦୃଷ୍ଟିର ଏକ ମହତ୍ତ୍ୱ ଅଭିବ୍ୟକ୍ତି କହିଲେ ଭୁଲ୍ ହେବ ନାହିଁ। ଆମ ପୁରାଣ, ଇତିହାସ, ସଂସ୍କୃତିରେ ମଧ୍ୟ କେତେକ ନକାରାତ୍ମକ ଚିତ୍ର ସ୍ଥାନ ପାଇଛି। ନାରୀକୁ ତା'ର ସତିତ୍ୱ ପରୀକ୍ଷା ଦେବାକୁ ଯାଇ ବାରମ୍ବାର ଅଗ୍ନିପରୀକ୍ଷା ଦେବାକୁ ପଡ଼ିଛି। ନିଜ ପତ୍ନୀକୁ ବାଜି ଲଗାଇ ପଶାଖେଳରେ ହାରି ସର୍ବସମ୍ମୁଖରେ ପୁଣି ବିବସ୍ତ୍ରା ହେବାକୁ ପଡ଼ିଥିଲା ରାଜବଧୂ ଦ୍ରୌପଦୀଙ୍କୁ କୁରୁସଭାରେ। ମୃତ ପତିକୁ ମଧ୍ୟ ଯମଦ୍ୱାରରୁ ଫେରାଇ ଆଣିବାର କଠୋର ପରୀକ୍ଷାରେ ମଧ୍ୟ ସଫଳ ହୋଇଥିଲା ଏହି ନାରୀ। କିନ୍ତୁ ଦୁଃଖର କଥା ଆମେ ପତ୍ନୀକୁ ଯମଦ୍ୱାରରୁ ଫେରାଇ ପାରୁଥିବା ପତିଙ୍କ ସାଧନା ଆମ ପୁରାଣରେ କେଉଁଠି ନାହିଁ। ଭାରତୀୟ ହିନ୍ଦୁ ସମାଜରେ ଆଜି ମଧ୍ୟ ଅସ୍ପୃଶ୍ୟତା, ଜାତିବାଦ, ବାଲ୍ୟବିବାହ, ସତୀଦାହ ପ୍ରଥା ଆଦି ଘୃଣ୍ୟ ପ୍ରଥା ଏବଂ ବିଧବାଙ୍କ ପ୍ରତି ଧର୍ମୀୟ କଟକଣା ସମାଜରେ ଦୀର୍ଘଦିନ ଧରି ଦେଖି ଆସୁଛୁ। ଏହି କୁତ୍ସିତ ଚିନ୍ତାଧାରା ଆମ ସାମାଜିକ ମନସ୍ତତ୍ତ୍ୱକୁ ଆକ୍ରାନ୍ତ କରି ନାରୀ ସମାଜର ମର୍ଯ୍ୟାଦାକୁ ହାନି ପହଞ୍ଚାଉଛି। ଏବେ ବି ଏକବିଂଶ ଶତାବ୍ଦୀରେ ଜାତିଆଣଭାବନା ବ୍ୟକ୍ତିତ୍ୱର ଅଧିକାର ଏବଂ ମର୍ଯ୍ୟାଦାକୁ ଭୂଲୁଣ୍ଠିତ କରୁଛି। ନାରୀର ଏଭଳି ଦୁର୍ଦ୍ଦିନରେ ତା' ପ୍ରତି ହେଉଥିବା ନିର୍ଯ୍ୟାତନାକୁ ବନ୍ଦ କରି ତାଙ୍କୁ ତା'ର ଆତ୍ମମର୍ଯ୍ୟାଦାର ସହ ବଞ୍ଚିବାର ମୌଳିକ ଅଧିକାର ଦେବା ଆବଶ୍ୟକ। ଏଇଠି ମନେପଡ଼େ। ପୁରାଣ ଇତିହାସର ନାରୀଶକ୍ତି ଅପାଳାଙ୍କ କଥା। ଶ୍ୱେତକୁଷ୍ଠ ବ୍ୟାଧି ଯୋଗୁ ପତି କୃଶାଶ୍ୱ ଦ୍ୱାରା ଉପେକ୍ଷିତ ହୋଇ ପତିଗୃହ ପରିତ୍ୟାଗ କରି ପିତା ଅତ୍ରିଙ୍କ ଆଶ୍ରମରେ ଆସି ରହିଲେ। ସେହିଦିନ ସେ ଅନୁଭବ କରିଥିଲେ ମନୁଷ୍ୟ ଜୀବନରେ ଦେଖାଦେଉଥିବା ନାନା ବିକାର, କଷ୍ଟ, ଯନ୍ତ୍ରଣା, ଦୁଃଖ ଈଶ୍ୱରପ୍ରଦ ନୁହେଁ। ମଣିଷ ନିଜ ଜ୍ଞାନ ଓ କର୍ମବଳରେ ଏ ସବୁ କ୍ରୟ କରିପାରିବ। ପରେ ଅପାଳା ଇନ୍ଦ୍ରଙ୍କୁ ଉପାସନା କରି ସମସ୍ତ ପ୍ରକାର ପ୍ରଜ୍ଞା, ଶକ୍ତି, ସାମର୍ଥ୍ୟ, ବିଦ୍ୟା, କାନ୍ତି ଆଦି ବର ପାଇଥିଲେ। ଏହାପରେ ସେ ପ୍ରଚଣ୍ଡ ଜ୍ଞାନଦୀପ୍ତ ହୋଇ ଋଷିରେ ପରିଣତ ହେଲେ। ଏହା ତାଙ୍କ ପତି ଯେତେବେଳେ ଜାଣିପାରିଲେ ତାଙ୍କୁ ନେବା ପାଇଁ ଅତ୍ରିଙ୍କ ଆଶ୍ରମକୁ ଆସିଲେ ଅପାଳା କିନ୍ତୁ ଏଥିରେ ରାଜି ହୋଇ ନ ଥିଲେ। ତାଙ୍କର ସ୍ୱାଭିମାନ ତାଙ୍କୁ ମହାନ୍ କରି ଗଢ଼ି ଦେଇଥିଲା। ସମାଜସେବାରେ ସେ ତାଙ୍କର ସମଗ୍ର ଜୀବନ କାଟିଦେଲେ। ପତି କୃଶାଶ୍ୱ ସ୍ୱୟଂ ଅପାଳାଠାରୁ ବେଦାଙ୍ଗ ଶିକ୍ଷା ଲାଭ କଲେ। ସେ ଦିନ ଅପାଳା ପ୍ରମାଣ କରିଦେଲେ ଯେ ନାରୀ କେବେ ବି ପୁରୁଷର ଭୋଗ୍ୟ ବସ୍ତୁ ନୁହେଁ। ନିଜର ଯୌବନ, ସୌନ୍ଦର୍ଯ୍ୟ, ରୂପ କାନ୍ତି ଦ୍ୱାରା ପୁରୁଷକୁ ଆକର୍ଷିତ କରିବା ତା'ର କେବେ ବି କର୍ତ୍ତବ୍ୟ ନୁହେଁ।

ଏହି କାହାଣୀ ସୂଚାଇ ଦିଏ ଯେ ଆଜିର ନାରୀ ଚାହିଁଲେ ନିଜର ଅସୀମଶକ୍ତି, ପ୍ରଜ୍ଞା, ଧିଶକ୍ତି ବଳରେ ସମାଜର ତଥା ରାଷ୍ଟ୍ରର ମଙ୍ଗଳରେ ସହାୟକ ହେବ। ପୁରୁଷ ସମାଜ ଦ୍ୱାରା ଅବହେଳିତ ହେଉଥିବା ନାରୀ ସମାଜ ପାଇଁ ଅପାଳା ହେଉଛି ଜଣେ ଆଦର୍ଶନାରୀ। ଆମେ ସମସ୍ତେ ଏହା ସ୍ୱୀକାର କରିବାକୁ ବାଧ୍ୟହେବୁ ଯେ ନାରୀ ହେଉଛି ଶକ୍ତିର ଓ ପ୍ରଜ୍ଞାର ପ୍ରତୀକ। ଆଜିର ନାରୀ ଯଦି ଆତ୍ମବଳଯୁକ୍ତ ହୋଇ ନିଜର ଅସୀମ ଶକ୍ତିକୁ ରାଷ୍ଟ୍ରର ତଥା ସମାଜର ବିକାଶରେ ବିନିଯୋଗ କରିବ ତେବେ ସେ ମର୍ଯ୍ୟାଦା ସହ ବଞ୍ଚିବାର ଅଧିକାରକୁ ପ୍ରାପ୍ତ ହେବ।

**ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ**
**ମୋ- ୯୮୫୩୩୫୦୩୮୪**

## ପାଠକ ଶ୍ରେଷ୍ଠ ବିଚାରକ

### ଷ୍ଟାଡିୟମ ଭଙ୍ଗା ନ ଯାଉ

ମହାଶୟ,

କଟକ ବାରବାଟୀ ଷ୍ଟାଡିୟମ ସର୍ବପୁରାତନ ଷ୍ଟାଡିୟମ। ଏହାର ସିଟ୍ ସଂଖ୍ୟା ବୃଦ୍ଧି କରାଯାଇ ସମ୍ପ୍ରସାରଣ କରାଯାଉ। ଏଠାରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍, ଫାଓ ଫୁଟ୍‌ବଲ ଲିଗ୍ ଏବଂ ରଣ୍‌ଜୀ ଟ୍ରଫି ହୁଏ। ଏହାକୁ ଭଙ୍ଗାଯାଇ ଉନ୍ନତୀକରଣ କରାଗଲେ ଖେଳଗୁଡ଼ିକ ବିଶେଷ ପ୍ରଭାବିତ ହେବ। ନବୀକରଣ ସମୟ ତଥା ବ୍ୟୟସାପେକ୍ଷ ହୋଇଥିବାରୁ ଏହାର ସମ୍ପ୍ରସାରଣ କରା ନ ଯାଇ ନୂତନ ଷ୍ଟାଡିୟମର ପରିକଳ୍ପନା କରାଯାଉ। ଯାହାଫଳରେ ଗୋଟିଏ ଷ୍ଟାଡିୟମ ଉପରେ ନିର୍ଭର ହେବନାହିଁ। ସତ୍ୟବ୍ରତ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ କରାଗଲେ ଅଧିକ ଆକର୍ଷଣୀୟ ହୋଇପାରନ୍ତା। କ୍ରୀଡ଼ା ପ୍ରାଧିକରଣ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**- ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୀତର ସକାଳେ ଆସୁଥିଲା ଯେବେ କୁହୁଡ଼ି ଘୋଟି
ଧଳା ପରଦାଟି ପକାଇ ଅଦୂର ପୁନାଗ ବନେ।
କନକ ଅଧରେ ହସି ଦେଇ ରବି ଉଠଇ ଉଇଁ
ନୂଆବୋହୂ ସମ ଲୁଚିଯାଏ କାହିଁ କୁହୁଡ଼ି ଘୋଟି!
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାରୀ: ସଂଘର୍ଷରୁ ସଫଳତା...

ଆଜି ଅନ୍ତର୍ଜାତୀୟ ମହିଳା ଦିବସ

ସମୟ ସହିତ ବଦଳିଛି ନାରୀର ପରିଭାଷା। ନାରୀ ଆଜି ଅବଳା ଦୁର୍ବଳା ନୁହେଁ, ବରଂ ସେ ସର୍ବଶକ୍ତିମାନ୍, ସ୍ୱୟଂସିଦ୍ଧା। ରୋଷେଇ ଘରଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ନାରୀମାନେ ନିଜକୁ ପ୍ରମାଣିତ କରି ଦେଖାଇଛନ୍ତି। ତେବେ ଜୀବନର ପ୍ରତିଟି ପାହାଚକୁ ସଫଳତାର ସହ ଅତିକ୍ରାନ୍ତ କରିବା ନାରୀ ପକ୍ଷେ ସହଜ କଥା ନୁହେଁ। ଅନେକ ସମୟରେ ବହୁ ଝଡ଼ଝଞ୍ଜା ସାମ୍ନା କରିବାକୁ ପଡ଼ିଥାଏ। ଜୀବନରେ ଅନେକ ଘଟଣା, ଦୁର୍ଘଟଣା ତାଙ୍କର ଜୀବନ କାହାଣୀକୁ ପରିପୁଷ୍ଟ କରିଥାଏ। କେତେବେଳେ ନାରୀ ଅନ୍ୟ ପାଇଁ ଯୋଦ୍ଧା ପାଲଟିଯାଏ ତ ଆଉ କେତେବେଳେ ସଂଘର୍ଷରୁ ସଫଳତାର ଶିଡ଼ିରେ ଚଢ଼ି ପ୍ରେରଣା ସାଜେ। 'ଅନ୍ତର୍ଜାତୀୟ ମହିଳା ଦିବସ' ଅବସରରେ ପ୍ରତିକୂଳ ପରିସ୍ଥିତିକୁ ଖାତିର ନ କରି ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା କେତେଜଣ ମହିଳାଙ୍କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।

## ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି ସୁଭଦ୍ରା



ଶାରୀରିକ ଗଠନ ସଫଳତାର ମାପକାଠି ନୁହେଁ। ଦୃଢ଼ ମନୋବଳ ଆଉ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ସୁଭଦ୍ରା ଦାଶ। ଶାରୀରିକ ଭାବେ ସୁସ୍ଥ ବ୍ୟକ୍ତିମାନେ ଅନ୍ୟ ଉପରେ ନିର୍ଭର କରୁଥିବାବେଳେ, ଜଣେ ଦିବ୍ୟାଙ୍ଗ ହୋଇ ମଧ ସୁଭଦ୍ରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ଦୁଇଜଣ ଦିବ୍ୟାଙ୍ଗଙ୍କୁ ବଞ୍ଚିବାର ରାହା ଦେଖାଇ ପାରିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ହାତରେ ସବୁ କାମ କରିବା ସହ ସ୍କୁଟି ଚଳାଇବାରେ ମଧ ସେ ପାରଙ୍ଗମ। ଏଥିସହ ଚଳିତ ବର୍ଷ ଓଡ଼ିଶା ଷ୍ଟେଟ୍ ପାରା ଆଥ୍ଲେଟିକ୍ସ ଚାମ୍ପିୟନ୍ସିପ୍‌ରେ ଶଟ୍‌ପୁଟ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଭଳି ଖେଳରେ ରାଜ୍ୟସ୍ତରରେ ଚୟନ ହୋଇଛନ୍ତି। ଦିବ୍ୟାଙ୍ଗ ହୋଇ ମଧ କଠିନ ପରିଶ୍ରମ ଓ ଦୃଢ଼ ମନୋବଳ ଦ୍ୱାରା ସଫଳତା ପାଇ ସେ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ଜଗତ୍‌ସିଂହପୁର ଜିଲା ନନ୍ଦନ ଗ୍ରାମର ସନାତନ ଦାଶ ଏବଂ ଶାନ୍ତିଲତା ଦାଶଙ୍କ ବଡ଼ ଝିଅ ହେଉଛନ୍ତି ସୁଭଦ୍ରା। ଜନ୍ମବେଳୁ ଝିଅର ବାମହାତ ନ ଥିବାବେଳେ ଡାହାଣ ହାତ ବଙ୍କା ଥିଲା। ଦିନମଜୁରିଆ ଭାବେ କାମ କରୁଥିବା ସନାତନଙ୍କ ପାଇଁ ସ୍ତ୍ରୀ ଓ ୩ ଛୁଆଙ୍କୁ ଚଳାଇବା କଷ୍ଟକର ହେଉଥିବାବେଳେ ଝିଅ ଭିନ୍ନକ୍ଷମ ହେବା ତାଙ୍କୁ ଅଧିକ ଚିନ୍ତାରେ ପକାଇଥିଲା। ଦଶମ ଶ୍ରେଣୀ ପରେ ଅଧିକ ପାଠ ପଢିବାକୁ ସୁଭଦ୍ରାଙ୍କର ଇଚ୍ଛା ଥିଲା। କିନ୍ତୁ ପରିବାରର ଆର୍ଥିକ ଦୁରବସ୍ଥା ଏଥିରେ ବାଧକ ସାଜିଥିଲା। ଆର୍ଥିକ ଦୁରବସ୍ଥା ସାଙ୍ଗକୁ ସାହିପଡ଼ିଶା, ବନ୍ଧୁବାନ୍ଧବଙ୍କ ଟାହିଟାପରାରେ ଅସ୍ତବ୍ୟସ୍ତ ହୋଇ ଶେଷରେ ୨୦୧୭ରେ ସେ ଗାଁ ଛାଡ଼ି ଭୁବନେଶ୍ୱର ଚାଲିଆସିଥିଲେ। ଏଠାକୁ ଆସି ପୋଖରୀପୁଟରେ ଏକ ଭଡ଼ାଘର ନେଇ ରହିବା ସହ ମଧୁସୂଦନ ପାର୍କ ନିକଟରେ ଏକ ସ୍ନାକ୍ସ ଦୋକାନ ଖୋଲିଥିଲେ। ସେହି ରୋଜଗାର ଅର୍ଥରୁ ଏବେ ସେ ଯୁକ୍ତ୩ ପାଠପଢ଼ା ସମ୍ପୂର୍ଣ୍ଣ କରିଛନ୍ତି। ସୁଭଦ୍ରଙ୍କ ଏହି ଦୃଢ଼ ମନୋବଳ ଦେଖିବା ପରେ ଆଉ ଦୁଇଜଣ ଦିବ୍ୟାଙ୍ଗ ଉତ୍ସାହିତ ହୋଇ ତାଙ୍କ ସହିତ ଯୋଡ଼ି ହେଲେ। ଏବେ ସୁଭଦ୍ରା ସେହି ଦୋକାନ ସମେତ ଏକ ଅଟାକଳ ଚଳାଉଛନ୍ତି। ଏହା ସହିତ ପେପର ପ୍ଲେଟ୍ ମଧ ତିଆରି କରୁଛନ୍ତି। ଏଥିରେ ସେ ଚଳିବା ସହ ପରିବାରକୁ ଟଙ୍କା ପଠାଉଛନ୍ତି। ସେହିପରି ୨ଜଣ ସହଯୋଗୀଙ୍କୁ ମଧ ସ୍ୱାବଲମ୍ବୀ କରିପାରିଛନ୍ତି। ଏନେଇ ସୁଭଦ୍ରା କୁହନ୍ତି, ଜଣେ ଦିବ୍ୟାଙ୍ଗ ହୋଇ ଜନ୍ମହେବା ଆଉ ତାହା ପୁଣି ଝିଅଟିଏ ହେବା ସମାଜ ଆଖିରେ ସବୁବେଳେ କଣ୍ଟା ପରି। ଦିବ୍ୟାଙ୍ଗଙ୍କୁ କେହି ବାହା ହେବେନାହିଁ, ସେ ପରିବାର ଉପରେ ବୋଝ ଏଭଳି ଅନେକ କଥା ମୋତେ ଏବଂ ମୋ ମା' ବାପାଙ୍କୁ ଶୁଣିବାକୁ ପଡ଼ିଥିଲା। ତେଣୁ ବାଧହୋଇ ନିଜେ କିଛି କରିବି ବୋଲି ଭାବି ଘର ଛାଡ଼ିଥିଲି। ଏବେ ନିଜକୁ ପ୍ରମାଣିତ କରିପାରିଛି, ତେବେ ଜୀବନ ଯାତ୍ରାରେ ଆହୁରି ଆଗକୁ ବଢିବାର ଅଛି ବୋଲି ସୁଭଦ୍ରା କହିଛନ୍ତି।

-ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

## ସ୍ୱାତୀଙ୍କୁ ସ୍ୱାବଲମ୍ବୀ କରିଛି ଦୃଢ଼ ମନୋବଳ

ଆଜିର ସମୟରେ ମେକ୍‌ଅପ୍‌ର ଚାହିଦା ଦିନକୁ ଦିନ ବଢ଼ିଚାଲିଛି। ମେକ୍‌ଅପ୍ କ୍ଷେତ୍ରରେ ଅନେକ ମହିଳା ସଫଳ ଉଦ୍ୟୋଗୀ ମଧ ହୋଇପାରିଛନ୍ତି। ମାତ୍ର ଏକ ପ୍ରତିକୂଳ ପରିସ୍ଥିତିରୁ ଆସି ମେକ୍‌ଅପ୍ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସ୍ୱାତୀ ବିଶ୍ୱାଳ ହେଉଛନ୍ତି ଅନ୍ୟତମ। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଚ୍ୟୁତପୁର ଅଞ୍ଚଳର ପ୍ରଶାନ୍ତ କୁମାର ବିଶ୍ୱାଳ ଏବଂ ସୁମିତ୍ରା ଦାସଙ୍କ କନ୍ୟା ସ୍ୱାତୀ ଦଶମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ସ୍ୱାତୀ ସେହି ସମୟରେ ବିଜ୍ଞାନରେ



ସମର କୋର୍ସ କରୁଥିଲେ। ପରେ ସେ କମର୍ସରେ ପୁନଃ ଅଧ୍ୟୟନ ଆରମ୍ଭ କଲେ। ଘରେ ରହି ବି.କମ୍. ପଢ଼ା ସାରିଥିଲେ। ଏହାପରେ ସେ ଭୁବନେଶ୍ୱର ଆସି ତାଙ୍କ ପିଉସୀଙ୍କ ଘରେ ରହି ଏମ୍.କମ୍. ସହ ବ୍ୟାଙ୍କିଙ୍ଗ୍ କଲେ। ତେବେ ଘରର ଏଭଳି ଦୁଃସ୍ଥିତିରେ ନିଜର ଯୋଗଦାନ ଦେବାକୁ ସେ ପାଠପଢ଼ା ସହ ପାର୍ଟ ଟାଇମ୍ ମେକଅପ୍ କରିବା ଆରମ୍ଭ କଲେ। ଧୀରେ ଧୀରେ ସେ ଏହି ଦିଗ ପ୍ରତି ଆକର୍ଷିତ ହେଲେ। ମେକଅପ୍‌ରେ ଡିପ୍ଲୋମା ଇନ୍ କସ୍‌ମେଟିକ୍ କୋର୍ସ କରିବା ସହ ଏବେ ଏହାକୁ ନିଜ କ୍ୟାରିୟର୍ ଭାବେ ବାଛିଛନ୍ତି ସ୍ୱାତୀ। ଦିନକୁ ୬୦୦ଟଙ୍କା ପାରିଶ୍ରମିକରେ ଆରମ୍ଭ କରିଥିବା ତାଙ୍କ ଯାତ୍ରା ଆଜି ୬୦ ହଜାର ଟଙ୍କାରେ ପହଞ୍ଚିଛି। ଭୁବନେଶ୍ୱରରେ ରହି ନିଜେ ଏହି କ୍ଷେତ୍ରରେ କାମ କରିବା ସହ ଘରେ ଏକ ପାର୍ଲର ଖୋଲିଛନ୍ତି। ଯେଉଁଠି ଗାଁରେ ଅଧାରୁ ପାଠ ଛାଡ଼ିଥିବା ଝିଅଙ୍କୁ ଶିକ୍ଷା ଦେଇ ସେମାନଙ୍କୁ ମଧ ରୋଜଗାରକ୍ଷମ କରାଇପାରିଛନ୍ତି। ସେହିପରି ଅନେକଙ୍କୁ ରାଜଧାନୀକୁ ଆଣି ପ୍ରଫେସନାଲ ମେକଅପ୍ ଆର୍ଟିଷ୍ଟଙ୍କ ସହ ପରିଚିତ କରାଇ କାମ ଦେଇଛନ୍ତି। ସ୍ୱାତୀଙ୍କୁ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି। ଏନେଇ ସ୍ୱାତୀ କହିଛନ୍ତି, ମେକଅପ୍‌କୁ ନେଇ ଏବେ ଲୋକଙ୍କ ଧାରଣା ବଦଳିଲାଣି। ସେତେବେଳେ ପାର୍ଲର ୱାଲି କହିବା ସହ କେତେକଥା ଗାଁରେ ଶୁଣିବାକୁ ମିଳିଛି। ଯେବେ ସେସବୁ ଶୁଣୁଥିଲି, ଭାରି କଷ୍ଟ ହେଉଥିଲା। ଏକାକୀ ବସି କାନ୍ଦେ। ମାତ୍ର ଘରଲୋକ ଆଗକୁ ବଢ଼ିବା ପାଇଁ ସାହସ ଓ ସମର୍ଥନ ଦେଇଛନ୍ତି। ମା, ବାପା ଓ ପିଉସୀ ବହୁତ ସପୋର୍ଟ ଦେଇଛନ୍ତି। ମନରେ ଦମ୍ଭ ରଖି ଆଗକୁ ବଢ଼ିଲି। ଫ୍ୟାଶନ ଶୋ, ବ୍ରାଇଡାଲ ମେକଅପ୍ ସହ ଫେସ୍‌ରେ ଅନେକ ଆର୍ଟ ମେକଅପ୍ କରେ। ପ୍ରତି ଝିଅଙ୍କୁ ସଜେଇ ହେବାକୁ ଭଲଲାଗେ। ତେଣୁ କିଏ ଅର୍ଥାଭାବ ଯୋଗୁ ପଇସା ନ ଦେଇପାରିଲେ ମଧ ମୁଁ ମେକଅପ୍ କରିଦିଏ। ଆଉ ସେମାନଙ୍କ ଖୁସି ହିଁ ମୋ ଓଠରେ ହସ ଭରିଦିଏ। ଆଗକୁ ଭୁବନେଶ୍ୱରରେ ନିଜର ଷ୍ଟୋର କରିବା ସହ ମହିଳାଙ୍କୁ ରୋଜଗାର କ୍ଷେତ୍ରରେ ସୁଯୋଗ ଦେବାକୁ ସ୍ୱାତୀ ଲକ୍ଷ୍ୟ ରଖିଛନ୍ତି।

- ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

## ଆଉଟ୍‌ଲୁକ୍‌ର ସଫଳତମ ମହିଳା ତାଲିକାରେ ଆଦ୍ୟାଶା ସତପଥୀ






Champion of Change

Leading a movement towards a stronger and more vibrant media landscape

Adyasha Satpathy

CEO, Dharitri Odia daily and Orissa POST English daily

Business woman, mother, wife, coffee addict and nature lover, Adyasha Satpathy wears many hats. She, glides through all her roles comfortably. As the head of a media house, she hails from the family of emancipated women. She is the daughter in law of Late Nandini Sathpathy, first lady CM of Odisha.

The Oriya daily, Dharitri, was started by the Samajwadi Society on November 24, 1974 from Bhubaneswar, the capital city of Orissa. During 1986, Dharitri started web offset printing to increase press production and reach out to a larger reader base. The real growth story of Dharitri started during late eighties and early nineties with increased distribution. It became the only newspaper in the state to cater to both urban and rural, young and upwardly mobile readers and also to the cream population of Orissa. Dharitri catapulted to a whooping rise, both quantitatively and qualitatively, emerging as the No.1 newspaper not only in the capital city of Bhubaneswar but also in a majority of the districts and towns of the state., Today, Dharitri's circulation is the largest in Cuttack. Adyasha's husband, Tathagata Satpathy helms the responsibility of the Editor-in-Chief of the newspaper.

The couple is sensitive to environmental issues, underprovided strata of the society and lack of education. Inspired by their mother, late Nandini Satpathy whose progressive work with specific purpose to help the downtrodden proceed towards prosperity and land-ceiling reforms, are legendry, Adyasha and Tathagata strongly advocate for those values. They have used their publication to address various societal problems and raise awareness among the people, focusing on the youth who represent the future of the country.

From the banner of Dharitri, Adyasha conducts various events and conferences to bring together people of excellence on a common platform. Several correspondents and journalists from different media houses were felicitated for their exemplary works in the field of investigative journalism, at the glorious event of the golden anniversary celebration of Odisha's leading daily. Addressing journalists at the special function, Tathagata Satpathy, a seasoned editor, spoke of the downside of dependence on secondary sources in journalism, which is creating a vacuum in the domain of ground reporting, resulting in misinterpretations and lack of depth in news reports.

Dhariti, being the most popular Odia daily, the publication follows strict adherence to immaculate Odia vocabulary, resulting in a strong reader base for the newspaper across Odisha. Hrushikesh Mallick, president of Odisha Sahitya Akademi endorsed that journalism at Dharitri continues to maintain the philosophy with which it was created and, therefore, has been able to uphold its critical editorial policy.

Climate issues being foremost on her mind, Adyasha is an advocate of environment conservation. She started the 'Dharitri Climate Fund', which will be given to young climate warriors at the grassroots for helping them in their endeavours in addressing climate change.

An initiative towards awareness drive is the creation of 'Dharitri Youth Conclave'. Tathagata feels that such conclaves bring together people, youth in particular, under one platform and provide them an opportunity to talk, discuss and thus, be aware and educate.

"In today's busy life, reporters tend to miss out vital aspects of a news story in search of a bigger lead. Later, these smaller developments become an important news story," Adyasha, in the capacity of the leading lady of the organisation said, "The observational skills of a reporter must be concerned with every arc of the story."

ଭୁବନେଶ୍ୱର,୭।୩
(ଶର୍ମିଷ୍ଠା ପାଣିଗ୍ରାହୀ)

ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଆଉଟଲୁକ୍ ପତ୍ରିକା ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଭାରତର ୩୬ଜଣ ସଫଳତମ ମହିଳାଙ୍କ ମଧରେ ଓଡ଼ିଶାରୁ ଆଦ୍ୟାଶା ସତପଥୀଙ୍କୁ ସ୍ଥାନିତ କରାଯାଇଛି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଆଦ୍ୟାଶା ଉଭୟ ଖବରକାଗଜକୁ ନିଜର ଦୂରଦୃଷ୍ଟି ଦ୍ୱାରା ଦିଗ୍‌ଦର୍ଶନଦେଇ ଆସୁଛନ୍ତି। ବିଶେଷକରି ପରିବେଶ ଓ ପ୍ରକୃତି ସଂକ୍ରାନ୍ତୀୟ ବିପର୍ଯ୍ୟୟରେ ସୁଧାର ଆଣିବା ପାଇଁ ଧରିତ୍ରୀ ତରଫରୁ ଅନୁଷ୍ଠିତ ବିଭିନ୍ନ ଜାତୀୟ ଯୁବ ସମ୍ମିଳନୀ ହେଉଛି ତାଙ୍କ ଅଭିନବ ପ୍ରୟାସର ସଫଳ ଦୃଷ୍ଟାନ୍ତ। ଜଳବାୟୁ ପରିବର୍ତ୍ତନ ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କୁ ଚିହ୍ନଟ କରି ପୁରସ୍କୃତ କରିବା ପାଇଁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରତିଷ୍ଠା ହେଉଛି ତାଙ୍କର ଏକ ଯୁଗୋପଯୋଗୀ ପରିକଳ୍ପନା, ଯାହା ଯୁବବର୍ଗଙ୍କ ମଧରେ ଜଳବାୟୁ ପରିବର୍ତ୍ତନ ପାଇଁ ଅସୀମ ଉଦ୍ଦୀପନା ଭରି ଦେଇଛି।

ଉଲ୍ଲେଖଯୋଗ୍ୟ, ଆଉଟଲୁକ୍‌ର ଏହି ସଂଖ୍ୟାରେ ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଫିଲ୍ମ ନିର୍ମାତା ଗୁନିତ ମୋଙ୍ଗା କପୁର୍, ଅଭିନେତ୍ରୀ ନୟନତାରା, ପାଇଲଟ୍ ପୁନ୍ୟା ନଞ୍ଜାପ୍ପା, ଆମେରିକା କଂଗ୍ରେସର ପୂର୍ବତନ ସଦସ୍ୟ ତୁଲ୍‌ସୀ ଗବାର୍ଡ, ଭାରତ-ଆମେରିକାର ଅର୍ଥନୀତିଜ୍ଞ ଗୀତା ଗୋପିନାଥ୍, କଣ୍ଠଶିଳ୍ପୀ ଅନନ୍ୟା ବିର୍ଲା ଭଳି ବ୍ୟକ୍ତିତ୍ୱ ସ୍ଥାନ ପାଇଛନ୍ତି।

### ଅନ୍ୟାନ୍ୟ ଖବର

## ଆଗ୍ରହରୁ ଅଗ୍ରଣୀ ବ୍ୟବସାୟୀ



ନିରଞ୍ଜନ ଦାଶ

**ବାଣିଜ୍ୟ ବିଭାଗର ଛାତ୍ର ହୋଇ ମଧ ବ୍ୟବସାୟ ପ୍ରତି ମନରେ ବେଶ୍ ଦୁର୍ବଳତା ଥିଲା। ଫଳରେ ଉଚ୍ଚଶିକ୍ଷା ଏବଂ ଦିଲ୍ଲୀରୁ ମ୍ୟାନେଜ୍‌ମେଣ୍ଟରେ ଉଚ୍ଚତର ଶିକ୍ଷା ଶେଷ ପରେ ସେ ରାଜ୍ୟରେ କର୍ମନିଯୁକ୍ତି ପାଇଥିଲେ। ହେଲେ ଆଗ୍ରହକ୍ରମେ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ। ଏପରିକି ଜଗତ୍‌ସିଂହପୁର ଜିଲାର ଏକ ଛୋଟିଆ ଗାଁ ଖଇରଙ୍ଗରୁ ଆସି ସ୍ମାର୍ଟ ସିଟି ଭୁବନେଶ୍ୱରରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବା ସହ ନିଜକୁ ସମାଜ ଆଗରେ ପରିଚିତ କରାଇପାରିଥିବା ବରିଷ୍ଠ ବ୍ୟବସାୟୀ ତଥା ଟରେଣ୍ଟ ଆଡ୍‌ଭର୍ଟାଇଜର୍ସର ମ୍ୟାନେଜିଂ ପାର୍ଟନର ନିରଞ୍ଜନ ଦାଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**

**ପ୍ର- ଓଡ଼ିଶା ବଜାରରେ ଆଉଟ୍‌ଡୋର ବିଜ୍ଞାପନର ଚାହିଦା କିଭଳି ରହିଛି?**

ଉ-ଆଉଟ୍‌ଡୋର ବିଜ୍ଞାପନର ଚାହିଦା ସର୍ବଦା ଭଲ ରହିଥାଏ। କାରଣ ଆଉଟ୍‌ଡୋର ବିଜ୍ଞାପନର ଅନେକ ବିଶେଷତ୍ୱ ଏବଂ ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି। ବର୍ତ୍ତମାନ ସମୟରେ ଉଭୟ ଆଉଟ୍‌ଡୋର ଏବଂ ଇନ୍‌ଡୋର ବିଜ୍ଞାପନର ସ୍ଥିତି ଭଲ ରହିଥିଲାବେଳେ ଗ୍ରାହକ ଗୁଣାତ୍ମକ ସେବା ଓ ଉନ୍ନତମାନର ଉପାଦାନ(ଉତ୍ପାଦ) ସାଙ୍ଗକୁ ସାଧୁତା ପ୍ରତି ମଧ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ବିଶେଷକରି ଆମେ ଗ୍ରାହକଙ୍କୁ ଉଚ୍ଚମାନର କାର୍ଯ୍ୟ ସହ ସ୍ୱତନ୍ତ୍ର (ୟୁନିକ୍) କାର୍ଯ୍ୟ ଦକ୍ଷତା ଆମର ଅଭିଜ୍ଞ ମାନବ ସମ୍ବଳ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ପ୍ରଦାନ କରିଥାଉ।

**ପ୍ର-ବଜାରରେ ବ୍ରାଣ୍ଡର ସ୍ୱତନ୍ତ୍ରତା କ'ଣ ରହିଛି?**

ଉ-ବଜାରରେ ତିଷ୍ଠି ରହିବା ପାଇଁ ହେଲେ ବ୍ରାଣ୍ଡର ସ୍ୱତନ୍ତ୍ରତାର ଆବଶ୍ୟକତା ରହିଛି। ବିଶେଷକରି ଆମେ ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତା ସାଙ୍ଗକୁ ଭିନ୍ନ ଚିନ୍ତାଧାରା ଓ ଗୁଣାତ୍ମକ ସେବା ଯୋଗାଇବା ସହ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଉ। ରାଜ୍ୟରେ ଉଭୟ ଘରୋଇ ଓ ଜାତୀୟ ବ୍ରାଣ୍ଡର ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଆମେ ବର୍ତ୍ତମାନ ସମୟରେ ବଜାରର ଶ୍ରେଷ୍ଠ ସଂସ୍ଥା ଭାବେ ପରିଗଣିତ ହେଉଛୁ।

**ପ୍ର-ଆଉଟ୍‌ଡୋର ଏବଂ ଇନ୍‌ଡୋର ବିଜ୍ଞାପନ ମଧରେ ପାର୍ଥକ୍ୟ କ'ଣ ରହିଥାଏ?**

ଉ-ଆଉଟ୍‌ଡୋର ଓ ଇନ୍‌ଡୋର ବିଜ୍ଞାପନ ମଧରେ ଅନେକ ପ୍ରକାର ପାର୍ଥକ୍ୟ ରହିଥାଏ। ଏପରିକି ଉଭୟ ପକ୍ଷରେ ଭିନ୍ନ ଭିନ୍ନ ବର୍ଗର ଗ୍ରାହକ ଥା'ନ୍ତି। କାରଣ ଶିଳ୍ପରେ ସବୁ ବର୍ଗର ଗ୍ରାହକ ଥିଲାବେଳେ ବିଜ୍ଞାପନ ପ୍ରଦାନକାରୀ ସଂସ୍ଥା ଓ ସେବା ପ୍ରଦାନକାରୀ ସଂସ୍ଥା ମଧରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥାଏ। ସେଥିପାଇଁ ବିଜ୍ଞାପନ ପ୍ରଦାନକାରୀ ସଂସ୍ଥା ବଜାର ଚାହିଦା ଓ ଉତ୍ତମ ସେବା ପ୍ରଦାନକାରୀ ବିଜ୍ଞାପନଭିତ୍ତିକ ସଂସ୍ଥା (ଆଡଭର୍ଟାଇଜିଂ ଏଜେନ୍ସି) ସହ ପରାମର୍ଶ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଏ।

**ପ୍ର- ବ୍ରାଣ୍ଡର ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କିଛି ରହିଛି କି?**

ଉ- ବ୍ରାଣ୍ଡର ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା ରହିଥିଲେ ସୁଦ୍ଧା ଆନ୍ତଃ ରାଜ୍ୟ ମଧରେ ସେବାର ସମ୍ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ସାଙ୍ଗକୁ ନୂଆ ଟେକ୍ନୋଲୋଜି ଓ ଦକ୍ଷ ମାନବ ସମ୍ବଳକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରିକି ରାଜ୍ୟର ପ୍ରମୁଖ ସହର ଓ ଜିଲାଗୁଡ଼ିକରେ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର ୟୁନିଟ୍ କାର୍ଯ୍ୟ କରୁଛି।

**ପ୍ର-ଆଶାୟୀ ଯୁବୋଦ୍ୟୋଗୀଙ୍କ ସମ୍ପର୍କରେ କ'ଣ କହିବେ?**

ଉ- ଆଉଟ୍‌ଡୋର ବିଜ୍ଞାପନ ବ୍ୟବସାୟରେ ଯଥେଷ୍ଟ ଚାହିଦା ଥିଲାବେଳେ ସହନଶୀଳତା ଓ କଠିନ ପରିଶ୍ରମ ଏବଂ ସାଧୁତା ଅବଲମ୍ବନକୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ସେହିଭଳି ବିଜ୍ଞାପନଦାତାଙ୍କୁ ଗୁଣାତ୍ମକ ସେବା ସହ ବ୍ୟବସାୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଉଭୟ ବ୍ୟବସାୟ ଓ ବ୍ୟବହାରରେ ଶାଳୀନତା ସହ ଧୈର୍ଯ୍ୟ ରଖିବାକୁ ହେବ।

**ପ୍ର-ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥା'ନ୍ତି?**

ଉ - ବ୍ୟବସାୟରେ ସ୍ୱଚ୍ଛତା ଓ ସାଧୁତା ସହ ଗୁଣାତ୍ମକ ସେବା ଯୋଗାଇଦେବାକୁ ଆମେ ସର୍ବଦା ପ୍ରୟାସ କରିଥାଉ। ଏପରିକି ପ୍ରତିଶ୍ରୁତି (କମିଟ୍‌ମେଣ୍ଟ) ଅନୁଯାୟୀ କାର୍ଯ୍ୟ କରିବା ସହ ସହନଶୀଳତାକୁ ସମ୍ମୁଖରେ ରଖି ଗ୍ରାହକଙ୍କୁ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ଥାଉ।

**ପ୍ର -ପ୍ରତିଯୋଗିତାମୂଳକ ବ୍ୟବସାୟ ଓ ଶିଳ୍ପକୁ ଆପଣ କିଭଳି ଦେଖୁଛନ୍ତି?**

ଉ - ବ୍ୟବସାୟରେ ପ୍ରତିଯୋଗୀ ନ ରହିଲେ ବ୍ୟବସ୍ଥିତ ଭାବେ କାର୍ଯ୍ୟ କରିବାକୁ ଆଗ୍ରହ ଆସି ନ ଥାଏ। ପ୍ରତିଟି ଶିଳ୍ପରେ ପ୍ରତିଯୋଗିତା ରହିଥାଏ। ଏପରିକି ପ୍ରତିଯୋଗିତାରେ କାର୍ଯ୍ୟ କରିବାକୁ ମଧ ପସନ୍ଦ କରିଥାଉ। ଫଳରେ ଗ୍ରାହକ ମଧ ଆଶାଠାରୁ ଅଧିକ ପାଇଥାଏ।




## ଗୋଟିଏ ଦିନରେ ଲୋକଙ୍କ ସମସ୍ୟା ସମାଧାନ

- **ସମ୍ବଲପୁର, ଦେବଗଡ଼ ଲୋକଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କଲେ ୫-ଟି ଅଧ୍ୟକ୍ଷ**
- **୧୮.୪୫ କୋଟିର ୬୦୨ ପ୍ରକଳ୍ପ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୭।୩(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବଲପୁର ଓ ଦେବଗଡ଼ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସମ୍ବଲପୁର ଜିଲାର ନାକଟିଦେଉଳଠାରେ ଥିବା ମିନି ଷ୍ଟାଡିୟମ ଓ ଜମନକିରାର ଧନୁଯାତ୍ରା ପଡ଼ିଆ ଏବଂ ଦେବଗଡ଼ ଜିଲାର ତିଳେଇବଣି ହାଇସ୍କୁଲ ପଡ଼ିଆ ଓ ବାରକୋଟର ବାହାଡ଼ାପୋଷି ପଡ଼ିଆଠାରେ ଉପସ୍ଥିତ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ଲୋକମାନଙ୍କର ଅଭିଯୋଗ ଶୁଣାଣି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲା ପାଇଁ ୩୧୦ ପ୍ରକଳ୍ପ ବାବଦରେ ୧୦.୨୭ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଦେବଗଡ଼ ଜିଲା ପାଇଁ ୨୯୨ ପ୍ରକଳ୍ପ ବାବଦରେ ୮.୧୮ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହାର ମଞ୍ଜୁର ଆଦେଶ ଆବେଦନ କର୍ତ୍ତାମାନଙ୍କର ମୋବାଇଲ ଫୋନରେ ପଠାଯାଇଥିଲା ବୋଲି ପାଣ୍ଡିଆନ କହିଛନ୍ତି। ୨୦୨୩ ଜୁଲାଇରେ ସମ୍ବଲପୁର ଓ ଦେବଗଡ଼ ଜିଲା ଗସ୍ତ ସମୟରେ ଲୋକଙ୍କଠାରୁ ମିଳିଥିବା ଦରଖାସ୍ତ ଅନୁଯାୟୀ ୬୩୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନିକଟରେ ୫୮ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷାରେ ଜଣ ପିଛା ଭତ୍ତା ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ମମତା ଯୋଜନାରେ ସହାୟତା ରାଶି ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ମହିଳା ଓ ଶିଶୁମାନଙ୍କର ପୁଷ୍ଟିର ବିକାଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସହାୟକ ହେବ। ସେହିପରି ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଯାଏ ଋଣ ଦିଆଯାଉଛି ବୋଲି ପାଣ୍ଡିଆନ କହିଛନ୍ତି।

## ୨୫ବର୍ଷ ବିତିଲା: ଦାଦନ ଯାଇ ଫେରିଲେନି ୩ ଜଣ

ଖଇରା, ୭।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ହରିପୁର ଗ୍ରାମର ସପନ ଖୁଣ୍ଟିଆଙ୍କ ପୁଅ ଗଣେଶ ଖୁଣ୍ଟିଆ(୫୯), ସୁରେନ୍ଦ୍ର ଖୁଣ୍ଟିଆଙ୍କ ପୁଅ ଆନନ୍ଦ ଖୁଣ୍ଟିଆ(୫୧) ଓ ବିନେଦ ଖୁଣ୍ଟିଆ(୪୮) ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଆଉ ଫେରିନାହାନ୍ତି। ସେମାନଙ୍କ ପରିବାର ଲୋକେ ଫେରିବା ବାଟକୁ ଅପେକ୍ଷା କରି ରହିଛନ୍ତି। ଅନ୍ୟପକ୍ଷରେ ସେମାନଙ୍କ ବିଷୟରେ କିଛି ସୂଚନା ମିଳୁ ନ ଥିବାରୁ ଜମିବାଡି ଭାଗବଣ୍ଟା ହୋଇପାରୁନାହିଁ କି ପରିବାର ଲୋକଙ୍କୁ ସରକାରୀ ସହାୟତା ମଧ ମିଳିପାରୁନାହିଁ। ନିଜର ଅଭାବ ଅନଟନ ସମ୍ପର୍କରେ ଏହି ନିଖୋଜ ବ୍ୟକ୍ତିଙ୍କ ସ୍ତ୍ରୀମାନେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରାଙ୍କୁ ଅବଗତ କରାଇବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି।

## ଏମ୍ ଚନ୍ଦ୍ରଶେଖରଙ୍କୁ ବିଜେଡି ମିଡିଆ ସେଲ୍ ସଭାପତି ଦାୟିତ୍ୱ

ଲାଞ୍ଜିଗଡ଼,୭।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେଡି ପକ୍ଷରୁ ଏମ. ଚନ୍ଦ୍ରଶେଖରଙ୍କୁ ବ୍ଲକ ବିଜେଡି ମିଡିଆ ସେଲ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଲାଞ୍ଜିଗଡ ପ୍ରେସ କ୍ଲବର ସକ୍ରିୟ ସଦସ୍ୟ ଅଛନ୍ତି। ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅନୁମୋଦନକ୍ରମେ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆ ତାଙ୍କ ନାମକୁ ଘୋଷଣା କରିଛନ୍ତି। ଶେଖରଙ୍କୁ ନୂତନ ନିଯୁକ୍ତି ମିଳିବା ପରେ ତାଙ୍କୁ ଲାଞ୍ଜିଗଡ ପ୍ରେସ କ୍ଲବ ଓ ପିଇଡବ୍ଲ୍ୟୁ ମିଡିଆ ଆସୋସିଏଶନ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଖୋଲିଗାଁ ସେବାଶ୍ରମର ବାର୍ଷିକ ଉତ୍ସବ

ନୂଆପଡ଼ା,୭।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଖୋଲିଗାଁ ସେବାଶ୍ରମର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରମସିଂ ମାଝିଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ଧରୁଆ ମୁଖ୍ୟଅତିଥି, ମିଛାପାଲି ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରଙ୍ଗୁରାମ ତାଣ୍ଡି, ସୋସେଙ୍ଗ ଆଶ୍ରମ ଦହକସରୀ ଶିକ୍ଷକ ମାଧବ ଧରୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ ମାଝି, ଗଙ୍ଗାରାମ ମାଝି, ଲଛମନ ମାଝି, ମକରନ ମାଝି, ରାଜ କୁମାର ଧରୁଆ, ଲକ୍ଷ୍ମୀକାନ୍ତ ମାଝି, ରାମେଶ୍ୱର ବେହେରା, ଅତୁଲ୍ୟା କୁମାର ନାଏକ, ଖେମଲାଲ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ କ୍ରୀଡା ସହିତ ଶିକ୍ଷା କ୍ଷେତ୍ରରେ ମଧ ଆଗେଇ ଅସିବ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ତଥା ଅଞ୍ଚଳର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୁଚିତ ମାଝି, ଭାରତ ମାଝି, ସହିଭୁଷଣ ମାଜି, ଖଗେଶ୍ୱର ମାଝି, ଖଗେଶ୍ୱର ଧରୁଆ, ନୀଳାମ୍ବର ମାଝି, ମାନସିଂ ଧରୁଆ, ହରି ଧରୁଆ, ତିଳିବାଇ ମାଝି, ଘରମଣି ମାଝି, ଫୁଲମତି ମାଝି, ମାଳତି ଧରୁଆ, ଧ୍ରୁରନି ମାଝି, ନିରା ମାଝି ପ୍ରମୁଖ ସହଯୋଗ କରିଥିଲେ।

# କଶ୍ମୀର ବିକାଶର ନୂଆ ଶିଖରରେ ପହଞ୍ଚିଛି

## ୩୭୦ ଉଚ୍ଛେଦ ପରେ ମୋଦିଙ୍କ ପ୍ରଥମ ଗସ୍ତ

### ଲୋକଙ୍କୁ ବିଭ୍ରାନ୍ତ କରିଛନ୍ତି ବିରୋଧୀ



ଶ୍ରୀନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

ଶ୍ରୀନଗର,୭।୩(ପି.ଟି.)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ବିକାଶର ନୂତନ ଉଚ୍ଚତାରେ ପହଞ୍ଚିଛି ଏବଂ ମୁକ୍ତିର ନିଃଶ୍ୱାସ ନେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ୨୦୧୯ ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ମୋଦି ପ୍ରଥମ ଥର କଶ୍ମୀର ଗସ୍ତ କରିଛନ୍ତି। ଶ୍ରୀନଗରର ବାକ୍ସି ଷ୍ଟାଡିୟମ୍‌ରେ ଏକ ଜନସଭାକୁ ସମ୍ବୋଧିତ କରିବା ଅବସରରେ ସେ କହିଥିଲେ, ଦୀର୍ଘଦିନ ହେଲା କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ କେବଳ କଶ୍ମୀର ଜନସାଧାରଣଙ୍କୁ ନୁହେଁ, ସାରା ଦେଶକୁ ବିଭ୍ରାନ୍ତ କରିଆସୁଛନ୍ତି।

ଜମ୍ମୁ-କଶ୍ମୀରରେ କୃଷି ଅର୍ଥନୀତିର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ୫,୦୦୦ କୋଟି ଟଙ୍କାର ଏକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଗୁରୁବାର ଉତ୍ସର୍ଗୀକୃତ ହୋଇଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ଏହି କେନ୍ଦ୍ରଶାସିତ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବ। ବିକଶିତ ଭାରତ ପାଇଁ ବିକଶିତ ଜମ୍ମୁ-କଶ୍ମୀରକୁ ପ୍ରାଥମିକତା ଦିଆଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କଶ୍ମୀର ଭାରତର ମୁକୁଟ ହୋଇଥିବାବେଳେ ପର୍ଯ୍ୟଟନ ସମ୍ଭାବନା ଏବଂ କୃଷକ ସଶକ୍ତୀକରଣରୁ ଏହା ବିକଶିତ ହୋଇପାରିବ। 'ଚଲୋ ଇଣ୍ଡିଆ' କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟମାନେ ଅନ୍ୟୂନ ୫ ପରିବାର ସଦସ୍ୟଙ୍କୁ ଦେଶ ବୁଲିବାକୁ ପଠାଇବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ନିର୍ବାଚନ କମିଶନ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଘୋଷଣା କରିବା ନେଇ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଏନେଇ କିଛି କହିନାହାନ୍ତି। 'ସ୍ୱଦେଶ ଦର୍ଶନ' ଏବଂ 'ପ୍ରସାଦ' (ପିଲିଗ୍ରିମେଜ୍ ରିଜୁଭେନେଶନ ଆଣ୍ଡ ସ୍ପିରିଚୁଆଲ, ହେରିଟେଜ୍ ଅଗମେଣ୍ଟେଶନ ଡ୍ରାଇଭ) ଯୋଜନାରେ ପର୍ଯ୍ୟଟନ ସେକ୍ଟର ପାଇଁ ୧,୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବାବେଳେ ଶ୍ରୀନଗରର ହଜରତବାଲ୍ ମସ୍‌ଜିଦର ସମନ୍ୱିତ ବିକାଶ ପାଇଁ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହା ବ୍ୟତୀତ ମୋଦି 'ଦେଖୋ ଅପ୍‌ନା ଦେଶ ପିପୁଲ୍ସ ଚଏସ୍ ଟୁରିଷ୍ଟ ଡେଷ୍ଟିନେଶନ ପୋଲ୍' ଏବଂ 'ଚଲୋ ଇଣ୍ଡିଆ ଗ୍ଲୋବାଲ ଡାଏସପୋରା' ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜମ୍ମୁ-କଶ୍ମୀରରେ ପ୍ରାୟ ୧,୦୦୦ ନବନିଯୁକ୍ତ ସରକାରୀ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

## ସନ୍ଦେଶଖାଲି ମହିଳାଙ୍କୁ ନେଇ ରାଲି କଲେ ମମତା

କୋଲକାତା,୭।୩

ସନ୍ଦେଶଖାଲି ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃଣମୂଳ କଂଗ୍ରେସକୁ ସମାଲୋଚନା କରିବାର ଦିନକ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ମହିଳା ସମର୍ଥକମାନଙ୍କର ଏକ ରାଲି କରିଛନ୍ତି। ମମତାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରାଲିରେ ସନ୍ଦେଶଖାଲିର କେତେଜଣ ମହିଳା ସାମିଲ ହୋଇଥିଲେ। ଏହି ରାଲିର ନାଁ ଥିଲା ମହିଳାଙ୍କ ଅଧିକାର ଆମ ପ୍ରତିଶ୍ରୁତି (ମହିଲାଦେର ଅଧିକାର, ଆମାଦେର ଅଙ୍ଗୀକାର)। ରାଲି ପୂର୍ବରୁ ମହିଳାମାନଙ୍କ ସହ ମମତା ପଦଯାତ୍ରାରେ ଯାଇଥିଲେ। ସୂଚନାଯୋଗ୍ୟ, ଟିଏମ୍‌ସିର ବାହୁବଳୀ ନେତା ଶାହାଜାହାନ ଶେଖ୍ ଓ ତାଙ୍କ ସମର୍ଥକମାନେ ଆଦିବାସୀ ମହିଳାମାନଙ୍କୁ ଯୌନ ନିର୍ଯାତନା ସହ ସେମାନଙ୍କ ସମ୍ପତ୍ତି ହଡ଼ପରେ ସମ୍ପୃକ୍ତ ଥିବା ଅଭିଯୋଗ ପରେ ସେଠାରେ ଉତ୍ତେଜନା ଲାଗିରହିଛି।

## ତ୍ରିପୁରା ସରକାରରେ ଯୋଗଦେଲା ଟିପ୍ରା ମୋଥା

**ଗୁଆହାଟୀ,୭।୩:** ତ୍ରିପୁରାର ଭାଜପା ନେତୃତ୍ୱାଧୀନ ସରକାରରେ ଗୁରୁବାର ଟିପ୍ରା ମୋଥା ସାମିଲ ହୋଇଛି। ଏହି ଦଳର ୨ ବିଧାୟକ ଅନିମେଶ ଦେବବର୍ମା ଏବଂ ବୃଷକେତୁ ଦେବବର୍ମାଙ୍କୁ ମନ୍ତ୍ରୀ କରାଯାଇଛି। ଅଗରତାଲାସ୍ଥିତ ରାଜଭବନରେ ରାଜ୍ୟପାଳ ଇନ୍ଦ୍ରସେନା ରେଡ୍ଡୀ ନାଲ୍ଲୁ ସେମାନଙ୍କୁ ଶପଥ ପାଠ କରାଇଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ମାନିକ ଶାହା ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନିଯୁକ୍ତି ଅଧିକାର ପ୍ରତିଶ୍ରୁତି ଦେଲା କଂଗ୍ରେସ

ଜୟପୁର,୭।୩(ପି.ଟି.)

କଂଗ୍ରେସ କ୍ଷମତାକୁ ଆସିଲେ ଯୁବବର୍ଗଙ୍କୁ ନିଯୁକ୍ତି ଅଧିକାର ସମେତ ପେସାଦାରି ପ୍ରଶିକ୍ଷଣ ଯୋଗାଇ ଦିଆଯିବ। ରାଜସ୍ଥାନର ବଂଶ୍ୱରାଠାରେ ଏକ ରାଲିକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଖାଲିପଡ଼ିଥିବା ୩୦ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବା ସହ ସରକାରୀ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆଇନ ଅଣାଯିବ ବୋଲି ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରାହୁଲ କହିଛନ୍ତି। ସେହିପରି ଚାଷୀମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି, ସାମୟିକ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ଏବଂ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ୫,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯିବ ବୋଲି ରାହୁଲ କହିଛନ୍ତି। ଡିପ୍ଲୋମା ଏବଂ ଡିଗ୍ରୀଧାରୀ ଯୁବତୀଯୁବକମାନଙ୍କୁ ସରକାରୀ ଏବଂ ଘରୋଇ ସେକ୍ଟରରେ ଆପ୍ରେଣ୍ଟିସ୍‌ଶିପ୍ ଅଧିକାର ମିଳିବ। ସେମାନେ ଗୋଟିଏ ବର୍ଷ ଆପ୍ରେଣ୍ଟିସ୍‌ଶିପ୍ ସମୟରେ ଲକ୍ଷେ ଟଙ୍କା ପାଇବେ ବୋଲି କଂଗ୍ରେସ ନେତା କହିଛନ୍ତି। ୩୦ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିବାବେଳେ କେନ୍ଦ୍ର ସରକାର ସେଗୁଡ଼ିକୁ ପୂରଣ କରୁ ନ ଥିବା ରାହୁଲ ଅଭିଯୋଗ କରିଛନ୍ତି।

# ୮୨୦ କୋଟିର ୟୁକୋ ବ୍ୟାଙ୍କ ଦୁର୍ନୀତି

## ୨ ଇଞ୍ଜିନିୟରଙ୍କ ନାଁରେ ସିବିଆଇ ମାମଲା

ନୂଆଦିଲ୍ଲୀ,୭।୩

ୟୁକୋ ବ୍ୟାଙ୍କରେ ୮୨୦ କୋଟି ଟଙ୍କାର ସନ୍ଦେହଜନକ କାରବାର ଅଭିଯୋଗରେ ସିବିଆଇ ୨ ଇଞ୍ଜିନିୟରଙ୍କ ବିରୋଧରେ ମାମଲା ରୁଜୁ କରିଛି। ୟୁକୋ ବ୍ୟାଙ୍କର ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ପରିଚାଳନା କରୁଥିବା କମ୍ପାନୀ ଏଲ୍‌କୋଡ୍ ଟେକ୍‌ନୋଲୋଜିଜ୍ ପ୍ରା.ଲିଃରେ ୨ ଇଞ୍ଜିନିୟର ଅଭିଷେକ ଶ୍ରୀବାସ୍ତବ ଏବଂ ସୁପ୍ରିୟା ମଲିକ ନିଯୁକ୍ତ ଥିଲେ। ଜାଲିଆତି କରାଯାଇ ବିଭିନ୍ନ ରାଜ୍ୟର ୪୧,୦୦୦ ବ୍ୟାଙ୍କ ଆକାଉଣ୍ଟକୁ ୮୨୦ ଟଙ୍କା ପଠାଯାଇଥିଲା। ସିବିଆଇ ଗତ ନଭେମ୍ବରରେ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ରାଜସ୍ଥାନ ଓ ମହାରାଷ୍ଟ୍ରର ୭ଟି ସହରର ୬୭ ସ୍ଥାନରେ ତଦନ୍ତକାରୀ ସଂସ୍ଥା ଚଢ଼ାଉ କରିଛି। ତ୍ୱରିତ୍ ଇଣ୍ଟରବ୍ୟାଙ୍କ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫରରେ ଏଭଳି ଦୁର୍ନୀତି ହୋଇଛି। ଗତ ନଭେମ୍ବର ୧୦ରୁ ୧୩ ତାରିଖ ମଧ୍ୟରେ ତ୍ୱରିତ୍ ପେମେଣ୍ଟ ସିଷ୍ଟମ୍‌ରେ ୮,୫୩,୦୪୯ କୋଟି ଟଙ୍କା କାରବାର ହୋଇଥିଲା। ସେଥିରୁ ୮୨୦ କୋଟି ଟଙ୍କା ତ୍ରୁଟିପୂର୍ଣ୍ଣ ଭାବେ ୪୧,୦୦୦ରୁ ଊର୍ଦ୍ଧ୍ୱ ୟୁକୋ ବ୍ୟାଙ୍କ ଗ୍ରାହକଙ୍କ ଖାତାକୁ ଟ୍ରାନ୍ସଫର ହୋଇଯାଇଥିଲା। ଇମେଡିଏଟ୍ ପେମେଣ୍ଟ ସିଷ୍ଟମ୍‌ର ପୋର୍ଟ ନମ୍ବରକୁ ବଦଳାଯାଇ ଏଭଳି ଜାଲିଆତି କରାଯାଇଥିବା ଜଣାପଡ଼ିଛି।

# ବିଦେଶୀ ଜାହାଜରେ ଡ୍ରୋନ୍ ଆକ୍ରମଣ

## ୨୧ କ୍ରିଉ ସଦସ୍ୟଙ୍କୁ ଉଦ୍ଧାରକଲା ନୌସେନା

ନୂଆଦିଲ୍ଲୀ, ୭।୩

ଆଡେନ୍ ଉପସାଗରରେ ପୁଣି ଭାରତୀୟ ନୌସେନାର ପରାକ୍ରମ ଦେଖିବାକୁ ମିଳିଛି। ସାମୁଦ୍ରିକ ଲୁଟେରାଙ୍କ କବଳରୁ ଏକ ବିଦେଶୀ ଜାହାଜକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଭାରତୀୟ ନୌସେନା ସଫଳ ହୋଇଛି। ଆଡେନ୍ ଉପସାଗରରେ ଗୁରୁବାର ବାର୍ବାଡୋସ୍‌ର ଏକ ଜାହାଜ ଉପରକୁ ସାମୁଦ୍ରିକ ଲୁଟେରା ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଉକ୍ତ ଜାହାଜରେ ନିଆଁ ଲାଗିଯାଇଥିବା ବେଳେ ଏଥିରେ ଥିବା କିଛି କ୍ରିଉ ସଦସ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଆଡେନ୍ ଉପସାଗରରେ ସାମୁଦ୍ରିକ ସୁରକ୍ଷା ପାଇଁ ନିୟୋଜିତ ଥିବା ଆଇଏନ୍‌ଏସ୍ କୋଲକାତାକୁ ଏନେଇ ସୂଚନା ମିଳିବା ପରେ ଏହା ଘଟଣାସ୍ଥଳରେ ପହଞ୍ଚି ଜଣେ ଭାରତୀୟ ନାଗରିକଙ୍କ ସମେତ ଜାହାଜର ୨୧ ଜଣ କ୍ରିଉ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଉଦ୍ଧାର ହୋଇଥିବା କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବାବେଳେ, ଆଇଏନ୍‌ଏସ୍ କୋଲକାତାର ଚିକିତ୍ସା ଦଳ ଦ୍ୱାରା ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି।



କାଲ୍‌କାଟା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ଉପସ୍ଥିତ ଅଛନ୍ତି।

# ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମିକଣ୍ଡକ୍ଟର ପ୍ରଯୁକ୍ତି ତାଲିମ ଦେବ କେନ୍ଦ୍ର

ନୂଆଦିଲ୍ଲୀ,୭।୩

କେନ୍ଦ୍ର ସରକାର ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ସହଯୋଗରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସେମିକଣ୍ଡକ୍ଟର ପ୍ରଯୁକ୍ତି ପ୍ରଶିକ୍ଷଣ ଯୋଗାଇଦେବେ ବୋଲି ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି। ଏହା ବ୍ୟତୀତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସହ ଭାଗିଦାରୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସାଟେଲାଇଟ୍ ଭିତ୍ତିକ ଟେକ୍‌ନୋଲୋଜି ବ୍ୟବହାର ପାଇଁ ଯୋଜନା କରିଛି। ଅପହଞ୍ଚ ଆଦିବାସୀ ଅଞ୍ଚଳରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗରେ ଉନ୍ନତି ପାଇଁ ପାଇଲଟ୍ ଭିତ୍ତିରେ ଏହାକୁ ବ୍ୟବହାର କରାଯିବ। ସରକାର ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍) ଆରମ୍ଭ କରିଥିବାରୁ ଆଗାମୀ ବର୍ଷରେ ଏହି ଶିଳ୍ପରେ ବ୍ୟାପକ ନିଯୁକ୍ତି ସଯୋଗୁ ରହିଛି। ଡିଜିଟାଲ ଇଣ୍ଡିଆ କର୍ପୋରେଶନରେ ଆଇଏସ୍‌ଏମ୍ ଏକ ସ୍ୱତନ୍ତ୍ର ତଥା ସ୍ୱାଧୀନ ବ୍ୟବସାୟିକ ବିଭାଗ। ସେମିକଣ୍ଡକ୍ଟର ଉତ୍ପାଦନରେ ଭାରତକୁ ଏକ ବୈଶ୍ୱିକ କେନ୍ଦ୍ରରେ ପରିଣତ କରିବା ଏହାର ଲକ୍ଷ୍ୟ।

## ବେଙ୍ଗାଲୁରୁରେ ଜଳସଙ୍କଟ

# ଟାଙ୍କିଏ ପାଣିକୁ ୨,୦୦୦ ଟଙ୍କା

ବେଙ୍ଗାଲୁରୁ,୭।୩

କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ଉତ୍କଟ ଜଳସଙ୍କଟ ଦେଖାଦେଇଥିବାବେଳେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଭଳି ଜଳସଙ୍କଟ କେବେ ଦେଖାଦେଇ ନ ଥିଲା। ଏହାର ସୁଯୋଗ ନେଇ ମାଫିଆମାନେ ପାଣି ଟ୍ୟାଙ୍କର ଦାମ୍ ମନଇଚ୍ଛା ବଢ଼ାଇ ଦେଇଛନ୍ତି। ୧,୦୦୦ ଟଙ୍କାରେ ପୂର୍ବରୁ ମିଳୁଥିବା ଗୋଟିଏ ଟାଙ୍କି ପାଣି ଦାମ୍ ହଠାତ୍ ବଢ଼ି ୧,୫୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ କେତେକ ଅଞ୍ଚଳରେ ତାହା ସର୍ବାଧିକ ୨,୦୦୦ ଟଙ୍କାରେ ପହଞ୍ଚିଛି।

ବେଙ୍ଗାଲୁରୁରେ ଦୈନିକ ଜଳ ଆବଶ୍ୟକତା ୨,୬୦୦ରୁ ୨,୮୦୦ ଏମ୍‌ଏଲ୍‌ଡି (ଦିନକୁ ନିୟୁତ ଲିଟର) ହୋଇଥିବାବେଳେ ଏବେ ୧,୫୦୦ ଏମ୍‌ଏଲ୍‌ଡି କମ୍ ମିଳୁଛି। ସେପଟେ ଜଳାଭାବ ଦୂର କରିବା ପାଇଁ ସରକାର ବିକଳ୍ପ ସନ୍ଧାନରେ ରହିଛନ୍ତି। ଜଳ ପୁନଃଚକ୍ରଣ ଓ ଟ୍ରିଟ୍‌ମେଣ୍ଟ ପାଇଁ ଯୋଜନା ହେଉଛି। ଜଳସଙ୍କଟକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ସରକାର ଉପଯୁକ୍ତ ଜଳ ପରିଚାଳନା ପଦକ୍ଷେପ ନେବାରେ ବିଫଳ ହୋଇଥିବା ବିରୋଧୀ ଦଳ ଭାଜପା ଅଭିଯୋଗ କରିଛି। ସରକାର ସପ୍ତାହେ ମଧ୍ୟରେ ନିର୍ଣ୍ଣୟାତ୍ମକ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଅନ୍ୟପକ୍ଷରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ହେଲ୍ପଲାଇନ୍ ନମ୍ବର ଜାରି ହୋଇଥିବା ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। ଜଳାଭାବ ସ୍ଥିତିର ମୁକାବିଲା ପାଇଁ ସ୍ଥାନୀୟ ବିଧାୟକମାନଙ୍କ ନେତୃତ୍ୱରେ ଟାସ୍କଫୋର୍ସ ଗଠନ କରାଯାଇଛି। ମୋଟ ୨୩୬ ତାଲୁକ ମଧ୍ୟରୁ ୨୨୩ଟି ମରୁଡ଼ି ପ୍ରପୀଡ଼ିତ ହୋଇଥିବାବେଳେ ସେଥିରୁ ୨୧୯ଟି ତାଲୁକ ଉତ୍କଟ ଜଳାଭାବର ସମ୍ମୁଖୀନ ହୋଇଛନ୍ତି।

ବେଆଇନ ପାଣି ଟ୍ୟାଙ୍କର ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ହେବ ବୋଲି ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟ ଚେତାବନୀ ଦେବା ପରେ ବେଙ୍ଗାଲୁରୁ ଜିଲା ପ୍ରଶାସନ ଆଗାମୀ ୪ ମାସ ପାଇଁ ଘରୋଇ ଟ୍ୟାଙ୍କରଗୁଡ଼ିକ ନିମନ୍ତେ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ୫ କିଲୋମିଟର ମଧ୍ୟରେ ୬,୦୦୦ ଲିଟର ପାଣି ଟ୍ୟାଙ୍କର ୬୦୦ ଟଙ୍କାରେ ପାଣି ଯୋଗାଇବେ। ସେହିପରି ୮,୦୦୦ ଏବଂ ୧୨,୦୦୦ ଲିଟର ଟ୍ୟାଙ୍କର ଯଥାକ୍ରମେ ୭୦୦ ଏବଂ ୧,୦୦୦ ଟଙ୍କାରେ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୫ରୁ ୧୦ କିଲୋମିଟର ଦୂରତା ମଧ୍ୟରେ ୬,୦୦୦ ଲିଟର ପାଣିଟାଙ୍କି ୭୫୦ ଟଙ୍କାରେ ଏବଂ ୮,୦୦୦ ଓ ୧୨,୦୦୦ ଲିଟର ଟାଙ୍କି ଯଥାକ୍ରମେ ୮୫୦ ଓ ୧,୨୦୦ ଟଙ୍କାରେ ଉପଲବ୍ଧ ହେବ।




ବେଙ୍ଗାଲୁରୁର ଏକ ବସ୍ତି ଅଞ୍ଚଳରେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଛି।

## ଫୁର୍ସତ

# ମହିଳା ରିପୋର୍ଟରଙ୍କୁ ରୋବୋର ଅଶ୍ଳୀଳ ଆଚରଣ



**ରିୟାଧ:** ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ ଅସମ୍ଭବକୁ ସମ୍ଭବ କରାଯାଇପାରୁଛି। ଏହି କ୍ରମରେ ଏବେ ରୋବଟ୍‌ମାନେ ମଣିଷର ବିକଳ୍ପ ଭାବେ କେତେକ କ୍ଷେତ୍ରରେ କାର୍ଯ୍ୟ କରିପାରୁଛନ୍ତି। କିନ୍ତୁ ବହୁ ସମୟରେ ରୋବଟ୍‌ଗୁଡ଼ିକୁ ତିଆରି କରିବା ବେଳେ ମେଶିନ୍‌ରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ, ଯାହା ଦ୍ୱାରା ରୋବଟ୍ ଇଚ୍ଛା ବିପରୀତ କାମ କରିବାକୁ ଲାଗିଥାଏ। ସାଉଦି ଆରବରେ ପ୍ରସ୍ତୁତ ହୋଇଥିବା ପ୍ରଥମ ହ୍ୟୁମାନଏଡ୍ ରୋବଟ୍‌ର ମଧ୍ୟ ଏପରି କିଛି କାରନାମା ସାମ୍‌ନାକୁ ଆସିଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ଜୋର ଧରିଛି।

ସାଉଦି ଆରବର ପ୍ରଥମ ହ୍ୟୁମାନଏଡ୍ ରୋବଟ୍ 'ମହମଦ'ର ଉଦ୍‌ଘାଟନ ସମୟରେ ରିପୋର୍ଟ ସଂଗ୍ରହ କରିବାକୁ ଅନେକ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ଼ ଲାଗି ରହିଥିଲା। ଏହି ଅବସରରେ ଏକ ସ୍ଥାନୀୟ ବୈଦ୍ୟୁତିକ ଗଣମାଧ୍ୟମର ରିପୋର୍ଟର ରାବ୍ୟା କସିମ୍ ଉକ୍ତ ରୋବଟ୍‌କୁ କିଛି ପ୍ରଶ୍ନ କରିଥିଲେ। ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ ରୋବଟ୍‌ଟି ଉକ୍ତ ମହିଳା ରିପୋର୍ଟରଙ୍କୁ ଅସ୍ୱାଭାବିକ ଭାବେ ସ୍ପର୍ଶ କରିଥିଲା। ଏହି ଦୃଶ୍ୟ ଲାଇଭ୍ କ୍ୟାମେରାରେ କଏଦ୍ ହୋଇଯାଇଥିଲା। ଭିଡିଓରେ ରୋବଟ୍ 'ମହମଦ'ର ହାତ ଚାଳନାରୁ ସେ ରାବ୍ୟାଙ୍କ ସହ ଅଶ୍ଳୀଳ ଆଚରଣ କରୁଥିବା ଦର୍ଶାଇ ସାମାଜିକ ଗଣମାଧ୍ୟମରେ ଅନେକ ୟୁଜର୍ସ ଏହି ରୋବଟ୍‌ର ନିର୍ମାଣକାରୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି।

# ଛୁଆ ହାତୀର ହୋଲି ଖେଳ ପ୍ରସ୍ତୁତି



**ନୂଆଦିଲ୍ଲୀ:** ଚଳିତ ବର୍ଷର ହୋଲି ପର୍ବକୁ ଆଉ ଅଳ୍ପ କିଛି ଦିନ ବାକି ଅଛି। ଏହାରି ମଧ୍ୟରେ ଗୋଟିଏ ଛୁଆ ହାତୀ ହୋଲି ଉତ୍ସବରେ ଭାଗନେବା ପାଇଁ ଏବେଠାରୁ ଏକ ସ୍ୱତନ୍ତ୍ର ଉପାୟ ବାହାର କରିଛି। ଏପରି ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।

ଗୋଟିଏ ହାତୀ ଛୁଆ ଏକ ଧୂଳି ସ୍ଥାନରେ ଖେଳୁଥିବାର ଭିଡିଓ ଆଇଏଫ୍‌ଏସ୍ ଅଧିକାରୀ ସୁଶାନ୍ତ ନନ୍ଦା ନିଜ ଏକ୍ସ' ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ଭିଡିଓରେ ହାତୀ ଛୁଆଟି ଶୁଣ୍ଢ ସାହାଯ୍ୟରେ କିଛି ବାଲି ଆଣି ନିଜ ଶରୀରରେ ପକାଇ ଖେଳିବାରେ ଲାଗିଛି। ଏହି ଭିଡିଓଟିକୁ ପୋଷ୍ଟ କରି କ୍ୟାପ୍‌ସନ୍‌ରେ ଆଇଏଫ୍‌ଏସ୍ ଅଧିକାରୀ ଜଣଙ୍କ ଲେଖିଛନ୍ତି, ବୋଧହୁଏ ଛୁଆ ହାତୀଟି ହୋଲି ଖେଳିବାକୁ ଏବେଠାରୁ ପ୍ରସ୍ତୁତ ହେଉଛି। ଭାଇରାଲ ହେଉଥିବା ଏହି ଭିଡିଓ ଅନେକ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି। ଏପରି ଖେଳି ଛୁଆ ହାତୀଟି ଆନନ୍ଦ ଅନୁଭବ କରୁଥିବା କେତେଜଣ ୟୁଜର୍ସ ମତ ଦେଇଛନ୍ତି। ତେବେ ଭିଡିଓରେ ହାତୀ ଛୁଆ ନିକଟରେ ବନ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିବାରୁ ଏହି ଛୁଆ ହାତୀଟିର ସୁରକ୍ଷାକୁ ନେଇ ଅନେକ ୟୁଜର୍ସ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ଫିଲ୍ମ ନିର୍ଦ୍ଦେଶନାକୁ ଫେରିଲେ ଅନୁପମ୍



**ମୁମ୍ବାଇ:** ବଲିଉଡ୍‌ର ବରିଷ୍ଠ ଅଭିନେତା ଅନୁପମ୍ ଖେର୍ ସୋସିଆଲ୍ ମିଡିଆରେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବିଭିନ୍ନ ସାମାଜିକ ଏବଂ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ଥିବା ପ୍ରସଙ୍ଗରେ ସେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ନିଜର ଶାଣିତ ମତ ରଖିଥାନ୍ତି। ତେବେ ଗୁରୁବାର ଏହି ଭେଟେରାନ୍ ଅଭିନେତା ଜଣକ ନିଜର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ଏକ ବଡ ଘୋଷଣା କରିଛନ୍ତି। ନିକଟରେ ସେ ଏକ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଥିବା ଅନୁପମ କହିଛନ୍ତି। ସେ ନିଜ ମା'ଙ୍କ ଆଶୀର୍ବାଦ ଗ୍ରହଣ କରି ଏହି ଚଳଚ୍ଚିତ୍ରର ନାମ 'ତନ୍‌ଭି ଦି ଗ୍ରେଟ୍' ହୋଇଥିବା ସୂଚନା ଦେଇଛନ୍ତି। ଏନେଇ ଅନୁପମ୍ ଗୁରୁବାର ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସେ ଏହି ଚଳଚ୍ଚିତ୍ରର ସଫଳତା କାମନା କରି ତାଙ୍କ ମା'ଙ୍କ ଠାରୁ ଆଶୀର୍ବାଦ ନେଉଥିବାର ନଜର ଆସୁଛନ୍ତି। ଗତ ୩ ବର୍ଷ ଧରି ଏହି ଚଳଚ୍ଚିତ୍ରର କାହାଣୀ ଉପରେ ସେ କାର୍ଯ୍ୟ କରୁଥିବା ଅନୁପମ କହିଛନ୍ତି। ଶୁକ୍ରବାର ମହାଶିବରାତ୍ରିର ଶୁଭ ଅବସରରେ ଏହି ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହେବ ବୋଲି ସେ ନିଜ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। ତେବେ ଉକ୍ତ ଚଳଚ୍ଚିତ୍ରକୁ ଅନୁପମ୍ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଏଥିପାଇଁ ସେ ନିଜ ପ୍ରଶଂସକଙ୍କ ଠାରୁ ଆଶୀର୍ବାଦ ମଧ୍ୟ ଲୋଡ଼ିଛନ୍ତି। ଅନୁପମ୍ ପୂର୍ବରୁ ମଧ୍ୟ କିଛି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ବେଳେ, ଗତ କିଛି ବର୍ଷ ଧରି ସେ ଫିଲ୍ମ ନିର୍ଦ୍ଦେଶନାରୁ ଦୂରେଇ ରହିଥିଲେ। ୨୦୦୨ରେ ସେ ପ୍ରଥମ ଥର ପାଇଁ ଫିଲ୍ମ ନିର୍ଦ୍ଦେଶନା ଦେଇଥିଲେ।

# ବିଜୟଙ୍କ ପୁଅ ବିଜେଡିରେ

ଭୁବନେଶ୍ୱର,୭।୩(ଅନିଲ ଦାସ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଗୁରୁବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି।

କିଛିଦିନ ହେବ ଅରବିନ୍ଦ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଥିଲା। ସେ ବିଜେଡିରେ ଯୋଗଦେବା ପରେ ଏହି ଚର୍ଚ୍ଚାର ଅନ୍ତ ଘଟିଛି। ଅରବିନ୍ଦ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ୨୦୧୯ ନିର୍ବାଚନ ପରଠାରୁ ତାଙ୍କୁ ପାଟକୁରା ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ପାଟକୁରାରୁ ସେ ତାଙ୍କର ରାଜନୈତିକ କ୍ୟାରିୟର ଆରମ୍ଭ କରିବେ ବୋଲି ଚର୍ଚ୍ଚା ହେଉଛି।



ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅରବିନ୍ଦ ବିଜେଡିରେ ସାମିଲ ହୋଇଛନ୍ତି।

ଅରବିନ୍ଦ ନବୀନ ନିବାସରେ ପହଞ୍ଚି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥିଲେ। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜେଡିକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ସମୟରେ ନବୀନ ନିବାସରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମାହାଙ୍ଗା ବିଧାୟକ ପ୍ରତାପ ଜେନା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଆସି ଶଙ୍ଖ ଭବନରେ ଅରବିନ୍ଦ ବିଜେଡିରେ ଯୋଗଦେବା ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।

ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ରଙ୍କ ବିଜେଡି ଗଠନ ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ବିଜେଡି ସହ ସମ୍ପର୍କ ତିକ୍ତ ହେବା ପରେ ସେ ଭାଜପାରେ ଯୋଗ ଦେଇଥିଲେ। ତେବେ ଗତ କିଛି ବର୍ଷ ହେବ ବିଜୟଙ୍କୁ ଭାଜପାର କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ସୂଚନାଯୋଗ୍ୟ, କିଛିଦିନ ତଳେ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁଅ ତଥା ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଜେଡିରେ ଯୋଗ ଦେଇଛନ୍ତି।

## ସମ୍ଭାବ୍ୟ ମେଣ୍ଟକୁ ନେଇ ଚର୍ଚ୍ଚା

# ଶିବକୁମାର କିମ୍ବା ରେଭାନ୍ତ ଭଳି ନେତା ଥିଲେ

ଆସନ୍ତା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ। କିନ୍ତୁ ଓଡ଼ିଶାରେ ରାଜନୀତି ରୋଚକ ସ୍ତରରେ । ଚାରିଆଡ଼େ ଆଲୋଚନା ହେଉଛି ଏଠାରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହୋଇପାରେ। ସେଥିପାଇଁ ଉଭୟ ଦଳର ଆଶାୟୀ ଆଶଙ୍କାରେ। ଦୀର୍ଘବର୍ଷ ହେବ ନିଜ ଅଞ୍ଚଳରେ ସଙ୍ଗଠନ କରିଆସିଥିବା ଦୁଇ ଦଳର ଆଶାୟୀଙ୍କ ମଧ୍ୟରୁ କିଏ ଟିକେଟ ପାଇବେ, ସେନେଇ ସେମାନେ ସନ୍ଦିହାନ। ବୁଧବାର ସନ୍ଧ୍ୟାରେ ବିଜେଡି-ଭାଜପା ମେଣ୍ଟ ବିଷୟରେ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ହେବା ପରେ ତାହା ରାଜ୍ୟର କୋଣଅନୁକୋଣକୁ କ୍ଷିପ୍ର ବେଗରେ ବ୍ୟାପିଗଲା। ଗୁରୁବାର ଦିନତମାମ ଗୋଟେ କଥା ଚାଲିଲା ଉପରସ୍ତରରେ ବଡ଼ବଡ଼ିଆ ମେଣ୍ଟ ପାଇଁ କସରତ କରୁଛନ୍ତି, ହେଲେ ତଳସ୍ତରରେ ଉଭୟ ଦଳର କର୍ମୀ ପରସ୍ପରକୁ ଭରସିପାରୁ ନାହାନ୍ତି। କେତେ ଜଣ କହୁଥିବା ଶୁଣିବାକୁ ମିଳିଛି ଯେ, ଏଭଳି ସମୟରେ ଭୋଟ କଂଗ୍ରେସକୁ ଦେଇଦେଲେ ସେମାନେ ପାନେ ପାଆନ୍ତେ। ହେଲେ ଆଉ କିଛି କହିବାକୁ ପଛାଇ ନ ଥିଲେ ଯେ ଏଠି କଂଗ୍ରେସର ସେଭଳି ନେତା କାହାନ୍ତି, ଯାହାଙ୍କୁ ଦେଖି ଭୋଟର ଇଭିଏମ୍ ସୁଇଚ୍ ଟିପିବେ। କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର କିମ୍ବା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀଙ୍କ ଭଳି ନେତା ଥିଲେ, ଭୋଟଗୁଡ଼ା କଂଗ୍ରେସମୁହାଁ ହୋଇଥାଆନ୍ତା। କିନ୍ତୁ ଏଠାରେ କଂଗ୍ରେସ କହିଲେ ନିରଞ୍ଜନ ଓ ଶରତଙ୍କୁ ବୁଝାଯାଏ, ଯେଉଁମାନେ ସାଧାରଣ ଲୋକଙ୍କଠାରେ ଆଦୌ ଗ୍ରହଣୀୟ ହୋଇପାରୁନାହାନ୍ତି।

# କୌଣସି 'ବି' ନୁହେଁ, 'ସି'

ରାଜ୍ୟରେ ଆସନ୍ତା ନିର୍ବାଚନ ପାଇଁ ବିଜେଡି ଏବଂ ଭାଜପା ମଧ୍ୟରେ ମେଣ୍ଟ ସମ୍ଭାବନାକୁ ନେଇ ନାନା ଆଲୋଚନା ହେଉଛି। ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ଏକାଠି ଲଢ଼ିବାକୁ ଅନେକେ ନାପସନ୍ଦ କରି ସୋସିଆଲ ମିଡିଆରେ ମନ୍ତବ୍ୟ ଦେଉଛନ୍ତି। ଏଭଳି ସମ୍ଭାବ୍ୟ ମେଣ୍ଟକୁ କେହି କେହି ଚୋର-ପୋଲିସ ମେଣ୍ଟ ଆଖ୍ୟା ଦେଉଥିବାବେଳେ କିଏ କିଏ କହୁଛନ୍ତି, ଏହା ମେଣ୍ଟ ନୁହେଁ, ପରସ୍ପର ମଧ୍ୟରେ ଆତ୍ମସମର୍ପଣ। ସେହିପରି ଅନେକେ ମନ୍ତବ୍ୟ ଦେଉଛନ୍ତି ଯେ ଏଥର ନିର୍ବାଚନରେ କୌଣସି 'ବି' (ବିଜେଡି, ବିଜେପି) ନୁହେଁ, 'ସି' (କଂଗ୍ରେସ)କୁ ପସନ୍ଦ କରିବୁ। କଂଗ୍ରେସ ହିଁ ଶାସକ ଦଳର ବିକଳ୍ପ ହୋଇପାରିବ ବୋଲି ସେମାନେ କହୁଛନ୍ତି।

# କଂଗ୍ରେସରେ ସମ୍ବଲପୁର, କେନ୍ଦ୍ରାପଡାର ବହୁ ଯୁବ ନେତା

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନମଣ୍ଡଳୀର ଯୁବନେତା ତଥା ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଦିଲୀପ କୁମାର ଦୁରିଆ, ରେଙ୍ଗାଲି ପରିଷଦର ସଭାପତି କିରଣ ଜୟପୁରିଆଙ୍କ ସମେତ ଶତାଧିକ ସମର୍ଥକ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ବିଜେଡି ଓ ଭାଜପା ମଧ୍ୟରେ ହେଉଥିବା ଅସାଧୁ ମେଣ୍ଟ ସମ୍ପର୍କରେ ମତଦେଇ କହିଛନ୍ତି , ଏ ମେଣ୍ଟ ରାଜ୍ୟର ସ୍ୱାର୍ଥ ବିରୋଧୀ। ବିଜେଡି ଓ ଭାଜପା ନିଜର ରାଜନୈତିକ ଲାଭ ଉଦ୍ଦେଶ୍ୟରେ ଏହା ପ୍ରଣୋଦିତ। ରାଜ୍ୟର ଜନସାଧାରଣଙ୍କୁ ଧୋକାଦେଇ ଉଭୟ ଦଳ ମେଣ୍ଟ ମାଧ୍ୟମରେ ଯେଉଁ ଲାଭ ପାଇବା ପାଇଁ ଉଦ୍ୟମ କରୁଛନ୍ତି ତାହା ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ। ଏ ମେଣ୍ଟ ଓଡ଼ିଶାର ଖଣି, ପାଣି ଜଙ୍ଗଲ ଜମିକୁ ଲୁଟ କରିବା ଓ ରାଜ୍ୟକୁ ଅଣଓଡ଼ିଆଙ୍କ ହାତରେ ଟେକିଦେବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ଅନ୍ୟପଟେ କେନ୍ଦ୍ରାପଡ଼ା ଜିଲାରେ କଂଗ୍ରେସ ତା'ର ସଙ୍ଗଠନ ସୁଦୃଢ଼ କରିବାରେ ଲାଗିଛି। ଏହି କ୍ରମରେ ବିଜେଡି ଯୁବନେତା ତଥା ଜିଲା ବିଜେଡି ଉପସଭାପତି, ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ପିସିସି ସଭାପତିଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ତାଙ୍କ ଶତାଧିକ ସମର୍ଥକଙ୍କ ସହ ଦଳରେ ବିଧିବଦ୍ଧ ଭାବରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ପିସିସି ସଭାପତି ସ୍ୱାଗତ କରିଛନ୍ତି।

# ସମ୍ବଲପୁର ଭାଜପାରେ ବଢୁଛି କନ୍ଦଳ

ସମ୍ବଲପୁର,୭।୩(ପ୍ରମୋଦ ବହିଦାର)

ଭାଜପା ଗଡ଼ ଭାବେ ପରିଚିତ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ଅନ୍ତଃକନ୍ଦଳ ପଦାକୁ ଆସିଛି। ଦୁଇ ପ୍ରଭାରୀଙ୍କ ଉପସ୍ଥିତିରେ ବୁଧବାର ରାତିରେ ଜିଲା ଭାଜପା କାର୍ଯ୍ୟାଳୟରେ ଅପ୍ରତ୍ୟାଶିତ ଭାବେ ଏଭଳି ଏକ ସ୍ଥିତି ସୃଷ୍ଟି ହୋଇଥିବା ବିଷୟ ଗୁରୁବାର ଜଣାପଡ଼ିବା ପରେ ବିଭିନ୍ନ ପ୍ରକାର ଆଲୋଚନା ଚାଲିଛି।

ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ହେଉଥିବା ବେଳେ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀର ୭ଟି ଯାକ ବିଧାନସଭା କ୍ଷେତ୍ରରେ ଭାଜପାର ପ୍ରାର୍ଥୀ ଚୟନ ପାଇଁ ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ଚାଲିଥିଲା ଆଲୋଚନା। ଏଥିରେ ଜିଲାସ୍ତରୀୟ ଶୀର୍ଷ ନେତା ଉପସ୍ଥିତ ଥିବା ବେଳେ ଭାଜପାର ଦୁଇ ପ୍ରଭାରୀ ଗୋଲକ ମହାପାତ୍ର ଓ ସୁରେଶ୍ୱର ଶତପଥୀ ଯୋଗଦେଇଥିଲେ। ଲକ୍ଷ୍ୟଥିଲା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ। ସବୁ ଠିକ୍‌ଠାକ୍ ଚାଲିଥିଲା। ସର୍ବପ୍ରଥମେ ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହାବାଦ୍ ରେଙ୍ଗାଲିରେ ନାଉରୀ ନାୟକ, ଦେବଗଡ଼ରେ ସୁବାସ ପାଣିଗ୍ରାହୀ, ଆଠମଲ୍ଲିକରେ ସଞ୍ଜୀବ ସାହୁ, କୁଚିଣ୍ଡାରେ ରବି ନାୟକ, ଛେଣ୍ଡିପଦା ପାଇଁ ଅଗସ୍ତି ନାୟକଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ତେବେ ରେଢ଼ାଖୋଲ ଆସନରେ ପ୍ରାର୍ଥିତ୍ୱ ପାଇଁ ଦେବେନ୍ଦ୍ର ମହାପାତ୍ରଙ୍କ ନାମକୁ କେତେଜଣ ସମର୍ଥକ ପ୍ରସ୍ତାବ ଦେଇଥିଲେ, ଯାହା ବିଚାରାଧୀନ ରହିଛି। ଅନୁରୂପ ଭାବେ ମର୍ଯ୍ୟାଦାଜନକ ସମ୍ବଲପୁର ବିଧାନସଭା ଆସନ ପାଇଁ ପ୍ରାର୍ଥିତ୍ୱକୁ ନେଇ ଆଲୋଚନା ସମୟରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲଙ୍କ ସମର୍ଥକମାନେ ଦୃଢ଼ ବିରୋଧ କରିଥିଲେ। ଫଳରେ ବୈଠକରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଉଭୟ ପ୍ରଭାରୀଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଉତ୍ତେଜନା ପ୍ରଶମିତ ହୋଇଥିଲେ ହେଁ ପ୍ରାର୍ଥିତ୍ୱ ଚୟନ ହୋଇପାରି ନ ଥିଲା।

ସୂଚନାଯୋଗ୍ୟ, ଗିରିଶ ସମ୍ବଲପୁର ବିଧାୟକ ଜୟନାରାୟଣଙ୍କ ଏକାନ୍ତ ଅନୁଗତ ଥିଲେ। ମାତ୍ର ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ଅନୁପସ୍ଥିତିରେ ଗିରିଶ ଏଠାରେ ଏକାକୀ ସଭାସମିତି ଜରିଆରେ ନିଜର ପ୍ରାର୍ଥିତ୍ୱ ଜାହିର କରିବାରେ ଲାଗିଛନ୍ତି। ଅପରପକ୍ଷେ କିଛିଦିନ ତଳେ ଜୟନାରାୟଣଙ୍କ ଝିଅ ଶୁଭଶ୍ରୀଙ୍କୁ ଦଳରେ ଦେଖିବାକୁ ମିଳିବା ପରେ କେତେଜଣ ନେତା ଅସନ୍ତୋଷ ବ୍ୟକ୍ତ କରି ଦଳତ୍ୟାଗ କରିଥିଲେ। ସେହିପରି ସ୍ୱାସ୍ଥ୍ୟଗତ କାରଣରୁ ଜୟନାରାୟଣ ମଧ୍ୟ ତାଙ୍କ ଝିଅଙ୍କ ପାଇଁ ଲବି କରୁଥିବା ଚର୍ଚ୍ଚା ହୋଇଥିଲା। ତେବେ ଶିବରାତ୍ରି ଉପଲକ୍ଷେ ଜୟନାରାୟଣଙ୍କ ପକ୍ଷରୁ ଅଭିନନ୍ଦନ ବାର୍ତ୍ତାର ଏକ ବ୍ୟାନରରେ ଭାଜପାର ଅନ୍ୟାନ୍ୟ ଶୀର୍ଷ ନେତୃବର୍ଗଙ୍କ ସହିତ ଜୟନାରାୟଣଙ୍କ ଝିଅଙ୍କ ଫଟୋ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ଏ ନେଇ ୨୦୨୩ ଡିସେମ୍ବର ୧୫ ସଂସ୍କରଣରେ ଧରିତ୍ରୀରେ 'ଜୟନାରାୟଣଙ୍କ ଅନୁଗତ ଏବେ ଆଶାୟୀ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏବେ ଏହା ସମ୍ବଲପୁର ଭାଜପାର ଅନ୍ତଃକନ୍ଦଳରୁ ସତ୍ୟ ପ୍ରମାଣିତ କରିଛି।

# କଂଗ୍ରେସ ନିର୍ବାଚନ ପରିଚାଳନା ଆବାହକ ହେଲେ ପ୍ରସାଦ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ଆସନ୍ତା ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଦଳ ପକ୍ଷରୁ ନିର୍ବାଚନ ପରିଚାଳନାର ଆବାହକ ଭାବେ ନିଯୁକ୍ତ କରାଯାଇଛି। ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏନେଇ ଦଳର ପ୍ରଭାରୀ ଅଜୟ କୁମାରଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ପ୍ରସାଦ ହରିଚନ୍ଦନ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ୱାର୍ ରୁମ୍ କାର୍ଯ୍ୟକୁ ଭଲ ଭାବେ ଯୋଗାଯୋଗ କରିବା ସହ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବେ। 'ପ୍ରଗମନ'ର ଦୁଇଟି ପର୍ଯ୍ୟାୟକୁ ଶେଷ କରିବେ। ଏହାସହ ଦଳ ପକ୍ଷରୁ ଯେଉଁସବୁ ରାଜନୈତିକ କାର୍ଯ୍ୟକ୍ରମ କରାଯିବ, ତାହାକୁ ଠିକ୍‌ଭାବେ ପରିଚାଳନା କରିବା ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସମାନ ଚିଠି ଇ-ମେଲ୍ ଯୋଗେ ଏଆଇସିସି ସାଧାରଣ ସମ୍ପାଦକ କେ.ସି ଭେଣୁଗୋପାଳ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦିଆଯାଇଛି।

# ରାଜ୍ୟ ଟାଏକୋଣ୍ଡୋ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହେଲେ ଏହେସାସ

ଅମରପାଲି,୭।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଯୁବକ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ କ୍ରୀଡାବିତ, କୋଚ ଏହେସାସ ହୋତା ରାଜ୍ୟ ଟାଏକୋଣ୍ଡୋ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ପୁରୀ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବାର୍ଷିକ ସଭା ତଥା ନିର୍ବାଚନରେ ଏହେସାସ ନିର୍ବାଚିତ ହୋଇଛନ୍ତି। ଜାତୀୟ ଟାଏକୋଣ୍ଡୋ ସଂଘ(ଟିଏଫଆଇ) ପକ୍ଷରୁ ଦିଲ୍ଲୀ ଟାଏକୋଣ୍ଡୋ ସଂଘର ଯୁଗ୍ମ ସଂପାଦକ ଅଜୟ କୁମାର ଦଲାଲଙ୍କୁ ଏହି ନିର୍ବାଚନ ପରିଚାଳନା ତଥା ତଦାରଖ ଦାୟିତ୍ୱ ଦିଆଯାଇଥିଲା। ଓଟିଏ ବାଇ-ଲ ଅନୁସାରେ ୧୬ ଗୋଟି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଘୋଷଣା କରାଯାଇଥିଲା । ଏହି ନିର୍ବାଚନରେ ବ୍ୟୋମକେଶ ଅଭିଳାଷ ପ୍ରସାଦ ସଭାପତି ଏବଂ ମନମୋହନ ଭଞ୍ଜ ସାଧାରଣ ସଂପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରେ ଯୁବ କ୍ରୀଡାବିତ ଏହେସାସ ହୋତା ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କୁ ସ୍ୱାଗତ




କରାଯିବା ସହ ଆଗାମୀ ଦିନରେ ଓଡ଼ିଶାରେ କିଭଳି ଟାଏକୋଣ୍ଡୋର ପ୍ରଚାର ପ୍ରସାର ଦିଗରେ କାମ କରାଯିବ ସେନେଇ ଏହି ସଭାରେ ଗୁରୁତ୍ୱ ଦିଆଯାଇଥିଲା। ଏବେ ଏହେସାସ ରାଜ୍ୟ ଟାଏକୋଣ୍ଡୋ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ସୁବର୍ଣ୍ଣପୁର ଜିଲାର କ୍ରୀଡାବିତ ମହଲରେ ଖୁସିର ମାହୋଲ ଖେଳିଯାଇଛି । ଏହାଛଡା ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ୧୦, ୨୦ ବଦଳରେ ଲୋକେ କିଣୁଛନ୍ତି ୫୦ଟଙ୍କିଆ ଷ୍ଟାମ୍ପ୍ ପେପର

ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)

- ଆଗରୁ ବନ୍ଦ ଥିଲା ୧,୨ ଓ ୫ ଟଙ୍କିଆ, ଏବେ ୧୦, ୨୦ ବନ୍ଦ
- ଚଢ଼ାଦରରେ କିଣୁଛନ୍ତି ଲୋକେ

ସୁବର୍ଣ୍ଣପୁର ଜିଲା କୋଷାଗାର କାର୍ଯ୍ୟାଳୟ ପକ୍ଷରୁ ବର୍ଷେ ହେଲା ଏକ, ଦୁଇ ଓ ପାଞ୍ଚ ଟଙ୍କିଆ ନନ୍ ଜୁଡିସିଆଲ ଷ୍ଟାମ୍ପ୍ ପେପର ଯୋଗାଇବା ବନ୍ଦ କରି ଦିଆ ଯାଇଥିଲା। ଗତ ତିନି ମାସ ଧରି ଦଶ ଟଙ୍କିଆ ଷ୍ଟାମ୍ପ୍ ପେପର ମଧ୍ୟ ଯୋଗାଇବା ବନ୍ଦ କରି ଦିଆଯାଇଛି। ଏବେ ପୁଣି ଦୁଇ ମାସ ହେବ କୋଡିଏ ଟଙ୍କିଆ ଷ୍ଟାମ୍ପ ପେପର ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ କଚେରିରେ ବସୁଥିବା ଭେଣ୍ଡରମାନଙ୍କ ନିକଟରୁ ଷ୍ଟାମ୍ପ ପେପର ମିଳୁନାହିଁ। ଲୋକମାନଙ୍କର ଦଶ ଓ କୋଡିଏ ଟଙ୍କିଆ ଷ୍ଟାମ୍ପ୍ ପେପର ଆବଶ୍ୟକ ଥିଲେ ବି ମିଳୁନଥିବା ଯୋଗୁ ପଚାଶ ଟଙ୍କିଆ ଓ ଶହେ ଟଙ୍କିଆ ଷ୍ଟାମ୍ପ ପେପର ବାଧ ହୋଇ ନେବାକୁ ପଡୁଛି। ଏହାକୁ ନେଇ ସାଧାରଣ ଲୋକଙ୍କ ସମେତ ଓକିଲ, ମୋହରିର ଓ ଭେଣ୍ଡରମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ କୋର୍ଟର ସତ୍ୟପାଠ, ନୋଟାରୀ ସତ୍ୟପାଠ, ବ୍ୟାଙ୍କ୍ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଚୁକ୍ତିନାମା ପ୍ରଭୃତିରେ ଷ୍ଟାମ୍ପ୍ ପେପରର ଆବଶ୍ୟକତା ରହିଛି। ସେହିଭଳି ତହସିଲ, ବନ୍ଦୋବସ୍ତ ଓ ଅନ୍ୟାନ୍ୟ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ପାଇଁ ଷ୍ଟାମ୍ପ ପେପର ଓ କୋର୍ଟ ଫି ଆବଶ୍ୟକ ହୋଇଥାଏ। ମାତ୍ର ଏକ ଟଙ୍କା, ଦୁଇ ଟଙ୍କା ଓ ପାଞ୍ଚ ଟଙ୍କା ଷ୍ଟାମ୍ପ ପେପର ଗତ ବର୍ଷେ ହେଲା ମିଳୁ ନଥିଲା। ଯାହା ବି ମିଳୁଥିଲା ତାହା ଚଢା ଦରରେ ବିକ୍ରି ହେଉଥିଲା। ଏବେ ଦଶ ଟଙ୍କିଆ ଓ ୨୦ ଟଙ୍କିଆ ଷ୍ଟାମ୍ପ ପେପର ମଧ୍ୟ ମିଳୁନଥିବା ଅଭିଯୋଗ ହେଉଛି। ସୁବର୍ଣ୍ଣପୁର ସହରରେ ଭେଣ୍ଡର ନଥିବା ବେଳେ ଜିଲାର ବ୍ଲକ ଅଞ୍ଚଳରୁ ଆସି ଭେଣ୍ଡରମାନେ ଏଠାରେ ଷ୍ଟାମ୍ପ ପେପର ବିକ୍ରି କରୁଛନ୍ତି। ବର୍ତ୍ତମାନ ସୁବର୍ଣ୍ଣପୁର କୋଷାଗାର ପକ୍ଷରୁ ଭେଣ୍ଡରମାନଙ୍କୁ କେବଳ ପଚାଶ ଟଙ୍କିଆ ଓ ଶହେ ଟଙ୍କିଆ ଷ୍ଟାମ୍ପ ପେପର ଯୋଗାଇ ଦିଆଯାଉଛି। ଫଳରେ ଏକରୁ ଦଶ ଟଙ୍କିଆ ଷ୍ଟାମ୍ପରେ ଯେଉଁ କାର୍ଯ୍ୟ ହୋଇ ଯାଉଥିଲା, ବର୍ତ୍ତମାନ ପଚାଶ ଟଙ୍କିଆ ଷ୍ଟାମ୍ପ କିଣି ଲୋକମାନେ ସେହି କାର୍ଯ୍ୟ କରୁଛନ୍ତି। ଉଦାହରଣ ସ୍ୱରୂପ ଏଗ୍ରିମେଣ୍ଟ ଓ ଆଫିଡେଭିଟ୍ ପାଇଁ ଗୋଟିଏ ଦଶ ଟଙ୍କିଆ ଓ ଏକ ଟଙ୍କିଆ ଷ୍ଟାମ୍ପ୍‌ରେ କାର୍ଯ୍ୟ ହେଉଥିଲା। ଟଙ୍କାକିଆ ଓ ଦଶ ଟଙ୍କିଆ ଷ୍ଟାମ୍ପ ନ ମିଳିବାରୁ କୋଡିଏ ଟଙ୍କିଆ ଷ୍ଟାମ୍ପ୍‌ରେ ଲୋକମାନେ ଏହି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ କୋଡିଏ ଟଙ୍କିଆ ଷ୍ଟାମ୍ପ ବନ୍ଦ ହୋଇଯିବା ପରେ ଏହି ସବୁ କାର୍ଯ୍ୟ ପାଇଁ ଲୋକମାନଙ୍କୁ ପଚାଶ ଟଙ୍କିଆ ଷ୍ଟାମ୍ପ କିଣିବାକୁ ପଡୁଛି। ସେହିପରି କୋଡିଏ ଟଙ୍କିଆ ଷ୍ଟାମ୍ପ୍ ପେପର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଠାରେ ସତ୍ୟପାଠରେ ଏବଂ ଗ୍ୟାସ ଏଜେନ୍ସିଗୁଡିକର ବିଭିନ୍ନ ଅଫିସିଆଲ୍ କାର୍ଯ୍ୟରେ ଲାଗିଥାଏ। ବର୍ତ୍ତମାନ ଜିଲା କୋଷାଗାର ଏହି କୋଡିଏ ଟଙ୍କିଆ ଷ୍ଟାମ୍ପ୍ ପେପର ଯୋଗାଇବା ବନ୍ଦ କରିବାରୁ ଲୋକମାନେ ବାଧ ହୋଇ ପଚାଶ ଟଙ୍କିଆ ଓ ଶହେ ଟଙ୍କିଆ ଷ୍ଟାମ୍ପ୍ ପେପର ଉପରୋକ୍ତ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏହିଭଳି ବିଭିନ୍ନ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଷ୍ଟାମ୍ପ୍ ପେପରଗୁଡିକୁ ରାଜ୍ୟ କୋଷାଗାର ପକ୍ଷରୁ ଏହି ଜିଲାକୁ ଯୋଗାଇ ଦିଆଯାଇ ନଥିବା ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଭେଣ୍ଡରମାନେ କୁହନ୍ତି , ମିଳୁ ନଥିବା ଷ୍ଟାମ୍ପଗୁଡିକ ପାଇଁ ଲୋକଙ୍କ ସହିତ ଆମର ବାରମ୍ବାର ଯୁକ୍ତିତର୍କ ହେଉଛି। ଲୋକମାନଙ୍କ ଧାରଣା ଭେଣ୍ଡରମାନେ ପଚାଶ ଟଙ୍କିଆ ଷ୍ଟାମ୍ପ୍ ବିକ୍ରି କରିବା ପାଇଁ ଏକରୁ କୋଡିଏ ଟଙ୍କା ଷ୍ଟାମ୍ପ୍ ପେପର ଜାଣିଶୁଣି ଦେଉ ନାହାନ୍ତି। ମାତ୍ର ପ୍ରକୃତରେ ଜିଲା କୋଷାଗାର ପକ୍ଷରୁ ସେଗୁଡିକ ଭେଣ୍ଡରମାନଙ୍କୁ ଯୋଗାଇ ଦିଆଯାଉ ନାହିଁ। ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କୁହନ୍ତି, ପୂର୍ବରୁ ଦଶ ଟଙ୍କିଆ ଓ କୋଡିଏ ଟଙ୍କିଆ ଷ୍ଟାମ୍ପ୍ ପେପର ଆବଶ୍ୟକ ଅନୁଯାୟୀ ଆସୁନଥିଲା। ଏବେ ଜିଲା କୋଷାଗାର ପକ୍ଷରୁ ଭେଣ୍ଡରଙ୍କୁ ସେଗୁଡିକ ଯୋଗାଇ ଦିଆ ଯାଉଥିଲେ ମଧ୍ୟ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ଲୋକମାନେ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପକ୍ଷେ ଲୋକଙ୍କ ନିକଟରୁ ଷ୍ଟାମ୍ପ ପେପର ପ୍ରତି ୨୦ ରୁ ୩୦ ଟଙ୍କା ଅଧିକ ନିଆଯାଉଛି। ଏବାବଦରେ ଜିଲା କୋଷାଗାରର ଅତିରିକ୍ତ ଅଧିକାରୀ ତ୍ରିବିକ୍ରମ କୁମୁରା କୁହନ୍ତି, ରାଜ୍ୟ ମୁଖ୍ୟାଳୟରୁ ଏକ, ଦୁଇ ଓ ପାଞ୍ଚ ଟଙ୍କିଆ ଷ୍ଟାମ୍ପ୍ ପେପର ଯୋଗାଣ ହେଉନି। ତେବେ ଦଶ ଓ କୋଡିଏ ଟଙ୍କିଆ ଷ୍ଟାମ୍ପ୍ ପେପର କୋଷାଗାର ପକ୍ଷରୁ ଭେଣ୍ଡରମାନଙ୍କୁ ଯୋଗାଇ ଦିଆଯାଉଛି।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ବାଉଁଶୁଣୀ,୭।୩(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବହିରା ପଞ୍ଚାୟତ ପୁରୁଣା ବହିରା ଗ୍ରାମରେ ଦୀର୍ଘ ଦିନ ହେଲା ପାଣି ସମସ୍ୟା ଲାଗି ରହିଛି। ରାସ୍ତା ସମସ୍ୟା ମଧ୍ୟ ରହିଛି। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗୁରୁବାର ସମାଜସେବୀ ସୁଶାନ୍ତ ବାଘଙ୍କ ନେତୃତ୍ୱରେ ବୌଦ୍ଧ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ। ସେହିପରି ହର ଘର ନଳ ଯୋଜନାରେ ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଥିଲେ ମଧ୍ୟ ଦୀର୍ଘ ଦୁଇବର୍ଷ ହେବ ଘର ସମ୍ମୁଖରେ ଷ୍ଟାଣ୍ଡ ପୋଷ୍ଟ ଲାଗିଛି, ହେଲେ ପାଣି ଆସୁନାହିଁ । ଅନ୍ୟ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଣ ହେଉଥିଲେ ହେଁ ପୁରୁଣା ବହିରା ଗ୍ରାମକୁ ଏପର୍ଯ୍ୟନ୍ତ ପାଣି ଆସିନାହିଁ। ଖରାତାତି ବଢିବା ଯୋଗୁ ଗ୍ରାମରେ ପାନୀୟ ଜଳସଙ୍କଟ ଉତ୍କଟ ହୋଇପଡିଛି। ପାନୀୟ ଜଳ ସମସ୍ୟା ନଳକୂପ ଦ୍ୱାରା ଠିକ୍‌ରେ ପୂରଣ ହୋଇ ପାରୁନାହିଁ। ଜିଲା ପ୍ରଶାସନ ଯଥାଶୀଘ୍ର ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଦ୍ୱିତୀୟ ଏକତା ମହୋତ୍ସବ ଉଦ୍‌ଯାପିତ

# ଶେଷ ହେଲା ଜଳନ୍ଧର ଦରବାର

ଅମରପାଲି,୭।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର କଦଳିପାଲି ଛକରେ ହେଉଥିବା ବିଶ୍ୱଶାନ୍ତି ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମହାକୁମ୍ଭ ଦ୍ୱିତୀୟ ଏକତା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହା ସହିତ ଉକ୍ତ ମହୋତ୍ସବ ଅବସରରେ ହେଉଥିବା ଜଳନ୍ଧର ଦରବାର ଜଳନ୍ଧର ବଧରେ ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜକ ସଭାପତି ପାଣିନୀ ପ୍ରଜ୍ଞା ଅଧକ୍ଷତା କରିଥିଲେ। ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ନାରାୟଣ ଅଗ୍ରୱାଲା, ସୁମନ ମିଶ୍ର, ଲୋକପ୍ରିୟ ଆଲବମ ନିର୍ଦ୍ଦେଶକ ତଥା ଅଭିନେତା ପ୍ରମୋଦ ମହାପାତ୍ର , ଚର୍ଚ୍ଚିତ ୟୁଟ୍ୟୁବର ଅନୁ ସାହୁ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବାଦଲ ହୋତା ଓ ଇରାଦତ



ଜଳଧର ଦରବାରର ଏକ ଦୃଶ୍ୟ।

ଖାନ ମଞ୍ଚ ପରିଚାଳନା କରିଥିବା ବେଳେ ପବିତ୍ର କର୍ମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତ୍ୟହ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିବା ଜଳନ୍ଧର ଦରବାରରେ ଲୀଳା ନାଟକ ପରିବେଷଣ ହୋଇଥିଲା। ନାଟ୍ୟାଭିକ୍ରମରେ ବୃନ୍ଦାବତୀଙ୍କ ଲକ୍ଷ୍ମୀ ନାରାୟଣଙ୍କୁ ପୂଜାର୍ଚ୍ଚନା, ମର୍ତ୍ତ୍ୟ ବୈକୁଣ୍ଠ ପ୍ରତିଷ୍ଠା, ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଜଳନ୍ଧରଙ୍କ କୈଳାଶପୁର ଆକ୍ରମଣ, ଜଳନ୍ଧର ବଧ ଆଦି ପରିବେଷଣ ହୋଇଥିଲା। ବରଗଡର ବଟକୃଷ୍ଣ ସାହୁ ଜଳନ୍ଧର ଭୂମିକାରେ ଅଭିନୟ କରୁଥିଲେ। ଏହାସହିତ ଶୁକ୍ରାଚାର୍ଯ୍ୟ ଭୂମିକାରେ ସୁଶିଲ ନାଏକ, ଶମ୍ଭୁଦୈତ୍ୟ ଭୂମିକାରେ ବିପ୍ଳବ ପ୍ରଧାନ, ଭସ୍ମାର ଦୈତ୍ୟ ପିଣ୍ଟୁ ସାହୁ, ବଜ୍ରାଙ୍ଗ ଦୈତ୍ୟ ଗୋଲ ବଦନ ସେଠ, କାଳନେମି ବିଜୟ ପଣ୍ଡା, ନାରଦ ଲିଙ୍ଗରାଜ ଦାସ, ମନ୍ତ୍ରୀ ଶିବ ଦାସ, ସେନାପତି ବିମଳ ମହାପାତ୍ର ଏବଂ ବୃନ୍ଦାବତୀ ଭୂମିକାରେ ମୁନୁ ମେହେର ପ୍ରମୁଖ ଅଭିନୟ କରିଥିଲେ। ସେମାନଙ୍କ ବଳିଷ୍ଠ ଅଭିନୟ ସାଙ୍ଗକୁ ସ୍ଥାନୀୟ କଳାକାରଙ୍କ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଶେଷ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ କଣ୍ଠଶିଳ୍ପୀ ଶାନ୍ତନୁ ସାହୁ , ଶୀତଳ ସାହୁ ଓ ପାଣିନୀ ପ୍ରାଜ୍ଞ ସାଂସ୍କୃତିକ ଏକାଡେମୀର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ଗୀତ ପରିବେଷଣ ହୋଇଥିଲା । ୪ ଦିନ ଧରି ହୋଇଥିବା ଉକ୍ତ ମହୋତ୍ସବର ପ୍ରାରମ୍ଭରେ କଳସ ଶୋଭାଯାତ୍ରା କରାଯାଇଥିଲା। ପ୍ରତ୍ୟହ ବିଶ୍ୱଶାନ୍ତି ଯଜ୍ଞ ଓ ହୋମ କରାଯାଉଥିଲା। ଏକତା ଗ୍ରୁପର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୩ ପୃଥକ୍ ଚୋରି ଘଟଣା: ୩ କୋର୍ଟ ଚାଲାଣ

ଖଡ଼ିଆଲ,୭।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ପୋଲିସ ୩ଟି ପୃଥକ୍ ଚୋରି ଘଟଣାରେ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ୩ଜଣ ହେଲେ ସୋନୁ ମାଝି, ଲାଲବହାଦୁର ଶବର ଓ ମାନବରଞ୍ଜନ ତାଣ୍ଡି। ଖଡ଼ିଆଲ ଥାନା ଅନ୍ତର୍ଗତ ମୋଟରସାଇକେଲ ଚୋରି ଅଭିଯୋଗରେ ସୋନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋନୁ ବୁଧବାର ସକାଳେ ଇକୋ ଏକ୍ସପ୍ରେସ ଅଫିସର ପାଖରେ ଥିବା ଆଜାରଉଦ୍ଦିନ ଖାନଙ୍କ ଖଡ଼ିଆଲ ଲାଲସାହେବପଡାର ମୋଟରସାଇକେଲ ଚୋରି କରି ନେଇଥିବା ବେଳେ ଚିନ୍ଦାଗୁଡା ଗ୍ରାମରୁ ତାହା ଉଦ୍ଧାର ହୋଇଛି। ସେହିପରି ଅନ୍ୟ ଧାନ ଚୋରି ଘଟଣାରେ ଅନ୍ୟ ୨ ଯୁବକ ଶବର ଓ ତାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସାନମହେଶ୍ୱର ଗ୍ରାମର ମଣ୍ଡିରୁ ଗତ କିଛିଦିନ ତଳେ ୬ ବସ୍ତା ଧାନ ଓ ଗୋଟିଏ ଏଲଇଡି ଟିଭି ଚୋରି ହୋଇଥିବା ବେଳେ ବୁଧବାର ଫଡ଼ିଗୃହରୁ ଉଦ୍ଧାର ହୋଇଥିବା ବେଳେ ଏଲଇଡି ଟିଭି ଗ୍ରାମର ପୋଖରୀ ପର୍ଶ୍ୱରୁ ଉଦ୍ଧାର ହୋଇଛି। ଏହି ଚୋରି ଅଭିଯୋଗରେ ୨ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଦୀପ ଧାରୁଆ ପ୍ରକାଶ କରିଛନ୍ତି।

### ବୁଲେଟ ଚକାରେ ଓଢ଼ଣି ଲାଗି ୮ ବର୍ଷ ଝିଅର ହାତ କଟିଗଲା

କେସିଙ୍ଗା,୭।୩(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଏକ ବୁଲେଟ ଚକାରେ ଓଢ଼ଣି ଲାଗି ୮ ବର୍ଷ ଝିଅର ହାତ କଟି ଯାଇଛି। ଏକ ବୁଲେଟ ଗାଡ଼ିରେ ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ୮ ବର୍ଷ ର ଝିଅ କେସିଙ୍ଗା ପଟୁ ଭବାନୀପାଟଣା ଯାଉଥିଲେ। କୌଣସି କାରଣ ବଶତ ଝିଅର ଓଢ଼ଣି ବୁଲେଟ ପଛ ଚକରେ ଲାଗିଯାଇଥିଲା। ଫଳରେ ଛୋଟ ଝିଅର ଡାହାଣ ହାତ କହୁଣିରୁ ଛିଣ୍ଡି ଦୂରକୁ ଛିଟିକି ପଡ଼ିଥିଲା। ଦୂରରେ ହାତ ଛିଣ୍ଡି ଥିବା ହାତକୁ ପାଖରେ ଥିବା ଏକ ବୁଲା କୁକୁର ଧରି କୁଆଡେ ନେଇଥିବା ଚର୍ଚ୍ଚା ହେଉଛି। ଉପସ୍ଥିତ ଥିବା ଲୋକମାନେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଭବାନୀପାଟଣାରୁ ଆମ୍ବୁଲାନ୍ସ ଆସି ଛୋଟ ଝିଅକୁ ଜିଲା ହସ୍ପିଟାଲ ନିଆଯାଇଥିବା ଜଣାପଡିଛି। ବୁଲେଟ ଗାଡ଼ି ଉକ୍ରେଲା ଫାଣ୍ଡିରେ ରଖାଯାଇଛି। ଏ ନେଇ ଉକ୍ରେଲା ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ମୁଁ ଗଲା ପରେ କେହି ନ ଥିଲେ ବୋଲି ପ୍ରକାଶ କରିଥିଲେ।

### ଦିଗଶିରା ଖୀଡିଖୀଡିରେ ବ୍ରିଜ୍ ନିର୍ମାଣ ପାଇଁ ଭୂମିପୂଜନ

ତୁଣ୍ଡଲା,୭।୩(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମପଞ୍ଚାୟତ ଦିଗଶିରା ଗ୍ରାମରେ ଥିବା ଖୀଡିଖୀଡି ଘାଟ ଉପରେ ବ୍ରିଜ ନିର୍ମାଣ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ, ସମିତି ସଭ୍ୟା ସୀତୟା ସାହୁ ଏବଂ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ସିର୍ଜାପାଲି ଗ୍ରାମପଞ୍ଚାୟତ ଦିଗଶିରା ଗ୍ରାମରେ ଥିବା ଖୀଡିଖୀଡି ଘାଟ ଉପରେ ବର୍ଷା ଦିନରେ ୧୫ ଫୁଟରୁ ଅଧିକ ପାଣି ରହୁଥିବା ବେଳେ ଚାଷ ଜମିକୁ ଯାଇ ଚାଷ କରିବା ଓ ଗୋରୁ ଗାଈ ମାନଙ୍କୁ ଚରିବା ପାଇଁ ବହୁତ ଅସୁବିଧା ହେଉଥିଲା। ସେହି ନାଳ ଉପରେ ପୋଲ ନିର୍ମାଣ ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବେଲଖଣ୍ଡି ଆସିଥିବା ବେଳେ ଦିଗଶିରା ଗ୍ରାମବାସୀ ଲିଖିତ ଦାବି କରିଥିଲେ। ଦାବିକୁ ଗୁରୁତ୍ୱ ଦେଇ ୫-ଟି ଅଧକ୍ଷ ୪ କୋଟି ଟଙ୍କା ବ୍ରିଜ ନିର୍ମାଣ ପାଇଁ ମଞ୍ଜୁର କରିଥିଲେ। ସେହି ବ୍ରିଜର କାର୍ଯ୍ୟ ଆରମ୍ଭ କରିବା ପାଇଁ ଭୂମି ପୂଜନ କରାଯାଇଛି। ବ୍ରିଜ ନିର୍ମାଣ ହେବା ନେଇ ଗ୍ରାମବାସୀ ବହୁତ ଖୁସି ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏକାର୍ଯ୍ୟକ୍ରମରେ ୱାର୍ଡସଭ୍ୟା ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)



ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି।

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**

**■ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ସଭାଗୃହଠାରେ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମୁଜିବୁନ୍ ନିଶା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କେହୋର, ଜିଲା କିଶୋର ନ୍ୟାୟ ପରିଷଦ ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚଳିତବର୍ଷର ବାର୍ତ୍ତା 'ମହିଳାଙ୍କୁ ସଶକ୍ତ କରନ୍ତୁ-ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ' ପରିପ୍ରେକ୍ଷୀରେ ମଞ୍ଚାସୀନ ଅତିଥିମାନେ ବୁଝାଇବା ସହିତ ମହିଳାମାନେ କିଭଳି ଭାବେ ବିଭିନ୍ନ କ୍ଷେତ୍ରରେ ଅଗ୍ରସର ହେଉଛନ୍ତି ତଥା ଆଗାମୀ ଦିନରେ ମହିଳା ସଶକ୍ତିକରଣ ପାଇଁ ଉଭୟ ପୁରୁଷ ଓ ମହିଳାଙ୍କ ଚେଷ୍ଟା କିଭଳି ଗୁରୁତ୍ୱପୂର୍ଣ୍ଣ ସେ ଦିଗରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୋଷଣ ଅଭିଯାନ ଆନୁକଲ୍ୟରେ ସର୍ବଶ୍ରେଷ୍ଟ ପ୍ରଦର୍ଶନ ପୂର୍ବକ ୨ଜଣ ସିଡିପିଓ, ୨ଜଣ ସୁପରଭାଇଜର, ୪ଜଣ ଅଙ୍ଗନୱାଡି କର୍ମୀ, ୩ଜଣ ସହାୟିକାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଆଇସିଡିଏସ୍ ଯୋଜନା ଆନୁକୂଲ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩ଜଣ ଅଙ୍ଗନୱାଡି କର୍ମୀ ଓ ୩ଜଣ ସୁପରଭାଇଜରଙ୍କୁ ୪ ହଜାର ଟଙ୍କା ଆର୍ଥିକ ପୂରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କେସିଙ୍ଗା ସିଡିପିଓ ସୁଷମା ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା କାର୍ଯ୍ୟକ୍ରମ ପରିଚାଳକ (ଏନଓପି) ବିଶ୍ୱନାଥ ଦାଶ ପୁରସ୍କାର ବିତରଣୀ ସଭା ପରିଚାଳନା କରିଥିଲେ। ଶେଷରେ କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ମହିଳା ସଶକ୍ତିକରଣ ଉପରେ ଆଧାରିତ ଏକ ସୁନ୍ଦର ଓ ମନଛୁଆଁ ନାଟକ ପରିବେଷଣ ହୋଇଥିଲା। ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି ଧନ୍ୟବାଦ ଦେଇଥିଲେ।

# ନକଲି ସିଲ୍, ଦସ୍ତଖତ କରି ଲୋକଙ୍କଠାରୁ ଟଙ୍କା ଆଦାୟ

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

**ହୋମଗାର୍ଡଙ୍କ ନାମରେ ଥାନାରେ ଅଭିଯୋଗ**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଞ୍ଚଳର ଶୁଶାନ୍ତ ବୁଦ୍ଧିଆ ନାମକ ଜଣେ ହୋମଗାର୍ଡ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ସିଲ ମୋହର ସହ ସମ୍ପୃକ୍ତ ଅଧିକାରୀଙ୍କ ଦସ୍ତଖତ ବନାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ସମ୍ପୃକ୍ତ ହୋମଗାର୍ଡଙ୍କ ନାମରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀପୁର ପଞ୍ଚାୟତ ସରପଞ୍ଚ ଯୁଧିଷ୍ଠିର ନାଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ହୋମଗାର୍ଡ ଜଣକ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ଜନ୍ମ ମୃତ୍ୟୁ ପଞ୍ଜୀକରଣ, ସିଏଚ୍‌ସି ବୋର୍ଡ ସିଲମୋହର କରିବା ସହ ବିଭିନ୍ନ ସରପଞ୍ଚ, କାଉନସିଲର, ରାଜସ୍ୱ ନିରୀକ୍ଷକ (ଆରଆଇ), ମେଡିକାଲ ଅଫିସରଙ୍କ ନକଲି ଦସ୍ତଖତ ସିଲ ମୋହର ତିଆରି କରି ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ମଧ ସମ୍ପୃକ୍ତ ହୋମଗାର୍ଡଙ୍କ ନାମରେ ନୋଟ ଏଣ୍ଟ୍ରି ଜୋନରେ ଟ୍ରକକୁ ଅଟକାଇ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଏହାର ଭିଡିଓ ମଧ ସେତେବେଳେ ଭାଇରାଲ ହୋଇଥିଲା।




କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁଙ୍କ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାଲୁକା କଳା।
ଫଟୋ: ପ୍ରଦୀପ କୁମାର ସାହୁ

# ଘରଡିହ ପଟ୍ଟା ପାଇଁ ସୀତାବୋର୍ଡି ପଡ଼ାବାସୀଙ୍କ ଧାରଣା




ପୌରପାଳିକା ସମ୍ମୁଖରେ ସୀତାବୋର୍ଡି ପଡାବାସୀଙ୍କ ଧାରଣା।

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଆଇଟିଆଇ ସମ୍ମୁଖରେ ଥିବା ୨ ନଂ. ୱାର୍ଡ ସୀତାବୋର୍ଡି ପଡାବାସୀ ରଜା ରାଜୁଡା ଅମଳରୁ ବସତି ସ୍ଥାପନ କରି ରହି ଆସୁଛନ୍ତି। ଓଡିଶା ସରକାରଙ୍କ ବସ୍ତି ଆଇନ ୨୦୧୭ ଅନୁଯାୟୀ ୪୨ଟି ପରିବାରକୁ ସର୍ଭେ ଭୁକ୍ତ କରାଯାଇ ସେଥି ମଧ୍ୟରୁ ୧୩ଟି ପରିବାରକୁ ପଟ୍ଟା ଦିଆଯାଇଥିଲା। ଅବଶିଷ୍ଟ ୨୯ଟି ପରିବାରକୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଆଜକୁ ୩ ବର୍ଷରୁ ଅଧିକ ସମୟ ହେଲାଣି ଉପରୋକ୍ତ ୨୯ଟି ପରିବାରକୁ ସ୍ଥାନୀୟ ପୌରପାଳିକା ପକ୍ଷରୁ ପଟ୍ଟା ଦିଆଯାଇ ପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ବରିଷ୍ଠ ସଦସ୍ୟ ସରୋଜ ବାଗଙ୍କ ନେତୃତ୍ୱରେ ସୀତାବୋର୍ଡିପଡା ବସ୍ତିବାସିନ୍ଦା ନିଜ ହକର ପଟ୍ଟା ପାଇଁ ପୌରପାଳିକା ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନା ପାଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ସତ୍ୟ ସଂପନ୍ନା ରାଉତ ଘଟଣାସ୍ଥଳରେ ପହଞ୍ଚି ବସ୍ତିବାସିନ୍ଦାଙ୍କ ଦାବିପତ୍ର ଗ୍ରହଣ କରିବା ସହ ୭ ଦିନ ଭିତରେ ତହସିଲଦାରଙ୍କ ସହ ବସ୍ତିକୁ ଯାଇ ଅନୁସନ୍ଧାନ ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଜନମ ମାଟି ସୁରକ୍ଷ୍ୟା ସଂଗ୍ରାମ ସମିତି ଆବାହକ ଗିରିଧାରୀ ପାତ୍ର, ଶକ୍ତିରଞ୍ଜନ ଛତ୍ରିଆ, ଅଭୟ ନାୟକ, ଚତୁର୍ଥଭୁଜ ନାଏକ, ଜଗନ୍ନାଥ ନାଏକ, ବବିତାରାଣୀ ଦାସ, ମନ୍ଦାକିନୀ ବାଣୁଆ, ତପସ୍ୱିନୀ ନାଏକ, ସ୍ନିଗ୍ଧା ରାଣୀ ପଟ୍ଟନାୟକ, ରୋହିଣୀ ମାଝି, ରଶ୍ମିତା ମାଝି ଓ ଅନେକ ବସ୍ତିବାସିନ୍ଦା ଯୋଗଦେଇଥିଲେ।

# କୋଟୋଢିଠାରେ ପୋଲିସର ଜନସମ୍ପର୍କ ଶିବିର

ଲାଞ୍ଜିଗଡ଼,୭।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଭୁର୍ଟିଗଡ଼ ଗ୍ରାମପଞ୍ଚାୟତ ତଥା ନର୍ଲା ଥାନା ଅଧୀନ କୋଟୋଢିଠାରେ ପୋଲିସ ଜନସମ୍ପର୍କ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ କୋଟୋଢି ସମେତ ଖାଇଚୁଆ, ସିରିଗା, ମେଡିକୁପ, ପାଲକି, ମହିନାଲ, କାଦୋମସ୍କା ତଥା ଗ୍ରାମପଞ୍ଚାୟତ ଅଞ୍ଚଳରୁ ବହୁ ଲୋକ ଯୋଗଦେଇଥିଲେ। ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କେସିଙ୍ଗା ଏସଡିପିଓ ବିନୋଦ ପାଟିଲ,ଏସି ଶ୍ରୀକାନ୍ତ କୁମାର ବେହେରା, ଆରଆଇ ସୁରେଶ କୁମାର ବି ଆର ସିଂ, ସିକେରକୁପା ଫାଣ୍ଡି ଅଧିକାରୀ ମିନାରାଓ ଶବର, ପିଇଡବ୍ଲୁ ମିଡ଼ିଆ ଆସୋସିଏଶନ ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ ଯୋଗଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିବା ନେଇ ପୋଲିସ ବିଭାଗ ତଥା ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭଲିବଲ ମ୍ୟାଚରେ ବିଜେତା ଓ ଉପ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଜତିନ୍ଦ୍ର କୁମାର ଦ୍ରୋଣ ମଞ୍ଚ ପରିଚାଳନା କରି ଥିବାବେଳେ ତୀର୍ଥ ମାଝି, ବଳରାମ, ବୈଷ୍ଣବ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଉପସ୍ଥିତ ସମସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରାଯାଇଥିଲା।

# ଗୋର୍ଲା ସେବାଶ୍ରମର ବାର୍ଷିକ ଉତ୍ସବ

ସିନାପାଲି,୭।୩(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ଥିତ ଗୋର୍ଲା ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି, ମୁଖ୍ୟବକ୍ତା ଭାବେ ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ, ବିଶିଷ୍ଟ ଅତିଥି ଭାବେ ସିନାପାଲି ମଙ୍ଗଳ ଅଧିକାରୀ ସୁନୀଲ କୁମାର ସାମଲ, ସିନାପାଲି ସହ ଶିକ୍ଷା ଗୋଷ୍ଠି ଅଧିକାରୀ ପ୍ରଭାତ ପାତ୍ର, ପଲସଦା ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ହେରାମଣି ଦେଈ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷମାନିଧି ନିଆଲ, ଦମୟନ୍ତୀ ଦଣ୍ଡସେନା, ଦିଲୀପ କୁମାର ମାଝି, ରଜନୀ କାନ୍ତ ଯୋଷୀ, ଗୋର୍ଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ରୁଦ୍ର ମାଧବ ସା, ସିଆରସିସି ଦେବାନନ୍ଦ ବାଗ, ସନ୍ଧ୍ୟାରାଣୀ ଘିଭେଲା, ଦିଲୀପ କୁମାର ପୁରୋହିତ, ପୀତାମ୍ବର ମେହେର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ। ଏପରିକି ଉପାନ୍ତ ଅଞ୍ଚଳରେ ଏହି ସେବାଶ୍ରମ ଶିକ୍ଷାର ଅଲୋକବର୍ତ୍ତି ସାଜିଛି ବୋଲି ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ମନୋଭାବ ନେଇ ସେବାଶ୍ରମରେ ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀକାନ୍ତ ମାଝି ପରିଚାଳନା କରିବା ସହ ଅତିଥି ପରିଚୟ ସାଙ୍ଗକୁ ମଞ୍ଚ ଆହ୍ୱାନ କରି ବିବରଣୀ ପାଠ କରିଥିବା ବେଳେ ଭିଷ୍ମରାଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ପଞ୍ଚାୟତରେ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

ଲାଞ୍ଜିଗଡ଼,୭।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡରୋଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଛି। ଗୁରୁବାର ଗୋବର୍ଦ୍ଧନପୁର ଓ ଲାଞ୍ଜିଗଡ଼ ୨ଟି ପଞ୍ଚାୟତର ୩୩ଜଣଙ୍କୁ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଛି। ବିଡିଓ ଶଶାଙ୍କ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧେକ୍ଷା କମଳା ପାତ୍ର, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ କୁମାର ନାୟକ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଟଙ୍କଧର ମାଝି, ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ସାମାଜିକ କର୍ମୀ ହରିଶଙ୍କର ପାତ୍ର, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝି, ଲାଞ୍ଜିଗଡରୋଡ଼ ସରପଞ୍ଚ ମମତା ଶବର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତି, ସମିତି ସଭ୍ୟା ମୁକ୍ତା ଭୋଇ, ନାଏବ ସରପଞ୍ଚ ଅନଙ୍ଗ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଡହଗାଁରେ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ

ବେହେରା,୭।୩(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଡହଗାଁରେ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ବୁଧବାର ସନ୍ଧ୍ୟାରେ ଶତାଧିକ ମହିଳାଙ୍କ ସହ ନାମ ସଂକୀର୍ତ୍ତନ ସହ ନିକଟ ମୋଟରା ନଦୀରୁ ଗଙ୍ଗାଜଳ ଆଣି ବେଦୀରେ ସ୍ଥାପନ କରିଥିଲେ। ଗୁରୁବାର ସକାଳ ୭ଟାରେ ମହାମନ୍ତ୍ର ଆରମ୍ଭ ହୋଇଥିଲା। ଶନିବାର ସକାଳ ୭ଟାରେ ନାମ ସମାପନ ହେବ। ରାଧା କୃଷ୍ଣ ସମେତ ଦଧିହାଣ୍ଡି ନଗର ପରିକ୍ରମା ପରେ ପୂର୍ଣ୍ଣାହୃତି ହେବ ବୋଲି ନାମଯଜ୍ଞ ସଭାପତି ବଳରାମ ପୂଝାରୀ ପ୍ରକାଶ କରିଥିଲେ। ଭକ୍ତମାନଙ୍କ ପାଇଁ କମିଟି ପକ୍ଷରୁ ୨ଦିନ ପାଇଁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଛି। ନାମଯଜ୍ଞରେ ପୂଜକ ଭାବେ ଜ୍ୟୋର୍ତିବିଦ ଭୂପେଶ ତିୱାରୀ, ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, ଧ୍ରୁବ ତିୱାରୀ, ମିଥଲେସ ତିୱାରୀ, ପ୍ରଶାନ୍ତ ତିୱାରୀ ଓ କର୍ତ୍ତା ଭାବେ ଅର୍ଜ୍ଜୁନ ପୂଝାରୀ ଓ ରମେ ପୂଝାରୀ ପୂଜନ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଉପସଭାପତି ଜବ୍ର ପୂଝାରୀ, ସମ୍ପାଦକ କୁଞ୍ଜ ବିହାରୀ ପୂଝାରୀ, ଉପ ସମ୍ପାଦକ ଭଜନ ପୂଝାରୀ, କୋଷାଧକ୍ଷ ସନ୍ତୋଷ ପୂଝାରୀ, ଉପ କୋଷାଧକ୍ଷ ସଦାଶିବ ଚଳାନ, ଚକ୍ରଧର ନାଏକଙ୍କ ସମେତ ଡହଗାଁ ଗ୍ରାମବାସୀ ସହଯୋଗ କରିଥିଲେ।



# ବିଦ୍ୟୁତ୍ କାଟ ବନ୍ଦ କର, ଔଷଧ ମହଜୁଦ୍ ରଖ

ନୂଆପଡ଼ା,୭।୩(ମକାରୁ ବେମାଲ)

ନୂଆପଡା ଜିଲାପାଳଙ୍କ ସଦଭାବନା ସଭା ଗୃହରେ ବୁଧବାର ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧକ୍ଷତାରେ ସମସ୍ତ ବିଭାଗ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମାର୍ଚ୍ଚ ପ୍ରଥମ ସପ୍ତାହରୁ ଜିଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଲାଣି। ଚଳିତବର୍ଷ ଏପ୍ରିଲ, ମେ, ଜୁନ ଓ ଜୁଲାଇରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପ୍ରବାହିତ ହେବା ସମ୍ଭାବନା ରହିଛି। ଅଂଶୁଘାତ ପ୍ରତି ସତର୍କ ହେବା ପାଇଁ ଲୋକଙ୍କୁ ସଚେତନ କରିବା ସହ ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ସତର୍କ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ଖରାରେ ବାହାରକୁ ଯାଆନ୍ତୁ ମାହିଁ। ଅତି ଜରୁରୀ କାର୍ଯ୍ୟ ପଡିଲେ ଯାଆନ୍ତୁ, ହାତରେ ଛତା, ପାଣି, ପାଦରେ ଚପଲ ବ୍ୟାବହାର କରନ୍ତୁ। ମୁଣ୍ଡରେ ଓଦାକନା ବାନ୍ଧି ବାହାରକୁ ଯାଆନ୍ତୁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଘୋଷିତ ବିଦ୍ୟୁତ୍ କାଟ ସହ ଲୋ-ଭୋଲଟେଜ ପ୍ରତି ଦୃଷ୍ଟି ଦେବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପରିମାଣରେ ଓଆରଏସ, ଔଷଧ ମହଜୁଦ୍ ରଖି ସଜାଗ ରହିବା ସହ ଜିଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହ ଆନୁଷଙ୍ଗିକ ସାମଗ୍ରୀ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୫ଟି ବ୍ଲକ ନୂଆପଡା, କୋମନା, ଖଡିଆଳ, ସିନାପାଲି, ବୋଡେନ ଏବଂ ୩ଟି ଏନଏସି ଖରିଆର ରୋଡ, ନୂଆପଡା ଓ ଖଡିଆଳର ଗ୍ରାମାଞ୍ଚଳରେ ଜଳଛତ୍ର ଖୋଲିବା ଆଲୋଚନା କରାଯାଇଥିଲା। ପାନୀୟ ଜଳ ସଙ୍କଟ ଦୂର ପାଇଁ ଜିଲାର ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳରେ ଖରାପ ଥିବା ସବୁ ନଳକୂଅକୁ ଶୀଘ୍ର ମରାମତି କରିବା ପାଇଁ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜୀବଜନ୍ତୁ ଯତ୍ନ ନେବା ସହ ସରକାରଙ୍କ ଗାଇଡଲାଇନ ଅନୁସାରେ ସ୍କୁଲ, କଲେଜ ସକାଳୁଆ କରିବା, ଶ୍ରମିକମାନଙ୍କ କାର୍ଯ୍ୟ ସମୟ ପରିବର୍ତ୍ତନ କରିବା ସହ ପରିବହନ କ୍ଷେତ୍ରରେ ମଧ ସମୟ ପରିବର୍ତ୍ତନ କରିବା, ଜୀବଜନ୍ତୁ ସୁରକ୍ଷା ଦେବା ସହ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ବିଶେଷ ଦୃଷ୍ଟି ଦେବାକୁ ଜିଲାପାଳ ଦେଇଛନ୍ତି। ଲୋକେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଗାଁ ଗାଁ ଯାଇ ସଚେତନ କରିବା ବନ ବିଭାଗକୁ ମଧ ନିର୍ଦ୍ଦେଶ ଦିଆଯାଇଛି।




ଅଂଶୁଘାତ ପ୍ରତି ସତର୍କ ହେବା ପାଇଁ ଜିଲାପାଳ ସୂଚନା ଦେଉଛନ୍ତି।

**ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପାଇଁ ପ୍ରସ୍ତୁତି**

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

**ବରପାଲି,୭।୩ (ଚିତ୍ତରଞ୍ଜନ ସାହୁ):** ବରପାଲି ଗାନ୍ଧୀ ଛକରେ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଜୟ ବିହାରୀ ବାରିକ(୮୦)। ଜୟ ବିହାରୀ ଗାନ୍ଧୀ ଛକରେ ରାସ୍ତା ପାର ହେଉଥିବା ବେଳେ ସୋହେଲା ପଟୁ ଆସୁଥିବା ଉକ୍ତ ଟ୍ରକ୍ (ନଂ.ସିଜି୦୪ଏଚ୍ଭି/୩୫୬୦) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବୁଣାକାର ଧର୍ମଶାଳା ଲୋକାର୍ପିତ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ନିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଧଉଁରାଖନ୍ଦା ଗ୍ରାମରେ ବୁଣାକାରଙ୍କ ପାଇଁ ନିର୍ମିତ ଏକ ଧର୍ମଶାଳା ଗୁରୁବାର ଲୋକାର୍ପିତ ହୋଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଉକ୍ତ ଧର୍ମଶାଳା ଦ୍ୱାରା ସ୍ଥାନୀୟ ବୁଣାକାର ଏବଂ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟଦେବ ଗଡ଼ତିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।

### ବୃନ୍ଦାବନ ବିହାରୀ ଦାଶଙ୍କ ଶ୍ରାଦ୍ଧ ଦିବସ ପ୍ରସ୍ତୁତି

**ବରପାଲି,୭।୩(ଚିତ୍ତରଞ୍ଜନ ସାହୁ):** ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି କମିଟି ପକ୍ଷରୁ କାଳଜୟୀ ପ୍ରତିଭା ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧ ଦିବସର ପ୍ରସ୍ତୁତି ବୈଠକ ସଭାପତି ରକ୍ଷାକରି ବିଶିଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ତାରିଖରେ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଏହା ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି। ସଭାରେ ସ୍ମୃତି କମିଟିର ସଦସ୍ୟା ସଦସ୍ୟ, ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ, ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ରସାନନ୍ଦ ଥପା, ଅକ୍ଷୟ କୁମାର, ଚିତ୍ତରଞ୍ଜନ ସାହୁ, ଯତୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଲେଟ ଚକାରେ ଓଢ଼ଣି ଲାଗି ୮ ବର୍ଷ ଝିଅର ହାତ କଟିଗଲା

**କେସିଙ୍ଗା,୭।୩(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ଳେଲାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଏକ ବୁଲେଟ ଚକାରେ ଓଢ଼ଣି ଲାଗି ୮ ବର୍ଷ ଝିଅର ହାତ କଟି ଯାଇଛି। ଏକ ବୁଲେଟ ଗାଡ଼ିରେ ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ୮ ବର୍ଷର ଝିଅ କେସିଙ୍ଗା ପଟୁ ଭବାନୀପାଟଣା ଯାଉଥିଲେ। କୌଣସି କାରଣ ବଶତ ଝିଅର ଓଢ଼ଣି ବୁଲେଟ ପଛ ଚକରେ ଲାଗିଯାଇଥିଲା। ଫଳରେ ଛୋଟ ଝିଅର ଡାହାଣ ହାତ କହୁଣିରୁ ଛିଣ୍ଡି ଦୂରକୁ ଛିଟିକି ପଡ଼ିଥିଲା। ଦୂରରେ ହାତ ଛିଣ୍ଡି ଥିବା ହାତକୁ ପାଖରେ ଥିବା ଏକ ବୁଲା କୁକୁର ଧରି କୁଆଡେ ନେଇଥିବା ଚର୍ଚ୍ଚା ହେଉଛି। ଉପସ୍ଥିତ ଥିବା ଲୋକମାନେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଭବାନୀପାଟଣାରୁ ଆମ୍ବୁଲାନ୍ସ ଆସି ଛୋଟ ଝିଅକୁ ଜିଲା ହସ୍ପିଟାଲ ନିଆଯାଇଥିବା ଜଣାପଡିଛି। ବୁଲେଟ ଗାଡ଼ି ଉକ୍ଳେଲା ଫାଣ୍ଡିରେ ରଖାଯାଇଛି। ଏ ନେଇ ଉକ୍ଳେଲା ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ମୁଁ ଗଲା ପରେ କେହି ନ ଥିଲେ ବୋଲି ପ୍ରକାଶ କରିଥିଲେ।

### ୩ ପୃଥକ୍ ଚୋରି ଘଟଣା: ୩ କୋର୍ଟ ଚାଲାଣ

**ଖଡ଼ିଆଲ,୭।୩(ସୁଜିତ୍ କୁମାର ପ୍ରଧାନ)** ନୂଆପଡା ଜିଲା ଖଡ଼ିଆଳ ପୋଲିସ ୩ଟି ପୃଥକ୍ ଚୋରି ଘଟଣାରେ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ୩ଜଣ ହେଲେ ସୋନୁ ମାଝି, ଲାଲବହାଦୁର ଶବର ଓ ମାନବରଞ୍ଜନ ତାଣ୍ଡି। ଖଡ଼ିଆଳ ଥାନା ଅନ୍ତର୍ଗତ ମୋଟରସାଇକେଲ ଚୋରି ଅଭିଯୋଗରେ ସୋନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋନୁ ବୁଧବାର ସକାଳେ ଇକୋ ଏକ୍ସପ୍ରେସ ଅଫିସର ପାଖରେ ଥିବା ଆଜାରଉଦ୍ଦିନ ଖାନଙ୍କ ଖଡ଼ିଆଳ ଲାଲସାହେବପଡାର ମୋଟରସାଇକେଲ ଚୋରି କରି ନେଇଥିବା ବେଳେ ଚିଦାଗୁଡା ଗ୍ରାମରୁ ତାହା ଉଦ୍ଧାର ହୋଇଛି। ସେହିପରି ଅନ୍ୟ ଧାନ ଚୋରି ଘଟଣାରେ ଅନ୍ୟ ୨ ଯୁବକ ଶବର ଓ ତାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚାଷୀ ପଞ୍ଜୀକରଣ ଆରମ୍ଭ ନ ହେଲେ ଆନ୍ଦୋଳନ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**



ଚାଷୀ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ବୈଠକ ।

ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଏବଂ ପ୍ରଶାସନ ମଧ୍ୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଗତ ଅଦିନିଆଁ ବର୍ଷାରେ ଜିଲାର ଫସଲକ୍ଷତି ଉପରେ ଆଲୋଚନା ହୋଇଥିଲା। ବୀମା କ୍ଷତିପୂରଣ ବାବଦରେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରିମିୟମ ସବସିଡ଼ି ୧୦ଦିନ ମଧ୍ୟରେ ବୀମା କମ୍ପାନୀକୁ ଦେବେ ଏବଂ ବୀମା କମ୍ପାନୀ ୧୫ଦିନ ମଧ୍ୟରେ ସମସ୍ତ କ୍ଷତିପୂରଣ ଚାଷୀଙ୍କୁ ପ୍ରଦାନ କରିବ ବୋଲି ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ କହିଥିଲେ ।

ସେହିପରି ଧାନବିକ୍ରି ପାଇଁ ଉଦ୍ଦିଷ୍ଟ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା । ଜିଲାରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପ୍ରକ୍ରିୟାରେ ସାମିଲ ହେଉଥିବାବେଳେ ପ୍ରତି ୬ମାସରେ ଚାଷୀ ପଞ୍ଜୀକରଣ କରୁଥିବା ଯୋଗୁ ବହୁ ହଇରାଣ ହରକତ ହେବାକୁ ପଡୁଛି ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧିମାନେ କହି ଉଦବେଗ ପ୍ରକାଶ କରିଥିଲେ। ଚଳିତ ରବିରତୁ ପଞ୍ଜୀକରଣ ଆରମ୍ଭରୁ ପ୍ୟାକ୍ସ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଯୋଗୁ ପଞ୍ଜୀକରଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ପଞ୍ଜୀକରଣ ଅବଧି ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ରହିଛି। ଏଭଳିସ୍ଥଳେ ବହୁଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଶଙ୍କା ରହିଛି। ଫଳରେ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଚାଷୀ ପ୍ରତିନିଧିମାନେ ଦାବି ଉପସ୍ଥାପନ କରିଥିଲେ।

କେବଳ ସେତିକି ନୁହେଁ, ବିଦ୍ୟୁତ ବିତରକ କମ୍ପାନୀ ବିଦ୍ୟୁତ ବିଲ୍ ବାବଦକୁ ଆବଶ୍ୟକ କାଗଜ ଦେଉ ନାହିଁ। ସେହିପରି ବିଦ୍ୟୁତ ଦେୟ ପୈଠ କଲେ ଯାଇ ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜାତ୍ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଏପରିକି ବିଦ୍ୟୁତ ବିତରକ କମ୍ପାନୀ ଏଥିପାଇଁ ରହିଥିବା ୱେବସାଇଟ୍କୁ ମଧ୍ୟ ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। ଫଳରେ ବିଦ୍ୟୁତ ବିଲ୍ ବାବଦକୁ ଉଦ୍ଦିଷ୍ଟ କାଗଜାତ ମିଳିପାରୁ ନ ଥିବା ଚାଷୀ ପ୍ରତିନିଧିମାନେ କହିଥିଲେ। ଏଭଳି ସ୍ଥିତିରେ କୃଷକ ସଙ୍ଗଠନର ଦାବି ମୁତାବକ ଗଭୀର ନଳକୂପ ସାହାଯ୍ୟରେ ଚାଷ କରୁଥିବା ଚାଷୀମାନେ ନିଜର ଉପଭୋକ୍ତା ନମ୍ବର ପ୍ରଦାନ କରି ପଞ୍ଜୀକରଣ କରି ପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଯେଉଁ ଚାଷୀମାନେ ସୋଲାର୍ କିମ୍ବା ବନ୍ଧ, କଁଟା ପାଣିରେ ଚାଷ କରୁଛନ୍ତି, ସେମାନେ ମଧ୍ୟ ପଞ୍ଜୀକରଣରୁ ବାଦ୍ ପଡ଼ିବେ ନାହିଁ ବୋଲି ସୂଚନା ଦିଆଯାଇଥିଲା। ତେବେ କୌଣସି କାରଣରୁ ପଞ୍ଜୀକରଣ ପାଇଁ କୌଣସି

## ସଂଯୁକ୍ତ କୃଷକ ସଙ୍ଗଠନର ଚେତାବନୀ

କର୍ମଚାରୀ ମନା କଲେ ସିଧାସଳଖ ଜିଲାପାଳଙ୍କଠାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

ତେବେ ଯେକୌଣସି କ୍ରମେ ଧାନବିକ୍ରି ପଞ୍ଜୀକରଣ କରିବା ପାଇଁ ପ୍ୟାକ୍ସ କର୍ମଚାରୀଙ୍କୁ ଗତ ୭ତାରିଖରୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଜୀକରଣରେ କିଛି ଅସୁବିଧା ହେବ ନାହିଁ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ଅନ୍ୟପଟେ ଆସନ୍ତା ୧୦ତାରିଖ ସୁଦ୍ଧା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରା ନ ଗଲେ ସଂଯୁକ୍ତ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛି। ଆଲୋଚନାରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ କୃଷକ ସଙ୍ଗଠନ ପକ୍ଷରୁ ଉତ୍ପନ୍ନ କୁମାର ଭୋଇ, ଅଜିତ ଶତପଥୀ, ଅଶୋକ ସାହୁ, ଲିଙ୍ଗରାଜ ପ୍ରଧାନ, ବିରେନ କର, ରମେଶ ମହାପାତ୍ର, ଇସାନ ଭୋଇ, ଥବିର ପ୍ରଧାନ, ନିରଞ୍ଜନ ପ୍ରଧାନ, ଅରବିନ୍ଦ ପଣ୍ଡା, ସୁଦାମ ପାତ୍ର, ଦିଲ୍ଲିପ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଝର ଗ୍ରାମରେ ସ୍କିଲ୍ ଇଣ୍ଡିଆ ଅଭିଯାନ



ସ୍କିଲ୍ ଇଣ୍ଡିଆ ଅଭିଯାନରେ ଶିକ୍ଷାଦାନ କରାଯାଉଛି ।

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**

ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ପ୍ରାୟୋଜିତ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲ୍ ଇଣ୍ଡିଆ ବସ୍ ଗୁରୁବାର ବରଗଡ଼ ଜିଲା ଝର୍ ଗ୍ରାମକୁ ପହଞ୍ଚିଥିଲା। ଉକ୍ତ ଗ୍ରାମରେ ୩୫ଜଣ ଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଏବଂ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଶିକ୍ଷାଦାନ ସେମାନଙ୍କ ସାମ୍ପ୍ରତିକ ଜୀବନଯାତ୍ରାକୁ ସୁଗମ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହେବ। ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ କିଭଳି ଏହି ଅଭିଯାନରେ ସାମିଲ ହୋଇ ଏହାର ଲାଭ ପାଇବେ, ସେ ଦିଗରେ ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ସର୍ବଦା ତତ୍ପରତାର ସହିତ କାମ କରୁଛି ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି ।

# ଗୋର୍ଲା ସେବାଶ୍ରମର ବାର୍ଷିକ ଉତ୍ସବ

**ସିନାପାଲି,୭।୩(ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ଥିତ ଗୋର୍ଲା ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି, ମୁଖ୍ୟବକ୍ତା ଭାବେ ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ, ବିଶିଷ୍ଟ ଅତିଥି ଭାବେ ସିନାପାଲି ମଙ୍ଗଳ ଅଧିକାରୀ ସୁନୀଲ କୁମାର ସାମଲ, ସିନାପାଲି ସହ ଶିକ୍ଷା ଗୋଷ୍ଠି ଅଧିକାରୀ ପ୍ରଭାତ ପାତ୍ର, ପଲସଦା ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ହେରାମଣି ଦେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷମାନିଧି ନିଆଲ, ଦମୟନ୍ତୀ ଦଣ୍ଡସେନା, ଦିଲୀପ କୁମାର ମାଝି, ରଜନୀ କାନ୍ତ ଯୋଷୀ, ଗୋର୍ଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ରୁଦ୍ର ମାଧବ ସା, ସିଆରସିସି ଦେବାନନ୍ଦ ବାଗ, ସନ୍ଧ୍ୟାରାଣୀ ଘିଭେଲା, ଦିଲୀପ କୁମାର ପୁରୋହିତ, ପୀତାମ୍ବର ମେହେର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ। ଏପରିକି ଉପାନ୍ତ ଅଞ୍ଚଳରେ ଏହି ସେବାଶ୍ରମ ଶିକ୍ଷାର ଅଲୋକବର୍ତ୍ତି ସାଜିଛି ବୋଲି ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ମନୋଭାବ ନେଇ ସେବାଶ୍ରମରେ ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରଯାଇଥିଲା।

# ଘରଡିହ ପଟ୍ଟା ପାଇଁ ସୀତାବୋର୍ଡି ପଡ଼ାବାସୀଙ୍କ ଧାରଣା



ପୌରପାଳିକା ସମ୍ମୁଖରେ ସୀତାବୋର୍ଡି ପଡାବାସୀଙ୍କ ଧାରଣା।

**ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଆଇଟିଆଇ ସମ୍ମୁଖରେ ଥିବା ୨ ନଂ. ୱାର୍ଡ ସୀତାବୋର୍ଡି ପଡାବାସୀ ରଜା ରାଜୁଡା ଅମଳରୁ ବସତି ସ୍ଥାପନ କରି ରହି ଆସୁଛନ୍ତି। ଓଡିଶା ସରକାରଙ୍କ ବସ୍ତି ଆଇନ ୨୦୧୭ ଅନୁଯାୟୀ ୪୨ଟି ପରିବାରକୁ ସର୍ଭେ ଭୁକ୍ତ କରାଯାଇ ସେଥି ମଧ୍ୟରୁ ୧୩ଟି ପରିବାରକୁ ପଟ୍ଟା ଦିଆଯାଇଥିଲା। ଅବଶିଷ୍ଟ ୨୯ଟି ପରିବାରକୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଆଜକୁ ୩ ବର୍ଷରୁ ଅଧିକ ସମୟ ହେଲାଣି ଉପରୋକ୍ତ ୨୯ଟି ପରିବାରକୁ ସ୍ଥାନୀୟ ପୌରପାଳିକା ପକ୍ଷରୁ ପଟ୍ଟା ଦିଆଯାଇ ପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ବରିଷ୍ଠ ସଦସ୍ୟ ସରୋଜ ବାଗଙ୍କ ନେତୃତ୍ୱରେ ସୀତାବୋର୍ଡିପଡା ବସ୍ତିବାସିନ୍ଦା ନିଜ ହକର ପଟ୍ଟା ପାଇଁ ପୌରପାଳିକା ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନା ପାଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ସତ୍ୟ ସଂପନ୍ନା ରାଉତ ଘଟଣାସ୍ଥଳରେ ପହଞ୍ଚି ବସ୍ତିବାସିନ୍ଦାଙ୍କ ଦାବିପତ୍ର ଗ୍ରହଣ କରିବା ସହ ୭ ଦିନ ଭିତରେ ତହସିଲଦାରଙ୍କ ସହ ବସ୍ତିକୁ ଯାଇ ଅନୁସନ୍ଧାନ ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଜନମ ମାଟି ସୁରକ୍ଷ୍ୟା ସଂଗ୍ରାମ ସମିତି ଆବାହକ ଗିରିଧାରୀ ପାତ୍ର, ଶକ୍ତିରଞ୍ଜନ ଛତ୍ରିଆ, ଅଭୟ ନାୟକ, ଚତୁର୍ଭୁଜ ନାଏକ, ଜଗନ୍ନାଥ ନାଏକ, ବବିତାରାଣୀ ଦାସ, ମନ୍ଦାକିନୀ ବାଣୁଆ, ତପସ୍ୱିନୀ ନାଏକ, ସ୍ନିଗ୍ଧା ରାଣୀ ପଟ୍ଟନାୟକ, ରୋହିଣୀ ମାଝି, ରଶ୍ମିତା ମାଝି ଓ ଅନେକ ବସ୍ତିବାସିନ୍ଦା ଯୋଗଦେଇଥିଲେ।

# କୋଟୋଢିଠାରେ ପୋଲିସର ଜନସମ୍ପର୍କ ଶିବିର

**ଲାଞ୍ଜିଗଡ଼,୭।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଭୁର୍ଟିଗଡ଼ ଗ୍ରାମପଞ୍ଚାୟତ ତଥା ନର୍ଲା ଥାନା ଅଧୀନ କୋଟୋଢିଠାରେ ପୋଲିସ ଜନସମ୍ପର୍କ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ କୋଟୋଢି ସମେତ ଖାଇଚୁଆ, ସିରିଗା, ମେଡିକୁପ, ପାଲକି, ମହିନାଲ, କାଦୋମସ୍କା ତଥା ଗ୍ରାମପଞ୍ଚାୟତ ଅଞ୍ଚଳରୁ ବହୁ ଲୋକ ଯୋଗଦେଇଥିଲେ। ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କେସିଙ୍ଗା ଏସଡିପିଓ ବିନୋଦ ପାଟିଲ,ଏସି ଶ୍ରୀକାନ୍ତ କୁମାର ବେହେରା, ଆରଆଇ ସୁରେଶ କୁମାର ବି ଆର ସିଂ, ସିକେରକୁପା ଫାଣ୍ଡି ଅଧିକାରୀ ମିନାରାଓ ଶବର, ପିଇଡବ୍ଲୁ ମିଡ଼ିଆ ଆସୋସିଏଶନ ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ ଯୋଗଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିବା ନେଇ ପୋଲିସ ବିଭାଗ ତଥା ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭଲିବଲ ମ୍ୟାଚରେ ବିଜେତା ଓ ଉପ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଜତିନ୍ଦ୍ର କୁମାର ଦ୍ରୋଣ ମଞ୍ଚ ପରିଚାଳନା କରି ଥିବାବେଳେ ତୀର୍ଥ ମାଝି, ବଳରାମ, ବୈଷ୍ଣବ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଉପସ୍ଥିତ ସମସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରାଯାଇଥିଲା।

# ଜିଲା ଓକିଲ ସଂଘରେ ସଦସ୍ୟତା ଗ୍ରହଣ



ରଞ୍ଜନ ସେଠ ଜିଲା ଓକିଲ ସଂଘର ସଦସ୍ୟତା ଗ୍ରହଣ କରୁଛନ୍ତି ।

**ବରଗଡ଼, ୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲଟିଦା ଗ୍ରାମର ରଞ୍ଜନ ସେଠ ଜିଲା ଓକିଲ ସଂଘର ସଦସ୍ୟତା ଗ୍ରହଣ କରିଛନ୍ତି। ସଦସ୍ୟତା ଗ୍ରହଣ ସମୟରେ ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ସମ୍ପାଦକ ଉତ୍ତର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବି.ଏ ଏଲଏଲବି କରିଥିବା ସେଠ୍ ଯୋଗାଣ ବିଭାଗରେ ବରଗଡ଼, ବଲାଙ୍ଗିର, ସମ୍ବଲପୁର, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡ଼ା, ଭଦ୍ରକ ଜିଲାରେ କାର୍ଯ୍ୟ କରିଛନ୍ତି। ଗତ ୨୦୨୨ ମାର୍ଚ୍ଚ ୩୧ରୁ ସେ ଜିଲା ଯୋଗାଣ ଅଧିକାରୀ ପଦବୀରୁ ଅବସର ଗ୍ରହଣ କରିଥିଲେ। ଅବସର ଗ୍ରହଣ ପରେ ସେଠ ରାଜନୀତିକୁ ପ୍ରବେଶ କରି ଭାଜପାରେ ଯୋଗଦାନ କରିଥିଲେ। ସେ ଭାଜପା ଏସ୍ସି ମୋର୍ଚ୍ଚାର ଉପସଭାପତି ଏବଂ ଏସ୍ସି ମୋର୍ଚ୍ଚାର ଢେଙ୍କାନାଳ ପ୍ରଭାରୀ ରହିଛନ୍ତି।

# ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟିତ

**ପଦ୍ମପୁର,୭।୩(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ରାଜବୋଡ଼ାସମ୍ବର ହାଇସ୍କୁଲ ପଡିଆରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ଓ ତାଙ୍କ ବାପା ସ୍ୱର୍ଗତ ପ୍ରେମାନନ୍ଦ ସିଂ ବରିହାଙ୍କ ସ୍ମୃତିରେ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ନେହେରୁ ସ୍ପୋର୍ଟିଂ ତରଫରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦଘାଟନୀ ଉତ୍ସବରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଜିତେନ୍ଦ୍ର ନାଥ ଗୁରୁ, ବିନନ୍ଦ ସାହୁ, ନୂଆଧର ସାହୁ, ଏମ୍ଡି ଅଶରଫ, ଅଶ୍ୱିନୀ ପଣ୍ଡା, ଥବିର ପଧାନ, ରବିନ୍ଦ୍ର ଦାଶ, ଗଙ୍ଗାଧର ପାଢୀ, ରବି ନାରାୟଣ ଦୋରା, ଭୁବନ ଦେବ ସାହୁ, ଶେଖ୍ ଆକବର, ରାମଚନ୍ଦ୍ର ରଣା ଏବଂ ମୁକେଶ ମୋଦି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ। ୬ ଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୬୪ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଖଲିଆପାଳି ଓ ଶିକ୍ଷକ ଏକାଦଶ ମଧ୍ୟରେ ଉଦ୍ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୧୬ଟି ଦଳ ମ୍ୟାଚ୍ ଖେଳିବା ପରେ ସାପଲହର ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ୧୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ କୁନାଲ ପଧାନ ପ୍ରକାଶ କରିଛନ୍ତି।

# ଚକ୍ଷୁ ପରୀକ୍ଷା ଶିବିର, ୪୦ ମୋତିଆବିନ୍ଦୁ ରୋଗୀ ଚିହ୍ନଟ



ଶିବିରରେ ଉପସ୍ଥିତ ଡାକ୍ତରଙ୍କ ସମେତ ଅନ୍ୟମାନେ।

**ଭେଡେନ,୭।୩(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡେନ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସୂର୍ଯ୍ୟମଣି ଜନତା ହାଇସ୍କୁଲର ୮୯ ମାଟ୍ରିକ ବ୍ୟାଚ୍ ଏବଂ ଅମୃତ କୁଟୁମ୍ବର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଶହ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୦ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲେ। ଶିବିରକୁ ତ୍ରିଲୋଚନ ନେତ୍ରାଳୟ ଚକ୍ଷୁ ଡାକ୍ତର ସସ୍ମିତା ଟପ୍ପୋ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ନେତ୍ରାଳୟ ରକ୍ତିତିକା ଦେହେରି, ସରସ୍ୱତୀ ବିଶି, ରବିନା ଛନ୍ଦ, ସୁମନ୍ତ ଭୋଇ, ମାନସ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅମୃତ କୁଟୁମର ତେଜରାଜ ମେହେର, ସୁରେନ୍ଦ୍ର ମେହେର, ଘନଶ୍ୟାମ ଅଗ୍ରୱାଲ, ବୈଶାଖୁ ମେହେର, ଭୀଷ୍ମ ସିଂ ଛନ୍ଦ, ଗୋପୀ ମେହେର, ଭୀମ ଦୁବସାଗର, ଶଶୀ ପାଣିଗ୍ରାହୀ, ସୁରଜ ମହାରଣା, ଶମ୍ଭୁ ମେହେର, ପ୍ରହଲ୍ଲାଦ ମେହେର ସହଯୋଗ କରିଥିଲେ।

# ବିଦ୍ୟୁତ୍ କାଟ ବନ୍ଦ, ଔଷଧ ମହଜୁଦ ରଖ

**ନୂଆପଡ଼ା,୭।୩(ମକାରୁ ବେମାଲ)**

ନୂଆପଡା ଜିଲାପାଳଙ୍କ ସଦଭାବନା ସଭା ଗୃହରେ ବୁଧବାର ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମାର୍ଚ୍ଚ ପ୍ରଥମ ସପ୍ତାହରୁ ଜିଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଲାଣି। ଚଳିତବର୍ଷ ଏପ୍ରିଲ, ମେ, ଜୁନ ଓ ଜୁଲାଇରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପ୍ରବାହିତ ହେବା ସମ୍ଭାବନା ରହିଛି। ଅଂଶୁଘାତ ପ୍ରତି ସତର୍କ ହେବା ପାଇଁ ଲୋକଙ୍କୁ ସଚେତନ କରିବା ସହ ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ସତର୍କ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ଖରାରେ ବାହାରକୁ ଯାଆନ୍ତୁ ନାହିଁ। ଅତି ଜରୁରୀ କାର୍ଯ୍ୟ ପଡିଲେ ଯାଆନ୍ତୁ, ହାତରେ ଛତା, ପାଣି, ପାଦରେ ଚପଲ ବ୍ୟାବହାର କରନ୍ତୁ। ମୁଣ୍ଡରେ ଓଦାକନା ବାନ୍ଧି ବାହାରକୁ ଯାଆନ୍ତୁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଘୋଷିତ ବିଦ୍ୟୁତ୍ କାଟ



ଅଂଶୁଘାତ ପ୍ରତି ସତର୍କ ହେବା ପାଇଁ ଜିଲାପାଳ ସୂଚନା ଦେଉଛନ୍ତି।

## ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପାଇଁ ପ୍ରସ୍ତୁତି

ସହ ଲୋ-ଭୋଲଟେଜ ପ୍ରତି ଦୃଷ୍ଟି ଦେବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପରିମାଣରେ ଓଆରଏସ, ଔଷଧ ମହଜୁଦ୍ ରଖି ସଜାଗ ରହିବା ସହ ଜିଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହ ଆନୁଷଙ୍ଗିକ ସାମଗ୍ରୀ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୫ଟି ବ୍ଲକ ନୂଆପଡା, କୋମନା, ଖଡିଆଳ, ସିନାପାଲି, ବୋଡେନ ଏବଂ ୩ଟି ଏନଏସି ଖରିଆର ରୋଡ, ନୂଆପଡା ଓ ଖଡିଆଳର ଗ୍ରାମାଞ୍ଚଳରେ ଜଳଛତ୍ର ଖୋଲିବା ଆଲୋଚନା କରାଯାଇଥିଲା। ପାନୀୟ ଜଳ ସଙ୍କଟ ଦୂର ପାଇଁ ଜିଲାର ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳରେ ଖରାପ ଥିବା ସବୁ ନଳକୂଅକୁ ଶୀଘ୍ର ମରାମତି କରିବା ପାଇଁ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜୀବଜନ୍ତୁ ଯତ୍ନ ନେବା ସହ ସରକାରଙ୍କ ଗାଇଡଲାଇନ ଅନୁସାରେ ସ୍କୁଲ, କଲେଜ ସକାଳୁଆ କରିବା, ଶ୍ରମିକମାନଙ୍କ କାର୍ଯ୍ୟ ସମୟ ପରିବର୍ତ୍ତନ କରିବା ସହ ପରିବହନ କ୍ଷେତ୍ରରେ ମଧ ସମୟ ପରିବର୍ତ୍ତନ କରିବା, ଜୀବଜନ୍ତୁ ସୁରକ୍ଷା ଦେବା ସହ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ବିଶେଷ ଦୃଷ୍ଟି ଦେବାକୁ ଜିଲାପାଳ ଦେଇଛନ୍ତି। ଲୋକେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଗାଁ ଗାଁ ଯାଇ ସଚେତନ କରିବା ବନ ବିଭାଗକୁ ମଧ ନିର୍ଦ୍ଦେଶ ଦିଆଯାଇଛି।

**ଜନଜାତି ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ମିନି ଷ୍ଟାଡିୟମଠାରେ ବ୍ଲକ ସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଆଦିବାସୀ ନେତା ଚନ୍ଦ୍ରଶେଖର ବରିହା, ନାରାନେତ୍ରୀ ଲକ୍ଷ୍ମୀ ଶବର ଯୋଗଦେଇ କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମିଶନ ଶକ୍ତିର ଶତାଧିକ ମହିଳା, ଜନଜାତି କଳାକାରମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚେକ୍ ବାଉନ୍ସ ମାମଲା, ସିଭିଲ କଣ୍ଟ୍ରାକ୍ଟର ଦଣ୍ଡିତ

ଲାଠୋର, ୭।୩(ଭୁବନେଶ୍ୱର ବାରିକ)

ଏକ ଚେକ୍ ବାଉନ୍ସ ମାମଲାରେ ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ସଭିଲ କଣ୍ଟ୍ରାକ୍ଟର ଅବଦେଶ ପାଣ୍ଡେଙ୍କୁ ଦଣ୍ଡିତ କରିଛନ୍ତି। କଣ୍ଟ୍ରାକ୍ଟର ପାଣ୍ଡେ ସୁଶୀଲ ଷ୍ଟୋରରୁ ଠିକା କାମ ପାଇଁ ଲୁହା ଛଡ଼ ଏବଂ ସିମେଣ୍ଟ ନେଇଥିଲେ। ୨୦୧୮ ମସିହାରେ ସୁଶୀଲ ଷ୍ଟୋର ମାଲିକ ନବୀନ ଅଗ୍ରୱାଲଙ୍କୁ ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କର ୮ଲକ୍ଷ ଟଙ୍କାର ଏକ ଚେକ ସେ ପ୍ରଦାନ କରିଥିଲେ। ହେଲେ ବ୍ୟାଙ୍କ ଉକ୍ତ ଚେକକୁ ବାଉନ୍ସ ଚେକ୍ ବୋଲି କହିବାରୁ ସୁଶୀଲ ଷ୍ଟୋର ମାଲିକ ଅଗ୍ରୱାଲ କୋର୍ଟରେ ମାମଲା ରୁଜୁ କରିଥିଲେ। ମୁକଦ୍ଦମା ଦୀର୍ଘ ୫ ବର୍ଷ ଚାଲିବା ପରେ ବିଚାରପତି ସମ୍ପୃକ୍ତ କଣ୍ଟ୍ରାକ୍ଟର ପାଣ୍ଡେଙ୍କୁ ଦୋଷୀ ସବ୍ୟସ୍ତ କରିଛନ୍ତି। ମାକଦ୍ଦମା ଦାୟର ଦିନଠାରୁ ବାର୍ଷିକ ୯ ପ୍ରତିଶତ ସୁଧ ହାରରେ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ ସହ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ମରାଯାଇଛି। ଠିକ୍ ସମୟରେ କଣ୍ଟ୍ରାକ୍ଟର ସୁଶୀଲ ଷ୍ଟୋରକୁ ଟଙ୍କା ପଇଠ ନକଲେ ଆଉ ୩ ମାସ ଅଧିକ ଜେଲ ଦଣ୍ଡ ଭୋଗବାକୁ ପଡିବ ବୋଲି ଏସ୍‌ଡ଼ିଜେଏମ ତାଙ୍କ ରାୟରେ ଶୁଣାଇଛନ୍ତି। ନବୀନଙ୍କ ପକ୍ଷରୁ ଆଡ଼ଭୋକେଟ ତରୁଣ କୁମାର ପାତ୍ର ଏବଂ ଠିକାଦାରଙ୍କ ପକ୍ଷରୁ ଆଡ଼ଭୋକେଟ ଦର୍ପଗଞ୍ଜନ ପଟ୍ଟନାୟକ ମକଦ୍ଦମା ଲଢୁଥିଲେ।

### ବେଟି ବଚାଅ ବେଟି ପଢ଼ାଅ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୭।୩(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ମିଶନ ଶକ୍ତି ଭବନଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଖପ୍ରାଖୋଲ ବ୍ଲକସ୍ତରୀୟ ବେଟି ବଚାଅ ବେଟି ପଢ଼ାଅ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟର ଅରୁଣ କୁମାର ଖୁଆସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ୟୁନିଟର ପ୍ରମୋଦ କୁମାର ବର୍ଗର୍ତ୍ତୀ ଯୋଗଦେଇଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲା ପରାମର୍ଶଦାତା ଉପସ୍ଥିତ ରହି ବେଟି ବଚାଅ ବେଟି ପଢାଅ ଯୋଜନା, ଲିଙ୍ଗଗତ ବୈଷମ୍ୟକୁ ଦୂର କରି ସମାନତା ରକ୍ଷା କରିବା, ଗର୍ଭସ୍ଥ ଶିଶୁର ଲିଙ୍ଗ ପରୀକ୍ଷା ରୋକିବା, ଗ୍ରାମ ପଞ୍ଚାୟତସ୍ତରରେ ଜିପିଡିପି ପ୍ଲାନରେ ୫ ପ୍ରତିଶତ ବଜେଟ ବ୍ୟବସ୍ଥା, ପୋକ୍‌ସୋ ଆଇନ, ଶିଶୁ ସୁରକ୍ଷା ଆଇନ, ବାଲ୍ୟ ବିବାହ ନିରୋଧ ଆଇନ, ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ। ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ସିରୋଲ ବିଦ୍ୟାଳୟରେ ମୋ ସ୍କୁଲ ଉତ୍ସବ

ମୁରିବାହାଲ, ୭।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ମୋ ସ୍କୁଲ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ରୂପଧର ବର୍ଗର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ, ବରିଷ୍ଠ ସଦସ୍ୟ ବିଦ୍ୟାଧର ବର୍ଗର୍ତ୍ତୀ, ପ୍ରଧାନଶିକ୍ଷକ ବିଜୟ କୁମାର ରଣା, ଶିକ୍ଷକ ଜଗଦୀଶ ସୁନା, ରୋହିତ ନାଗ, ଶୁଭ୍ରାଂଶୁ ତାଣ୍ଡି, ଆନନ୍ଦିନୀ ଥନାପତି ମଞ୍ଚାସୀନ ଥିଲେ। ପୂର୍ବତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ମତ ରଖିଥିଲେ। ପ୍ରଧାନଶିକ୍ଷକ ରଣା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ପରେ ସ୍କୁଲ ଉନ୍ନତୀରେ ସହଯୋଗର ହାତ ବଢାଇଥିବା ପୁରାତନ ବିଦ୍ୟାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଜ୍ଞାପନ ପତ୍ର ବଣ୍ଟନ କରାଯାଇଥିଲା। ଶିକ୍ଷକ ଶ୍ୟାମ ସୁନ୍ଦର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ମୋହନ ପ୍ରଧାନୀ, ମୋତିରାମ ମାଝି, ସୁଶାନ୍ତ ନାଏକ ସହଯୋଗ କରିଥିଲେ। ଶିକ୍ଷକ ଲିଲୁ ମୋହନ ପଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଶିଶୁ ଅଧିକାର ସୁରକ୍ଷା ବଡ଼ ଦାୟିତ୍ୱ

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ଶିଶୁମାନଙ୍କୁ ଦେଶର ଭବିଷ୍ୟତ ବୋଲି ବିବେଚନା କରାଯାଏ। ସେମାନେ ସୁରକ୍ଷିତ ନ ରହିଲେ ଦେଶ ସୁରକ୍ଷିତ ରହିବ ନାହିଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଏଦିଗରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଏକ ବଡ ଦାୟିତ୍ୱ ରହିଛି। ତେବେ ଶିଶୁ ଅଧିକାର ଏବଂ ସୁରକ୍ଷା ପ୍ରସଙ୍ଗରେ ସାମାଜିକ ସଚେତନତା ସୃଷ୍ଟି ଦିଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ସବୁଠୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଏହାକୁ ସୁନିଶ୍ଚିତ କରିବାକୁ ହେଲେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡା ବୋଲି ଆଜିର ଏକଦିବସୀୟ କର୍ମଶାଳାରେ ଅତିଥି ବକ୍ତାମାନେ କହିଥିଲେ। ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲାପାଳ ଅଫିସ ସ୍ଥିତ ପୁରୁଣା ସମ୍ମିଳନୀ କକ୍ଷ ଠାରେ ଗୁରୁବାର ଶିଶୁ ସୁରକ୍ଷା ସଂକ୍ରାନ୍ତରେ ଆୟୋଜିତ ଏକଦିବସୀୟ କର୍ମଶାଳାରେ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ) ସଚ୍ଚିଦାନନ୍ଦ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା ଶିଶୁ କଲ୍ୟାଣ କମିଟି ପୂର୍ବତନ ଅଧ୍ୟକ୍ଷ ତଥା ଆଡଭୋକେଟ ଯୋଗେଶ୍ୱର ମହାନ୍ତି, ଡିସିପିୟୁର ଆଇନ ଅଧିକାରୀ ଦିଗାମ୍ବର କର ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ।




ଜିଲା ସ୍ତରୀୟ ଶିଶୁ ସୁରକ୍ଷା ପ୍ରସଙ୍ଗରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥି ଓ ଆଲୋଚକ।

କର୍ମଶାଳାରେ ବଲାଙ୍ଗୀରର ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ତଥା କର୍ମଶାଳାରେ ଶିଶୁ ସୁରକ୍ଷା ସହ ଜଡିତ ବିଭିନ୍ନ ସମସ୍ୟାକୁ ରିପୋର୍ଟ କଲାବେଳେ କେଉଁ ବିଷୟ ଗୁଡିକୁ ଧ୍ୟାନ ଦିଆଯିବା କଥା ତାହା କହିଥିଲେ।

ଅନ୍ୟତମ ଅତିଥି ତଥା ଆଲୋଚକ ଯୋଗେଶ୍ୱର ମହାନ୍ତି ତାଙ୍କ ବକ୍ତବ୍ୟରେ ଶିଶୁ ଅଧିକାର ଏବଂ ସୁରକ୍ଷା, ସାମ୍ବାଧାନିକ ନୀତିନିୟମ, ସରକାରୀ ଯୋଜନା ଏବଂ ସୁବ୍ୟବସ୍ଥା, ସ୍ଥାନୀୟ ଅଞ୍ଚଳର ସମସ୍ୟା ଭିତରେ ଶିଶୁ ମାନଙ୍କ ଅସହାୟତା, ସେମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ଆଇନରେ

**ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏକଦିବସୀୟ କର୍ମଶାଳା**

ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଦାୟିତ୍ୱପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତି ଏବଂ ପରିବେଷଣ ଉପରେ ସେ ଆଲୋଚନା କରିଥିଲେ। ଶିଶୁଟିଏ କାହିଁକି ଅଧିକାରରୁ ବଞ୍ଚିତ ହେଉଛି ଏବଂ କେଉଁ ସ୍ଥାନରେ ଶୂନ୍ୟତା ରହିଯାଉଛି ସେ ଉପରେ ଆଲୋଚନା କରିଥିଲେ। ଶିଶୁମାନଙ୍କ ଅଧିକାର ରକ୍ଷା କରିବାରେ ଗଣମାଧ୍ୟମ, ସରକାରୀ ଏଜେନ୍ସି ଏବଂ ନାଗରିକ ସମାଜ ମଧ୍ୟରେ ମିଳିତ ଆଭିମୁଖ୍ୟକୁ ସୁନିଶ୍ଚିତ କରିବା ଉପରେ ଗଣମାଧ୍ୟମର ଗୁରୁତ୍ୱ ଉପରେ ଡିସିପିୟୁ ଲକ୍ଷ୍ମୀ ସିଂ ସୂଚନା ଦେଇଥିଲେ। ଡିସିପିୟୁ ପକ୍ଷରୁ ଜିଲାର କେତେ ପୀଡିତ ଶିଶୁମାନଙ୍କୁ ସହାୟତା ଦିଆଯାଇଛି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଦାଦନ ସମସ୍ୟାଏବଂ ଶିଶୁ ଅଧିକାର ଉଲ୍ଲଂଘନ ଉପରେ ପ୍ରଶ୍ନ କରିବା ସହ ଜିଲା ଶ୍ରମ ବିଭାଗର ଅବହେଳା ଉପରେ ଆଲୋଚନା କରିଥିଲେ। ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ବୃଦ୍ଧି ଦିଗରେ କର୍ମଶାଳାରେ ଉଦ୍‌ବେଗ ପ୍ରକାଶ କରାଯାଇ ଏହାର ପ୍ରତିକାର ଦିଗରେ ପ୍ରଶାସନର ସମନ୍ୱିତ ଉଦ୍ୟମକୁ ଗୁରୁତ୍ୱ ଦିଆଯାଇଥିଲା।

# ସ୍ୱଚ୍ଛ ଭାରତ ମିଶନ ବିଆର୍‌ସି ଗିରଫ

ଦେଓଗାଁ, ୭।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

**ପାଇଖାନା ନିର୍ମାଣ ବିଲ୍ ମଞ୍ଜୁର କରିବାକୁ ଲାଞ୍ଚ**

ବ୍ୟକ୍ତିଗତ ପାଇଖାନା ନିର୍ମାଣ ବିଲ୍ ମଞ୍ଜୁର କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସ୍ୱଚ୍ଛ ଭାରତ ମିଶନ ବିଭାଗ ବ୍ଲକ ସମ୍ବଳ ସଂଯୋଜକ (ବିଆର୍‌ସି) ମଧୁସୂଦନ ପଟେଲଙ୍କୁ ଗୁରୁବାର ସମ୍ବଲପୁର ଭିଜିଲାନ୍ସ ଟିମ୍ ଗିରଫ କରିଛି। ବ୍ଲକର ଏକ ସ୍ୱୟଂସହାୟକ ଦଳ ଦ୍ୱାରା ନିର୍ମାଣ ହୋଇଥିବା (ଆଇଏଚ୍‌ଏଚ୍‌ଏଲ୍) ବ୍ୟକ୍ତିଗତ ପାଇଖାନା ନିର୍ମାଣ ବିଲ୍ ମଞ୍ଜୁର କରିବାକୁ ନେଇ ସମ୍ପୃକ୍ତ ବିଆର୍‌ସି ପଟେଲ ହଇରାଣ କରୁଥିଲେ। ୫ ହଜାର ଟଙ୍କା ଦିସି ଦେଲେ ବିଲ୍ ରିଲିଜ୍ କରିବେ ବୋଲି କହିଥିଲେ। ଏହାପରେ କାମ କରୁଥିବା ଠିକାଦାର ମହମ୍ମଦ ଆସିଫ ଘଟଣା ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ଠିକାଦାର ଆସିଫ ବିଆର୍‌ସି ପଟେଲଙ୍କୁ ତାଙ୍କ ବ୍ଲକ ଅଫିସସ୍ଥିତ କାର୍ଯ୍ୟାଳୟରେ ବିଲ୍ ରିଲିଜ୍ ବାବଦ ୫ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ବିଆର୍‌ସି ମଧୁସୂଦନ ପଟେଲ।

# ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ

ଦେଓଗାଁ, ୭।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁରଥ ଧରୁଆଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ କ୍ଷମାନିଧି ଭୋଇ,ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶି, ଆଦିବାସୀ କଲ୍ୟାଣ ସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶି, ଆଦିବାସୀ ନେତା ହେମସାଗର ଭୋଇ ମଞ୍ଚାସୀନ ଥିଲେ। ଆଦିବାସୀ କଳାସଂସ୍କୃତି ଓ ପରମ୍ପରାର ବିକାଶ ତଥା ଆଦିବାସୀଙ୍କ ସାମାଜିକ ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଥିଲେ। ପ୍ରଚାର ପ୍ରସାର କରା ନ ଯିବା ଏବଂ ପଞ୍ଚାୟତମାନଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନ କରା ନ ଯିବାରୁ ଉତ୍ସବରେ ଆଦିବାସୀ ଓ ଆଦିବାସୀ କଳାକାରମାନେ ଯୋଗ ଦେଇ ପାରି ନ ଥିଲେ। ଏ ନେଇ ଜିଲା କଳା ସଂସ୍କୃତି ସଂଘ ସଭାପତି ସୁଦାମ ବିଶିଙ୍କ ମତ ଲୋଡିବାରୁ ଠିକ୍ ସମୟରେ କାର୍ଯ୍ୟକ୍ରମ ସୂଚନା ନଦେବା ପରିତାପର ବିଷୟ। ଏଭଳି କାର୍ଯ୍ୟକ୍ରମରେ ଆଦିବାସୀ ଭଉଣୀଭାଇ ତଥା କଳାକାର ଯୋଗଦେଇଥିଲେ କାର୍ଯ୍ୟକ୍ରମ ଅଧିକ ସଫଳ ହୋଇଥାନ୍ତା ବୋଲି ସେ କହିଥିଲେ।

# ନେଟୱର୍କ ରହୁନି, ବିଡିଓଙ୍କୁ ଦାବିପତ୍ର

ମୁରିବାହାଲ, ୭।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ୬ଟି ଗ୍ରାମରେ ନେଟୱର୍କ ରହୁନାହିଁ। ଏହି ସମସ୍ୟାକୁ ନେଇ ସମ୍ପୃକ୍ତ ଅଞ୍ଚଳର ବାସୀନ୍ଦାମାନେ ବିଡିଓଙ୍କ ଅନୁପସ୍ଥିତରେ ମୁଖ୍ୟ କିରାଣୀ ରାଜୁ ନାୟକଙ୍କୁ ଏକ ଦାବିପତ୍ର ଦେବା ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ମୋବାଇଲ ନେଟୱର୍କ ରହୁ ନ ଥିବାରୁ ସାଧାରଣ ଯୋଗଯୋଗ କଥା ଛାଡନ୍ତୁ ଜରୁରୀକାଳୀନ କଲ ମଧ୍ୟ କରି ହେଉନାହିଁ। ମେଡିକାଲ ଯିବା ପାଇଁ ଆମ୍ବୁଲାନ୍ସକୁ ଫୋନ କରିବା ପାଇଁ ଲୋକେ ପାଣି ଟାଙ୍କି ଉପର, ନହେଲେ ଗଛ ଉପରକୁ ଚଢି ଫୋନ କରୁଛନ୍ତି। ଏଣୁ ସମସ୍ୟାକୁ ହୃଦୟଙ୍ଗମ କରି ଅବିଳମ୍ବେ ସମ୍ପୃକ୍ତ ଅଞ୍ଚଳରେ ମୋବାଇଲ ଟାୱାର ବସାଇବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସମସ୍ୟାର ସମାଧାନ ନହେଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ବାରବନ୍ଧ, ଶୁକନୀପଦର, ରାଣୀସିଲେଟ, ବେହେରାଖାଇ, କୁଟୁନୀଝରନ ଓ ଶିକାରୀପଡା ଆଦି ୬ଖଣ୍ଡ ଗ୍ରାମ ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୬ କିଲୋମିଟର ଦୂରରେ ଥିବା ଏହି ସବୁ ଗାଁରେ ୧୬ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ନେଟୱାର୍କ ସମସ୍ୟା ଲାଗି ରହିଥିବାରୁ ଛାତ୍ରୀଛାତ୍ରଙ୍କ ଅନଲାଇନ ପାଠପଢରା ବ୍ୟାହତ ହେଉଛି। ଏହାର ସମାଧାନ ପାଇଁ ଜନପ୍ରତିନିଧି, ଜିଲାପାଳ, ୫-ଟି ଅଧ୍ୟକ୍ଷଙ୍କୁ ଜଣାଇଲା ପରେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗିରିଧାରୀ ସାହୁ, ଆଲୋକ ସାହୁ, ସୈତ ବଘାର, ସୁରୁତ ବଘାର, ବବଲୁ ସାହୁ, ହେମସାଗର ବଘାର, ସୁଶୀଲ ବଘାର, ହରି ଶଙ୍କର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ମୁରିବାହାଲ, ୭।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ମୁରିବାହାଲ ସାପ୍ତାହିକ ବଜାରରେ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ରତିକାନ୍ତ ସେଠୀ, ସମ୍ମାନିତ ଅତିଥି ସହାୟକ କୃଷି ଅଧିକାରୀ ଅଭିନାଶ ପାଣିଗ୍ରାହୀ ଏବଂ ମଧୁସ୍ମିତା ବାରିକ, କୃଷି ଓଭରସିୟର,ଏମବିକେ, ସିଆରପି, ଆଗୁଆ ଚାଷୀ ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନେ ଜୈବିକ ଉତ୍ପାଦକ ଖାଦ୍ୟ ପଦାର୍ଥ ପନିପରିବା ସ୍ୱାର ଗୁଣବତ୍ତା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ କେତେକ ଚାଷୀ ଜୈବିକ ଉପାୟରେ ଉତ୍ପାଦିତ ଶାଗ, କଦଳୀ, ସଜନା, ଟମାଟୋ, ମକା, ମୂଳା, ବାଇଗଣ ଲଙ୍କା, ପିଆଜ, ଜଙ୍ଗଲଜାତ ଦ୍ରବ୍ୟ କ୍ଷୁଦ୍ର ଶସ୍ୟ ଆଦି ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ରଠାରେ ବିକ୍ରୟ କରିଥିଲେ। ବିଭିନ୍ନ ଜୈବିକ ମୃତ୍ତିକା ଉର୍ବରକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ କବିରାଜ ବାଗ, ତପସ୍ୱିନୀ ଦୀପ, ଗୀତାଞ୍ଜଳି ସାହୁ, ଜିପିଏଲଏଫ ସଦସ୍ୟା, ଜୈବିକ ଚାଷୀ ଓ ସଚେତନ ଜନ ସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଫଏଏସ ମାଷ୍ଟର ଟ୍ରେନର ଭାରତୀ ଗହୀର ପରିଚାଳନା କରିଥିଲେ।

# ନୋଟ୍ରେନ ନୋ ଭୋଟ ନାରାଦେଇ ଯୁବଗୋଷ୍ଠୀଙ୍କ ବିକ୍ଷୋଭ




ଯୁବଗୋଷ୍ଠୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦେଓଗାଁ, ୭।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି ଗତ ଦୁଇଦଶନ୍ଧି ଧରି ଚାଲିଆସୁଛି। ତେବେ ଚଳିତ ନିର୍ବାଚନ ପୂର୍ବରୁ ଏଠାରେ ଗୋଟିଏ ମଧ୍ୟ ଏକ୍ସପ୍ରେସ ଟ୍ରେନ ରହଣି ନ ହେଲେ ଦେଓଗାଁ ଓ ଜରାସିଂହା ଅଞ୍ଚଳବାସୀ ଚରମ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗୁରୁବାର ଦେଓଗାଁ ଓ ଜରାସିଂହାର ଯୁବଗୋଷ୍ଠୀ ଦେଓଗାଁ ବସ୍‌ଷ୍ଟାଣ୍ଡରୁ ନୋଟ୍ରେନ ନୋ ଭୋଟ ନାରା ଦେଇ ଗାଁ ପରିକ୍ରମା କରି ସ୍ଥାନୀୟ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୂର୍ବତନ ଓ ବର୍ତ୍ତମାନର ଏମ୍‌ପିଙ୍କ ଏ କ୍ଷେତ୍ରରେ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କୌଣସି ନେତୃବୃନ୍ଦ ଦେଓଗାଁ ଓ ଗୁଡଭେଲା ବ୍ଲକର ବୃହତ ସ୍ୱାର୍ଥ ଥିବା ଏହି ଦାବି ଉପରେ ପଦକ୍ଷେପ ନ ନେବାରୁ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦେଇଥିଲେ । ଏହାସହ ପ୍ରତ୍ୟେକ ଗାଁକୁ ଯାଇ ସମସ୍ତଙ୍କୁ ସହଯୋଗ ପାଇଁ ଆହ୍ୱାନ କରାଯିବ ବୋଲି ଯୁବଗୋଷ୍ଠୀ ସୂଚନା ଦେଇଛନ୍ତି। ପରେ ତହସିଲଦାର ବିକ୍ରମ କେଶରୀ ନାଏକ ଓ ବିଡିଓ କ୍ଷମାନିଧି ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# ହାଇସ୍କୁଲ ଆଲୁମିନି ବୈଠକ, ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ବଣ୍ଟନ



ବ୍ରାହ୍ମଣୀଯୋର ଉନ୍ନତି ହାଇସ୍କୁଲରେ ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେଓଗାଁ, ୭।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସମେତ ୫-ଟି ହାଇସ୍କୁଲ ମାନଙ୍କରେ ପୂର୍ବତନ ଛାତ୍ର ସଂସଦଙ୍କୁ ନେଇ ବୈଠକ ତଥା ମୁଖ୍ୟମନ୍ତ୍ରୀ ପ୍ରଶଂସା ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଦେଓଗାଁରେ ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଏବିଇଓ ଅଜିତ କୁମାର ମିଶ୍ର, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବଳଦେବ ମାଝି, ସମ୍ମାନୀତ ଅତିଥିଭାବେ ଆଲୁମିନି କମିଟି ସଭାପତି ବସନ୍ତ କୁମାର ଅଗ୍ରୱାଲ, ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ ଯୋଗଦେଇ ଥିଲେ। ବିଜ୍ଞାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍କୁଲ ପ୍ରତି ଅବଦାନ ରଖିଆସୁଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ କିରାଣୀ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବ୍ରାହ୍ମଣୀଯୋର ଉନ୍ନତି ହାଇସ୍କୁଲରେ ପ୍ରଧାନଶିକ୍ଷକ ରତନ ମେହେରଙ୍କ ସଭାପତିତ୍ୱ ଏବଂ ଶିକ୍ଷକ ଦେବଦତ୍ତ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାନେତ୍ରୀ ମଞ୍ଜୁଲତା ଭୋଇ, ମୋ ସ୍କୁଲ ଅଭିଯାନ ସଭାପତି ପୀତବାସ ଭୋଇ ଯୋଗଦେଇଥିଲେ। ଶିକ୍ଷକ ବୀରେନ୍ଦ୍ର ସୁନା କବିତା ପାଠ କରିଥିବା ବେଳେ ୨୦ଜଣ ଆଲୁମିନିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଛତ୍ରିଆ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଶିକୁ ମୋ ସ୍କୁଲ ଅଭିଯାନକୁ ଅର୍ପଣ କରିଦେଇଥିବା ସୂଚନା ଦେଇଥିବାରୁ ସ୍କୁଲ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ସିକୁଆଁ ଶ୍ରୀହର୍ଷ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଶାଗୁଆନ କାଠ ସହ ଗାଡ଼ି ଜବତ, ଡ୍ରାଇଭର ଗିରଫ

ଖପ୍ରାଖୋଲ, ୭।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ହରିଶଙ୍କର ବନ ବିଭାଗ ତରଫରୁ ଗୁରୁବାର ସନ୍ଧ୍ୟାରେ ଚଢାଉ କରି ବେଆଇନ ଶାଗୁଆନ କାଠ ବୋଝେଇ ଗାଡି ଜବତ କରିଛି। ବେଆଇନ କାଠ ଚାଲାଣ ହେଉଥିବା ଖବର ପାଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଙ୍କ ନେତୃତ୍ୱରେ ଧଣ୍ଡାମୁଣ୍ଡା କଟାପାଲି ରାସ୍ତାରେ ଚଢ଼ାଉ କରି ଏକ ବୋଲେରୋ ପିକଅପ(ସିଜି ୦୬ଜି ଇ ୦୮୦୧)ରେ ବୋଝେଇ ହୋଇଥିବା ୧୪ଟି ଶାଗୁଆନ କାଠ ଗଣ୍ଡି ଜବତ କରିଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୧ଲକ୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ବେଆଇନ ଚାଲାଣ ଅଭିଯୋଗରେ ଗାଡି ଡ୍ରାଇଭର ଦେଓଗାଁ ଥାନା ପିପଲପଦର୍ ଗାଁର ମନୋହର ନନ୍ଦ(୩୧)ଙ୍କୁ ଗିରଫ କରାଯାଇଛି। କାଠ ବୁଢିବାହାଲ ଗାଁରୁ ଚାଲାଣ ହେଉଥିବ ବନାଞ୍ଚଳ ଅଧିକାରୀ କହିଛନ୍ତି। ଚଢ଼ାଉରେ ବନପାଳ ସୁଧୀର କୁମାର ଜେନା, ରଞ୍ଜିତ କୁମ୍ଭାର, ବନରକ୍ଷୀ ରାଜେନ୍ଦ୍ର ଧରୁଆ, ରେଜେସ ଭୋଇ, ଭକ୍ତ ଗଡତ୍ୟା ସମେତ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।



ଜବତ କାଠ ବୋଝେଇ ଗାଡି।

# ସାବାସ ସଙ୍ଗଠନର କର୍ମକର୍ତ୍ତା ଚୟନ

ଲାଠୋର, ୭।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡ଼ିଆରେ ସାବାସ ସଂଗଠନର ନୂତନ କର୍ମକର୍ତ୍ତା ଚୟନ ସହ ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କପିଳ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ବାବା ସାହେବ ଆମ୍ବେଡକରଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ ପରେ ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ପରେ ଉପସ୍ଥିତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ସଭାପତିଭାବେ ଲାଏବାନ ସୁନା, ଉପସଭାପତି ବିଶ୍ୱହରୀ ନାଗ, ସମ୍ପାଦକ ରୋହିତ ବଏ, କୋଷାଧ୍ୟକ୍ଷ ଭାବେ କରୁଣାକର ସୁନାଙ୍କୁ ମନୋନୀତ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଏବଂ ପୁରୁଣା କର୍ମକର୍ତ୍ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଗତ ଦିନ ମାନଙ୍କରେ ସଙ୍ଗଠନ ପାଇଁ ନିସ୍ୱାର୍ଥପରଭାବେ କାର୍ଯ୍ୟ କରିଥିବା ବିଦ୍ୟାଧର ଗୁର୍ଲା, ଫିରୋଜ ନାଗ ଏବଂ ରାଜକୁମାର ତାଣ୍ଡିଙ୍କୁ ସ୍ୱାଗତ କରାଯାଇଥିଲା। ଆସନ୍ତା ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତାମାନେ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି। ସଙ୍ଗଠନର ବରିଷ୍ଠ ସଦସ୍ୟ ମହେଶ୍ୱର ରାଏ, ସିକନ୍ଦର ସୁନା, ବସନ୍ତ ଗୁର୍ଲା, ମୋତିରାମ ତାଣ୍ଡି ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ମାଗୁରବେଡ଼ା ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



ବିଧାୟକ ନରସିଂହ ମିଶ୍ର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ଲୋଇସିଂହା, ୭।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ବିଧାୟକ ମିଶ୍ର କହିଥିଲେ ଯେ, ଦୀର୍ଘଦିନ ଧରି ଗୋଟିଏ ଦଳ କ୍ଷମତାରେ ରହିଲେ ତାର ଅହମିକା ବଢ଼ି ଯାଇଥାଏ । ତେଣୁ ସମୟ ବ୍ୟବଧାନରେ ଲୋକେ ନିର୍ବାଚିତ ଜନପ୍ରତିନିଧି ଓ ସରକାରଙ୍କୁ ପରିବର୍ତ୍ତନ କରିବା ଦରକାର। ବୟସାଧିକ ଯୋଗୁ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ। ରାଜନୀତିରେ ନ ଥାଇ ମଧ୍ୟ ଲୋକଙ୍କ ସେବା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଲୋଇସିଂହା ଓ ବିନିକାର ପୁରୁଣା ବିଧାୟକ ହୋଇ ମଧ୍ୟ ଲୋକଙ୍କ ଅନୁରୋଧ କ୍ରମେ ବିଭିନ୍ନ କାମ କରୁଛି। ଆଉ ୨ ମାସ ପରେ ବଲାଙ୍ଗୀର ମଧ୍ୟ ପୁରୁଣା ବିଧାୟକ ହୋଇଯିବି। ଆଗାମୀ ନିର୍ବାଚନକୁ ଆଖିରେ ରଖି ରାଜ୍ୟ ସରକାର ତରବରିଆଭାବେ ଅସମ୍ପୂର୍ଣ୍ଣ ଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଓ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ଉଦ୍‌ଘାଟନ କରବାକୁ ସେ ସମାଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ସଞ୍ଜୟ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଏବ ସରପଞ୍ଚ ତୁଳା କୁଅଁରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମିତି ସଭ୍ୟ ଦେବାଶିଷ ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇ ନଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।





ବରଗଡ଼ ଜିଲା ସରଣ୍ଡାର ବିଶ୍ୱେଶ୍ୱର ଶୈବପୀଠ (ବାମ)। ରତ୍ନମୁଦ ସମ୍ପନ୍ନ ହୋଇଥିବା ନିର୍ମାଣାଧୀନ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର (ମଝି)। ସରଣ୍ଡାରେ ମହାଶିବରାତ୍ରି ମେଳା ପାଇଁ ବନାରସରୁ ଘୋଡ଼ା ଏବଂ ଓଟ ଆସିଛନ୍ତି।

# ଆକର୍ଷଣ ସାଜିବ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ

**ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାରେ ରହିଛି ବାବା ବିଶ୍ୱେଶ୍ୱରଙ୍କ ପୀଠ। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ୨୦୨୩ ନଭେମ୍ବର ୨୪ ତାରିଖରେ ଏହି ପୀଠରେ ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିକୃତିର ୧୨ଟି ମନ୍ଦିର ଏକାଠି କରି ରତ୍ନମୁଦ ସମ୍ପୂର୍ଣ୍ଣ କରାଯାଇଛି, ଯାହାକି ବିଶ୍ୱେଶ୍ୱର ପୀଠର ମହିମା ଓ ଶୋଭାକୁ ଦ୍ୱିଗୁଣିତ କରିଛି। ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ସେହି ପର୍ବଗୁଡିକ ମଧ୍ୟରୁ ମହାଶିବରାତ୍ରି ମେଳା ବାବାଙ୍କର ପ୍ରମୁଖ ପର୍ବ ତଥା ଯାତ୍ରା ମହୋତ୍ସବ। ଏହି ଦିନ ବାବାଙ୍କ ଦର୍ଶନ ପାଇଁ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଅପରାହ୍ନ ୫ରୁ ଉଜାଗର ଥିବା ଭକ୍ତ ମାନସିକ ଦୀପ ଜାଳି ଚାରିପ୍ରହର ପୂଜାପାଠ ସହ ଆଳତି କରିଥାନ୍ତି। ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଲା ପରେ ଭକ୍ତମାନେ ଉଜାଗର ଶେଷ କରନ୍ତି। ଏହି ଉପଲକ୍ଷେ ଆୟୋଜିତ ମେଳାରେ ନାନା କିସମର ପସରା ଖୋଲନ୍ତି ବ୍ୟବସାୟୀ। ଶ୍ରଦ୍ଧାଳୁମାନେ ଦେବ ଦେବ ମହାଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି। ମହାଶିବରାତ୍ରି ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।**



ଶିବରାତ୍ରି ପୂଜାପାଠର କର୍ତ୍ତା କର୍ତ୍ତ୍ରୀ ସଚ୍ଚିଦାନନ୍ଦ ମିଶ୍ର ଓ ଅଂଶୁମାଳା ମିଶ୍ର।



ବିଶ୍ୱେଶ୍ୱର ମନ୍ଦିର କମିଟିର କର୍ମକର୍ତ୍ତା।

## ଇତିହାସ ଆଇନା

ଅବିଭକ୍ତ ସମ୍ବଲପୁରର ପ୍ରଥମ ରାଜା ଥିଲେ ପାଟଣା ରାଜବଂଶୀୟ ବଳରାମ ଦେବ। ୧୫୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଜ୍ୟେଷ୍ଠ ଭ୍ରାତା ନରସିଂହ ଦେବଙ୍କଠାରୁ ଭାଗସୂତ୍ରରେ ସେତେବେଳେ ସେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରିଥିବା ଜନଶ୍ରୁତିରୁ ଜଣାପଡ଼େ। ସେହି ସମୟରେ ବରଗଡ଼ ଥିଲା ତାଙ୍କ ପ୍ରମୁଖ ସାମରିକ କେନ୍ଦ୍ର। ପରବର୍ତ୍ତୀ ସମୟରେ ଚୌହାନମାନଙ୍କ ଆଗମନରୁ ସମ୍ପୃକ୍ତ ଅଞ୍ଚଳରେ କଳା, ସ୍ଥାପତ୍ୟର ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ଯଦିଓ ଚୌହାନ ରାଜାମାନେ ଦେବୀ ମା' ସମଲେଇଙ୍କୁ ପୂଜା କରୁଥିଲେ, ପରେ ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଲୋକକଥାରୁ ଜଣାପଡେ। ଏଭଳି ଭାବେ ପଶ୍ଚିମ ଓଡ଼ିଶାରେ ଅଷ୍ଟଶମ୍ଭୁ ପୀଠ ସମ୍ବଲପୁର ଜିଲା ହୁମାର ବିମଳେଶ୍ୱର, ମାନେଶ୍ୱରର ମାନଧାତା, ବରଗଡ଼ ଜିଲା ସରଣ୍ଡାର ବିଶ୍ୱେଶ୍ୱର, ସୋର୍ଣ୍ଣାର ସ୍ୱପେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ନୀଳଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଏବଂ ଦେଓଗାଁର ବୈଦ୍ୟନାଥ ବାବାଙ୍କ ମନ୍ଦିର ଗଢ଼ି ଉଠିଥିଲା।





ବିଶ୍ୱେଶ୍ୱର ଶୈବ ଉଭା ଲିଙ୍ଗ।

## ମନ୍ଦିର ନିର୍ମାଣ

ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ ହୁମାର ବିମଳେଶ୍ୱର ଶିବ ମନ୍ଦିର ସମ୍ବଲପୁର ରାଜା ବଳିଆର ସିଂହଙ୍କ ଦ୍ୱାରା ୧୬୧୭ରୁ ୧୬୫୭ ମସିହା ମଧ୍ୟରେ ନିର୍ମାଣ ହୋଇଥିଲା। ସରଣ୍ଡାର ବିଶ୍ୱେଶ୍ୱର ଶୈବପୀଠ ସହ ଅବଶିଷ୍ଟ ୭ଟି ମନ୍ଦିର ୧୬୯୫ରୁ ୧୭୬୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜାଙ୍କ ଦେୱାନ ଦକ୍ଷିଣ ରାୟଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଯାହାକି ଶିବପ୍ରସାଦ ଦାଶଙ୍କ ଦ୍ୱାରା ରଚିତ ସମ୍ବଲପୁର ଇତିହାସ ୧୯୬୨ ମସିହା ସଂସ୍କରଣର ୨୭୨ ପୃଷ୍ଠାରେ ଉଲ୍ଲେଖ ରହିଛି।

## ପରିବେଶ

ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ପରିବେଶ ଅବର୍ଣ୍ଣନୀୟ। ପ୍ରାୟ ୧୧ ଡେସିମିଲ ପରିମିତ ଜମି ଅଞ୍ଚଳରେ ଗଢି ଉଠିଥିବା ଏହି ମନ୍ଦିରକୁ ଘେରି ରହିଛି ସବୁଜ ବନାନୀ। ପାଖରେ ରହିଥିବା ପୁଷ୍କରିଣୀ(ଦେଉଳ ବନ୍ଧ ଓ କଟା) ଓ ଜାତୀୟ ରାଜପଥ ମନ୍ଦିର ଆକର୍ଷଣକୁ ଦ୍ୱିଗୁଣିତ କରୁଛି। ତେବେ ମନ୍ଦିର ପରିସରରେ ଥିବା କନିଅର, ଚମ୍ପା ଫୁଲର ମହକରେ ମହକୁଥିବା ମନ୍ଦିର ପରିସର ଏବେ ଉନ୍ନୟନ କାର୍ଯ୍ୟ ସକାଶେ ନୀରବି ଯାଇଛି। ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଦାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିକୃତିରେ ୧୨ଟି ମନ୍ଦିରର ରତ୍ନମୁଦ ସରିଛି। ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି ବିଶ୍ୱେଶ୍ୱର ପୀଠରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଯାହାକି ଦେଶରେ ଗୋଟିଏ ସ୍ଥାନରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନର ସୁଯୋଗ ପ୍ରଥମ କରି ଏଠାରେ ମିଳିବ। ତେବେ ଏହି ଶୈବ ପୀଠରେ ଥିବା ମୁଖ୍ୟ ମନ୍ଦିରଟି ୩ ଭାଗରେ ବିଭକ୍ତ। ମୁଖ୍ୟ ମନ୍ଦିର ବିମାନ, ଦ୍ୱିତୀୟ ଜଗମୋହନ ଏବଂ ତୃତୀୟ ନାଟ ମନ୍ଦିର ଅର୍ଥାତ୍ ମୁଖଶାଳା। ପ୍ରାରମ୍ଭରେ ଦେବଦେବ ମହାଦେବଙ୍କ ବାହନ ବୃଷଭଙ୍କ ମୂର୍ତ୍ତି ଅବସ୍ଥାରେ ଦଣ୍ଡାୟମାନ ରହିଛି। ସେହିପରି ମନ୍ଦିର ସାମ୍ନାରେ ଗରୁଡ଼ ସ୍ତମ୍ଭ ରହିଥିବା ବେଳେ ଡାହାଣରେ ମା' ପାର୍ବତୀ, ବାମରେ ବାବା ଭୈରବ, ଦୁଇଟି ବୀର ବଜରଙ୍ଗୀ ରାମଭକ୍ତ ହନୁମାନ ମନ୍ଦିର ଗଢି ଉଠିଛି। ମନ୍ଦିରର ଏଭଳି ମିଳନ ଅବସ୍ଥିତି ଭିନ୍ନ ଆକର୍ଷଣ ସୃଷ୍ଟି କରୁଛି।




ଶିବ ମନ୍ଦିର ପୂଜକ।

## ଜନଶ୍ରୁତିରେ ରାଜାଙ୍କ ଘୋଡ଼ା

ବିଶ୍ୱେଶ୍ୱର ମନ୍ଦିର ନିର୍ମାଣ ସମୟରେ ଯାନବାହନ ଚଳାଚଳ ନ ଥିଲା । ଘୋଡ଼ା ସବାରରେ ତତ୍କାଳୀନ ରାଜା ପାଟଣା ଯାତାୟାତ କରୁଥିଲେ। ଦିନେ ତତ୍କାଳୀନ ଚୌହାନ ବଂଶୀୟ ରାଜା ପାଟଣାରୁ ସମ୍ବଲପୁର ଫେରୁଥିବା ସମୟରେ ହଠାତ୍ ଘୋଡ଼ାଟି ବର୍ତ୍ତମାନ ଶିବ ଲିଙ୍ଗ ରହିଥିବା ସ୍ଥାନରେ ଅଟକି ଯାଇଥିଲା। ଯେତେ ଚେଷ୍ଟା କଲେ ବି ଘୋଡ଼ାଟି ଆଗକୁ ନ ବଢ଼ିବାରୁ ରାଜା ଆଚମ୍ବିତ ହୋଇ ସେହି ସ୍ଥାନ ଖୋଳିବା ପରେ ସେଠାରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା। ଖୋଳିବା ସମୟରେ ଶିବଲିଙ୍ଗଟି କୋଦାଳରେ ବାଜି କ୍ଷତାକ୍ତ ହୋଇଥିଲା, ଯାହାକି ଏବେ ବି ଶିବଲିଙ୍ଗରେ କ୍ଷତଚିହ୍ନ ବାରିହୋଇ ପଡୁଛି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଲୌକିକ ଦୈବଶକ୍ତି ତଥା ଶିବଭକ୍ତି ଭାବ ଜାଗ୍ରତ ହୋଇଥିଲା । ଏପରି କି ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ମଧ୍ୟ ଏଠାରେ ମନ୍ଦିର ନିର୍ମାଣ କରିଥିଲେ ବୋଲି ଲୋକକଥାରୁ ଜଣାପଡ଼େ।

## ପର୍ବପର୍ବାଣି

ଏଠାରେ ମହାଶିବରାତ୍ରି ମୁଖ୍ୟ ପର୍ବ। ହେଲେ ଏଠି ବାରମାସରେ ତେରପର୍ବ ପାଳନ କରାଯାଏ। ନିୟମିତ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଶ୍ରାବଣ ମାସରେ ବୋଲବମ୍ ଭକ୍ତଙ୍କ ଲମ୍ବାଧାଡ଼ିରେ ମନ୍ଦିର ଏକ ଭିନ୍ନ ପରିବେଶ ମଧ୍ୟରେ ରହିଥାଏ। ବୋଲବମ ଧ୍ୱନିରେ କମ୍ପିଉଠେ ମନ୍ଦିର ପରିସର। କାର୍ତ୍ତିକ ମାସରେ ମହିଳା ଭକ୍ତମାନେ ମାସ ଯାକ ହବିଷ କରି ପାହାନ୍ତିଆରୁ ପୂଜାପାଠ କରିଥାନ୍ତି। ମହାଶିବରାତ୍ରି ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସାମୂହିକ ଦୀପରେ ମନ୍ଦିର ଝଲସି ଉଠିଥାଏ। ସେହିପରି ମାଘ, କାର୍ତ୍ତିକ ପୂର୍ଣ୍ଣମୀ ପାଳନ ସହିତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେବେ ଶ୍ରାବଣ ମାସର ପ୍ରତ୍ୟେକ ଦିନ ଏଠାରେ ଜଳାଭିଷେକ, ରୁଦ୍ରାଭିଷେକ ହୋମଯଜ୍ଞ ଚାଲିଥାଏ । ଏଥିପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ।

## ବର୍ଷକୁ ଦିନେ ବାହାରନ୍ତି ବାବା ଚନ୍ଦ୍ରଶେଖର

ବର୍ଷକୁ ଦିନକ ପାଇଁ ବିଶ୍ୱେଶ୍ୱର ଶୈବ ପୀଠରୁ ବାବା ଚନ୍ଦ୍ରଶେଖର ବାହାରକୁ ବାହାରି ସମସ୍ତଙ୍କ ଘର ସମ୍ମୁଖରେ ପୂଜା ପାଆନ୍ତି ଓ ଦର୍ଶନ ଦିଅନ୍ତି। ବାବା ଚନ୍ଦ୍ରଶେଖର ଶିବରାତ୍ରି ଦିନ ହିଁ ଗୋଟିଏ ବେଳା ସରଣ୍ଡା ଗ୍ରାମ ପରିକ୍ରମା କରନ୍ତି। ଏହିଦିନ ପୂର୍ବାହ୍ନ ୧୧ଟାରୁ ବାବା ଚନ୍ଦ୍ରଶେଖରଙ୍କୁ ଏକ ସ୍ୱତନ୍ତ୍ର ସୁସଜ୍ଜିତ ରଥରେ ଆସୀନ କରାଇ ଶୋଭାଯାତ୍ରାରେ ନିଆଯାଏ। ତାଙ୍କୁ ସରଣ୍ଡା, କଟାପାଲି, ମୁରଲିଟିକ୍ରା ଆଦି ସ୍ଥାନ ପରିକ୍ରମା କରାଯାଇଥାଏ। ଏହି ସମୟରେ ପ୍ରତି ଘର ସମ୍ମୁଖରେ ଲିପାପୋଛା ହେବା ସହ ଝୋଟି, କଳସ ସ୍ଥାପନ କରି ବାବାଙ୍କ ଗୋଡ଼ଧୁଆ ଓ ପୂଜାର୍ଚ୍ଚନା କରାଯାଏ। ଏଥିରେ ଭଗବାନ ଓ ଭକ୍ତଙ୍କ ଅନାବିଳ ପ୍ରେମ ପରିଲକ୍ଷିତ ହୁଏ।

**ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର, ସରଣ୍ଡା, ବରଗଡ଼**

### ଏମାନେ କୁହନ୍ତି...

#### ବାବାଙ୍କ ପୀଠକୁ ସରକାର ଦୃଷ୍ଟିଦେଲେ



"ବିଶ୍ୱେଶ୍ୱର ବାବାଙ୍କ ମହିମା ସର୍ବବିଦିତ। ପ୍ରତ୍ୟହ ଏଠାକୁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏହି ଶୈବପୀଠ ଉପରେ ପର୍ଯ୍ୟଟନ ବିଭାଗର ଦୃଷ୍ଟି ପଡି ନ ଥିଲା । ତେବେ ରାଜ୍ୟ ସରକାର, ଜନପ୍ରତିନିଧିମାନେ ଦୃଷ୍ଟି ଦେଇ ୫-ଟି ଅଧକ୍ଷଙ୍କ ଗସ୍ତରେ ଆମ ଦାବିର କିଛିକାଂଶ ପୂରଣ ହୋଇଛି। ବିରାଟ କଲ୍ୟାଣ ମଣ୍ଡପ କାମ ଆରମ୍ଭ ହୋଇଛି। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କାର୍ଯ୍ୟ ବି ଖୁବ୍‌ଶୀଘ୍ର ଶେଷ ହୋଇଯିବ। ଫଳରେ ଭକ୍ତଙ୍କ ପାଇଁ ଥିବା ଆବଶ୍ୟକତା ଦୂର ହେବ।

**-ସଚ୍ଚିଦାନନ୍ଦ ମିଶ୍ର, ସଭାପତି, ମନ୍ଦିର ପରିଚାଳନା କମିଟି**

#### ପର୍ଯ୍ୟଟନସ୍ଥଳୀ ମାନ୍ୟତା ଆଶା



"ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରୁ ବିଶ୍ୱେଶ୍ୱର ବାବାଙ୍କ ପୀଠ ଅନ୍ୟତମ। ମନ୍ଦିରର ଉନ୍ନୟନ ପାଇଁ ବହୁ ଅନୁଦାନ ସରକାର ୫-ଟି ମାଧ୍ୟମରେ ଯୋଗାଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରିନାହିଁ। ଏହା କିଭଳି ମିଳିପାରିବ ସେହି ଆଶାରେ ଅଛୁଁ। ସରକାର ଏଥିପ୍ରତି ମଧ୍ୟ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ଆଶା କରୁଛି।

**-ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ, ମନ୍ଦିର ପରିଚାଳନା କମିଟି**

#### ସବୁ ସୁରୁଖୁରୁରେ ଚାଲିଛି



"ବାବା ବିଶ୍ୱେଶ୍ୱରଙ୍କ କୃପା ଅପାର। ୩ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବିଶ୍ୱେଶ୍ୱର ଆସ୍ଥା ଓ ବିଶ୍ୱାସର ଦେବତା ପାଲଟିଛନ୍ତି। ଏହି ପୀଠକୁ ଯିଏ ଆସିଛି, ସିଏ ଭଲ ଅନୁଭୂତି ନେଇ ଫେରିଛି। ବାବାଙ୍କ ଆଶୀର୍ବାଦରୁ ସବୁକିଛି ସୁରୁଖୁରୁରେ ଚାଲିଛି।

**-ମନୋଜ ମହାପାତ୍ର, ସଭ୍ୟ, ପୂଜା କମିଟି**

#### ସମସ୍ତଙ୍କ ପାଇଁ ଭୋଗ ବ୍ୟବସ୍ଥା



"ଆମର ଏହି ମନ୍ଦିର ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ତିଆରି ହୋଇଛି। ଭକ୍ତମାନଙ୍କ ଆସ୍ଥା ଓ ବିଶ୍ୱାସ ଥିବାରୁ ଶିବରାତ୍ରି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଏହା ଅଷ୍ଟଶମ୍ଭୁ ମଧ୍ୟରୁ ଅନ୍ୟତମ। ଏଠାରେ ଭକ୍ତମାନଙ୍କୁ ଭୋର ୫ଟାରୁ ଖେଚୁଡ଼ି ଭୋଗ ଓ ମଧ୍ୟାହ୍ନରେ ଅନ୍ନଭୋଗ ଦେବା ବ୍ୟବସ୍ଥା କରାଯାଇଛି।

**-ବିନୋଦ ମେହେର, ସମ୍ପାଦକ, ମନ୍ଦିର ପରିଚାଳନା କମିଟି**

#### ଶାନ୍ତିଶୃଙ୍ଖଳା ପାଇଁ ସହଯୋଗ ଲୋଡ଼ା



"ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ବେଳେ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳାରେ ଭକ୍ତଙ୍କ ଦର୍ଶନ ଓ ମେଳାର ସଫଳ ସମାପନ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଜନସାଧାରଣ ଓ ଭକ୍ତ ଏ ଦିଗରେ ସହଯୋଗ କରିବେ ବୋଲି ଆଶା କରୁଛି। ଉଭୟ ମନ୍ଦିରରେ ଜଣେ ଏସ୍‌ଆଇଙ୍କ ନେତୃତ୍ୱରେ ଗୋଟିଏ ଲେଖାଏଁ ସେକ୍ସନ ଫୋର୍ସ ମୁତୟନ କରାଯାଇଛି।

**-ସୁକୁମାର ତ୍ରିପାଠୀ, ଆଇଆଇସି, ଅତାବିରା ଥାନା**

# ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ବରଗଡ଼ ସହର ଉପକଣ୍ଠ ତୋରା ଅନ୍ତର୍ଗତ ଆମସଡ଼ା କେନାଲ ରୋଡ୍(ବିକାଶ ସ୍କୁଲ ନିକଟ)ରେ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀ ଶ୍ରୀୟା ବେହେରାଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ପୂର୍ବତନ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ରମେଶ ମିଶ୍ର, ବରିଷ୍ଠ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ମିଶ୍ର, ଜିଲା ହୋମିଓପାଥି ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲାର ସମସ୍ତ ଆୟୁର୍ବେଦ ଚିକିତ୍ସାଧିକାରୀ, ଆୟୁଷ ଆସିଷ୍ଟାଣ୍ଟ ପ୍ରମୁଖ ସହଯୋଗ କରିଥିଲେ ।

# ସଚେତନତା ରଥ ଶୁଭାରମ୍ଭ

ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)

ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ବାର୍ତ୍ତା ଦେବା ପାଇଁ ବୁଧବାର ବରଗଡ଼ ଜିଲାପାଳଙ୍କ ଅଫିସରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏହାର ଶୁଭାରମ୍ଭ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏହି ରଥ ବାହାରିଛି। ଜିଲାର ବିଭିନ୍ନ ଅଞ୍ଚଳକୁ ଏହି ରଥ ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣ ନେଇ ସଚେତନତା ସୃଷ୍ଟି କରିବ। ଉକ୍ତ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ଉପସ୍ଥିତ ଥିଲେ।



ବରଗଡ଼ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

# ଜିଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳନ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବୟନ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ଶିଶୁ ବିବାହ ରୋକିବା, ଲିଙ୍ଗ ଭିତ୍ତିକ ହିଂସା ବନ୍ଦ କରାଯିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ସୁରକ୍ଷା ଅଧିକାରୀ ରୀନା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ସାବିତ୍ରୀ କୁମୁରା ଆନ୍ତର୍ଜାତିକ ମହିଳା ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ମହିଳାମାନଙ୍କ ପାଇଁ ଉପଲବ୍ଧ ସେବା, ଘରୋଇ ହିଂସା ବିରୋଧରେ ଦଣ୍ଡ ବିଧାନ, ଜିଲା ଆଇନ ସେବା ପ୍ରାଧିକରଣ ଗଠନର ଉଦ୍ଦେଶ୍ୟ, ନିର୍ଯାତିତ ମହିଳାଙ୍କ ଲାଗି ନିମ୍ନ ଅଦାଲତରୁ ଉଚ୍ଚ ଅଦାଲତ ପର୍ଯ୍ୟନ୍ତ ସହାୟତା ପ୍ରଦାନ ବିଷୟରେ ବୁଝାଇଥିଲେ। ଡେପୁଟି ଆରକ୍ଷୀ ଅଧୀକ୍ଷକ ରୀନା ବେହେରା ମହିଳାଙ୍କ ସହିତ ଜଡ଼ିତ ଏକ ମାମଲାରେ ପୋଲିସର ଭୂମିକା, କର୍ତ୍ତବ୍ୟ ଉପରେ ବୁଝାଇଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଦସ୍ୟ ତପନ କୁମାର ପାତ୍ର ମହିଳା ସଶକ୍ତୀକରଣ ଏବଂ ସମାଜରେ ମହିଳାଙ୍କ ମହତ୍ତ୍ୱ ଉପରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ୩ଜଣ ଲେଖାଏଁ ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ସୁପରଭାଇଜର ଏବଂ ୨କିଶୋର ବାଳିକା ଚାମ୍ପିୟନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ୟାମାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ମିଲେଟ୍ ଫୁଡ୍ ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସମସ୍ତ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଆଶା, କିଶୋର ବାଳିକା, ଏସ୍‌ଏଚ୍‌ଜି ସଦସ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ଜିଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ବିଜୁବାବୁଙ୍କ ୧୦୮ତମ ଜନ୍ମବାର୍ଷିକୀ ପାଳିତ

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ):** ଆରଏସ୍‌ପି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଆର୍‌ଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡ. ବି. କେ. ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ ପି. କେ. ସ୍ୱାଇଁ ଏବଂ ବହୁ ବରିଷ୍ଠ ଅଧିକାରୀ ସେକ୍ଟର-୨ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଆରଏସ୍‌ପିର ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଭୌମିକ କହିଥିଲେ, ବିଜୁ ପଟ୍ଟନାୟକ ଜଣେ ସାହସୀ ଜାତୀୟତାବାଦୀ, ବିପ୍ଳବୀ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଜନନାୟକ, ଶିଳ୍ପପତି ପ୍ରବାଦ ପୁରୁଷ ଥିଲେ। ସେ ଆଧୁନିକ ଓଡିଶାର ନିର୍ମାତା ଭାବେ ମଧ୍ୟ ପରିଚିତ। ଅଦମ୍ୟ ଦେଶ ଭକ୍ତି ପାଇଁ ସମଗ୍ର ଓଡିଶାବାସୀଙ୍କ ସହିତ ଭାରତବର୍ଷର ଜନହୃଦୟରେ ବିଜୁବାବୁ ସ୍ଥାନ ପାଇଛନ୍ତି ବୋଲି କହିଥିଲେ।

### ସୀମାନ୍ତରୁ ମାଓବାଦୀ କ୍ୟାମ୍ପ ଠାବ
#### ବିପୁଳ ବିସ୍ଫୋରକ ନଷ୍ଟ କରାଗଲା

ରାଉରକେଲା, ୭।୩(ସଙ୍ଗୀତା ଜେନା)-ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ଅଞ୍ଚଳରେ ମାଓବାଦୀ ଉପଦ୍ରବ ଜାରି ରହିଛି। ସୁରକ୍ଷାବଳଙ୍କୁ ଆକ୍ରମଣ କରିବା ଓ ବିସ୍ଫୋଟକ ବିଛାଇବା ଆଦି ମାଓବାଦୀମାନେ କରୁଥିବା ବେଳେ ଗୁରୁବାର ସକାଳେ ସୀମାନ୍ତରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ଏଥିରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ମାଓବାଦୀ ରହୁଥିବା ସନ୍ଦେହ କରାଯାଉଛି। ସୁରକ୍ଷାବଳ ଓ ସ୍ଥାନୀୟ ପୋଲିସ ପକ୍ଷରୁ ସକାଳେ କୋମ୍ବିଂ ଅପରେଶନ୍ ବେଳେ ଟୋଣ୍ଟୋ ଥାନା ବନଗ୍ରାମ ଜିମ୍ପିଇକରୀ ଓ ଗୁଲଗୁଣ୍ଡା ନିକଟରେ ଥିବା ଘନ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଥିବା ଦେଖାଯାଇଥିଲା। ଏଥିରୁ ବିପୁଳ ବିସ୍ଫୋଟକ ସହ ୯ଟି ଆଇଇଡ଼. କର୍ଟେକ୍ସ ୱାୟାର, ବିଜୁଳି ତାର, ସିରିଞ୍ଜି ଆଇଇଡ଼ି, ପିସ୍ତଲ, ବ୍ୟାଟେରୀ, ସିଲିଂମେଶିନ ଓ ଆନୁଷଙ୍ଗିକ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରିଥିଲେ। ଏହା ବ୍ୟତୀତ ନିର୍ବାଚନ ପୂର୍ବରୁ ସମସ୍ତ ଦାବି ପୂରଣ କରାଯାଉ ବୋଲି ଏକ ମାଓବାଦୀ ବ୍ୟାନର ମଧ୍ୟ ଜବତ କରାଯାଇଥିଲା। ପରେ ବମ୍ ନିରୋଧକ ଦଳର ସହଯୋଗରେ ଉକ୍ତ କ୍ୟାମ୍ପକୁ ନଷ୍ଟ କରିଦିଆଯାଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରାପ୍ତ ହୋଇଛି।

### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ବିନୟ ଟପ୍ପୋ

**ସବ୍‌ଡେଗା, ୭।୩ (ଅନନ୍ତ ପଟେଲ):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଦେଓଭୁବନପୁର ଅନ୍ତର୍ଗତ କୁର୍ଲୁଟୁଙ୍ଗରିଠାରେ ନବ ନିର୍ମିତ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ. ବିନୋୟ କୁମାର ଟପ୍ପୋ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ମନ୍ଦିରଟି ଅଧ୍ୟକ୍ଷଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିବାରୁ ଅଞ୍ଚଳବାସୀ ତାଙ୍କୁ କୃତଜ୍ଞତା ଜଣାଇଥିଲେ।

# ଏସ୍‌ପିଙ୍କ ଅଫିସ୍ ଘେରିଲେ ୭ ଗ୍ରାମବାସୀ

## ନିଖୋଜ ବ୍ୟକ୍ତିଙ୍କ ଅନୁସନ୍ଧାନରେ ପୋଲିସ ବିଫଳ

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)**



ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ସୁନ୍ଦରଗଡ ଜିଲା ତିତେରକେଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମବେର୍ଣ୍ଣା ଗ୍ରାମର ମଙ୍ଗଳ ଓରାମ(୪୫)ଙ୍କ ନିଖୋଜ ଘଟଣାକୁ ୮ଦିନ ବିତିଲାଣି। ତଥାପି ନିଖୋଜଙ୍କୁ ଉଦ୍ଧାର କରିବାରେ ବିଶ୍ରା ଥାନା ପୋଲିସ ସଫଳ ହୋଇନାହିଁ। ଫଳରେ ଏହି ଘଟଣାକୁ ନେଇ ଦିନକୁ ଦିନ ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ଏହି କ୍ରମରେ ଗୁରୁବାର ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ନେତୃତ୍ୱରେ ତିତେରକେଲା ଗ୍ରାମପଞ୍ଚାୟତ ଅଧୀନ ୭ଟି ଗ୍ରାମର ପ୍ରାୟ ୨ଶହ ମହିଳା ପୁରୁଷ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାସହ ଏହି ଘଟଣାରେ ପୋଲିସର କାର୍ଯ୍ୟକୁ ନେଇ ପ୍ରତିବାଦ କରିଥିଲେ। ପରେ ସେମାନେ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ପି ମହାପାତ୍ର ସମସ୍ତ ବିଷୟରେ ଅବଗତ ହେବା ପରେ ଦୁଇଦିନ ଅପେକ୍ଷା କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ବିଧାୟକ ଓରାମ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ନିଖୋଜ ଘଟଣାରେ ବ୍ୟବସାୟିକ କ୍ଷେତ୍ରରେ ଚାଲିଥିବା ସାହୁକାରରାଜ୍ ଉତ୍ତରଦାୟୀ ବୋଲି ତିତେରକେଲା ସରପଞ୍ଚ ସମା ଓରାମ କହିଛନ୍ତି।

ସୂଚନାଯୋଗ୍ୟ, ଜାମବେର୍ଣ୍ଣା ଗ୍ରାମର ମଙ୍ଗଳ ୭/୮ଜଣ ଚାଷୀଙ୍କୁ ନେଇ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୧୪/୩୬୪୮) ଯୋଗେ ନେଇ ଝିରପାଣି ସାପ୍ତାହିକ ହାଟକୁ ଯାଇଥିଲେ। ତେବେ ସେ ପ୍ରାୟ ଦିନ ୧୧ଟା ପରେ ସେ କେଉଁଆଡେ ଗାଡ଼ି ସହ ଚାଲିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରି ନ ମିଳିବାରୁ ମଙ୍ଗଳଙ୍କ ସ୍ତ୍ରୀ ବିରସମଣି ଶୁକ୍ରବାର ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ନିଖୋଜ ମାମଲା (ନଂ.୫/୨୪) ରୁଜୁ କରିବା ସହ ତଦନ୍ତ କରୁଛି।

# ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିର ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନ ବରସୁଆ ଲୌହ ଖଣି ପକ୍ଷରୁ ୩୩ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ହିତାଧିକାରୀଙ୍କୁ ୮୨ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି। ଲହୁଣୀପଡା କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, ସମିତି ସଭ୍ୟା ସୁଶ୍ରୀ ଲକ୍ଷ୍ମୀ କିଶନ, ବିଆଇଏମ୍ ମାଇନିଂ ବିଭାଗ ଜିଏମ୍ ପି. ସି. ବରୁଆ, ଏଜିଏମ୍ (ସିଭିଲ ସିଏସ୍‌ଆର) ବି. ଦତ୍ତା ଏବଂ ଲହୁଣୀପଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମହାନ୍ତି ଉପସ୍ଥିତ ରହି ସହାୟକ ଉପକରଣ ଯଥା ଏମ୍‌ଟିସି, ଟ୍ରାଇ ସାଇକେଲ, ହ୍ୱିଲ ଚେୟାର, ଏଲବୋ କ୍ରଚ୍, ୱାକିଙ୍ଗ ଷ୍ଟିକ, ଆକ୍ସିଲା କ୍ରଚ୍ ଓ ସ୍ମାର୍ଟ କେନ ସହ ଶ୍ରବଣ ଉପକରଣ ବଣ୍ଟନ କରିଥିଲେ। ଏହାବ୍ୟତୀତ ରାଷ୍ଟ୍ରୀୟ ଭାୟୋଶ୍ରୀ ଯୋଜନା ଅଧୀନରେ ବଣ୍ଟନ ହୋଇଥିବା ସାମଗ୍ରୀଗୁଡିକ ମଧ୍ୟରେ ସିଲିକନ ଫୋମ୍ କୁଶନ, ସିଟ ବିଶିଷ୍ଟ ୱାକିଂ ଷ୍ଟିକ, ନି ବ୍ରେସ, ୱାକିଂ ଷ୍ଟିକ, ଟେଟ୍ରା ପୋଡ,ଏଲଏସ ବେଲ୍ଟ, କମୋଡ, ହ୍ୱିଲ ଚେୟାର ଏବଂ ଚେୟାର ଷ୍ଟୁଲ କମୋଡ ଆଦି ରହିଥିଲା। ଆସିଷ୍ଟାଣ୍ଟ ମ୍ୟାନେଜର ଅମୀୟ ରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ସେଲ୍ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଓ ଆଲମିକୋ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଆର୍‌ଏସ୍‌ପି ଓ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ କରାଯାଉଛି।

# ୧୨ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ


କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍-୧ ବିଭାଗ ତରଫରୁ ଏସ୍‌ଏମ୍‌ଏସ୍- ୧, ସିଆରଏମ୍, ଏସ୍‌ଏମ୍‌ଏସ୍, ପିପି ଏବଂ ଆରଏସ୍ ବିଭାଗର ସିଜିଏମ୍ ସୁବ୍ରତ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାବାସ ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ୧୨ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଏଚ୍‌ଏସ୍‌ଏମ୍-୧ ବିଭାଗର ଜିଏମ୍ ଇନ୍‌ଚାର୍ଜ କେ. ସମଜଦାରଙ୍କ ସହ ବିଭାଗୀୟ ପ୍ରତିନିଧି, ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୁବ୍ରତ କୁମାର ପୁରସ୍କାର ବିଜେତାମାନଙ୍କ ସାଙ୍ଗଠନିକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହାସଲ କରିବା ଦିଗରେ ରହିଥିବା ଅବଦାନକୁ ପ୍ରଶଂସା କରିଥିଲେ। କାରଖାନାରେ ଉତ୍କର୍ଷତା ସଂସ୍କୃତି ଆଣିବା ପାଇଁ ଅଭିନବ ପ୍ରୟାସ ସହ ଅନ୍ୟମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ସ୍ୱତନ୍ତ୍ର ଅଭିନବ ପ୍ରକଳ୍ପ, ନୂତନ, ପରିବର୍ତ୍ତନଶୀଳ, ସଂଶୋଧିତ ନବୀକୃତ ଉପକରଣ ଏବଂ ରକ୍ଷଣାବେକ୍ଷଣ ସ୍ଥାପନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଚ୍‌ଏସ୍‌ଏମ୍-୧ ବିଭାଗର ମ୍ୟାନେଜର ସିଦ୍ଧାନ୍ତ ପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆଜି ଜାଗର, ରାଉରକେଲା ଶୈବପୀଠ ଚଳଚଞ୍ଚଳ

**ରାଉରକେଲା,୭।୩(ଦିନେଶ ମିଶ୍ର)**

ପବିତ୍ର ଶିବରାତ୍ରି ପାଇଁ ରାଉରକେଲା ସହରରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡିଛି। ମନ୍ଦିରମାନଙ୍କରେ ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ଅଷ୍ଟପ୍ରହର ନାମଯଜ୍ଞ ପେଣ୍ଡାଲ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ଜାଗର ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସହରର ପ୍ରମୁଖ ବେଦବ୍ୟାସ ପୀଠରେ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ ସାଙ୍ଗକୁ ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିସୁରକ୍ଷା ବ୍ୟବସ୍ଥା କରାଯାଇଛି । ସେହିପରି ବାସନ୍ତୀ କଲୋନୀ ସ୍ଥିତ ବାବା ଆଖଣ୍ଡଳମଣି ଶିବ ମନ୍ଦିର ପ୍ରାଙ୍ଗଣରେ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ରାତି ୩ଟାରେ ମହାଦୀପ ଉଠିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ତୁଳସୀ ପ୍ରସାଦ ନନ୍ଦ ସୂଚନା ଦେଇଛନ୍ତି। ଉଦିତନଗରରେ ସ୍ଥିତ ପଞ୍ଚଦେବ ଶିବ ମନ୍ଦିର ପ୍ରାଙ୍ଗଣରେ ରାତି ସାଢ଼େ ୨ଟାରେ ମହାଦୀପ ଉଠିବା ବ୍ୟବସ୍ଥା ରହିଥିବାବେଳେ ହନୁମାନ ବାଟିକାରେ ରାତି ୨ଟା ଭିତରେ ମହାଦୀପ ଉଠିବ ବୋଲି ସୂଚନା ମିଳିଛି। ଏଥିସହ ଶିବରାତ୍ରି ପାଇଁ ବଜାରରେ ଭିଡ ଦେଖିବାକୁ ମିଳିଛି। ଡେଲିମାର୍କେଟ, ପାନପୋଷ, ବାସନ୍ତୀ, ଆମ୍ବଗାନ, ଟ୍ରାଫିଗେଟ୍ ଆଦି ମାର୍କେଟରେ ଲୋକମାନେ ପୂଜା ସାମଗ୍ରୀ ଆଦି କିଣାକିଣି କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ନାଇଟ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଥିବା ସୂଚନା ମିଳିଛି।

# ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଆଲୁମ୍ନି ସମ୍ବର୍ଦ୍ଧିତ

**ରାଉରକେଲା,୭।୩(ଦିନେଶ ମିଶ୍ର)**

ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ଆହ୍ୱାନ କ୍ରମେ ଉଦିତନଗର ଆଲୁମ୍ନି ଆସୋସିଏଶନର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଆଲୁମିନିକୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆରମ୍ଭରେ ପ୍ରଧାନ ଶିକ୍ଷକ ସୁଶ୍ରୀ ସେଠୀ, ଦିଲୀପ କୁମାର ମହାପାତ୍ର ଓ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆସୋସିଏଶନ ପକ୍ଷରୁ ଅଜୟ କୁମାର ପ୍ରଧାନ ମୋ ସ୍କୁଲ ଅଭିଯାନ ପରିକଳ୍ପନା ପୁରାତନ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ସହ ଯୋଡିପାରିଛି ଓ ବିଦ୍ୟାଳୟର ବିକାଶରେ ସୁଯୋଗ ସୃଷ୍ଟି କରିପାରିଛି ବୋଲି ମତପ୍ରକାଶ କରିଥିଲେ। ଆଲୁମିନି ପୋଲସ୍ତ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ରୀଛାତ୍ର ଲଳିତେନ୍ଦୁ ଚୌଧୁରୀ, ବିଷ୍ଣୁ ଚରଣ ଦାସ, ଅମୂଲ୍ୟ କୁମାର ମିଶ୍ର, ସଞ୍ଜୟ କୁମାର ମିଶ୍ର, ଭାରତୀରାଣୀ ବାହାଲି, ରାଜେଶ ଚୋପଦାର, ସୁରେଶ ପ୍ରସାଦ ଲେଙ୍କା, ବସନ୍ତ ସ୍ୱାଇଁ, କୁନା ଚୌଧୁରୀ, ପ୍ରିୟଙ୍କା ସାହୁ, ସମୀର ପଟ୍ଟନାୟକ, ରାଜେଶ ବାର୍ନାଜୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଆଲୁମ୍ନି।

# ବନ୍ୟପ୍ରାଣୀ, ଉଦ୍ଭିଦ ସମୁଦାୟଙ୍କ ବଂଶବୃଦ୍ଧି ଆବଶ୍ୟକ

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇନ୍ଦିରାଗାନ୍ଧୀ ଉଦ୍ୟାନ ଓ ହରିଣ ଉଦ୍ୟାନର ତତ୍ତ୍ୱାବଧାରକ ତଥା ପ୍ରାଣୀ ବୈଜ୍ଞାନିକ ଡାକ୍ତର ସତ୍ୟ ନାରାୟଣ ମିଶ୍ର ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସମୀର ସୌରଭ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନବ ସମାଜ ସୁରକ୍ଷିତ ଜୀବନ ଧାରଣ ପାଇଁ ପରିବେଶ ସନ୍ତୁଳନ ବଜାୟ ରହିବା ଆବଶ୍ୟକ। ପରିବେଶ ସନ୍ତୁଳନତା ପାଇଁ ବନ୍ୟପ୍ରାଣୀ ଓ ଉଦ୍ଭିଦ ସମୁଦାୟଙ୍କ ଅଭିବୃଦ୍ଧି ନିହାତି ଆବଶ୍ୟକ। ଏମାନେ ହିଁ ଆମ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏଥିପାଇଁ ବନ୍ୟଜନ୍ତୁ ଏବଂ ଉଦ୍ଭିଦର ସୁରକ୍ଷା ସକାଶେ ସଚେତନତା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଏ ବୋଲି ପୃଷ୍ଟି କହିଥିଲେ। ପ୍ରଫେସର ଡ. ବେହେରା ତାଙ୍କ ବକ୍ତବ୍ୟରେ ୨୦୧୪ରୁ ଏହି ଦିବସ ପାଳନ ହୋଇଆସୁଛି ବୋଲି କହିବା ସହ ଏହି ଦିବସ ମୁଖ୍ୟତଃ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା ବୃଦ୍ଧି ସକାଶେ କରାଯାଏ ବୋଲି କହିଥିଲେ। ଏହି ଅବସରରେ ଡ. ମିଶ୍ର ଚଳିତ ବର୍ଷ ଦିବସ ପାଳନର ପ୍ରସଙ୍ଗ ଜୀବ ସହ ଗ୍ରହ ସଂଯୋଗ ଏବଂ ବନ୍ୟଜନ୍ତୁ ସଂରକ୍ଷଣରେ ଅତ୍ୟାଧୁନିକ ନବସୃଜନ ଅନୁସନ୍ଧାନ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟପ୍ରାଣୀଙ୍କ ନିୟନ୍ତ୍ରଣ ଏବଂ ସେମାନଙ୍କ ରକ୍ଷଣାବେକ୍ଷଣ ଦିଗରେ ବୈଷୟିକ ଜ୍ଞାନକୌଶଳ ଉପଯୋଗ ସମ୍ପର୍କରେ ଡ. ମିଶ୍ର ବିଶେଷ ଆଲୋଚନା କରିଥିଲେ। ବିଭାଗର ଅଧ୍ୟାପିକା ଲାରିକା ମହନ୍ତଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ଦୀପକ କୁମାର ସିଂ, ଅଧ୍ୟାପିକା ରାଧା କୁମାରୀ, ମଧୁସ୍ମିତା ପରିଡା, ଅଧ୍ୟାପକ ଆକାଶ ସାହୁ, ଦେବାଶିଷ ସୁତାର, ସ୍ମୃତି ରଞ୍ଜନ ସାହୁ ଓ ଲମ୍ବୋଦର ନାୟକ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟ ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ପନିପରିବା ବ୍ୟବସାୟୀଙ୍କଠାରୁ ୫୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗ, ଜଣେ ଅଟକ

ରାଉରକେଲା, ୭।୩(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀକଲୋନୀ ଅଞ୍ଚଳରେ କେତେକ ପନିପରିବା ବ୍ୟବସାୟୀଙ୍କଠାରୁ ଜଣେ ବ୍ୟକ୍ତି ଟଙ୍କା ଜମା କରିବା ଆଳରେ ପ୍ରାୟ ୫୦ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତି ଜଣଙ୍କ ବ୍ୟବସାୟୀମାନଙ୍କଠାରୁ ଟଙ୍କା ଠକେଇ କରି ବ୍ରହ୍ମପୁରରେ ଯାଇ ଲୁଚିଥିଲେ। ହେଲେ ଗୁରୁବାର ସକାଳେ ବାସନ୍ତୀକଲୋନୀଠାରେ ବ୍ୟବସାୟୀମାନେ ତାଙ୍କୁ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

# ନକଲି କମ୍ପାନୀ ଜରିଆରେ ଜିଏସ୍‌ଟି ଠକେଇ, ଜଣେ ଗିରଫ

**ରାଉରକେଲା, ୭।୩(ସଙ୍ଗୀତା ଜେନା)**

ଡାଇରେକ୍ଟୋରେଟ୍ ଜେନେରାଲ୍ (ଜିଏସ୍‌ଟି ଇଣ୍ଟେଲିଜେନ୍ସ)(ଡିଜିଜିଆଇ) ଭୁବନେଶ୍ୱର ପକ୍ଷରୁ ୧୯ଟି ନକଲି କମ୍ପାନୀ ଜରିଆରେ କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗରେ ରାଉରକେଲାରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିନେଇଥିବା ସୂଚନା ମିଳିଛି। ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ଅଞ୍ଚଳରେ ରହୁଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ପ୍ରାୟ ୪୩.୯ କୋଟି ଟଙ୍କାର ନକଲି ୱେବିଲ୍ ଓ ଇନଭଏସ୍ ତିଆରି କରି ଏପରି ଠକେଇ କରିଥିବା ତଦନ୍ତରୁ ଜଣାପଡ଼ିଛି। ଗତ ମଙ୍ଗଳବାର ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ଉପଖଣ୍ଡ ନ୍ୟାୟାଳୟ ରାଉରକେଲାରେ ପେଶ କରାଯାଇ ଭୁବନେଶ୍ୱର ନିଆଯାଇଥିଲା। ଉକ୍ତ ଅଭିଯୁକ୍ତଙ୍କ ବ୍ୟବସାୟିକ ସ୍ଥଳୀ ଓ ବାସଭବନରେ ଚଢ଼ାଉ କରାଯାଇଥିଲା। ଏ ନେଇ ଡିଜିଜିଆଇ ପକ୍ଷରୁ ସୂଚନା ମିଳିଛି।

# ସର୍ବଭାରତୀୟ ଫୁଟବଲ: ଚେନ୍ନାଇ ବିଜୟୀ

**ରାଉରକେଲା,୭।୩(ଦିନେଶ ମିଶ୍ର)**



ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ ପରିସରରେ ୧୮ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଓ ସପ୍ତମ ରାଉରକେଲା ଓପନ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିନରେ ୩ଟି ମ୍ୟାଚ୍ ଖେଳାଯାଇଛି। ଏହି ମ୍ୟାଚ୍‌ର ଉଦ୍‌ଘାଟନୀ ଉତ୍ସବରେ ଡାକ୍ତର ସୁରେନ୍ଦ୍ର କୁମାର ଓ ଡାକ୍ତର ଉଦୟ କିସ୍କୋ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ରୟାଲ କ୍ଲବ ରାଉରକେଲା ଓ ପଟେଲ ବ୍ରଦର୍ସ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ପଟେଲ ବଦର୍ସ ଦଳ ରୟାଲ କ୍ଲବକୁ ୫-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଞ୍ଜୟ ଜୋଜୋଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ରାଜଗାଙ୍ଗପୁର ଅଲଣ୍ଡା ଓ ଆରଏସ୍‌ଏ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଜଗାଙ୍ଗପୁର ଅଲଣ୍ଡା ଦଳ ୪-୦ ଗୋଲରେ ଆରଏସ୍‌ଏକୁ ପରାସ୍ତ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଞ୍ଜୀବ ଓରାମଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ତୃତୀୟ ମ୍ୟାଚ୍ ସର୍ବଭାରତୀୟ ସ୍ତରରେ ଟାଟା ଫୁଟବଲ ଏକାଡମୀ ଓ ଚେନ୍ନାଇ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚେନ୍ନାଇ ଦଳ ୩-୦ ଗୋଲରେ ଟାଟା ଫୁଟବଲ ଏକାଡେମୀକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ରାଜେଶ ତିର୍କୀ, ଅଶ୍ୱିନୀ ବେହେରା, ସାନିକା ତିର୍କୀ, ମନୋଜ ପାଣ୍ଡେ, ରୋସନ ଖାନ, ଆଶୀର୍ବାଦ କାନୁନ୍‌ଗୋ, ନବୀନ କୁମାର ନାୟକ, ଦିଲୀପ କୁମାର ରାଉତ ରେଫରୀ ଭାବେ ଯୋଗଦେଇ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ଦୁର୍ଗାମାଧବ ନାୟକ ଉପସ୍ଥିତ ରହି ମ୍ୟାଚ୍ ତଦାରଖ କରିଥିଲେ। ଏହି ଟୁର୍ନାମେଣ୍ଟକୁ ସଫଳ କରିବା ପାଇଁ ଆରଏସ୍‌ଏ ସଭାପତି ମିହିର ରାୟ, ଉପସଭାପତି ଅର୍ଜୁନ ଭୂୟାଁ, ସମ୍ପାଦକ ସୁବାଷ ପଣ୍ଡା, ସୂର୍ଯ୍ୟ କୁମାର ପାତ୍ର, ଜେ. କେ. ଭୂୟାଁ, ଧନେଶ୍ୱର ଦାସ, ଧନଞ୍ଜୟ ତ୍ରିପାଠୀ, ମନୋଜ ରାଉତ ସହଯୋଗ କରିଥିଲେ।

# ରମ୍‌ଜାନ୍‌ରେ ବିଜୁଳି କାଟ ନ କରିବାକୁ କଂଗ୍ରେସ ମାଇନରିଟି ପ୍ରତିନିଧି ମଣ୍ଡଳୀର ଦାବି

**ରାଉରକେଲା,୭।୩(ସଙ୍ଗୀତା ଜେନା)**


ଉଦିତନଗରସ୍ଥିତ ବିଜୁଳି କାର୍ଯ୍ୟାଳୟରେ କଂଗ୍ରେସ ମାଇନରିଟି ପ୍ରତିନିଧି ମଣ୍ଡଳୀ ଭେଟୁଛନ୍ତି।

ମାର୍ଚ୍ଚ ୧୧ରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପର୍ବ ରମ୍‌ଜାନ୍ ଆରମ୍ଭ ହେଉଛି। ଏଥିରେ ଉପବାସ କରିବାକୁ ପଡ଼ିଥାଏ। ଏହି ସମୟରେ ନିରନ୍ତର ବିଜୁଳି ଯୋଗାଣ ଆବଶ୍ୟକ ରହିଛି। ନାଲା ରୋଡ, ପ୍ଲାଣ୍ଟସାଇଟ୍ ରୋଡ୍, କୋଏଲବ୍ୟାଙ୍କ, ଊର୍ଦ୍ଧ୍ୱ ସ୍କୁଲ ଗଳି, ମାଲଗୋଦାମ ମସଜିଦ୍ ଗଳି ସମେତ ଅନ୍ୟ ଅଞ୍ଚଳରେ ବିଜୁଳି ଯୋଗାଣ କରାଯାଉ। ଏହି ଅଞ୍ଚଳଗୁଡ଼ିକରେ ଦିନରେ ୪-୫ ଘଣ୍ଟା ବିଜୁଳିକାଟ କରାଯାଉଛି। ତୁରନ୍ତ ଏହାର ପ୍ରତିକାର କରାଯାଉ ବୋଲି ଦାବି ହୋଇଛି। ଉପରୋକ୍ତ ଦାବି ନେଇ କଂଗ୍ରେସ ମାଇନରିଟି ସେଲ୍‌ର ଇଜାଜ୍ ଅଖତାରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଟିପିଡବ୍ଲ୍ୟୁଓଡିଏଲ୍ ନିର୍ବାହୀଯନ୍ତ୍ରୀ ପାର୍ଥୋ ଚକ୍ରବର୍ତ୍ତୀଙ୍କୁ ଭେଟି ଆଲୋଚନା କରିବା ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ବୁଧବାର ମାଲଗୋଦାମ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଘରରେ ଅତ୍ୟଧିକ ବିଜୁଳି ଦେୟ ସଂଗ୍ରହ କରା ନ ଯାଇ ବିଜୁଳିକାଟ ସମ୍ପର୍କରେ ବିସ୍ତୃତ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚକ୍ରବର୍ତ୍ତୀ କହିଥିଲେ, ଏହି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସମସ୍ୟାର ସମାଧାନ କରାଯିବ। ରମ୍‌ଜାନ୍ ମାସରେ ବିଜୁଳି ଯୋଗାଣ ପାଇଁ ପ୍ରୟାସ ଜାରି ରହିବ ବୋଲି କହିଥିଲେ। ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ବାସୁ ବାନାର୍ଜୀ, ନିଆଜ୍ ଅହମ୍ମଦ, ଆୟୁବ ଖାନ୍, ସିକନ୍ଦର ଅହମ୍ମଦ, ଏମଡ୍ ପରଭେଜ୍, ଏମ୍‌ଡ଼ି ସାନ୍, ରୁକସାନା ପରବିନ୍, ଏମ୍‌ଡ଼ି ଖୁର୍ସିଦ୍, ମୁଜାହିଦ୍ ଆଲାମ୍ ପ୍ରମୁଖ ଉକ୍ତ ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ମାଲଗୋଦାମ ୱାର୍ଡ଼ ନମ୍ବର ୧୦ ଅଞ୍ଚଳରେ ବିଜୁଳି ବିଲ୍ ସଂଗ୍ରହ କରିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଘଟଣାସ୍ଥଳରେ ବିଜୁଳି ବିଭାଗ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ବଚସା ହୋଇଥିଲା। ଶେଷରେ ବିଜୁଳି ବିଲ୍ ନ ପାଇ ବିଜୁଳି କର୍ତ୍ତୃପକ୍ଷ ସଂଯୋଗ କାଟିଦେଇଥିଲେ। ଫଳରେ ୧୦ରୁ ଊର୍ଦ୍ଧ୍ୱ ପରିବାର ପ୍ରାୟ ଶତାଧିକ ଲୋକ ଅନ୍ଧାରରେ ରହିବାକୁ ବାଧ୍ୟ ହୋଇଥିଲେ।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ୪୭ ଭାଜପା କର୍ମୀ

ପାଟଣାଗଡ,୭।୨(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ବିଜେଡି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ବ୍ଲକ ଘସିଏନ ଗ୍ରାମ ପଞ୍ଚାୟତର ୪୭ ଜଣ ଭାଜପା କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକ ସରୋଜ କୁମାର ମେହେର ଦଳରେ ଯୋଗଦେଇଥିବା ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ହିମାଞ୍ଚଳ ପଧାନ, ପ୍ରଦୀପ ପୁରୋହିତ, ମହିଳା ସଭାନେତ୍ରୀ ବିଦ୍ୟୁସ୍ମିତା ମହାକୁର, ଶ୍ରିବଛ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ଛତୁଚାଷ ତାଲିମ

ଟିଟିଲାଗଡ଼, ୭।୩ (ଶରତ ମିଶ୍ର)

ସ୍ଥାନୀୟ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ସମ୍ମାନ ସ୍ନାତକ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପରିସରରେ ଆଶା ପକ୍ଷରୁ ଅନୁଷ୍ଠିତ ଏକ ଶିବିରରେ ଛତୁ ଚାଷ ନେଇ ଆଧୁନିକ କୌଶଳ ତାଲିମ ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଦୀପ୍ତ ମଲ୍ଲିକ, ଟ୍ରେନର ପରମେଶ୍ୱର ରଣା ଛତୁ ଚାଷ ନେଇ କିଭଳି ପରିବାରର ଆର୍ଥିକ ସମ୍ବଳ ବୃଦ୍ଧି ହେବ, ଛତୁ ପାଉଡର, ଆଚାର କିଭଳି ପ୍ରସ୍ତୁତି ହୋଇଥାଏ ଏବଂ ବଜାରରେ ଏହାର ଚାହିଦା ନେଇ ତାଲିମ ପ୍ରଦାନ କରାଯାଇଥିଲା । ଏନେଇ ନିଜ ପରିବାର ତଥା ପଡୋଶୀଙ୍କୁ ଛାତ୍ରୀଛାତ୍ର ସଚେତନ କରିବା ପାଇଁ ଆଗ୍ରହ କରିଥିଲେ। ଆଶା ଅନୁଷ୍ଠାନର ବିକାଶ ଥପା, ମାନସ ପଟ୍ଟନାୟକ, ବିନୟ ପୁରୋହିତ, ସୁନିଲ ମହାପାତ୍ର ପ୍ରମୁଖ ସହାୟତା କରିଥିଲେ।

### ଶ୍ରୀଶ୍ରୀ ଶୈଳେଶ୍ୱର ମହାଦେବଙ୍କ ମନ୍ଦିର ରତ୍ନମୁଦ

ଲାଞ୍ଜିଗଡ଼,୭।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବନ୍ଧପାରି ପଞ୍ଚାୟତ ଡ଼ଙ୍ଗାଯୋରଠାରେ ଶ୍ରୀଶ୍ରୀ ଶୈଳେଶ୍ୱର ମହାଦେବଙ୍କ ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଗୁରୁବାର ସକାଳ ୬.୩୦ରେ ଯଜ୍ଞକାର୍ଯ୍ୟ ଆରମ୍ଭ ଓ ମଧ୍ୟାହ୍ନ ୧ଟାରେ ରତ୍ନମୁଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରାଧାଦଳପତି ଓ ଶୁଭାସିନି ଦଳପତି ପୂଜାକାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ କୈଳାଶ ଚନ୍ଦ୍ର ଦାଶ ଓ ଜିତେନ୍ଦ୍ର ପାଢ଼ୀ ପୂଜା ବିଧି ସମ୍ପୂର୍ଣ୍ଣ କରିଥିଲେ। କାର୍ଯ୍ୟକର୍ମରେ ସ୍ଥାନୀୟ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ବିଧାୟକ ବଳଭଦ୍ର ମାଝି, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ଭାସ୍କର ମାଝି, ଉପସଭାପତି ରାମଚନ୍ଦ୍ର ବେହେରା, ସମ୍ପାଦକ ଜଗବନ୍ଧୁ ମାଝି, ସହ ସମ୍ପାଦକ ମନୋଜ କୁମାର ମାଝି, କୋଷାଧ୍ୟକ ସନମ ମାଝି, ସହ କୋଷାଧ୍ୟକ୍ଷ ଉଗ୍ରସନ ବାଗ, ସୁଦଂଶୁ ନାୟକ, ଦିଲୀପ ମହାରଣା ପ୍ରମୁଖ ସାହାଯ୍ୟ କରିଥିଲେ।

### ସ୍କୁଲସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ରୁପ୍ରାରୋଡ୍,୭।୩(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ହାଇସ୍କୁଲଠାରେ ସ୍କୁଲସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୀମକେଲା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ପରିସରରେ ପ୍ରଧାନ ଶିକ୍ଷକ ମଧୁସୂଦନ ଦାଶଙ୍କ ଆହୁତ କ୍ରମେ ପରିଚାଳନା କମିଟି ସଦସ୍ୟ, ଆଲୁମିନି କମିଟି ସଭ୍ୟ, ଅଭିଭାବକ, ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପୁରାତନ ଛାତ୍ର ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆଲୁମିନି କମିଟି ସଭାପତି ପ୍ରଦୀପ କୁମାର ଗଉଡ, ବିଦ୍ୟାଳୟ ସଭାପତି ଝଜ ସା ପ୍ରମୁଖ ମଞ୍ଚାସୀନ ଥିଲେ। ରୂପାନ୍ତରଣ ଯୋଗୁ ଆମ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ବିଶୁଦ୍ଧ ପାନୀୟ ଜଳ, ଖେଳପଡିଆ ଓ ଶୌଚାଳୟର ବ୍ୟବସ୍ଥା ଠିକ ଭାବେ ନିର୍ମିତ ହୋଇଛି ବୋଲି ପ୍ରଧାନ ଶିକ୍ଷକ ମଧୁସୂଦନ ଦାଶ ମତ ପ୍ରକାଶ କରିଥିଲେ। ମୋ ସ୍କୁଲ ଅଭିଯାନର ବଦାନ୍ୟବ୍ୟକ୍ତିମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ନୃସିଂହ ଚରଣ ଦଲାଇ, କେଶବ ମହାପାତ୍ର, ବିଦ୍ୟାଳୟ କର୍ମଚାରୀ ତୀର୍ଥ କରୁଆଁ, କିଶୋର କରୁଆଁ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ଦଫା ଦାବି ନେଇ ବ୍ଲକ ଘେରାଉ, ଦାବିପତ୍ର

ଖଡ଼ିଆଳ,୭।୩(ସୁଜିତ୍ କୁମାର ପ୍ରଧାନ)


ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ୮ଦଫା ଦାବି ନେଇ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖଡ଼ିଆଳ ସହର ମା’ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରୁ ଶତାଧିକ ଆଦିବାସୀ ପାରମ୍ପରିକ ବେଶଭୂଷା ବାଦ୍ୟଯନ୍ତ୍ର ହାତ ଓ ହତିଆର ସହିତ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ସଭା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବିଡିଓ ବିରସେନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘ ରାଜ୍ୟ ସଭାପତି ବାଳକୃଷ୍ଣ ଶବର ସଭାପତିତ୍ୱ କରିଥିଲେ। ଆଦିବାସୀଙ୍କ ୮ଦଫା ଦାବିଗୁଡ଼ିକ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବା ଝାଙ୍କରଙ୍କୁ ମାସିକ ୫ ହଜାର ଟଙ୍କା ଭତ୍ତା, ରାଜ୍ୟର ୩୦ଟି ଜିଲା ମଧ୍ୟରୁ କେବଳ ନୂଆପଡ଼ାରେ ଥିବା ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ କିସମକୁ ଉଚ୍ଛେଦ କରାଯାଇ ଆଦିବସୀମାନଙ୍କୁ ପଟ୍ଟା ପ୍ରଦାନକୁ ତ୍ୱରାନ୍ୱିତ କରିବା, ଚାକିରୀ କ୍ଷେତ୍ରରେ ଷ୍ଟେଟକ୍ୟାଡର ପରିବର୍ତ୍ତେ ଜିଲା କ୍ୟାଡରରେ ଚୟନ କରିବା, ଖଡ଼ିଆଳ ଭୁ

**ଆଦିବାସୀ କଲ୍ୟାଣ ସଂଘ**

ଅର୍ଜନ ଅଧିକାରୀ କାଲୁ ମାଝି ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ପ୍ରତି ଦୁର୍ବ୍ୟବହାର ଓ ଦୁର୍ନୀତି ଲିପ୍ତ ହେତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଖଡ଼ିଆଳ ସହରକୁ ସବଡିଭିଜନ ଓ ମୁନସୀ ପାଲଟି ମାନ୍ୟତା ପ୍ରଦାନ। ତିଖଲିଡ୍ୟାମର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବାଦ ପଡ଼ିଥିବା ବୋଡ୍ଡେନ ଓ ଖଡ଼ିଆଳ ବ୍ଲକର ଗ୍ରାମଗୁଡ଼ିକର ଚାଷୀମାନଙ୍କ ଜମିରେ ପାଣିର ବ୍ୟବସ୍ଥା, ଖଡ଼ିଆଳ ବିଧାନ ସଭା ନିର୍ବାଚନମଣ୍ଡଳୀରେ ଚଳିତ ସାଧାରଣ ନିର୍ବାଚନରେ ଜିଲାର ୨ଟି ବିଧାୟକ ଆସନ ବିଜେଡି ଆଦିବାସୀଙ୍କୁ ପ୍ରାର୍ଥୀ କରିବା ପାଇଁ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘର ରାଜ୍ୟ ସଭାପତି ଶବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଥିଲେ। ଭୁବନେଶରଠାରେ ରାଜ୍ୟ ଆଦିବାସୀ ଭବନ ନିର୍ମାଣ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆଦିବାସୀ ସମାଜ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଆଦିବାସୀ କଲ୍ୟାଣ ସଂଘ ଭାନୁ ପ୍ରତାପ ମାଝି, ଅବସରପ୍ରାପ୍ତ ସିଏସଓ ବିକ୍ରମ ମାଝି, ଅସରପ୍ରାପ୍ତ ଏସିଏଫ ଜୟରାମ ଶବର, ଜଗତ ରାମ କଟପଲିଆ, ଅବସରପ୍ରାପ୍ତ ସିଏସସଓ ଜୟରାମ ମାଝି, ଜିଲା ସଭାପତି ଶବର ସମାଜ ବିହାରୀ ଲାଲ ବିଶ୍ୱାଳ, ଜିଲା ଉପ ସଭାପତି ଈଶ୍ୱର ଚନ୍ଦ୍ର ନାୟକ, କମ୍ଳେସ ଠାକୁର, ବ୍ଲକ ସଭାପତି ନୂଆପଡ଼ା ଭକ୍ତବନ୍ଧୁ ଧରୁଆ, ବ୍ଲକ ସଭାପତି ଖଡ଼ିଆଳ କାର୍ତ୍ତିକେଶ୍ୱର ମଲ୍ଲିକ, ଶବର ସମାଜ ଜିଲା ସମ୍ପାଦକ ବିଦୁର ଶବର, ପୂର୍ବତନ ମନ୍ତ୍ରୀଙ୍କ ପୁତ୍ର ଶ୍ରୀକାନ୍ତ ମାଝି ସାମିଲ ହୋଇଥିଲେ।

# ଓ୍ୱାର୍ଡ ପରିଦର୍ଶନ, ପ୍ରକଳ୍ପର ଶିଳାନ୍ୟାସ

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଗୁରୁବାର ବଲାଙ୍ଗୀର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡ ପରିଦର୍ଶନ କରି କିଛି ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ମିଶ୍ର ଏବଂ ଏଆଇସିସି ସଦସ୍ୟ ସମରେନ୍ଦ୍ର ଶାସକ ଦଳର ସ୍ଥାନୀୟ ରାଜନେତାଙ୍କୁ କଡା ଭାଷାରେ ସମାଲୋଚନା କରିଥିଲେ। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜନୈତିକ ଉଚ୍ଚ କ୍ଷମତା ଅକ୍ତିଆର କରିଥିଲେ ମଧ୍ୟ ସେମାନେ ବଲାଙ୍ଗୀରକୁ ବିକାଶ ସ୍ରୋତରେ ନେଇ ଯିବାକୁ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ ବୋଲି କହିଥିଲେ। ନିର୍ବାଚନ ଜିତି ସାରିବା ପରେ କେବେ କେମିତି ଜଣେ ପର୍ଯ୍ୟଟକ ଭାବେ ଏଠାକୁ ବୁଲି ଆସି ସେମାନଙ୍କ ଅଧିକାଂଶ ସମୟ କ୍ଷମତା ଉପଭୋଗ କରି ସମୟ ଅତିବାହିତ କରୁଥିଲେ ବୋଲି କହିଥିଲେ। ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ କୋଭିଡ ସମୟରେ

**ପର୍ଯ୍ୟଟକ ରାଜନେତାଙ୍କୁ ଲୋକେ ଚିହ୍ନିଛନ୍ତି: ସମରେନ୍ଦ୍ର**

ଶ୍ରମିକ ଠାରୁ ଅଧିକାରୀ, ଛାତ୍ର ଠାରୁ ପ୍ରଶାସକ ସମସ୍ତେ ନିଜ ନିଜ ଘରକୁ ଫେରିଥିଲେ ମାତ୍ର ଏଠାକାର ଶାସକ ଦଳର ସେଇ ରାଜନେତା ମାନେ ଏଠାକୁ ଫେରିଥିଲେ କି ବୋଲି ପ୍ରଶ୍ନ କରିଥିଲେ। ଏହା ସେମାନଙ୍କ ଘର ହୋଇ ନ ଥିବାରୁ ସେମାନେ ଏଠାକୁ ଫେରି ନ ଥିଲେ। କେବଳ ନିର୍ବାଚନ ଆସିଲେ ସେମାନେ ଏଠାକୁ ଫେରନ୍ତି ବୋଲି କହିଥିଲେ। ଏହାକୁ ଲୋକେ ଠିକ୍ ବୁଝିଛନ୍ତି ବୋଲି କହିଥିଲେ। ଦୀର୍ଘ ୨୦ ବର୍ଷ ହେଲା ବିଜେଡି ଦଳର ନେତୃତ୍ୱରେ ସ୍ଥାନୀୟ ପୌର ପରିଷଦ ରହିଥିଲେ ମଧ୍ୟ ପୌରାଞ୍ଚଳର ସାଧାରଣ ସମସ୍ଯା ସମାଧାନ କରିବାରେ ସେମାନେ ବିଫଳ ହୋଇଛନ୍ତି ବୋଲି କହିଥିଲେ। ସାଲେପାଲି, ମାଲପଡା ଅଞ୍ଚଳରେ ବିଧାୟକ ମିଶ୍ର ଏବଂ ସମରେନ୍ଦ୍ର ଜନସମ୍ପର୍କ ଜରିଆରେ ଲୋକଙ୍କୁ ସମ୍ବୋଧିତ କରିଥିଲେ।


ସାଲେପାଲିଠାରେ ଅନୁଷ୍ଠିତ ବୈଠକରେ ବିଧାୟକ ନରସିଂହ ମିଶ୍ର ଓ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର।

# ଉନ୍ନୟନ ପାଇଁ ବିଭିନ୍ନ ସବ୍ କମିଟି ଗଠିତ


ନାଗରିକ କମିଟି ସଦସ୍ୟମାନେ ବଲାଙ୍ଗୀର ଜିଲାପାଳ ଗୌରବ ୱାଜୀ ଇସଲୱାରଙ୍କୁ ଭେଟି ଆଲୋଚନା କରୁଛନ୍ତି।

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ନବଗଠିତ ବଲାଙ୍ଗୀର ନାଗରିକ କମିଟି ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ କମିଟି ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ସହରର ଉନ୍ନତି କଳ୍ପେ ନାଗରିକ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟକାରୀ କମିଟିର ଜଣେ ଲେଖାଏ ସଦସ୍ୟଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟଙ୍କୁ ନେଇ ୨୦ ଜଣିଆ ୧୦ଟି ଦଳ ଗଠନ କରିବାକୁ ସିଦ୍ଧାନ୍ତ ନିଆଯାଇଛି। ବିଭିନ୍ନ ସମସ୍ୟା ଉପରେ ସମାଧାନ

**ବଲାଙ୍ଗୀର ନାଗରିକ କମିଟି ବୈଠକ**

ଆଣିବା ତଥା ଗଠନମୂଳକ କାର୍ଯ୍ୟ କରିବା ପାଇଁ କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କ କର୍ତ୍ତୃତ୍ୱରେ ୧୪ଟିସବ୍‌କମିଟି ଗଠନର ନିଷ୍ପତ୍ତି ନିଆଯାଇଥିଲା। ପରିବେଶ ସୁରକ୍ଷା, ନିଶା ନିବାରଣ, ବୃକ୍ଷରୋପଣ ଇତ୍ୟାଦି ଉପରେ ଗୁରୁତ୍ୱରୋପ କରିବା ପୂର୍ବକ ପରବର୍ତ୍ତୀ ସମୟରେ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁ ସଦସ୍ୟମାନେ ବାର୍ଷିକ ଦେୟ ପଇଠ ନ କରି ସଭ୍ୟପଦରୁ ବଞ୍ଚିତ ହୋଇଛନ୍ତି ନିର୍ଦ୍ଧାରିତ ଫି ପଇଠ କରି ୩୧ମାର୍ଚ୍ଚ ସୁଦ୍ଧା ସଭ୍ୟପଦ ନବୀକରଣ କରିପାରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। କାର୍ଯ୍ୟକାରୀ କମିଟି ସଦସ୍ୟ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ସାକ୍ଷାତ କରିଥିଲେ। ବଲାଙ୍ଗୀରର ଉନ୍ନତି କଳ୍ପେ ନାଗରିକ କମିଟି କରିଆସିଥିବା ଓ କରିବାକୁ ଯାଉଥିବା ବିଭିନ୍ନ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସମ୍ପାଦକ ମଧୁସୂଦନ ନାୟକ, ଯୁଗ୍ମ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଗଜେନ୍ଦ୍ର ତ୍ରିଭୁନଦାସ ଭମର, ଶରତ କୁମାର ମହାକୁର, ଉପସ୍ଥିତ ଥିଲେ।

### ଆଦିବାସୀ ଭବନ ପାଇଁ କୃତଜ୍ଞତା ଜଣାଇଲେ

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୬ ତାରିଖ ୧୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ଗୋଠ ପାଟଣାଠାରେ ଆଦିବାସୀ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ, ଜିଲା ଆଦିବାସୀ କଲ୍ୟାଣ ସଂଘ, ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ଏବଂ ଓଡିଶାର ପ୍ରାୟ ୧ କୋଟି ଆଦିବାସୀ ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଯାଇଛି। ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ୬୨ଟି ଆଦିବାସୀ ସମ୍ପ୍ରଦାୟ ବାସ କରୁଛନ୍ତି। ଆଦିବାସୀ ଜନସଂଖ୍ୟା ଏକ କୋଟିରୁ ଅଧିକ। ଓଡ଼ିଶାର ୩୦ଟି ଜିଲାରୁ ଆଦିବାସୀ ଛାତ୍ରୀଛାତ୍ର, ତୀର୍ଥଯାତ୍ରୀ, ଭୁବନେଶ୍ୱର, କଟକ, ପୁରୀକୁ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ସେମାନେ ରହିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେଥିପାଇଁ ଭୁବନେଶ୍ୱର ଠାରେ ଏକ ଆଦିବାସୀ ଭବନ ନିର୍ମାଣ ପାଇଁ ୬ ଜାନୁୟାରୀ ୨୦୨୪ରେ ୩୦ଟି ଜିଲାର ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଥିଲେ। ଭୁବନେଶ୍ୱରରେ ୧୦୦ କୋଟି ଟଙ୍କା ବ୍ୟୟରେ ଆଦିବାସୀ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାରୁ ଆଦିବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ବୋଲି ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଶ୍ୟାମ ସୁନ୍ଦର ଭୋଇ, ନିମାଇଁ ଚରଣ ଝାଙ୍କର, ବାଳକୃଷ୍ଣ ଶବର ଅଭିନନ୍ଦନ ଜଣାଇଛନ୍ତି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଆର୍ଥିକ ସହାୟତା ବଣ୍ଟନ

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ବ୍ଲକ ମଲମୁଣ୍ଡା କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ଏବଂ ଓଡ଼ିଶା କୋଠାବାଡି ନିର୍ମାଣ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ହିତାଧିକାରୀ ଶ୍ରମିକ ଏବଂ ଉତ୍ତରାଧିକାରୀ ପରିବାର ସଦସ୍ୟମାନଙ୍କୁ ଗୁରୁବାର ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ଏହି କାର୍ଯ୍ୟକ୍ରମରେ ବିବାହ ସହାୟତା ବାବଦରେ ୧୨୫ ଜଣ ନିର୍ମାଣ ଶ୍ରମିକ ମାନଙ୍କୁ ୬୨ ଲକ୍ଷ ୫୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ବାବଦରେ ୨୭ ଜଣ ନିର୍ମାଣ ଶ୍ରମିକଙ୍କୁ ୫୩ ଲକ୍ଷ, ୩୩ ଜଣ ନିର୍ମାଣ ଶ୍ରମିକଙ୍କ ପୁଅଝିଅର ଉଚ୍ଚ ଶିକ୍ଷା ସହାୟତା ପାଇଁ ୨ ଲକ୍ଷ ୫୭ ହଜାର ଟଙ୍କା, ୨୦ ଜଣ ନିର୍ମାଣ ଶ୍ରମିକଙ୍କ ଶୁଦ୍ଧକ୍ରିୟା ପାଇଁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୨୦୫ ଜଣ ଶ୍ରମିକମାନଙ୍କୁ ୧ କୋଟି ୧୯ ଲକ୍ଷ ୭ ହଜାର ୬ ଶହ ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଛି। ଏହା ସହିତ ୩୦୦ ଜଣ ନୂତନ ନିର୍ମାଣ ଶ୍ରମିକମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଯୋଗ ଦେଇ ଓଡ଼ିଶା ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା, ନବୀନ ଓଡ଼ିଶା ନିର୍ମାଣ ଦିଗରେ ଶ୍ରମିକ ମାନଙ୍କ ଦାୟିତ୍ୱ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଟ୍ରେଡ୍ ୟୁନିୟନ ମାଧ୍ୟମରେ ସଙ୍ଗଠିତ ଶ୍ରମିକ ଏବଂ ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷା ଏବଂ ଏକତା ବିଷୟରେ ବର୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ କୁମର ମଣି ସେଠ, ମଲମୁଣ୍ଡା ସରପଞ୍ଚ ବିଷ୍ଣୁ ପ୍ରସାଦ ପଟେଲ, ଶ୍ରମିକ ନେତା ଶମ୍ଭୁ ନାଗ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସଭା ସଂଯୋଜନା କରିଥିଲେ।



ନିର୍ମାଣ ଶ୍ରମିକଙ୍କୁ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଆର୍ଥିକ ସହାୟତା ବଣ୍ଟନ କରୁଛନ୍ତି।

# ଜିଲା କଂଗ୍ରେସ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ

ନୂଆପଡ଼ା,୭।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡଧାନ ମଣ୍ଡି ପଡିଆରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ସୁରେଶ ଆଜାଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜିଲାର ସମସ୍ତ ବିଏଲଓ, ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଭୋଟରଙ୍କୁ ହାତେଇବା ପାଇଁ ପ୍ରତି ବ୍ଲକସ୍ତରରେ କର୍ମୀ ସମ୍ମିଳନୀ ଆୟୋଜନ କରି ଚାଲିଛି। ଭୋଟରଙ୍କୁ ପ୍ରର୍ବତ୍ତାଇବା ପାଇଁ ପ୍ରତି ବୁଥରେ ୩ଜଣ ଲେଖାଏ ବିଏଲଓ ନିଯୋଜିତ କରୁଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳିର ୧୩୫ ବୁଥରେ ବିଏଲଓ ଗଠନ କରାଯିବ। ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବା ପାଇଁ ପ୍ରତି ବୁଥରେ ବିଏଲଓମାନେ ସଭା ସମିତି କରି ଭୋଟରଙ୍କୁ ସଙ୍ଗଠନ କରିବେ ବୋଲି ସଭାପତି ଆଜାଦ କହିଛନ୍ତି। ଏହି ସମୟରେ ସାଧାରଣ ସମ୍ପାଦକ ଅଭୟ ଶଙ୍କର ଯୋଶୀ, ରାଜ୍ୟ ସମ୍ପାଦକ ଶାହରୁଖ ଖାନ, ଉପସଭାପତି ନରେନ୍ଦ୍ର ନାଗ, କୋମନା ବ୍ଲକ ସଭାପତି ପିଲେଶ୍ୱର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହିର, ଗୋବିନ୍ଦ ସିଂ ଠାକୁର, କୌଶିକ ସାହୁ, କୁଳଦୀପ ସୁରଜ, ଦୁତିୟା ମହାନନ୍ଦ, ଧନସିଂ ମାଝି, ଉମାକାନ୍ତ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକରୁ ଶିଶୁ ସୁରକ୍ଷାକାରୀ

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

**ଆଜି ଅନ୍ତର୍ଜାତୀୟ ମହିଳା ଦିବସ**



ଦିନେ ସେ ଥିଲେ ଶିଶୁ ଶ୍ରମିକ। ଆଉ ଆଜି ଶିଶୁ ସୁରକ୍ଷାକାରୀ। ଆଦିବାସୀ ଝିଅ ଗୁଆଦେଇ ଭୋଇ କଳାହାଣ୍ଡି ଜିଲା ପାଇଁ ଉଦାହରଣ ପାଲଟିଛନ୍ତି। ଜୁନାଗଡ ବ୍ଲକ ଅନ୍ତର୍ଗତ ଦେଦର ଗ୍ରାମର ମା’ବାପା ଛେଉଣ୍ଡ ଝିଅ ଗୁଆଦେଇ ଭୋଇ ଶିଶୁ ଶ୍ରମିକ ଭାବେ ବିଭିନ୍ନ ସ୍ଥାନରେ କାମ କରିବା ସହିତ ଛେଳି ଚରାଉଥିଲେ। ଗୁଆଦେଇଙ୍କ ପାଠ ପଢ଼ିବାର ଇଚ୍ଛା ସାମ୍ନାରେ ହାର ମାନିଥିଲା ପରିବାର ଆର୍ଥିକ ବୋଝ। ୨୦୦୦ରେ ଦେଦରଠାରେ ଥିବା କର୍ତ୍ତବ୍ୟ ସଂସ୍ଥାର ଶିଶୁ ଶ୍ରମିକ ବିଦ୍ୟାଳୟରେ ପରିବାର ବିରୋଧ ସତ୍ତ୍ୱେ ନାମ ଲେଖାଇବା ସୁଯୋଗ ପାଇଲେ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସେଠାରେ ଶିକ୍ଷା ଲାଭ କରି ଜୁନାଗଡ କନ୍ୟାଶ୍ରମରେ ନାମ ଲେଖାଇଥିଲେ। ପରେ ଜୁନାଗଡ କଲେଜରେ ଯୁକ୍ତ ୨ ପାଇଁ ନାମ ଲେଖାଇଥିଲେ। ବର୍ତ୍ତମାନ ଆଦିବାସୀ ଅଞ୍ଚଳ ପାଇଁ ସେ ଏକ ସହାୟତାର ଦିଗବାରେଣି ସାଜିଛନ୍ତି। ଦେଦରଠାରୁ ଜୁନାଗଡ ୨୨ କି.ମି. ଦୂର ହୋଇଥିବାବେଳେ ବିଭିନ୍ନ ଗାଁର ଗରିବ ଲୋକମାନଙ୍କୁ ଚିକିତ୍ସା ନିମନ୍ତେ ସହଯୋଗ କରିବା, ଝିଅଙ୍କ ଶିକ୍ଷା ପାଇଁ ସେ ଏବେ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଅଞ୍ଚଳରେ ସେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚିଲଡ୍ରେନ କ୍ଲବ ଗଠନ କରି ସରକାରୀ ଅଧିକାରୀଙ୍କ ସହିତ ସମନ୍ୱୟ ରଖି ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି। ସେହିପରି ଅଞ୍ଚଳରେ ମଦ ବନ୍ଦ ଓ ଶିଶୁମାନଙ୍କୁ ନିୟମିତ ସ୍କୁଲ ଯିବା ପାଇଁ ଏକ ନୀରବ ବିପ୍ଳବ ଆରମ୍ଭ କରି ଆଲୋକର ବାର୍ତ୍ତା ସାଜିଛନ୍ତି ଗୁଆଦେଇ।

# ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମର ଶାନ୍ତି ଶୋଭାଯାତ୍ରା

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ଫୋରମ୍ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଉଛି।

ସଂଖ୍ୟାଲଘୁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷା ଦାବି କରି ବଲାଙ୍ଗୀର ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଫୋରମ୍ ପକ୍ଷରୁ ଗୁରୁବାର ଏକ ଶାନ୍ତି ଶୋଭାଯାତ୍ରା କରାଯାଇଥିଲା। ବଲାଙ୍ଗୀର ମିଶନ ପରିସରରୁ ଶତାଧିକ ଖ୍ରୀଷ୍ଟିଆନ ଭଉଣୀ ଓ ଭାଇମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଦେଶରେ କିଭଳି ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିବ। ସେମାନଙ୍କୁ ନ୍ୟାୟ ମିଳିବ ଏବଂ ଦେଶ ଗଠନରେ ଭାଗିଦାରୀ ମିଳିବ ସେ ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ଜିଲାପାଳ କାର୍ଯ୍ୟାଳୟ ଜରିଆରେ ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଖ୍ରୀଷ୍ଟିଆନମାନଙ୍କ ଧାର୍ମିକ ଉପାସନା ଅଧିକାର ସୁନିଶ୍ଚିତ କରାଯିବା, ଦେଶର ମଣିପୁର, ଛତିଶଗଡ, ଉତ୍ତରପ୍ରଦେଶ, ଆସାମ, ମଧ୍ୟପ୍ରଦେଶ, ଓଡ଼ିଶା, କର୍ଣାଟକ, ଗୁଜରାଟ, ମହାରାଷ୍ଟ୍ର ଭଳି ରାଜ୍ୟରେ ଜାତିଆଣ ଏବଂ ଧାର୍ମିକ ଦିଗରୁ ପୀଡିତ ଖ୍ରୀଷ୍ଟିଆନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦେଶର ଧର୍ମନିରପେକ୍ଷ ଛବିକୁ ସୁରକ୍ଷିତ ରଖିବା, ଛାତ୍ରବୃତ୍ତି ଏବଂ ସଂରକ୍ଷଣ ଦିଗରେ ସଂଖ୍ୟାଲଘୁ ଖ୍ରୀଷ୍ଟଆନମାନଙ୍କୁ ସମାନ ସୁଯୋଗ ଉପଲବ୍ଧ କରାଇବା, ଡିଆରଡିଏ ଭିଜିଲାନ୍ସ ମନିଟରିଂ କମିଟିରେ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ୍‌ଙ୍କ ପ୍ରତିନିଧିତ୍ୱ, ରଙ୍ଗନାଥ କମିଶନ ସୁପାରିଶ ଗ୍ରହଣ କରିବା ଆଦି ଦାବି ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଫୋରମ୍‌ର ଅଜିତ ପଲ, ଜ୍ୟୋତିରାଜ ନାଗ, କୁଳଦୀପ ବାଗ, ସୁଶାନ୍ତ କୁମାର, ବ୍ରଜବିହାରୀ ନାଗ, ରୂପେଶ କୁମାର ନାଗ, ଉପେନ୍ଦ୍ର ସାହୁ, ଆହାସ ନାଗ, ବିଶ୍ୱଜିତ ପଲ, ପ୍ରବୀଣ ନାଗ ଓ ଅନ୍ୟ ବରିଷ୍ଠ ସଦସ୍ୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର**

## ସଂକ୍ଷେପରେ

### ଜାଗୃତି ଗୃହରେ ଅସହାୟ ମାଆ, ଝିଅକୁ ଥଇଥାନ କଲା ପ୍ରଶାସନ



ବୌଦ୍ଧ,୭।୩(ଅଜିତ କୁମାର ବାରିକ)

ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରି ଆସୁଥିବା ବେଳେ ଏହାର ସୁଫଳ ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏମିତି ଏକ ଘଟଣା ହରଭଙ୍ଗା ବ୍ଲକର ଚାରିଛକ ବଜାରରେ ଘଟିଛି। ଜଣେ ଗରିବ ଅସହାୟ ମାଆ ଓ ତାଙ୍କର କୁନି ଝିଅ ହରଭଙ୍ଗା ବ୍ଲକ ଅଫିସ ଠାରୁ ମାତ୍ର ୧୦୦ ମିଟର ଦୂର ଚାରିଛକ ବଜାରର ଏସବିଆଇ ଏଟିଏମ ବାରଣ୍ଡାରେ ଜୀବନ ବିତାଉଥିବା ଦେଖିବାକୁ ମିଳିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ଫେରିଛି। ଗତ ମଙ୍ଗଳବାର ରାତିରେ ପ୍ରଶାସନ ପକ୍ଷରୁ ମାଆ ଓ ଝିଅଙ୍କୁ ଉଦ୍ଧାର କରାଯାଇ ସରସରାସ୍ଥିତ ଜାଗୃତି ଗୃହରେ ଥଇଥାନ କରାଯାଇଛି। ଉଦ୍ଧାର ସମୟରେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ଜାଗୃତି ଗୃହ କାଉନସିଲର ସବିତା ହୋତା, ସୁରକ୍ଷା ଅଧିକାରୀ ଅଜୟ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।

### ଶିବ ମନ୍ଦିରର ରତ୍ନମୁଦ ଉତ୍ସବ



ଘଣ୍ଟାପଡ଼ା,୭।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ମଲିକୁଦ ଗ୍ରାମରେ ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳେ ନିକଟସ୍ଥ ଜଙ୍ଗଲରୁ ବାହାଡ଼ା ଗଛକୁ ଆବାହନ କରି ଇନ୍ଦ୍ର ଇନ୍ଦ୍ରାଣୀ ପୂଜା, ବାସ୍ତୁ ପୂଜା, ଲକ୍ଷ୍ମୀନୃସିଂହ ପୂଜାପାଠ କରାଯାଇଥିଲା। ଏହାପରେ ନବରତ୍ନ, ଅଷ୍ଟଧାତୁ, ପଞ୍ଚଶସ୍ୟ, ସପ୍ତତୀର୍ଥ ଜଳ ରତ୍ନଗହ୍ୱରରେ ପୂର୍ଣ୍ଣ କରାଯାଇଥିଲା। ରାଜମିସ୍ତ୍ରୀ ବିମ୍ବାଧର ସାହୁ ରତ୍ନମୁଦ କରିଥିଲେ। ପଣ୍ଡିତ ପ୍ରତାପ ଶେଖର ପାଣିଗ୍ରାହୀ, ଅରବିନ୍ଦ ପାଣିଗ୍ରାହୀ ଏବଂ ପପୁନ ପାଣିଗ୍ରାହୀ ପୂଜା କରିଥିଲେ। ମୁରଲୀ ସେଠୀ ଓ ସ୍ତ୍ରୀ ବେଲମତି ସେଠୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଉକ୍ତ ବର୍ଣ୍ଣାଢ଼୍ୟ ଉତ୍ସବରେ ମହିଳା ସଂକୀର୍ତ୍ତନ ବୈଠକୀ ନେତା, ଲୋକ ପ୍ରତିନିଧି ଓ ଶ୍ରଦ୍ଧାଳୁଙ୍କୁ ବହୁ ସମୟ ଧରି ମନ୍ତ୍ରମୁଗ୍ଧ କରିଥିଲା। ମନ୍ଦିର କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ହିନ୍ଦୁଧର୍ମକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ

ବାଉଁଶୁଣୀ,୭।୩ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଗୁନ୍ଦୁଲିଆ ପଞ୍ଚାୟତ କମିଟିର ସହଯୋଗ କ୍ରମେ କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଏରେଡା (ବଦାଙ୍ଗି) ଗ୍ରାମର ଶ୍ୟାମ ବେହେରାଙ୍କ ପରିବାର ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ପ୍ରାୟ ୧୫ ବର୍ଷ ହେବ ଧର୍ମାନ୍ତୀକରଣ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ଶ୍ୟାମଙ୍କ ସହିତ ତାଙ୍କ ପରିବାରର ଛଅ ଜଣ ସଦସ୍ୟ ନିଜ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଜାପତି ଭବସାଗର, ରମେଶ ମହାନନ୍ଦିଆ, ଜୟରାମ ହରିପାଲ, ଗୁନ୍ଦୁଲିଆ ପଞ୍ଚାୟତ ସଭାପତି ଦଣ୍ଡପାଣି ଭବସାଗର, ଉପ ସଭାପତି ରମେଶ ସୁନା, ସମ୍ପାଦକ ସନ୍ତୋଷ ବେହେରା, କୋଷାଧ୍ୟକ୍ଷ ପ୍ରତିମନ ସୁନା, ଯୁବ ସାମାଜିକ କର୍ମୀ ବରୁଣ ବଣ୍ଡକୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମହିଳାମାନେ ଶିକ୍ଷିତ ହେବା ସହ ଅର୍ଥନୈତିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ଉପରେ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୋଲିସ ଡ଼ିଏସପି ରେଣୁକା ସୁନା ଯୋଗଦେଇ ମା'ମାନେ ହିଁ ପରିବାରକୁ ସଂସ୍କାରିତ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନନ୍ଦା ସାହୁ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ଭଗବତୀ ରାୟଗୁରୁ, ଉର୍ମିଳା ସାହୁ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାରୀ ମାନଙ୍କ ଉପରେ ସମାଜ ଗଠନର ଦାୟିତ୍ୱ ନିହିତ ବୋଲି ସୁବର୍ଣ୍ଣାର ସଂପାଦିକା ମଞ୍ଜୁଳା ମିଶ୍ର କହିଥିଲେ। ସୌଦାମିନୀ ଜେନା, ଶ୍ରଦ୍ଧା ମହାପାତ୍ର, ଜୁଟୁଲି ଜୟଶ୍ରୀ ବାଗ ଓ ପ୍ରଜ୍ଞାପାରମିତା ଦାଶ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ମଞ୍ଜୁଳା ଝାଙ୍କର, ଗୀତା ବହିଦାର, ପୂର୍ଣ୍ଣିମା ସା, ଚନ୍ଦ୍ରମା ସା, ସୁରଭି ବିଶି, ସୁନିତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସୁବର୍ଣ୍ଣାର ସଭାନେତ୍ରୀ ମୀନା ମହାରଣା ସଭାରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସଭ୍ୟା ଇନ୍ଦୁମତୀ ପୁରୋହିତ ଧନ୍ୟବାଦ ଦେଇଥିଲେ । ପ୍ରଦୀପ ବଣ୍ଡକି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

# ନିରପେକ୍ଷ ମତଦାନ ପାଇଁ ଛାତ୍ରୀଛାତ୍ରଙ୍କ ଶପଥପାଠ



ନିରପେକ୍ଷ ମତଦାନ ପାଇଁ ଛାତ୍ରୀଛାତ୍ର ଶପଥ ପାଠ କରୁଛନ୍ତି ।

## ଶ୍ରୀରାମ ମହାବିଦ୍ୟାଳୟ

ଡୁଙ୍ଗୁରିପାଲି,୭।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ଥିତ ଶ୍ରୀରାମ ମହାବିଦ୍ୟାଳୟରେ ଅଧ୍ୟକ୍ଷ ତରଣୀ ସେନ ବେହେରାଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ର ଏନଏସଏସ ଆନୁକୂଲ୍ୟରେ 'ମେରା ପେହଲା ଭୋଟ ଦେଶ କେ ଲିଏ' ଶୀର୍ଷକ ମତଦାନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନଏସଏସ ୟୁନିଟ ସଂଯୋଜକ ଟିକେଚାନ୍ଦ ବାଗଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ମୀନକେତନ ପାତ୍ର ଯୋଗ ଦେଇଥିଲେ। ଏଥିରେ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ମଧୁସୂଦନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ନୂତନ ଯୁବପିଢ଼ିଙ୍କ ମତଦାନର ଆବଶ୍ୟକତା ଓ ଗୁରୁତ୍ୱ କେତେଦୂର ଯୁକ୍ତିଯୁକ୍ତ ତାହା ବିଶଦ ଭାବରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ନୀଳାମ୍ବର ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ଇଂରାଜୀ ବିଭାଗର ଅଧ୍ୟାପକ ସତ୍ୟବନ୍ତ ଭୋଇ ଛାତ୍ରୀଛାତ୍ରମାନଙ୍କୁ ମୁକ୍ତ, ନିର୍ଭୀକ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଶପଥ ପାଠ କରାଇଥିଲେ। ଶେଷରେ ଅଧ୍ୟାପକ ଟିଙ୍କୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଡିଡିଆରସି(ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର) ଗୁରୁବାର ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀ ବୀରେନ୍ଦ୍ର କୁମାର ଆଭାସି ଜରିଆରେ ଏହି କେନ୍ଦ୍ରର ଲୋକାର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱତନ୍ତ୍ର ସମାରୋହରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଏଡିପିଏଚଓ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ବଲାଙ୍ଗୀର ଏମପିଙ୍କ ପ୍ରତିନିଧି ଶରତ ଶତପଥୀ, କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଡିଏସଏସଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ୩ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ୨ ଜଣଙ୍କୁ ହ୍ୱିଲ ଚେୟାର, ୨ ଜଣକୁ ଆଶାବାଡ଼ି ଏବଂ ୫ ଜଣଙ୍କୁ ଶ୍ରବଣ ଯନ୍ତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ପୁନର୍ବାସ କେନ୍ଦ୍ର ଖୋଲିବା ଦ୍ୱାରା ଜିଲାର ଭିନ୍ନକ୍ଷମମାନଙ୍କ ପୁନର୍ବାସ କାର୍ଯ୍ୟକ୍ରମ ଯଥା ଭିନ୍ନକ୍ଷମ ଚିହ୍ନଟ, ୟୁଡିଆଇଡି ପ୍ରମାଣପତ୍ର ପ୍ରଦାନ, ଭିନ୍ନକ୍ଷମ ପ୍ରତିରୋଧ ନିମନ୍ତେ ଆବଶ୍ୟକ ପଦକ୍ଷେପ, ଭିନ୍ନକ୍ଷମଙ୍କୁ ବିଭିନ୍ନ ସହାୟକ ଯନ୍ତ୍ର ପ୍ରଦାନରେ ସହାୟତା, କୃତ୍ରିମ ଅଙ୍ଗ ପ୍ରଦାନ, ସ୍ୱାବଲମ୍ବୀ ହେବା ନିମନ୍ତେ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସଶକ୍ତିକରଣ ବିଭାଗର ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ବିଏସଏସଓ, ବୁଦ୍ଧିଜୀବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



ଜଣେ ମହିଳାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଉଛି ।

**ଭିନ୍ନକ୍ଷମଙ୍କୁ ମିଳିବ ଚିକିତ୍ସା, ସହାୟତା ଓ ପରାମର୍ଶ**

### ୧୧ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ବୌଦ୍ଧ,୭।୩(ଅଜିତ କୁମାର ବାରିକ)

୧୧ ଦଫା ଦାବି ନେଇ ଗୁରୁବାର ପୂର୍ବାହ୍ନରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। କିଡ୍‌ନୀ ରୋଗୀ, ଭତ୍ତାଧାରୀ, ଅବହେଳିତ ଚାଷୀ ଏବଂ ନିର୍ମାଣ ଶ୍ରମିକମାନେ ଏହି ଘେରାଉରେ ସାମିଲ ହୋଇଥିଲେ। ଯୁବନେତା ଇଂ. ବିକାଶ ମହାକୁଳଙ୍କ ନେତୃତ୍ୱରେ ଗତ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହରଭଙ୍ଗା ବ୍ଲକର ତଳଗାଁ ଠାରୁ ବୌଦ୍ଧ ପର୍ଯ୍ୟନ୍ତ ହୋଇଥିବା ଜନଅଧିକାର ପଦଯାତ୍ରା ପରେ ୧୧ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇ ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ଦାବି ପୂରଣ କିମ୍ବା ଆଲୋଚନା କରା ନ ଯିବା ପ୍ରତିବାଦରେ ଗୁରୁବାର ଦିନ ପୁଣିଥରେ ଅଞ୍ଚଳବାସୀ ଏକଜୁଟ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପିଲାଙ୍କ ପରୀକ୍ଷା ସମୟରେ ବିନା ନୋଟିସରେ ବିଦ୍ୟୁତ ବିଚ୍ଛିନ୍ନ କରିବା , ମାଇକ୍ରୋ ଫାଇନାନ୍ସ କମ୍ପାନୀ ଗ୍ରାମାଞ୍ଚଳର ଲୋକଙ୍କ ନିକଟରୁ ନିର୍ଦ୍ଧାରିତ ଦରଠାରୁ ଅଧିକ ସୁଧ ଅସୁଲ କରୁଥିଲେ ହେଁ ପ୍ରଶାସନ ଅବହେଳା କରିଆସୁଛି । ସେହିପରି ଧଳପୁରଠାରୁ ହରଭଙ୍ଗା ପର୍ଯ୍ୟନ୍ତ ଜଗନ୍ନାଥ ସଡକର ଉନ୍ନତୀକରଣ, ଧଳପୁର, ସାମ୍ପୋଚ ଓ ରାମଗଡ ମହାନଦୀ ପଠାରେ ବୃହତ ମେଗା ଜଳସେଚନ ପ୍ରକଳ୍ପ ଦୀର୍ଘ ଦିନରୁ କାର୍ଯ୍ୟକାରୀ ନ କରି ସରକାର ଉପାନ୍ତ ଅଞ୍ଚଳ ପ୍ରତି ଚରମ ଅବହେଳା ପ୍ରଦର୍ଶନ ବିରୋଧରେ ଆନ୍ଦୋଳନକାରୀମାନେ ଘେରାଉ କରିଥିଲେ। ସରକାର କିଡ୍‌ନୀ ରୋଗୀମାନଙ୍କ ପ୍ରତି ଯତ୍ନଶୀଳ ନ ହେଲେ ଆଗାମୀ ଦିନରେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ଯୁବନେତା ଇଂ. ମହାକୁଳ ଚେତାବନୀ ଦେଇଥିଲେ।

# ଗଞ୍ଜେଇ ମାମଲା: ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୭।୩( ଅଜିତ କୁମାର ବାରିକ )

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଗୁରୁବାର ଦିନ ଏକ ଗଞ୍ଜେଇ କାରବାର ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ତା୨୭।୨।୨୩ ରିଖରେ ବୌଦ୍ଧ ଅବକାରୀ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ବୌଦ୍ଧ ବ୍ଲକର ଖଜୁରିପଡା ହାଟପଦା ଗ୍ରାମରେ ସକାଳ ସମୟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଦୁଇ ଜଣ ବ୍ୟକ୍ତି ମୋଟର ସାଇକେଲରେ ଏକ ବସ୍ତା ଧରି ଆସୁଥିବା ବେଳେ ସନ୍ଦେହରେ ଅବକାରୀ କର୍ମଚାରୀମାନେ ଅଟକାଇଥିଲେ। ସେମାନଙ୍କଠାରୁ ବସ୍ତା ମଧ୍ୟରେ ଥିବା ୪ କେଜି ଗଞ୍ଜେଇ ଓ ମୋଟର ସାଇକେଲକୁ ଜବତ କରିଥିଲେ। ଏହି ଗଞ୍ଜେଇ କାରବାରରେ ବଲାଙ୍ଗୀର ଜିଲା ତୁଷରା ଥାନା ବଡତରକମୁଣ୍ଡା ଗ୍ରାମର ମୀନକେତନ କର୍ମୀ ଓ ବୌଦ୍ଧ ଜିଲା ଘଣ୍ଟାପଡା ଥାନା ନୂଆପାଲି ଗ୍ରାମର ମନ ଚାଉଳିଆଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ୨ଏସିସି ୭/୨୩ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଗୁରୁବାର ଦିନ ଅଦାଲତ ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତ ମୀନକେତନ ଓ ମନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରତିମ ମିଶ୍ର ପରିଚାଳନା କରୁଥିଲେ।

# ଅକ୍ରୁରଙ୍କୁ ଗୋପପୁର ପ୍ରେରଣ



କଂସ ଦରବାରର ଏକ ଦୃଶ୍ୟ ।

**■ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ**

**■ ଧନୁଯାତ୍ରା ମହୋତ୍ସବର ଷଷ୍ଠ ରଜନୀ**

ଡୁଙ୍ଗୁରିପାଲି,୭।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତର ଶିଆଳବାହାଲିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚାଲିଥିବା ଧନୁଯାତ୍ରା ମହୋତ୍ସବ ବୁଧବାର ଷଷ୍ଠ ରଜନୀରେ ପହଞ୍ଚିଛି । ଏହି ଅବସରରେ ରାଜଦରବାରରେ ରାଜକୀୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ପବିତ୍ର ମୋହନ ପାଣ୍ଡିଆ, ଦୀନବନ୍ଧୁ ସୁନା, ମହାଦେବ ଗଡତିଆ, ସମାଜସେବୀ ବନମାଳୀ ଦାସ, ଅନ୍ତର୍ଯ୍ୟାମୀ ଭୋଇ ମଞ୍ଚାସୀନ ଥିଲେ । ଅତିଥିମାନଙ୍କୁ ମହାରାଜ କଂସଙ୍କ ଆଦେଶ କ୍ରମେ କମିଟି ପକ୍ଷରୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଚଉଦୁରା ଦୀପ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ । ଶିଆଳବାହାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ହୋଇଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ନାମଯଜ୍ଞ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । କଂସ ଦରବାରର ଷଷ୍ଠ ରଜନୀରେ ମହାରାଜ କଂସ ମଥୁରାକୁ କୃଷ୍ଣ ବଳରାମ ଧନୁଯାତ୍ରା ଦେଖି ଆସିବା ପାଇଁ ଅକ୍ରୁରକୁ ଗୋପପୁର ପ୍ରେରଣ କରିଥିଲେ। କଂସ ଭୂମିକାରେ ଅଭିନୟ କରୁଥିବା ମଞ୍ଚ କଳାକାର ଗୋପାଳ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଏହି ଅବସରରେ ମୀନାବଜାରରେ ପ୍ରବଳ ଭିଡ଼ ଲାଗି ରହିଥିଲା।

### ବିନିକା ସବ୍‌ଡିଭିଜନ ଦାବି ନେଇ ଧାରଣା ଦ୍ୱିତୀୟ ଦିନରେ

ବିନିକା,୭।୩ (ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକାକୁ ସବ୍‌ଡିଭିଜନ ଘୋଷଣା ଦାବି ନେଇ ବିନିକା ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଗଣ ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପୂର୍ବତନ ନଗରପାଳ ଉସତ କର, ମହାନଦୀ ଯୁବ ସଂଗଠନର ପ୍ରତିଷ୍ଠାତା କ୍ଷୀର ସାଗର ବିଭାର, ଏସଟି ସଂଘର ସଭାପତି କରଞ୍ଜିତ ଭୋଇ, ଓଡିଶା ସଙ୍ଗୀତ ସାହିତ୍ୟ ଏକାଡେମୀ ସଦସ୍ୟ ଶାଶ୍ୱତ ତ୍ରିପାଠୀ, ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଭାଜପା ପ୍ରଭାରୀ ବିଶମ୍ବର ମିଶ୍ର, ସାମାଜିକ କର୍ମୀ ଜୟଦେବ ହରିଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ଧାରଣାରେ ସାମିଲ ଅଛନ୍ତି ।

# ଦହ୍ୟା ଜୀବନ ବିକାଶ ସ୍ନାତକ କଲେଜରେ ନୂଆ-ଓ ଛାତ୍ର ବୃତ୍ତି କାର୍ଯ୍ୟକ୍ରମ




ଅତିଥି ଜଣେ ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରୁଛନ୍ତି ।

ବୌଦ୍ଧ,୭।୩ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ଦହ୍ୟା ଜୀବନ ବିକାଶ ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଛାତ୍ର ବୃତ୍ତି କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି କିଶୋର କୁମାର ମେହେର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ଯୋଜନା ଓ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ବେଶ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ । ଅଧ୍ୟାପକ ଗୋପବନ୍ଧୁ ରାଜହଂସ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ସେମି ଫାଇନାଲରେ

**ସପ୍ତମ ବୌଦ୍ଧ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ବୌଦ୍ଧ,୭।୩( ଅଜିତ କୁମାର ବାରିକ )

ବୌଦ୍ଧ ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଜିଲା ଷ୍ଟାଡିୟମଠାରେ ଚାଲିଥିବା ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ ବି ପ୍ରଥମ ଖେଳ ଗୁରୁବାର ଦିନ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ପାଓନିୟର୍ସ କ୍ଲବ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ୨୭୦ ରନ କରିଥିବା ବେଳେ ପାଓନିୟର୍ସ କ୍ଲବ ଫୁଲବାଣୀ ସମସ୍ତ ଉଇକେଟ ହରାଇ ୧୪୨ରନ କରି ପାରିଥିଲା। ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ୧୨୮ ରନରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳରେ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପକ ତଥା ଏନସିସି ଅଫିସର ସଦାନନ୍ଦ ମାହାର, ବରିଷ୍ଠ କ୍ରିକେଟ ଖେଳାଳି ଦିଲିପ ପ୍ରଧାନ, ପ୍ରଦୀପ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ଅମ୍ପାୟାର ବିଶ୍ୱମ୍ବର ମହାକୁଡ ଓ ଶ୍ରୀବନ୍ତ କୁମାର ନାୟକ ପରିଚାଳନା କରିଥିବା ବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ହେମନ୍ତ ଚମ୍ପତି , ସୌରଭ ପତି, ପ୍ରଦୀପ ଦାସଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ। ଶୁକ୍ରବାର ଦିନ ଏସିସି ଅନୁଗୋଳ ଓ ନବକିଶୋର କ୍ଲବ ବଲାଙ୍ଗୀର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



# ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବିତ ନେଇ ଅସନ୍ତୋଷ

## ଇତିହାସର ମୂକସାକ୍ଷୀ ପୂର୍ତ୍ତ ବିଭାଗ ଡାକବଙ୍ଗଳା

ବାଉଁଶୁଣୀ,୭।୩(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ନିକଟ ଜାତୀୟ ରାଜପଥ ପାର୍ଶ୍ୱ ବାଘ ନଦୀ କୂଳରେ ଥିବା ପୁରାତନ ଡ଼ାକବଙ୍ଗଳାର ପୁନଃରୁଦ୍ଧାର କାର୍ଯ୍ୟ ବିଳମ୍ବିତ ହେଉଛି। ଫଳରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୁରାତନ ଡାକବଙ୍ଗଳାର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ପୂର୍ତ୍ତବିଭାଗ ଗତ ତିନି ବର୍ଷ ହେବ ଭାଙ୍ଗି ଦେଇଥିଲା। ଫଳରେ ବିଭାଗ ଏହି ବଙ୍ଗଳା ପ୍ରତି ଶୁଭ ଦୃଷ୍ଟି ପକାଇ କାମ କରିବ ବୋଲି ଲୋକେ ଆଶା କରିଥିଲେ। ମାତ୍ର ଦୁଃଖର କଥା ଆଜିକୁ ଦୁଇ ବର୍ଷ ହେଲା ଘରର ପୁରୁଣା କାଠ, ଟିଣ ଛପର ଓ ଶାଳ କାଠର ଝରକା କବାଟ ଖୋଲି ନେଇ ସେମିତି ପକାଇ ଦିଆଯାଇଛି। ଆଜି ପର୍ଯ୍ୟନ୍ତ ନୂତନ ବଙ୍ଗଳା ନିର୍ମାଣ ତ ଦୂରର କଥା ପୁରୁଣା କାନ୍ଥ ବି ଭଙ୍ଗା ଯାଇପାରୁ ନାହିଁ। ପୁରୁଣା ଟିଣ ଓ ଶାଳ କବାଟଗୁଡିକ କେଉଁଆଡେ ଗଲା ତା'ର ହିସାବ ନାହିଁ। ଉଲ୍ଲେଖଯୋଗ୍ୟ, ଏହି ପ୍ରାଚୀନ ଡ଼ାକବଙ୍ଗଳା ଗଡ଼ଜାତ ସମୟରୁ ରହିଥିଲା। ସ୍ୱାଧୀନତା ପରେ ପୁରାତନ ଡାକବଙ୍ଗଳାର ପୁନଃନିର୍ମାଣ କରାଯାଇ ପୂର୍ତ୍ତବିଭାଗ ଅଧୀନରେ ରହିଥିଲା। ଉକ୍ତ ଡ଼ାକବଙ୍ଗଳାକୁ ନେଇ ଅନେକ ସ୍ମୃତି ରହିଛି। ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ, ଜାନକୀ ବଲ୍ଲଭ ପଟ୍ଟନାୟକ,ବିଜୁ ପଟ୍ଟନାୟକଙ୍କ ସମେତ ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି ଏଠାକୁ ଆସିଛନ୍ତି। ୨୦୦୨ ମସିହା ପରଠାରୁ ଏହି ଐତିହାସିକ ଡାକବଙ୍ଗଳା ଦୁର୍ଦ୍ଦିନ ମଧ୍ୟରେ ଗତି କରୁଛି। ଅନେକ ସଚେତନ ବ୍ୟକ୍ତି ବଙ୍ଗଳାର ପୁନଃଉଦ୍ଧାର ପାଇଁ ଦାବି କରି ଆସୁଥିଲେ। ହେଲେ ଏଯାବତ୍ କୌଣସି ସୁଫଳ ମିଳିନାହିଁ ।



ପରିତ୍ୟକ୍ତ ଅବସ୍ଥାରେ ଡ଼ାକବଙ୍ଗଳା ।

## ସଂକ୍ଷେପରେ

### ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ

ବନ୍ଧମୁଣ୍ଡା,୭।୩(ସୁବ୍ରତ ଦେ): ବନ୍ଧମୁଣ୍ଡା ଥାନାରେ ନୂତନ ଥାନା ଅଧିକାରୀଭାବେ ଯୋଗ ଦେଇଥିବା ଅଶୋକ କୁମାର ଦାଶଙ୍କୁ ଗୁରୁବାର ଅଞ୍ଚଳର ସାମାଜିକ କର୍ମୀ ଏବଂ ସ୍ଥାନୀୟ ଲୋକେ ସ୍ୱାଗତ ଜଣାଇଛନ୍ତି। ସାମାଜିକ କର୍ମୀ ପରମଜିତ ସିଂ ସନ୍ଧୁଙ୍କ ନେତୃତ୍ୱରେ ଯୁବକମାନେ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଥାନା ଅଧିକାରୀ ଦାସ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, କଡାକଡି ପାଟ୍ରୋଲିଂ, ଅସାମାଜିକ କାର୍ଯ୍ୟ କଳାପ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ପ୍ରକାଶ କରିବା ସହିତ ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ଅବାଧ, ନିରପେକ୍ଷ ଭାବେ ଶାନ୍ତି ଶୃଙ୍ଖଳାରେ ପରିଚାଳିତ କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଲାଲୁ ଛେତ୍ରି, ସନ୍ତୋଷ ନାୟକ, ହୃଷୀକେଶ ଶତପଥୀ,ପ୍ରତାପ ପ୍ରଧାନ, ଅସୀମ ମିଞ୍ଜ,ଗୌରବ ତନ୍ତୀ, ପ୍ରଶାନ୍ତ କୁମାର,ସୁରଜ ସାହୁ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ବାରକୋଟ ବ୍ଲକ ଉଦ୍ୟାନ କୃଷି ଫାର୍ମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ସମ୍ମାନିତ ଅତିଥି ଭାବେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ରୋଗ ପୋକ ବିଶେଷଜ୍ଞ ବୈଜ୍ଞାନିକ କ୍ଷୀରୋଦ ବିଶ୍ୱାଳ,ବଲଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ରଣଦୀପ ପ୍ରଧାନ, କୃଷି ବିଭାଗର ବିଟିଏମ ବିବେକାନନ୍ଦ ସାହୁ ଓ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ ସୁନାନୀ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ଉପସ୍ଥାପନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ଉଦ୍ୟାନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ଜାତୀୟ ଉଦ୍ୟାନ ମିଶନ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ମସଲା ମିଶନ ଓ ଛତୁ ମିଶନ ଉପରେ ଉପସ୍ଥିତ ଚାଷୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଉଦ୍ୟାନ କୃଷି ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

### ବିଶ୍ରା ଛକରେ କୃତ୍ରିମ ବନ୍ୟା: ଗାଡ଼ି ଚଳାଚଳ ବାଧାପ୍ରାପ୍ତ



**ରାଉରକେଲା, ୭।୩(ସଙ୍ଗୀତା ଜେନା):** ରାଉରକେଲା ବିଶ୍ରା ଛକରେ ଗୁରୁବାର କୃତ୍ରିମବନ୍ୟା ଦେଖିବାକୁ ମିଳିଥିଲା। ଦିନ ପ୍ରାୟ ୧୨ଟାରେ ଆର୍‌ଏସ୍‌ପି କାରଖାନା ପାଚେରୀ ଭିତରୁ ପ୍ରବଳ ବେଗରେ ପାଣି ଆସିଥିଲା। ବିଶ୍ରା ଛକରୁ ନେଇ କିଛି ଦୂର ପର୍ଯ୍ୟନ୍ତ ଢ଼େଉ ମାଡ଼ିଥିଲା। ପ୍ରବଳ ପାଣିର ବେଗରେ କିଛି ସମୟ ପାଇଁ ଉକ୍ତ ଅଞ୍ଚଳରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ସମ୍ଭବତଃ ପାଇପ ଫାଟି ଏପରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି।

# ଜବରଦଖଲ ଉଚ୍ଛେଦକୁ ନେଇ ଚାଷୀ ଆନ୍ଦୋଳନ

- ୩ ଦିନ ଭିତରେ ଉଚ୍ଛେଦ ନ ହେଲେ ବ୍ଲକ ଘେରାଉ
- ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ନୂଆଗାଁ,୭।୩(ବିଜୟ ତ୍ରିପାଠୀ)



ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ଚାଷୀ।

ନୂଆଗାଁ ମୁଖ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦକୁ ବିରୋଧ କରି ଅଞ୍ଚଳର ଚାଷୀ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ୫-ଟି ଅଧକ୍ଷ, ଜିଲାପାଳ, ଉପ ଜିଲାପାଳ ଓ ପୋଲିସ ପ୍ରଶାସନଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ମହାଦେବ ମୁର୍ମୁଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୩ ଦିନ ଭିତରେ ମାର୍କେଟରୁ ଜବରଦଖଲ ଉଚ୍ଛେଦ ନ ହେଲେ ଚାଷୀମାନେ ବ୍ଲକ ଘେରାଉ ସହ ରାସ୍ତା ରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ,ନୂଆଗାଁ ପଞ୍ଚାୟତ ଜମିକୁ ଜବରଦଖଲକାରୀ ଦୀର୍ଘ ୨୦-୩୦ବର୍ଷ ହେବ ଜବରଦଖଲକରି ବ୍ୟବସାୟ କରୁଛନ୍ତି। ଫଳରେ ସାପ୍ତାହିକ ହାଟ ରାସ୍ତା ଉପରେ ବସୁଛି। ଯାତାୟତରେ ଅସୁବିଧା ହେଉଛି। ଏହି ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ଅନେକ ସରପଞ୍ଚ ଓ ସମିତି ସଭ୍ୟ ପ୍ରଶାସନକୁ ବାରମ୍ବାର ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଏପରିକି ଅନେକ ଥର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରାଇଥିଲେ। ସରପଞ୍ଚ ମାଇକେଲ ମିଞ୍ଜ ଓ ଜନସାଧାରଣ ଜନ ଶୁଣାଣିରେ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଦରଖାସ୍ତ ଦେଇଥିଲେ। ଜିଲାପାଳ ଏହାକୁ ଗ୍ରହଣ କରି ବୀରମିତ୍ରପୁର ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ନେଇ ନୋଟିସ କରିଥିଲେ। ତହସିଲଦାର ଗତ ୧।୩।୨୪ରେ ଚିଠି ନଂ. ୬୬୭ ଅନୁଯାୟୀ ମାର୍କେଟ ଜମି ଜବର ଦଖଲ ଉଚ୍ଛେଦ ନେଇ ଜିଲା ପ୍ରଶାସନ, ପୋଲିସ ତଥା ସ୍ଥାନୀୟ ବିଡିଓ ଓ ସରପଞ୍ଚଙ୍କୁ ଅବଗତ କରିଥିଲେ। ୭।୩।୨୪ ପାଇଁ ଦିନ ଧାର୍ଯ୍ୟ କରାଗଲା। ଧାର୍ଯ୍ୟ ତାରିଖ ଅନୁଯାୟୀ ତହସିଲଦାର ଗୌରୀ ନାୟକଙ୍କ ସମେତ ନୂଆଗାଁ ପୋଲିସଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେଲା। ମାତ୍ର ନୂଆଗାଁ ମାର୍କେଟ ପରିବର୍ତ୍ତେ କେବଳ ନୂଆଗାଁ ମୁଖ୍ୟ ରାସ୍ତା ପାଖରେ ଥିବା କିଛି ଜବର ଦଖଲ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କଲେ। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। ନୂଆଗାଁ ମାର୍କେଟର ବେଆଇନ ଜବର ଦାଖଲରେ ଥିବା ୯୦ଟି ଦୋକାନ ଘରକୁ ଉଚ୍ଛେଦ କରିବା ପାଇଁ ତହସିଲଦାର ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।

# ସିପକ ଟାକ୍ରୋ ଦଳଙ୍କ କଟକ ଯାତ୍ରା

ସୁନ୍ଦରଗଡ,୭।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ସିପକ ଟାକ୍ରୋ ଦଳ ଗୁରୁବାର କଟକ ଯାତ୍ରା କରିଛନ୍ତି। ବାରବାଟୀ ଷ୍ଟାଡିୟମ ପରିସରରେ ମାର୍ଚ୍ଚ ୮ ଓ ୯ରେ ରାଜ୍ୟ ସ୍ତରୀୟ ସବ୍ ଜୁନିୟର ଓ ଜୁନିୟର ବାଳିକା ବାଳିକ ଚୟନ ପ୍ରତିଯୋଗିତା ହେବ। ଜିଲା ଦଳରେ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ, ଲେଡ଼ିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମହୁଲପାଲି ଓ ଉଜ୍ଜଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳାଳିମାନେ ଚୟନ ହୋଇଛନ୍ତି। ଚୟନ ହୋଇଥିବା ଖେଳାଳିମାନେ ଜିଲା କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ ଜିଲା ଭବାନୀଭବନ ଷ୍ଟାଡିୟମ ପରିସରରେ ଏବଂ ଜନ ସେବା ସମିତି ଯୋଗୀମାଲ ଠାରେ ପ୍ରତ୍ୟେକ ଦିନ ସୁଦକ୍ଷ କୋଚଙ୍କ ଠାରୁ ତାଲିମ ନେଉଛନ୍ତି। ରାଜ୍ୟ ସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରି ଜାତୀୟ ସ୍ତର ପାଇଁ ମନୋନୀତ ହେବେ ବୋଲି କୋଚ ଦୃଢତାର ସହ ମତ ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଏହି ଖେଳାଳିଙ୍କ ପାଇଁ ସାହାଯ୍ୟ ସହଯୋଗ କଲେ ସମସ୍ତ ବର୍ଗର ଖେଳାଳି ପ୍ରତ୍ୟେକ ବର୍ଷ ଜାତୀୟ ସ୍ତରରେ ପଦକ ହାସଲ କରି ନିଜ ଜିଲା ପାଇଁ ଗୌରବ ଆଣିବାରେ ସକ୍ଷମ ହୋଇ ପାରିବେ ବୋଲି କୋଚ ଲିପ୍ସା ଷଡଙ୍ଗୀ ଓ ମ୍ୟାନେଜର ଅଜିତ ଶର୍ମା ମତ ରଖିଛନ୍ତି। ଖେଳାଳିଙ୍କୁ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲ୍ଲିପ ତିର୍କୀ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ଯୋଗେଶ କୁମାର ସିଂ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ ନାଏକ, ବିଏସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଡ଼ିମଙ୍ଗ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଶାରିରୀକ ଶିକ୍ଷା ନିରୀକ୍ଷକ ଚନ୍ଦ୍ର ଶେଖର ସାହୁ, ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସଂଘ, ସୁନ୍ଦରଗଡ ଜିଲା ସିପକ ଟାକ୍ରୋ ସଂଘ, ଜନ ସେବା ସମିତି ଯୋଗୀମାଲର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇବା ସହିତ ଉତ୍ତୋରତ୍ତର କାମନା କରିଛନ୍ତି।




କଟକ ଯାତ୍ରା ପାଇଁ ମନୋନୀତ ହୋଇଥିବା ଖେଳାଳି।

# ଲହୁଣୀପଡ଼ାରେ ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ଲହୁଣୀପଡା,୭।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ଗୁରୁବାର ପଞ୍ଚାୟତ ସମିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ଶୁକ୍ରମତି ମୁଣ୍ଡା ଅଧକ୍ଷତା କରିଥିବା ବେଳେ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର,ଲହୁଣୀପଡା ବ୍ଲକ ଉଭୟ ଜୋନର ଜିଲା ପରିଷଦ ସଭ୍ୟା ଜୁଲିଆନିକାଣ୍ଡିର, ଶୁଶିଳା ନାୟକ, ସହକାରୀ ଯନ୍ତ୍ରୀ ଅଜୟ କୁମାର ହୋତା ମଞ୍ଚାସୀନ ଥିଲେ। ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ଭାଗବତ ଗୁଡୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମିତି ବୈଠକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦୁର୍ଗମ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ଅଚଳ ଥିବା ସୌର ଚଳିତ ପାଣିପମ୍ପ ଗୁଡିକୁ ମରାମତି କରି ଲୋକଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେସବୁ କାର୍ଯ୍ୟ ହୋଇ ପରି ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ଏମଜିଏନଆର୍‌ଜିଏସ ଯୋଜନାରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଠିକ ଭାବେ ହେଉନାହିଁ ବୋଲି ସମିତି ସରପଞ୍ଚ ଅଭିଯୋଗ କରିଥିଲେ। ଏହା ସହିତ ଲକ୍ଷ୍ମୀ ବସ୍ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ପୂର୍ବରୁ ରହି ଯାଉଥିବାରୁ ଲୋକେ ଲକ୍ଷ୍ମୀ ବସ୍‌ର ସୁବିଧା ପାଇ ପାରୁ ନ ଥିବା ଅଭିଯୋଗ ହୋଇଥିଲା। ଏହା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ବ୍ଲକ ସ୍ତରୀୟ ଅନେକ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ରହୁ ଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟ କେତେକ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ନିଜସ୍ୱ ଯୋଜନା ସମ୍ପର୍କରେ ସଠିକ ତଥ୍ୟ ରଖିଥିବା ଜଣାପଡ଼ିଛି। ଏହି ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ବନାଗ୍ନି ନିରୋଧ ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନଖଣ୍ଡ ତିଲେଇବଣି ଫରେଷ୍ଟ ସେକ୍ସନର ବିଭିନ୍ନ ଗ୍ରାମରେ ଗୁରୁବାର ବନାଗ୍ନି ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସଚେତନତା ସଭା, ଶୋଭାଯାତ୍ରା ଏବଂ ଲିଫ୍ଲେଟ ବିତରଣ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଜଙ୍ଗଲରେ ନିଆଁ ଲାଗିଥିଲେ ଏହା ଆମର ସମ୍ପତି ଭାବି ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଆବଶ୍ୟକ ସ୍ଥଳେ ବନବିଭାଗକୁ ସୂଚନା ପ୍ରଦାନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସାମାନ୍ୟ କିଛି ସ୍ୱାର୍ଥ ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା ସହ କୌଣସି ଦୁର୍ବୃତ୍ତ ଯଦି ନିଆଁ ଲଗାଉଥିବା ଦେଖିବାକୁ ପାଆନ୍ତି ତେବେ ତୁରନ୍ତ ବନବିଭାଗକୁ ସୂଚନା ପ୍ରଦାନ କଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ତିଲେଇବଣି ଫରେଷ୍ଟର କାର୍ତ୍ତିକେୟ ପ୍ରଧାନଙ୍କ ନେତୃତ୍ୱରେ ତିଲେଇବଣି ସମେତ ଚଟିବରଘାଟ, ଟାଇଁସର, ପ୍ରଭାସୁଣୀ ଆଦି ଫରେଷ୍ଟ ବିଟ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ, ମିହିର ରଞ୍ଜନ ଦାଶ ଓ କ୍ଷେତ୍ରବାସୀ ସାହୁଙ୍କ ସମେତ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ସମ୍ପୃକ୍ତ ଗ୍ରାମର ଜନସାଧାରଣ ସାମିଲ ହୋଇଥିଲେ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର,୭।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବନବିଭାଗର ବିଭିନ୍ନ ସ୍ଥାନରେ ଗୁରୁବାର ଜଙ୍ଗଲ ନିଆଁ ନିବାରଣ ସହ ଜନ ସୁରକ୍ଷା, ଗଜ ରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅଫିସର ଗୁରୁ ଚରଣ ମଣ୍ଡଳଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ରାଜଗାଙ୍ଗପୁରର ଡେଲି ମାର୍କେଟ, ସୋନାଖାନର କୁରୁନିଆ ଗ୍ରାମ, ସାଗଯୋର ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ଫରେଷ୍ଟର ବିନିତା କିଷାନ ବରୁଆ, ଲକ୍ଷ୍ମୀ ବେହେରା, ସାଗଯୋରର ସରପଞ୍ଚ ଶୁକ୍ରା କୁଜୁର, ଫରେଷ୍ଟ ଗାର୍ଡ ବିଶ୍ୱଜିତ ସ୍ୱାଇଁ, ଜି. ଭୋଇ, ମିଳନ ପ୍ରଭା ରାଉତ, ଆଶିଷ ସାହୁଙ୍କ ସମେତ ଫରେଷ୍ଟ ସ୍କାର୍ଡ, ଫାୟାର ସ୍କାର୍ଡ ପ୍ରମୁଖ ଉପସ୍ଥିତ ଥିଲେ। ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା। ହାତୀ ଯୋଗୁ ଧନ ଜୀବନ କ୍ଷତି ହେଲେ ଏଥି ପାଇଁ ରହିଥିବା କ୍ଷତିପୂରଣ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଚାଷୀ ଓ ଗ୍ରାମବାସୀ ମାନେ ବ୍ୟକ୍ତି ଗତ କିମ୍ବା ଗୋଷ୍ଠୀ ଗତଭାବେ ସୌରାଡ଼ ନିର୍ମାଣ ପାଇଁ ରହିଥିବା ପ୍ରୋତ୍ସାହନ ରାଶି ସମ୍ପର୍କରେ ଅବଗତ କରାଯାଇଥିଲା।



ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

# ଦେବଗଡ଼ ମହାବିଦ୍ୟାଳୟରେ 'ଯୁବା ସମ୍ବାଦ' କାର୍ଯ୍ୟକ୍ରମ

ଦେବଗଡ଼, ୭।୩(ଶଶାଙ୍କଶେଖର ଝାଙ୍କର)




ଦେବଗଡ଼ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ଯୁବା ସମ୍ବାଦ' କାର୍ଯ୍ୟକ୍ରମ ମହାବିଦ୍ୟାଳୟ ନୂତନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଜିଲା ସଂଯୋଜିକା ପ୍ରଧାପିକା ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଦାମ ଚରଣ ପରିଡ଼ା ସଭାପତିତ୍ୱ କରିଥିଲେ। ଦେବଗଡ଼ ଜିଲା ଶିଶୁ କଲ୍ୟାଣ ସମିତିର ସଭ୍ୟ କୁମୁଦ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ତୁଷାର କାନ୍ତ ଧଳ ଯୋଗ ଦେଇ ଜାତୀୟ ସେବା ଯୋଜନାର ମହତ ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଜଣାଇଥିଲେ। ମୁଖ୍ୟ ଅତିଥି 'ପଞ୍ଚପ୍ରଣ ଓ ବିକଶିତ ଭାରତ-୨୦୪୭' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ କୃତୀ ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଦେବଗଡ଼ ମହାବିଦ୍ୟାଳୟ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ତଥା ଦେବଗଡ଼ ମହିଳା ମହାବିଦ୍ୟାଳୟରୁ ବହୁ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

# ପତଞ୍ଜଳି ଯୋଗକେନ୍ଦ୍ରରେ ଆନ୍ତର୍ଜାତିକ ମହିଳା ଦିବସ

ସମ୍ବଲପୁର,୭।୩ (ଭବାନୀ ଶଙ୍କର ଭୋଇ)

ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗକେନ୍ଦ୍ରରେ ଗୁରୁବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷିକା ତଥା ପତଞ୍ଜଳି ଯୋଗ ସମିତିର ରାଜ୍ୟ ମହିଳା ପ୍ରଭାରୀ ଜେ ଗିରିଜା ଦେବୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅରୁଣା ଶାହ ମୁଖ୍ୟ ଅତିଥି ଓ ପୁଷ୍ପା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତାରେ ପଦ୍ମିନୀ ମୁଣ୍ଡା ପ୍ରଥମ, କବିତା ଦିକ୍ଷୀତ ଦ୍ୱିତୀୟ ଓ ସାକ୍ଷୀ ଚିନ୍ଦ୍ରା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମନ୍ତ୍ର ଉଚ୍ଚାରଣ ପ୍ରତିଯୋଗିତାରେ ନିଲମ ପ୍ରସାଦ ପ୍ରଥମ, ଉର୍ମିଳା ସାହୁ ଦ୍ୱିତୀୟ, ସୁଶିଳା ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାଧା ଚାୱଲା ଓ ମୀରା ଅଗ୍ରୱାଲଙ୍କୁ ବିଶିଷ୍ଟ ମାତା ଭାବେ ସମ୍ମାନିତ କରାଯାଇଥିଲା। ନିଳେଶ୍ୱରୀ ମିଶ୍ର, ବର୍ଷା ସାନି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବୁଥ ସ୍ତରୀୟ ଅଧିକାରୀଙ୍କ ତାଲିମ କର୍ମଶାଳା

ସବ୍‌ଡେଗା,୭।୩ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକର ସମସ୍ତ ବୁଥ ସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ତାଲିମ କର୍ମଶାଳା ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ବ୍ଲକ ପ୍ରଶାସନ ତରଫରୁ ବିଡିଓ ସାଗର ଚନ୍ଦ୍ର ମୁର୍ମୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କର୍ମଶାଳାରେ ବ୍ଲକର ସମସ୍ତ ୬୫ ଜଣ ବୁଥ ସ୍ତରୀୟ ଅଧିକାରୀ ଓ ସୁପର ଭାଇଜର ଅଂଶ ଗ୍ରହଣ କରିଥିବା ବେଳେ ବିଡିଓ ମୁର୍ମୁ ଓ ଜିପିଇଓ ଅନନ୍ତ କୁମାର ପାଣ୍ଡେ ତାଲିମ ପ୍ରଦାନ କରିଥିଲେ। ନିର୍ବାଚନ ସମୟରେ ବୁଥ ସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯାଇଥିଲା।



ତାଲିମ କର୍ମଶାଳାରେ ଉପସ୍ଥିତ ଅଧିକାରୀ।

# ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି ପକ୍ଷରୁ ସ୍ମାରକପତ୍ର

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ସଦର ମହକୁମା ଓ ବାରକୋଟ ବ୍ଲକର ବାହାଡାପୋଶି ଗ୍ରାମରେ 'ୱାନ ଡେ ଗଭର୍ଣ୍ଣାନ୍ସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଭିସି ମାଧ୍ୟମରେ ଜନସାଧାରଣଙ୍କୁ ସମ୍ବୋଧନ କରିବା ସହ ବିଭିନ୍ନ ସମସ୍ୟା ଏବଂ ଦାବି ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କୁ ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି, ଦେବଗଡ଼ ଓ ପାଲଲହଡା ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି, ଦେବଗଡ ଓ ପାଲଲହଡାର ସଭାପତି ନେତ୍ରାନନ୍ଦ ସାମଲ, ଉପସଭାପତି ପର୍ଶୁରାମ ବେହେରା ଓ ସମ୍ପାଦକ ଚୌଧୁରୀଙ୍କ ନେତୃତ୍ୱରେ ସମିତିର ବହୁ ସଦସ୍ୟ ବାହାଡାପୋଶି ସଭାରେ ଉପସ୍ଥିତ ରହି ୫-ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ବାରକୋଟ ବ୍ଲକର ବିଡିଓ ସ୍ମୃତିରଞ୍ଜନ ସାହୁଙ୍କୁ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଦାବିଗୁଡିକ ମଧ୍ୟରେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସରକାର କ୍ଷତିଗ୍ରସ୍ତ ପରିବାରଗୁଡିକୁ ଏକର ପ୍ରତି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ, ଦେବଗଡ଼ସ୍ଥିତ ଜୋନ ଅଫିସରେ ସ୍ଥାୟୀ ଜୋନ ଅଫିସର ନିଯୁକ୍ତି ଓ ଲ୍ୟାଣ୍ଡ ଏକ୍ୟୁଜିସନ ୧୮ ଓ ଲ୍ୟାଣ୍ଡ ଏକ୍ୟୁଜିସନ ୨୮ ମାମଲାର ବକେୟା ପ୍ରାପ୍ୟ ପ୍ରଦାନ, ଅଁଶିକ ବୁଡି ଗ୍ରାମକୁ ସମ୍ପୂର୍ଣ୍ଣ ବୁଡି ଘୋଷଣା, ପୁନଃ ବସତି ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମ ଘୋଷଣା, ଗୋହୀରା ଆୟକଟରେ ପାଣି ମାଡି ନ ଥିବା ଜମିକୁ ଜଳସେଚନ କିମ୍ବା କ୍ଷତିପୂରଣ ପ୍ରଦାନ, ଡିପି କେନାଲ ବାବଦକୁ କ୍ଷତିପୂରଣ ପ୍ରଦାନ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ଦାବି ଅନ୍ତର୍ଭୁକ୍ତ ଥିବା ଜଣାପଡିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ସ୍ୱାଇଁ, କିଶୋର ଚନ୍ଦ୍ର ସାମଲ, ସନ୍ତୋଷ ଦେହୁରୀ, ଟିକେଶ୍ୱର ଦେହୁରୀ, ନିରଞ୍ଜନ ବେହେରା, ହୀରାଧର ସାହୁ, ଦୋଳଗୋବିନ୍ଦ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ରମେଶ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଓ ବେଣୁଧର ସାହୁଙ୍କ ସମେତ ସୁରକ୍ଷା ସମିତିର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତମାନଙ୍କର ସମସ୍ୟାର ସମାଧାନ ନିମନ୍ତେ ବାସଚ୍ୟୁତ ସୁରକ୍ଷା ସମିତି ଦୀର୍ଘ ୪୪ ବର୍ଷ ହେଲା ନ୍ୟାଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ ଚଳାଇ ଆସିଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କର ଦାବି ପୂରଣ ହୋଇପାରିନାହିଁ।

**GOVT. OF ODISHA** No.MM-500

## OFFICE OF THE DIVISIONAL FOREST OFFICER ANGUL DIVISION, ANGUL

**e-Procurement Notice, ANGUL FOREST DIVISION**

**Bid Identification No.12 of 2023-24**

**e-mail id dfoangul@gmail.com**

1. Number of Works: 01 (One) number of works
2. Approximate estimated cost: 1.3713 Crore
3. Period of Completion: 03 (Three) Years.
4. Date & Time of availability of bid document in the portal: Dt.07.03.2024 at 10.00 A.M.
5. Last date/time for receipt of bid in the portal: Dt.17.03.2024 upto 5.00 PM
6. Date of Opening Bid : Dt.18.03.2024 at 11.00 A.M.
7. Name and address of the Office Inviting Bid: Divisional Forest Officer, Angul Division, Angul.
8. The bidders have to participate in **ONLINE** bidding only.

Further details can be seen from the e-Procurement portal **https:tendersodisha.gov.in.**

**Sd./-**
**Divisional Forest Officer**
**Angul Division, Angul**

**OIPR-08027/11/0027/2324**

---

## ZILLA SWASTHYA SAMITI, SUBARNAPUR OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR

**District Programme Management Unit, NHM**

**E-mail: nhm.subarnapur@gmail.com**

No.572/DPMU/NHM/2024 Date: 06.03.2024

**Request for Proposal (RFP) for Outsourcing of different services under NIRMAL**

No.E-925:- Sealed proposals as per the prescribed RFP document are invited from interested eligible bidders for providing (i) Security Service, (ii) Mechanized laundry Services in different health institutions of Subarnapur district. The eligibility criteria, the detailed requirement and formats for submission of proposals are set forth in the following RFP document which can be downloaded from the district website: www.subarnapur.nic.in.

RFP-1: Outsourcing of Security Services
RFP-2: Outsourcing of Mechanized Laundry Services

Interested bidders fulfilling the eligibility criteria may submit their proposal along with all required documents by Speed Post / Registered Post/ Courier only on or before 27.03.2024 till 5 P.M. The technical proposal shall be opened on 28.03.2024 at 11 A.M. The undersigned reserves the right to reject any or all the proposals without assigning any reason thereof.

**Sd./- CDM & PHO cum DMD, Subarnapur**

OIPR-10118/11/0013/2324

---

## ODISHA PUBLIC SERVICE COMMISSION

**ADVERTISEMENT No.33 of 2023-24**

**Recruitment to the posts of Asst. Executive Engineer (Civil) in Group- 'A' of Odisha Panchayati Raj Engineering Service Cadre under the Panchayati Raj & Drinking Water Department.**

**WEBSITE -http://opsc.gov.in**

**No.D-250:** Online applications are invited from the prospective candidates through proforma application form to be made available on the Website of the Commission (http://opsc.gov.in) for recruitment to 63 (21-W) posts of Assistant Executive Engineer (Civil) under Panchayati Raj & Drinking Water Department in Group-A of Odisha Panchayati Raj Engineering Service carrying the scale of pay in Level-12 of pay matrix provided under Rule-3 of ORSP Rules-2017 corresponding to pre-revised scale of Pay Band-3 (Rs.15,600-Rs.39,100/-) carrying Grade Pay of Rs. 5,400/- with usual dearness allowance and other allowances as may be sanctioned by the Government of Odisha from time to time.

**2.VACANCY POSITION:** As per requisition filed by the Panchayati Raj & Drinking Water Department of Government of Odisha, the vacancy positions are given below:

| Sl.No. | Category | No. of Vacancies |
|---|---|---|
| 1 | UR | 33 (11-W) |
| 2 | SEBC | 06 (02-W) |
| 3 | SC | 11(04-W) |
| 4 | ST | 13 (04-W) |
| Total | | **63 (21-W)** |

Out of the 63 (21-W) vacancies mentioned above, **03** posts are reserved for **Persons with Disabilities** (whose permanent disability is 40% or more) and **01** post is reserved for **Sports Persons** and they shall be adjusted in the vacancies from the category to which they belong.

**3. AGE:** A candidate must have attained the age of 21 (twenty one) years and must not be above the age of 38 (thirty eight) years as on **01.01.2024** i.e. he or she must have been born not earlier than 02.01.1986 and not later than 01.01.2003.

**4. EDUCATIONAL QUALIFICATION:** A candidate must have possessed a Degree in Engineering (Civil) from any University or he/she must be an Associated Member of the Institution of Engineers of India in Civil.

**5. METHOD OF SELECTION:** The Competitive examination for recruitment to the posts of Assistant Executive Engineer (Civil) shall comprise of the following successive stages:

**(A) Preliminary Examination (Objective type MCQ pattern)**
**(B) Main Examination (Objective type MCQ pattern)**
**(C) Viva-Voce Test.**

**The link for online application and submission shall be available in the website from 12.03.2024 to 12.04.2024 (Note: 12.04.2024 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**Sd./- Secretary**
**ODISHA PUBLIC SERVICE COMMISSION, CUTTACK**

**CUTTACK**
**DT.06.03.2024**

**OIPR-12002/11/0173/2324**

---

## SAMBALPUR MUNICIPAL CORPORATION SAMBALPUR

Email Id: sambalpurm.hud@nic.in

**'e' Procurement Notice**

**Bid Reference No. 44/SMC_SBP/2023-24**

**Bid Identification No.: 2024_ORULB_102166**

No. C-3244:- The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. https://tendersodisha.gov.in

1. Number of Civil works: **1 (one) number**
2. Estimated Costs: **81.48 lakhs**
3. Period of Completion: **As per NIT**
4. Date and time of availability of the bid documents in the portal: From **11.00 AM of Dt.05.03.2024 to 05.00 PM of 14.03.2024**
5. Last Date/Time for receipt of bids in the portal: **05.00 PM of 14.03.2024.**
6. Bids will be opened on: **11.00 AM of Dt.15.03.2024**
7. Name and address of the officer inviting bid: **Municipal Commissioner,Sambalpur Municipal Corporation, Sambalpur**

**Sd./- Commissioner,**
**Sambalpur Municipal Corporation**

OIPR-13122/11/0082/2324

---

## SAMBALPUR MUNICIPAL CORPORATION SAMBALPUR

Email Id: sambalpurm.hud@nic.in

**'e' Procurement Notice**

**Bid Reference No. 41/SMC_SBP/2023-24**

**Tender ID No.: 2024_ORULB_101941**

No. C-3241:- The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. https://tendersodisha.gov.in

1. Number of Civil works: **82 (Eighty Two) numbers**
2. Estimated Costs: **2.93 lakhs to 45.16 lakhs**
3. Period of Completion: **As per NIT**
4. Date and time of availability of the bid documents in the portal: From **11.00 AM of Dt.04.03.2024 to 05.00 PM of 13.03.2024**
5. Last Date/Time for receipt of bids in the portal: **05.00 PM of 13.03.2024.**
6. Bids will be opened on: **11.00 AM of Dt.14.03.2024**
7. Name and address of the officer inviting bid: **Municipal Commissioner,Sambalpur Municipal Corporation, Sambalpur**

**Sd./- Commissioner,**
**Sambalpur Municipal Corporation**

OIPR-13122/11/0080/2324

---

## OFFICE OF THE MUNICIPAL COUNCIL, SUNDARGARH

**No.1464/ Date 04.03.2024**

**QUOTATION CALL NOTICE**

**No.C-3245:** Sealed quotations are invited from the Travel Agencies/ Private Individuals for hiring of vehicles on monthly hire basis for office of the Municipal Council, Sundargarh. The detail quotation documents will be available in the District website of Sundargarh i.e. www.sundargarh.nic.in from Dt.04.03.24 to dt.11.03.24. The quotation document must be submitted to the Office of the Municipal Council, Sundargarh Municipality, Sundargarh through Regd. Post/ Speed Post only. The bidders should subscribe "Quotation for hiring of vehicle for Office of the Municipal Council, Sundargarh on the top of the envelope.

Last date of receipt of Quotation 11.03.2024 upto 3.00 PM
Date of Opening of Quotation 12.03.2024 at 4.00 PM.

The authority reserves the right to accept or reject any quotation without assigning any reason thereof.

**Sd./- Executive Officer**
**Sundargarh Municipality**

**OIPR-13130/11/0032/2324**

---

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL

**No.794** **Dt.4.3.24**

**1st Corrigendum to Bid Identification No. Road Online-AGL-50/2023-24**

**No.O-2742:** Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice, Bid Identification No. Road Online-AGL-50/2023-24 by the Procurement officer Chief Construction Engineer, Rural Works Circle, Angul.

| Availability of Tender online for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 26.02.2024 at 10.00 A.M. | 16.03.2024 upto 4.30 PM | 16.03.2024 At 5.00 PM |

**All other terms and conditions remain unchanged.**

**Sd./- Chief Construction Engineer**
**Rural Works Circle, Angul**

**OIPR-25180/11/0086/2324**

---

## ZILLA SWASTHYA SAMITI, KANDHAMAL

**Office of the CDM&PHO-cum-District Mission Director, NHM, Kandhamal, Odisha, 762001**

**Advt.No.3189/FW/2024** **Dt.04.03.2024**

**TENDER CALL NOTICE**

**No.E-920:** Sealed tenders are invited from the interested eligible bidders for hiring of vehicles under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD & document as per tender call notice. The bidders have to submit their proposal(s) at the O/o: CDM & PHO, Kandhamal, DHH, Phulbani. Proposal(s) complete in all respect should reach the undersigned on or before 5.00 PM of 11.03.2024 through Regd/Speed Post/ Courier and the same will be opened on 12.03.2024 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical & Public Health Officer, Kandhamal**

**OIPR-10015/11/0027/2324**

---

## OCAC ODISHA COMPUTER APPLICATION CENTRE

**EXPRESSION OF INTEREST**

**Enq.No.:-OCAC-IF & ITP-515/24/24036**

Odisha Computer Application Centre (OCAC) invites Expression of Interest (EOI) for Purchase of Office Premises Building for Development of IT Tower in Bhubaneswar.

The EOI document is available at our websites www.ocac.in & www.odisha.gov.in which duly filled in and should be submitted latest by **22.03.2024 by 1:00 P.M**. OCAC reserves the right to accept/ reject any / all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

**No. U-** **OIPR-16003/11/0147/2324**

---

**Government of Odisha** **No.MM-502:**

## "e" Procurement Notice OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL

**Bid Identification No.03-DFO/DKL of 2023-24**

1. Name of the Work : Design, Supply, Installation and Commissioning of AI Based System for Reduction of Human-Elephant Conflict, Wildlife Protection and Wildlife Monitoring in various Forest Ranges of the Dhenkanal Forest Division. Divisional Forest Officer, Dhenkanal Division, Dhenkanal.
2. Estimate Cost : Rs.68.56 (Approximate)
3. Period of Completion : 3 (Three) Months
4. Date & Time of availability of the Bid documents in the Portal : 10.00 AM of 07.03.2024 to 5.00 PM of 17.03.2024
5. Last date/time of receipt of the bid in Portal : 17.03.2024 upto 5.00 PM
6. Date of Opening : 18.03.2024 at 11.00 AM
7. Name and Address of the Officer : Office of the Divisional Forest Officer, Dhenkanal Division, Dhenkanal
8. The Bidders have to participate in ONLINE bidding only.

Further details can be seen from the e-Procurement Potal "https://tendersorissa.gov.in.

**Sd./- Divisional Forest Officer**
**Dhenkanal Division, Dhenkanal**

**OIPR-08037/11/0022/2324**

---

No. A-1669

## GOVT. OF ODISHA OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR

**'e' PROCUREMENT NOTICE No. CEMKS 24 OF 2023-24**

1. Name of the work : **Protection to scoured bank on Nuna Karandia right embankment from village Bahakandia to Dhiasahi.**
2. Amount put to Tender : Rs. 9,26,27,985/-
3. Bid Document Cost : Rs. 10,000.00 (Online)
4. E.M.D. : Rs. 9,26,300/-
5. Class of Contractor : "A" Class & Special Class
6. Period of Completion : 11 Calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS MND 02 of 2023-24 | 11.03.2024 17.00 hrs. | 27.03.2024 17.30 hrs | 28.03.2024 11.00 hrs. |

8. e-mail id : celmbbbsr@yahoo.co.in

Further detail conditions can be seen from the Govt. website **www.tendersodisha.gov.in**

**Sd./- Chief Engineer & Basin Manager,**
**Mahanadi Kathajodi System, Bhubaneswar.**

OIPR-32252/11/0032/2324

---

## ଓଡ଼ିଶା ସରକାର

# ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁର କ୍ଷେତ୍ର, ଗଞ୍ଜାମ

**ଇ-ମେଲ: mo.ganjam1@gmail.com**

ସଂଖ୍ୟା: ୨୮୩ ତା୦୬।୦୩।୨୦୨୪

## ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି

No. G-51: ମାଇନ୍ସ ଏବଂ ମିନେରାଲ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୧୨ ସଂଖ୍ୟକ ଲଘୁଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।

ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ କରାଯାଇପାରିବ।

ଆଗ୍ରହୀ ବିଡ଼ରମାନେ ଉପରୋକ୍ତ ୱେବସାଇଟରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜିକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡ଼ରମାନେ ଲଗଇନ୍ ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପାଇବେ। ମଡ଼େଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ।

ଇଚ୍ଛୁକ ବିଡ଼ରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ଫର୍ମ - Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡ଼ରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡ଼ର ମାନୁଆଲ'କୁ ଅନୁସରଣ କରିବା ଉଚିତ୍। ଇ-ଟେଣ୍ଡର ଦାଖଲ ପାଇଁ ବିଡ଼ରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟ୍‌ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।

**ସମୟ ସାରଣୀ:**

ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଶେଷ ତାରିଖ: ୨୮।୦୩।୨୦୨୪।
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୦୫।୦୪।୨୦୨୪।
ନିଲାମ ତାରିଖ: ୧୫।୦୪।୨୦୨୪ରୁ ୨୦।୦୪।୨୦୨୪।

**କ୍ୱାରିଗୁଡ଼ିକର ତାଲିକା:**

| କ୍ର.ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ସୋର୍ସର ନମ୍ବର | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | MAC Per $M^3$ (in Rs.) | MGQ Per year |
|---|---|---|---|---|---|---|---|---|---|---|---|---|---|
| | | | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ (ହେକ୍ଟର) | | |
| ୧ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ତେନ୍ତୁଆପଡ଼ା-ବି ବାଲିଘାଟ | ୧୧୦ ୯୭୦ ୧୦୦ ୧ | ବାଲି | ତେନ୍ତୁଆପଡ଼ା | ୩୨୪ | ୨୦୮୪ | ନଦୀ | ୫.୯୮୨ | ୧୦୦ | ୧୦୦୦୦ |
| ୨ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ଜକର-୨ ପଥର ଖଣି | ୨୧୧ ୦୬୧ ୪୦୮ | ପଥର | ଜକର | ୯୫୫ | ୭୩୫ ଏବଂ ୭୩୪ | ପର୍ବତ | ୧.୧୬୮ | ୧୨୦ | ୩୦୦୦ |
| ୩ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ଫାସିଗୁଡ଼ା ବାଲିଘାଟ | ୨୧୧ ୦୧୧ ୪୦୯ | ନଦୀ | ଫାସିଗୁଡ଼ା | ୫୮୪ | ୪୭୧୫ | ନଦୀ | ୫.୧୯୭ | ୧୦୦ | ୧୦୦୦୦ |
| ୪ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ଗଡ଼ ଗୋବିନ୍ଦପୁର ପଥର ଖଣି | ୧୧୦ ୯୭୦ ୬୦୧ ୨ | ପଥର | ଗଡ଼ ଗୋବିନ୍ଦପୁର | ୧୦୧୧ | ୫୫୮ | ପର୍ବତ-୧ | ୨.୫୬୭ | ୧୨୦ | ୬୦୦୦ |
| ୫ | ବ୍ରହ୍ମପୁର | ଗଞ୍ଜାମ | ଦିଗପହଣ୍ଡି | ବକ୍ରଗୁମା ବାଲିଘାଟ | ୧୧୦ ୯୭୦ ୧୦୨ ୫ | ନଦୀ | ବକ୍ରଗୁମା | ୨୪୫ | ୬୯୪ ଏବଂ ୬୯୫ | ନଦୀ | ୪.୫୫୪ | ୧୦୦ | ୧୦୦୦୦ |
| ୬ | ବ୍ରହ୍ମପୁର | ଗଞ୍ଜାମ | କନିସି | ପାଲୁର ହିଲ୍ସ ପଥର ଖଣି | ୧୧୧ ୦୩୦ ୬୦୦ ୩ | ପଥର | ପାଲୁର ହିଲ୍ସ | ୪୨ | ୮୮ | ପର୍ବତ-୧ | ୨.୨୨୬ | ୩୦୦ | ୨୦୦୦ |
| ୭ | ବ୍ରହ୍ମପୁର | ଗଞ୍ଜାମ | କନିସି | ନାରାୟଣପୁର ପଥର ଖଣି | ୧୧୧ ୦୩୦ ୬୦୦ ୮ | ପଥର | ନାରାୟଣପୁର | ୪୨୪ | ୧୫୪ (ପି) (୧) | ପର୍ବତ-୧ | ୪.୨୨୧ | ୩୦୦ | ୩୫୦୦ |
| ୮ | ବ୍ରହ୍ମପୁର | ଗଞ୍ଜାମ | କନିସି | ନାରାୟଣପୁର ପଥର ଖଣି | ୧୧୧ ୦୩୦ ୬୦୧ ୦ | ପଥର | ନାରାୟଣପୁର | ୪୨୪ | ୮୦୬ | ପର୍ବତ | ୧.୨୧୪ | ୩୦୦ | ୬୦୦୦ |
| ୯ | ବ୍ରହ୍ମପୁର | ଗଞ୍ଜାମ | କନିସି | ନାରାୟଣପୁର ପଥର ଖଣି | ୧୧୧ ୦୩୦ ୬୦୧ ୧ | ପଥର | ନାରାୟଣପୁର | ୪୨୪ | ୧୫୪ (ପି) (୨) | ପର୍ବତ-୧ | ୪.୮୫୬ | ୩୦୦ | ୨୦୦୦ |
| ୧୦ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧ ୦୩୦ ୬୦୧ ୨ | ପଥର | କଇଥପଲ୍ଲୀ | ୩୬ | ୯୮୯ ଏବଂ ୩୫୦ | ପର୍ବତ-୩ | ୨.୭୪୬ | ୩୦୦ | ୫୦୦୦ |
| ୧୧ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧ ୦୩୦ ୬୦୧ ୫ | ପଥର | କଇଥପଲ୍ଲୀ | ୩୬ | ୧୫ (ପି) (୨) | ପର୍ବତ-୧ | ୦.୮୦୯ | ୩୦୦ | ୨୦୦୦ |
| ୧୨ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧ ୦୩୦ ୬୦୧ ୬ | ପଥର | କଇଥପଲ୍ଲୀ | ୩୬ | ୧୩ | ପର୍ବତ-୧ | ୩.୬୩୪ | ୩୦୦ | ୨୦୦୦ |
| ୧୩ | ବ୍ରହ୍ମପୁର | ଗଞ୍ଜାମ | କନିସି | କଇଥପଲ୍ଲୀ ପଥର ଖଣି | ୧୧୧ ୦୩୦ ୬୦୧ ୭ | ପଥର | କଇଥପଲ୍ଲୀ | ୩୬ | ୧୩(୧) | ପର୍ବତ-୧ | ୪.୬୦୩ | ୩୦୦ | ୧୦୦୦୦ |
| ୧୪ | ବ୍ରହ୍ମପୁର | ଗଞ୍ଜାମ | କନିସି | ଝାଡ଼ନକୁଳି ପଥର ଖଣି | ୧୧୧ ୦୩୦ ୬୦୧ ୯ | ପଥର | ଝାଡ଼ନକୁଳି | ୬୭୭ | ୧୭୯୪ | ପର୍ବତ-୧ | ୪.୭୭୫ | ୩୦୦ | ୨୦୦୦୦ |
| ୧୫ | ବ୍ରହ୍ମପୁର | ଗଞ୍ଜାମ | କନିସି | ଝାଡ଼ନକୁଳି ପଥର ଖଣି | ୧୧୧ ୦୩୦ ୬୦୨ ୦ | ପଥର | ଝାଡ଼ନକୁଳି | ୬୭୭ | ୧୮୬୧ | ପର୍ବତ-୧ | ୦.୯୬୮ | ୩୦୦ | ୧୫୦୦ |
| ୧୬ | ବ୍ରହ୍ମପୁର | ଗଞ୍ଜାମ | କନିସି | ଝାଡ଼ନକୁଳି ପଥର ଖଣି | ୨୧୧ ୦୬୧ ୪୧୦ | ପଥର | ଝାଡ଼ନକୁଳି | ୬୭୭ | ୧୭୦୦ | ପର୍ବତ | ୧.୭୫୬ | ୩୦୦ | ୩୦୦୦ |
| ୧୭ | ବ୍ରହ୍ମପୁର | ଗଞ୍ଜାମ | ପୁରୁଷୋତ୍ତମପୁର | ଶାସନପଲ୍ଲୀ ପଥର ଖଣି-ବି | ୨୧୧ ୦୬୧ ୪୦୭ | ପଥର | ଶାସନପଲ୍ଲୀ | ୨୯୭ | ୧୦୪୩ | ପର୍ବତ | ୪.୦୪୭ | ୧୬୦ | ୨୭୦୦୦ |
| ୧୮ | ବ୍ରହ୍ମପୁର | ଗଞ୍ଜାମ | ପୁରୁଷୋତ୍ତମପୁର | ଶାସନପଲ୍ଲୀ ପଥର ଖଣି-ଏ | ୨୧୧ ୦୬୧ ୪୦୬ | ପଥର | ଶାସନପଲ୍ଲୀ | ୨୯୭ | ୧୦୪୩ | ପର୍ବତ | ୩.୨୩୭ | ୧୬୦ | ୨୭୦୦୦ |
| ୧୯ | ବ୍ରହ୍ମପୁର | ଗଞ୍ଜାମ | ପୁରୁଷୋତ୍ତମପୁର | ଗାଙ୍ଗନାପୁର-ବି ପଥର ଖଣି | ୨୧୧ ୦୬୧ ୪୧୧ | ପଥର | ଗାଙ୍ଗନାପୁର | ୮୧୦ | ୨୧୫୯ ଏବଂ ୩୦୪୭ | ପର୍ବତ | ୧୧.୯୧୮ | ୧୬୦ | ୧୫୦୦୦ |
| ୨୦ | ବ୍ରହ୍ମପୁର | ଗଞ୍ଜାମ | ପତ୍ରପୁର | ଗୋଠଗାଁ ପଥର ଖଣି | ୧୧୧ ୦୭୦ ୬୦୦ ୭ | ପଥର | ଗୋଠଗାଁ | ୪୧୭ | ୨୩୪୬ | ପର୍ବତ | ୧.୧୬୩ | ୧୨୦ | ୧୫୦୦ |
| ୨୧ | ବ୍ରହ୍ମପୁର | ଗଞ୍ଜାମ | ପତ୍ରପୁର | ଖରନିପଡ଼ା ପଥର ଖଣି | ୧୧୧ ୦୭୦ ୬୦୦ ୮ | ପଥର | ଖରନିପଡ଼ା | ୭୭୭ | ୩୪୯୩ | ପର୍ବତ | ୦.୮୯୬ | ୧୨୦ | ୩୦୦୦ |
| ୨୨ | ବ୍ରହ୍ମପୁର | ଗଞ୍ଜାମ | ପୋଲସରା | କଣାଛାଇ ପଥର ଖଣି | ୧୧୧ ୦୮୦ ୬୦୦ ୨ | ପଥର | କଣାଛାଇ | ୯୦୩ | ୫୯୬୬ ଏବଂ ୪୮୪୨ | ପର୍ବତ | ୯.୧୬୯ | ୧୦୫ | ୧୨୦୦୦ |
| ୨୩ | ବ୍ରହ୍ମପୁର | ଗଞ୍ଜାମ | ପୋଲସରା | ବନମାଳି ପଲ୍ଲୀ ପଥର ଖଣି | ୨୧୧ ୦୬୧ ୩୧୪ | ପଥର | ବନମାଳି ପଲ୍ଲୀ | ୧୧୦ | ୧୯୭ | ପର୍ବତ | ୪.୯୩୯ | ୧୦୫ | ୬୫୦୦ |
| ୨୪ | ବ୍ରହ୍ମପୁର | ଗଞ୍ଜାମ | ସାନଖେମୁଣ୍ଡି | ଖୋଲାଡ଼ି ବାଲିଘାଟ | ୧୧୧ ୧୦୦ ୧୦୨ ୧ | ବାଲି | ଖୋଲାଡ଼ି | ୩୩୭ (ଏଏଏ) | ୯୧୦ | ନଦୀ | ୧୦.୫୧୩ | ୧୩୦ | ୮୦୦୦ |
| ୨୫ | ବ୍ରହ୍ମପୁର | ଗଞ୍ଜାମ | କବିସୂର୍ଯ୍ୟନଗର | ଆଠଗଡ଼ ପାଟଣା ମୋରୁମ | ୨୧୧ ୦୩୧ ୪୦୪ | ମୋରୁମ | ଆଠଗଡ଼ ପାଟଣା | ୧୯୦୯ | ୨୮୫୧ | ପର୍ବତ | ୨.୬୧୦ | ୩୦୦ | ୮୭୨୦ |
| ୨୬ | ବ୍ରହ୍ମପୁର | ଗଞ୍ଜାମ | କବିସୂର୍ଯ୍ୟନଗର | ଦେଓଗାଁ ପଥର ଖଣି-୨ | ୨୧୧ ୦୬୧ ୪୦୬ | ପଥର | ଦେଓଗାଁ | ୭୪୪ | ୮୨୮ ଏବଂ ୮୨୯ | ପାହାଡ଼ | ୪.୩୮୮ | ୨୦୦ | ୧୦୦୦୦ |

**OIPR-30043/11/0003/2324**

# ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

ଭୁବନେଶ୍ୱର,୭।୩ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ 'ଦି ଫ୍ୟୁଚର ଅଫ୍ ମେଟାଲ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୪ ପୂର୍ବରୁ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଧାତୁ ଏବଂ ଖଣି କ୍ଷେତ୍ରରେ ମହିଳାଙ୍କ ଉପରେ ଆକୃଷ୍ଟ କରୁଥିବା ମିଡିଆ ଅଭିଯାନର ଶୁଭାରମ୍ଭ କରିଛି। ଏହା ଅଧିକ ମହିଳାଙ୍କୁ ଆଲୁମିନିୟମ ଶିଳ୍ପଗୁଡିକରେ ପୁରସ୍କୃତ କ୍ୟାରିୟର ଅନ୍ୱେଷଣ କରିବାକୁ ଉତ୍ସାହିତ କରିବା ପାଇଁ ଜେନେରେଟିଭ୍ ଏଆଇ ଏବଂ କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକୁ ବ୍ୟବହାର କରିଥାଏ। ଏହି ଅଭିଯାନ କ୍ଷେତ୍ରଗୁଡିକରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ଶିଳ୍ପ ପ୍ରୟାସର ପ୍ରତିକ୍ରିୟା ଭାବେ ଆସିଛି । ସେହିଭଳି ଦି ଫ୍ୟୁଚର ଅଫ୍ ମେଟାଲ ଅଭିଯାନର ଚ୍ୟାଲେଞ୍ଜକୁ ୨ଟି ସୃଜନଶୀଳ ବର୍ଗରେ ମୁକାବିଲା କରିଥାଏ। ପ୍ରଥମତଃ ଏହା ପ୍ରାରମ୍ଭିକ ଶିଳ୍ପ ମହିଳା ବୃତ୍ତିଗତମାନଙ୍କ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ଭାବେ ସାମଗ୍ରିକ ଶିଳ୍ପକୁ ସ୍ଥାନିତ କରିଥାଏ। ଦ୍ୱିତୀୟତଃ ଏହା ବେଦାନ୍ତ ଆଲୁମିନିୟମର ମୂଳ କାର୍ଯ୍ୟ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ଜୀବନର ଏକ ଅଂଶ ଭାବେ ମଧ୍ୟ ଉପସ୍ଥାପନ କରିଥାଏ,ଯାହାକି କମ୍ପାନୀର ନିଜସ୍ୱ କର୍ମଚାରୀଙ୍କଠାରୁ ଦୃଢ ମଡେଲ ରୂପେ ଆଲୋକିତ କରିଥାଏ। ସେହିପରି ଅଧିକ ମହିଳାଙ୍କୁ ଶିଳ୍ପ କ୍ଷେତ୍ରକୁ କିଭଳି ଅଣାଯାଇପାରିବ, ତାହା କଳ୍ପନା କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏହି ଅଭିଯାନର ପ୍ରଥମ ଭାଗରେ ଓମେନ ଅଫ୍ ମେଟଲ୍ ଶୀର୍ଷକ, ବେଦାନ୍ତ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଯୁବତୀ ବୃତ୍ତିଗତମାନଙ୍କୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରିଥାଏ। ଅନନ୍ୟ ଭାବେ ଭାରତ,ସେମାନେ ପୁରୁଷ ସହକର୍ମୀଙ୍କ ସହ ସମାନ ପଦକ୍ଷେପରେ ନାଇଟ୍ ଶିଫ୍ଟରେ କାମକରି ଏକପାଦ ଆଗକୁ ବଢୁଛନ୍ତି। 'ଭବିଷ୍ୟତ ମହିଳା ସିରିଜ' ଶୀର୍ଷକ ଦ୍ୱିତୀୟ ଭାଗରେ କମ୍ପାନୀର ମୂଳ କାର୍ଯ୍ୟରୁ ମହିଳା ପ୍ରଫେସନାଲମାନେ ଖଣି କାର୍ଯ୍ୟ, ଧାତୁ ଉତ୍ପାଦନ, ବିଦ୍ୟୁତ୍ ଉତ୍ପାଦନ, ପ୍ଲାଣ୍ଟ ପରିଚାଳନା ଏବଂ ସମ୍ପତ୍ତି ସୁରକ୍ଷା ଭଳି ବୈଶିଷ୍ଟ୍ୟ ରହିଛି। ଏହି ଅଭିଯାନରେ ଉପସ୍ଥାପିତ ହୋଇଥିବା କାହାଣୀଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। କାରଣ ଏଥିରେ ମେଟାଲ, ଖଣି ଏବଂ ଉତ୍ପାଦନ କ୍ଷେତ୍ରରେ ମହିଳାମାନେ ଅଧିକ ମାତ୍ରାରେ ଉପସ୍ଥାପିତ ହେଉଛନ୍ତି। ଏହି ବଢୁଥିବା ଚାହିଦା ପୂରଣ କରିବା ପାଇଁ ଏହାର କାର୍ଯ୍ୟକଳାପକୁ ମଧ୍ୟ ସକ୍ରିୟ ଭାବେ ବିସ୍ତାର କରୁଛି। ଏହି କ୍ଷେତ୍ରଗୁଡିକରେ ନୂତନ କ୍ୟାରିୟର ପଥରେ ଆଗକୁ ବଢ଼ିବ। ତଥାପି ସେମାନେ ଏକ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ।



ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେ ଉଚ୍ଚ କାର୍ଯ୍ୟଦକ୍ଷତା ଏବଂ ନୂତନତ୍ୱ ପାଇଁ ଏକ ପରିବେଶ ନିର୍ମାଣ କରୁଛୁ। ଏପରିକି ଆମର ଟିମ୍‌ଗୁଡିକରେ ମହିଳା ଅଂଶଗ୍ରହଣକୁ ବୃଦ୍ଧି କରିବା ଆମକୁ ମତାମତ ଏବଂ ଦୃଷ୍ଟିକୋଣର ଏକ ବ୍ୟାପକ ବିସ୍ତାର ପାଇଁ ଅମୂଲ୍ୟ ପ୍ରବେଶ ପ୍ରଦାନ କରିଥାଏ।

# ପିଏନ୍‌ବିର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୭।୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ହେଲେନ୍ କେଲର ରେଡ୍‌କ୍ରସ୍ ସ୍କୁଲ ଫର୍ ଦି ଡେଫ୍ ବିଦ୍ୟାଳୟକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ପିଏନ୍‌ବିର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ୱାଟର ପ୍ୟୁରିଫାୟାର ସ୍କୁଲକୁ ଦିଆଯାଇଛି। ବିଶେଷକରି ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପିଏନ୍‌ବିର ମଣ୍ଡଳ କାର୍ଯ୍ୟାଳୟ ବ୍ରହ୍ମପୁର ଦ୍ୱାରା ହେଲେନ୍ କେଲର ରେଡ୍‌କ୍ରସ୍ ସ୍କୁଲ ଫର୍ ଦି ଡେଫ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡ.ଆଲୋକ ରଞ୍ଜନ ସେନାପତିଙ୍କ ଦ୍ୱାରା ସ୍କୁଲକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ବାଉରିବନ୍ଧୁ ନାୟକଙ୍କ ସମେତ ପିଏନ୍‌ବିର ମୁଖ୍ୟ ପ୍ରବନ୍ଧକ ସୁବ୍ରତ ସେଠୀ, ବରିଷ୍ଠ ପ୍ରବନ୍ଧକ ଆନନ୍ଦ ଶ, ଉପ-ପ୍ରବନ୍ଧକ ରାମଶଙ୍କର ପାଣିଗ୍ରାହୀ, ଉପ-ପ୍ରବନ୍ଧକ କୁମୁଦ ଚନ୍ଦ୍ର ପଣ୍ଡା, ପ୍ରବନ୍ଧକ ମାନସ ରଞ୍ଜନ ସ୍ୱାଇଁ ଏବଂ ମଣ୍ଡଳ କାର୍ଯ୍ୟାଳୟର ମହିଳା କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶେୟାର ବଜାରରେ ଉତ୍ସାହ

**ଭୁବନେଶ୍ୱର,୭।୩:** କ୍ରମାଗତ ୨ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩ (୩୩.୪୦) ପଏଣ୍ଟ ବଢି ୭୪,୧୧୯ (୭୪,୧୧୯.୩୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୯ (୧୯.୫୦) ପଏଣ୍ଟ ବୃଦ୍ଧି ଘଟି ୨୨,୪୯୪ (୨୨,୪୯୩.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଉନ୍ନତ ଭାରତ ଅଭିଯାନ ସହ ଏଲ୍‌ଏମ୍‌ଆଇର ସହଭାଗିତା

ଭୁବନେଶ୍ୱର,୭।୩

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଇଭିଡି ଉତ୍ପାଦର ନିର୍ମାତା ଲର୍ଡସ ମାର୍କ ଇଣ୍ଡଷ୍ଟ୍ରିଜ (ଏଲ୍‌ଏମ୍‌ଆଇ) ଏବଂ ଭାରତ ସରକାରଙ୍କର ଜାତୀୟ ପ୍ରୋଗ୍ରାମ ଉନ୍ନତ ଭାରତ ଅଭିଯାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପନ ହୋଇଛି। ଏପରିକି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଦିଲ୍ଲୀ ବା ଆଇଆଇଟି ଦିଲ୍ଲୀର ଫାଉଣ୍ଡେଶନ ଫର୍ ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର ବା ଫିଟର ଜରିଆରେ ଇ ସ୍ମାର୍ଟ କ୍ଲିନିକ ପ୍ରୋଜେକ୍ଟର କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଉଛି। ଉଲ୍ଲେଖଯୋଗ୍ୟ, ରାଜକୋଟ ଏମ୍ସ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଉକ୍ତ ପ୍ରକଳ୍ପର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏ ସମ୍ପର୍କରେ ଏଲ୍‌ଏମ୍‌ଆଇର ଇଡି ମାନବ ତେଲି କହିଛନ୍ତି, ସାରା ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଇ ସ୍ମାର୍ଟକ୍ଲିନିକ୍ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରକଳ୍ପ ସହ ଜଡ଼ିତ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଜାତୀୟ ପ୍ରୋଗ୍ରାମ ଉନ୍ନତ ଭାରତ ଅଭିଯାନରେ ସହଭାଗିତା କରି ଆମେ ଆନନ୍ଦିତ ହୋଇଛୁ। ସେହିଭଳି ଫିଟର ଜାତୀୟ କୋଡିନେଟର ତଥା ଆଇଆଇଟି ଦିଲ୍ଲୀର ଭିଜେନ୍ଦ୍ର କୁମାର ବିଜୟ କହିଥିଲେ, ଲର୍ଡସ ସହ ସହଭାଗିତା କରି ଆମେ ଏହି ମିଶନକୁ ସାରା ଦେଶରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛୁ।

# ପହିଲାରୁ ସିଭି ଦର ବଢ଼ାଇବ ଟାଟା ମୋଟର୍ସ

**ଭୁବନେଶ୍ୱର,୭।୩:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ ଯାନ ନିର୍ମାତା ଟାଟା ମୋଟର୍ସର ବାଣିଜ୍ୟକ ଯାନ (କମର୍ସିଆଲ ଭେହିକଲ ବା ସିଭି)ର ଦର ପ୍ରାୟ ୨% ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ଏପ୍ରିଲ ୧ରୁ ସିଭି ଯାନ ଉପରେ ନୂଆ ଦର ଲାଗୁ ହେବ ବୋଲି ଗୁରୁବାର କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଟିପିସିଓଡିଏଲ୍‌ର ନୈତିକତା ସପ୍ତାହ

ଭୁବନେଶ୍ୱର,୭।୩

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍)ର ନୈତିକତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏପରିକି ଭୁବନେଶ୍ୱର ସ୍ଥିତ ମ୍ୟାନେଜମେଣ୍ଟ ଡେଭେଲପ୍‌ମେଣ୍ଟ ସେଣ୍ଟର ଓ ଟିପିସିଓଡିଏଲ୍‌ର ସମସ୍ତ ସର୍କଲ, ଡିଭିଜନ ଓ ତତ୍‌ସଂକ୍ରାନ୍ତୀୟ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଏହି ସପ୍ତାହ ପାଳନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଟାଟା ଗ୍ରୁପ୍‌ର ପ୍ରତିଷ୍ଠାତା ଜେ.ଏନ୍ .ଟାଟାଙ୍କ ପରମ୍ପରାକୁ ସମ୍ମାନ ଜଣାଇ ୨୦୨୪ ଫେବୃଆରୀ ୨୬ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ନୈତିକତା ସପ୍ତାହ ପାଳନ କରାଯାଇଛି। ଏପରିକି ଜାମସେଦଜୀ ନସେରୱାନଜୀ ଟାଟାଙ୍କ ୧୮୫ତମ ଜୟନ୍ତୀରେ ଏହି ସ୍ୱତନ୍ତ୍ର ସମାରୋହର ଶୁଭାରମ୍ଭ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ସିଇଓ ଟାଟାଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ବରିଷ୍ଠ ନେତୃତ୍ୱ ଟିମ୍, କର୍ମଚାରୀ ଓ କର୍ମଚାରୀ ୱାର୍ଡମାନେ ଉପସ୍ଥିତ ଥିଲେ।


**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमण्डल, कोडरमा**

**अल्पकालीन पुर्ननिविदा आमंत्रण सूचना**

ई–निविदा संख्या:- 08/RI/2023-24/RWD/EE/KODERMA दिनांक :-07.03.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1. | RWD/KODERMA/12/STPKG/02/2023-24 | (i) हीरोडीह फाटक से लाराबाद भाया कन्द्रपडीह तक पथ का सुदृढ़ीकरण कार्य। (लं0–4.900 कि0मी0)<br>(ii) T01 से बेहराडीह तक पथ का सुदृढ़ीकरण कार्य। (लं0–4.350 कि0मी0)<br>(iii) कट्टाडीह आर0सी0डी0 रोड से महुआटांड़ भाया गोदखर तक पथ का सुदृढ़ीकरण कार्य। (लं0–4.000 कि0मी0)<br>(iv) एन0एच0–31 जामूखांडी से ढाब हाई स्कूल भाया कोटवारडीह तक पथ का सुदृढ़ीकरण कार्य। (लं0–4.700 कि0मी0)<br>(v) भोण्डो पी0डब्लयू0डी0 रोड से घुट्टीटांड़ तक पथ का सुदृढ़ीकरण कार्य। (लं0–4.200 कि0मी0)<br>(vi) कांटी से मूर्तिया तक पथ का सुदृढ़ीकरण कार्य। (लं0–4.000 कि0मी0)<br>(vii) चन्दवारा कुलदीप स्वर्णकार से घर से गौरी नदी तक पथ का सुदृढ़ीकरण कार्य। (लं0–1.700 कि0मी0)<br>(viii) थाम पी0डब्लयू0डी0 रोड से थाम मंदिर भाया पुरनाडीह तक पथ का सुदृढ़ीकरण कार्य। (लं0–4.000 कि0मी0) | 13,31,28,900/- | तेरह करोड़ एकतीस लाख अठाईस हजार नौ सौ रू0 मात्र | 15 (पन्द्रह) माह | द्वितीय |

1.वेबसाईट में निविदा प्रकाशन की तिथि:–11.03.2024
2.ई–निविदा प्राप्ति की अंतिम तिथि एवं समय:–26.03.2024 अपराह्न 5.00 बजे तक।
3.निविदा खोलने की तिथि एवं समय:–28.03.2024 अपराह्न 3.30 बजे।
4.निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा झारखण्ड, पिन– 825410
5.ई–निविदा प्रकोष्ठ का दूरभाष सं0– 8709561933/06534-297102
6.परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8.निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा

PR 321835 (Rural Work Department)23-24*D



**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Notice Inviting Tender**

**Tender Notice No. TPWODL/RP/O/SU/ 055**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**RC for supply of battery operated Tree pruners.**

Interested bidders to submit Tender Participation Fee and Authorization Letter through email on or before **18th March 2024, 18:00Hrs,** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd /- **Chief-Contracts and Stores**



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସାମଗ୍ରୀ ପରିଚାଳନା ବିଭାଗ**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୪/୯, ତାରିଖ: ୨୭-ଫେବୃଆରୀ-୨୦୨୪**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ସମୟ | ପରିମାଣ |
|---|---|---|---|---|
